ଧରିତ୍ରୀ
DHARITRI
୪୭
ଭୁବନେଶ୍ୱର, ରବିବାର, ଡିସେମ୍ବର ୬/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 6/2020 | ★★★★
୪୭ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ପିଙ୍କ୍ ମୋନୋକିନିରେ ନିଆ

ଅଭିନେତ୍ରୀ ନିଆ ଶର୍ମା ପିଙ୍କ୍ ମୋନୋକିନି ପିନ୍ଧିଥିବା ଏକ ଫଟୋକୁ ସୋସିଆଲ ମିଡ଼ିଆରେ ବହୁ ସଂଖ୍ୟକ ପ୍ରଶଂସକ ପସନ୍ଦ କରିଛନ୍ତି।

୧୪

୧୩

## ଅବସର ନେଲେ କୋରେ ଆଣ୍ଡରସନ

ନ୍ୟୁଜିଲାଣ୍ଡ ଅଲରାଉଣ୍ଡର କୋରେ ଆଣ୍ଡରସନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।






# ଆନ୍ଦୋଳନକୁ ଅନ୍ତର୍ଜାତୀୟ ସମର୍ଥନ

- ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ଜନସାଧାରଣଙ୍କ ଅଧିକାର: ଜାତିସଂଘ
- ଆନ୍ଦୋଳନକୁ ବ୍ରିଟେନର ୩୬ ଏମ୍ପିଙ୍କ ସମର୍ଥନ
- ଚେତାବନୀ ସତ୍ତ୍ୱେ ପୁଣି ବିବୃତି ରଖିଲେ କାନାଡା ପ୍ରଧାନମନ୍ତ୍ରୀ



ନୂଆ କୃଷି ଆଇନ ପ୍ରତିବାଦରେ ଶନିବାର ଦିଲ୍ଲୀର ଘାଜିପୁର ସୀମାରେ ଆନ୍ଦୋଳନରତ ଚାଷୀ।

**ୱାଶିଂଟନ/ଓଟାୱା/ଲଣ୍ଡନ, ୫।୧୨**

କେନ୍ଦ୍ରର ବିବାଦୀୟ କୃଷି ଆଇନକୁ ବିରୋଧ କରି ଭାରତରେ ୧୦ ଦିନ ହେଲା କୃଷକମାନେ ଆନ୍ଦୋଳନ ଜାରି ରଖିଥିବାବେଳେ ଶନିବାର ସରକାରଙ୍କ ସହ ଚାଷୀ ସଂଗଠନଗୁଡ଼ିକର ପଞ୍ଚମ ପର୍ଯ୍ୟାୟ ଆଲୋଚନା ବିନା ନିଷ୍କର୍ଷରେ ଶେଷ ହୋଇଛି। ଆଇନ ପ୍ରତ୍ୟାହାର ଦାବିରେ କୃଷକମାନେ ଅଟଳ ରହିବାରୁ ବୁଧବାର ପୁଣି ଥରେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଛି। ଦିଲ୍ଲୀ ସୀମାରେ ଆନ୍ଦୋଳନକାରୀଙ୍କ ସଂଖ୍ୟା ବଢୁଥିବାବେଳେ ସେମାନଙ୍କ ସମର୍ଥନରେ ବିଭିନ୍ନ ଦଳ ଓ ସଂଗଠନ ଆଗେଇ ଆସିଛନ୍ତି। କେବଳ ଦେଶ ଭିତରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସମର୍ଥନ ହାସଲ କରିଛି ଚାଷୀ ଆନ୍ଦୋଳନ । କୌଣସି ଦାବି ପୂରଣ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିବା ଜନସାଧାରଣଙ୍କ ଅଧିକାର। ସରକାର ସେମାନଙ୍କୁ ଏଥିପାଇଁ ଅନୁମତି ଦେବା ଆବଶ୍ୟକ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ଭାରତରେ କୃଷକ ଆନ୍ଦୋଳନକୁ ନେଇ ପ୍ରଶ୍ନ ହେବାରୁ ଗୁଟେରେସ୍ଙ୍କ ମୁଖପାତ୍ର ଷ୍ଟିଫେନ୍ ଡୁଜାରିକ୍ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି

ସେହିପରି ବ୍ରିଟେନରେ ବିଭିନ୍ନ ଦଳର ୩୬ ଜଣ ଏମ୍ପି କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଲେବର ପାର୍ଟି ନେତା ତନ୍ମନ୍ଜିତ ସିଂ ଧେସିଙ୍କ ନେତୃତ୍ୱରେ ଏହି ଏମ୍ପିମାନେ ଆନ୍ଦୋଳନକୁ ସମର୍ଥନ କରିବା ସହ ବ୍ରିଟିଶ ବହିର୍ବ୍ୟାପାର ସଚିବ ଡୋମିନିକ୍ ରାବ୍ ନୂଆଦିଲ୍ଲୀ ନିକଟରେ ଉକ୍ତ ପ୍ରସଙ୍ଗ ଉଠାଇବାକୁ ଦାବି କରିଛନ୍ତି। ଭାରତ ସରକାର କାର୍ଯ୍ୟକାରୀ କରିଥିବା ନୂଆ ଆଇନ କୃଷକ ଓ କୃଷି ଉପରେ ନିର୍ଭରଶୀଳ ଲୋକଙ୍କୁ ଶୋଷଣ କରିବ। ଏହା ବିରୋଧରେ ☞ପୃଷ୍ଠା–୧୧

# ଉଭୟ ପିନ୍ଧିବେ ହେଲ୍ମେଟ

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ଦୁଇ ଚକିଆ ଯାନ ଚଳାଉଥିବା ଏବଂ ପଛରେ ବସିଥିବା ବ୍ୟକ୍ତିଙ୍କ ପାଇଁ ହେଲ୍ମେଟ ବାଧ୍ୟତାମୂଳକ କରାଯାଇଛି। ପଛରେ ବସିଥିବା ବ୍ୟକ୍ତି ଯଦି ହେଲ୍ମେଟ ପିନ୍ଧି ନ ଥିବେ ତେବେ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ(ଡିଏଲ୍) ବାତିଲ କରାଯିବା ସହ ଜରିମାନା ଦେବାକୁ ପଡ଼ିବ। ଏନେଇ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍ଟିଏ)ଙ୍କ ପକ୍ଷରୁ ଶନିବାର ଟୁଇଟ୍ କରି ସୂଚନା ଦିଆଯାଇଛି। ଶୁକ୍ରବାର କଟକରେ ଯାଞ୍ଚ ସମୟରେ ହେଲ୍ମେଟ ନ ପିନ୍ଧି ଗାଡ଼ି ଚଳାଉଥିବାରୁ ୪୨ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯିବା ସହିତ ୧ଲକ୍ଷ ୩୪ ହଜାର ଟଙ୍କା ଜରିମାନା କରାଯାଇଥିଲା। ଦିନକୁ ଦିନ ୨ଚକିଆ ଯାନ ଦୁର୍ଘଟଣା ବୃଦ୍ଧି

**୨ଚକିଆ ଯାନ ଯାଞ୍ଚ କଡ଼ାକଡ଼ି**

- ଉଲ୍ଲଂଘନ କଲେ ଡିଏଲ୍ ରଦ୍ଦ
- ବଢୁଛି ଦୁର୍ଘଟଣାଜନିତ ମୃତ୍ୟୁ
- ବ୍ୟକ୍ତିଗତ ବ୍ୟବହାର ଗାଡ଼ି ଭଡ଼ାରେ ନେଲେ ଦଣ୍ଡିତ ହେବେ

ପାଉଥିବାରୁ ଚାଳକଙ୍କ ସମେତ ପଛରେ ବସୁଥିବା ଲୋକଙ୍କ ଜୀବନହାନୀ ଘଟୁଛି। ତେଣୁ ଉଭୟଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖିବା ସହ ଜରିମାନାରୁ ରକ୍ଷା ପାଇବା ପାଇଁ ହେଲ୍ମେଟ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି ବୋଲି ଏସ୍ଟିଏ ପକ୍ଷରୁ କୁହାଯାଇଛି। କୋଭିଡ୍ ମହାମାରୀ ଯୋଗୁ ହେଲ୍ମେଟ ଯାଞ୍ଚ କାର୍ଯ୍ୟ ଧିମା ରହିଥିଲା। ଏଣିକି ହେଲ୍ମେଟ ଯାଞ୍ଚକୁ କଡ଼ାକଡ଼ି କରାଯିବ ବୋଲି କୁହାଯାଇଛି।

ଲକ୍ଡାଉନ୍ ଯୋଗୁ ଗତ ୯ମାସ ମଧ୍ୟରେ ଦୁର୍ଘଟଣା ହାର କମିଥିଲେ ମଧ୍ୟ ରାଜ୍ୟରେ ପ୍ରତ୍ୟେକ ବର୍ଷ ଦୁର୍ଘଟଣା ହାର ବଢ଼ି ଚାଲିଛି। ଜାତୀୟସ୍ତରରେ ପ୍ରତି ୧୦୦ ଦୁର୍ଘଟଣାରେ ୩୨ଜଣ ପ୍ରାଣ ହରାଉଥିବାବେଳେ ଓଡ଼ିଶାରେ ୪୭ଜଣଙ୍କ ମୃତ୍ୟୁ ହେଉଛି। ଦେଶରେ ବାଇକ ଆରୋହୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହାର ମଧ୍ୟ ବଢି ଚାଲଛି। ଜାତୀୟ ଆପରାଧିକ ରେକର୍ଡ ବ୍ୟୁରୋ(ଏନ୍ସିଆର୍ବି) ତଥ୍ୟ ଅନୁଯାୟୀ ୨୦୦୯ରେ ବାଇକ ଚାଳକଙ୍କ ମୃତ୍ୟୁ ହାର ୨୦.୭ ପ୍ରତିଶତ ଥିବାବେଳେ ୨୦୧୯ ଡିସେମ୍ବର ସୁଦ୍ଧା ତାହା ୩୮ ପ୍ରତିଶତରେ ପହଞ୍ଚିଛି। ୨୦୧୫ରେ ଦେଶରେ ଦୁର୍ଘଟଣା ☞ପୃଷ୍ଠା–୧୧

**ଆଜିର ସମ୍ପାଦକୀୟ**

**ଦୁଇଟି ଆଇନର ଆନ୍ଦୋଳନ**

**ଆଜିର ମନ୍ତବ୍ୟ**

“ କଂଗ୍ରେସ ସହ ହାତ ମିଳାଇ ମେଣ୍ଟ ସରକାର ଗଡ଼ିବାରୁ ଲୋକଙ୍କ ସଦିଚ୍ଛା ହରାଇଲି।

–ଏଚ୍.ଡି. କୁମାରସ୍ୱାମୀ, ପୂର୍ବତନ କର୍ନାଟକ ମୁଖ୍ୟମନ୍ତ୍ରୀ

# କରୋନାରେ ଗୁଜରାଟ ବିଚାରପତିଙ୍କ ଦେହାନ୍ତ

**ଅହମ୍ମଦାବାଦ, ୫।୧୨**



ଜଷ୍ଟିସ୍ ଜି. ଆର୍ ଉଦ୍ୱାନି

କରୋନାରେ ସଂକ୍ରମିତ ହୋଇ ଚିକିତ୍ସାଧୀନ ଥିବା ଗୁଜରାଟ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଜି. ଆର୍ ଉଦ୍ୱାନି(୫୯)ଙ୍କର ଶନିବାର ଦେହାନ୍ତ ହୋଇଛି। ଗତ ନଭେମ୍ବର ୧୯ରେ ସେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ୨୨ରେ ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ସକାଳ ପ୍ରାୟ ୭ଟାରେ ହୃଦ୍ଘାତରେ ତାଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସେ ଫୁସ୍ଫୁସ୍ ସଂକ୍ରମଣ ସହ ହାଇପୋଥାଇରଏଡିଜିମ୍ ରୋଗରେ ମଧ ☞ପୃଷ୍ଠା–୧୧

# ପୁଣି ବଢ଼ିଲା ତେଲ ଦର

- ପେଟ୍ରୋଲ ୨୭, ଡିଜେଲ ୨୮ ପଇସା



**ନୂଆଦିଲ୍ଲୀ, ୫।୧୨**

କ୍ରମାଗତ ୪ ଦିନ ହେଲା ତେଲ ଦର ବୃଦ୍ଧି ପାଇ ଚାଲିଛି। ଗତ ୧୬ ଦିନ ମଧ୍ୟରେ ୧୩ ଥର ତେଲ ଦର ବୃଦ୍ଧି ପାଇଲାଣି। ଫଳରେ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୨୭ ପଇସା ବଢି ୮୩.୭୫ ଟଙ୍କାରେ ପହଞ୍ଚିଛି। ସେହିଭଳି ଡିଜେଲ ଦର ମଧ୍ୟ ୨୮ ପଇସା ବୃଦ୍ଧି ପାଇ ୭୯.୮୬ ଟଙ୍କାକୁ ଛୁଇଁଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକର ସୂଚନା ଅନୁସାରେ ରାଜଧାନୀ ଦିଲ୍ଲୀ ସମେତ ଅନ୍ୟ ପ୍ରମୁଖ ମେଟ୍ରୋ ସହରଗୁଡିକରେ ମଧ ପେଟ୍ରୋଲ ଲିଟର ପିଛା ୨୪ ରୁ ୨୭ ପଇସା ବଢିଥିବା ବେଳେ ଡିଜେଲ ଲିଟର ପିଛା ୨୪ ରୁ ୨୭ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଦର ୮୩.୧୩ ଟଙ୍କା ଥିବା ବେଳେ ଡିଜେଲ ଦର ୭୩.୩୨ ଟଙ୍କା ରହିଛି। ଦିଲ୍ଲୀରେ ଏହି ଦର ୨୦୧୮ ସେପ୍ଟେମ୍ବର ପର ଠାରୁ ସର୍ବାଧିକ ବୋଲି ସୂଚନା ମିଳିଛି। ସେହିଭଳି ଅନ୍ୟ ପ୍ରମୁଖ ମେଟ୍ରୋ ସହର ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ପେଟ୍ରୋଲ ଦର ଯଥାକ୍ରମେ ୮୯.୭୮ ଟଙ୍କା, ୮୪.୬୩ ଟଙ୍କା ଏବଂ ୮୬.୦୦ ଟଙ୍କାରେ ପହଞ୍ଚିଛି। ☞ପୃଷ୍ଠା–୧୧

# ଟିକା ନେଇ ମନ୍ତ୍ରୀ ପଜିଟିଭ

**ନୂଆଦିଲ୍ଲୀ,୫।୧୨(ବ୍ୟୁରୋ)**

ହରିୟାଣା ସ୍ୱାସ୍ଥ୍ୟମନ୍ତ୍ରୀ ଅନିଲ ଭିଜ୍ କରୋନା ସଂକ୍ରମିତ ହୋଇଛନ୍ତି। ଇଣ୍ଡିଆନ କାଉନ୍ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍ଆର) ଏବଂ ଭାରତ ବାୟୋଟେକ ଦ୍ୱାରା ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ କୋଭାକ୍ସିନ ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷଣରେ ୬୭ ବର୍ଷୀୟ ଭିଜ୍ ଭାଗ ନେଇ ଗତ ମାସ ୨୦ତାରିଖରେ ଟିକା ନେଇଥିଲେ। ଏବେ କରୋନା ସଂକ୍ରମିତ ହୋଇଥିବା ସମ୍ପର୍କରେ ଭିଜ୍ ନିଜେ ଟୁଇଟର ମାଧ୍ୟମରେ ଜଣାଇଥିବାବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ କରୋନା ଟେଷ୍ଟ କରାଇବାକୁ ଅନୁରୋଧ କରିଛନ୍ତି। ଭିଜ୍ଙ୍କୁ ଅମ୍ବାଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟିକା ପରୀକ୍ଷଣରେ ସାମିଲ ହେବାର କିଛି ଦିନ ମଧ୍ୟରେ ମନ୍ତ୍ରୀ କରୋନା ସଂକ୍ରମିତ ହେବା ଘଟଣା ଟିକାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। ଅପରପକ୍ଷରେ ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। କୁହାଯାଇଛି ଯେ, କୋଭାକ୍ସିନ ଟିକାକୁ ୨୮ଦିନ ବ୍ୟବଧାନରେ ୨ଟି ଡୋଜ୍ ଦିଆଯାଉଛି। ଦ୍ୱିତୀୟ ଡୋଜର ୧୪ ଦିନ ପରେ ଏହା ମଣିଷ ଶରୀରରେ ଆଣ୍ଟିବଡି ସୃଷ୍ଟି କରିଥାଏ, ଯାହାକି କରୋନା ସଂକ୍ରମଣକୁ ରୋକିପାରିବ। ମନ୍ତ୍ରୀ ଭିଜ୍ ୧୫ଦିନ ତଳେ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ସମୟରେ ମାତ୍ର ପ୍ରଥମ ଡୋଜ୍ ନେଇଥିଲେ। କୋଭାକ୍ସିନର ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ହେଲେ ପ୍ରଥମ ଟିକା ସେ ନିଜେ ନେବେ ବୋଲି ପୂର୍ବରୁ ଭିଜ୍ କହିଥିଲେ। କୋଭାକ୍ସିନ୍ ହେଉଛି ଦେଶର ପ୍ରଥମ ଟିକା, ଯାହାର ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ସଫଳ ଭାବେ କରାଯାଉଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ☞ପୃଷ୍ଠା–୧୧



ଅନୀଲ ଭିଜ୍

# ନକଲି ଆଇଡିରେ କୋଟିଏରୁ ଊର୍ଦ୍ଧ୍ୱ ଠକେଇ

**ଭଦ୍ରକ ଅଫିସ, ୫।୧୨**

- ଦିଲ୍ଲୀରେ ଠକି ଧୂଷୁରୀରୁ ଗିରଫ ହେଲେ ସାଇବର ଠକ
- ଇନ୍ଦିରା ଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ଏୟାରପୋର୍ଟରେ ନିଯୁକ୍ତି ନାଁରେ ଚଳାଇଥିଲେ କାରବାର



ରାଜେନ୍ଦ୍ର ମଲ୍ଲିକ

ନକଲି ଆଇଡି ଖୋଲି ନିଯୁକ୍ତି ଆଶାୟୀଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରି ଫେରାର ଥିବା ଜଣେ ଯୁବକଙ୍କୁ ଦିଲ୍ଲୀ ଏୟାରପୋର୍ଟ ପୋଲିସ ଶନିବାର ଭଦ୍ରକ ଜିଲା ଧୂଷୁରୀ ଅଞ୍ଚଳରୁ ଗିରଫ କରିଛି। ଯୁବକ ଜଣକ ହେଲେ ଯାଜପୁର ବୈରୀ ଅଞ୍ଚଳର ରାଜେନ୍ଦ୍ର ମଲ୍ଲିକ। ସେ ଧୂଷୁରୀ ଥାନା ଭଟପୁରସ୍ଥିତ ଶ୍ୱଶୁର ଘରୁ ରହୁଥିଲେ। ଦିଲ୍ଲୀ ପୋଲିସ ଧୂଷୁରୀ ପୋଲିସ ସହାୟତାରେ ରାଜେନ୍ଦ୍ରଙ୍କୁ ଗିରଫ କରି ଦିଲ୍ଲୀ ନେଇଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଇନ୍ଦିରା ଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ଏୟାରପୋର୍ଟର ଅଫିସିଆଲ ୱେବ୍ସାଇଟ୍ର ଅବିକଳ ନକଲ କରି ଯୁବକ ଜଣକ ନିଯୁକ୍ତି ଆହ୍ୱାନ କରିଥିଲେ। ନିର୍ଦ୍ଦିଷ୍ଟ ଭାବେ ୮ଟି ବ୍ୟାଙ୍କ ଆକାଉଣ୍ଟରୁ ଯେକୌଣସି ବ୍ୟାଙ୍କ ଆକାଉଣ୍ଟରେ ଜଣଙ୍କ ପିଛା ୧ ହଜାର ଟଙ୍କା ଜମା ଦେବା ପାଇଁ ଉକ୍ତ ୱେବ୍ସାଇଟ୍ରେ ଉଲ୍ଲେଖ କରିଥିଲେ। ଉକ୍ତ ନିଯୁକ୍ତି ବିଜ୍ଞାପନକୁ ଆଧାର କରି ନିଯୁକ୍ତି ଆଶାୟୀମାନେ ବ୍ୟାଙ୍କ ଜମା ଖାତାରେ ଜମା ଦେଇଥିଲେ। ଏହି ଠକେଇର ଖବର ଦିଲ୍ଲୀ ପୋଲିସ ଜାଣିପାରି ଉକ୍ତ ସାଇବର ଠକଙ୍କୁ ଖୋଜିବା ପାଇଁ ଜାଲ ବିଛାଇ ରାଜେନ୍ଦ୍ରଙ୍କ ନିକଟରେ ପହଞ୍ଚିଥିଲା। ଦିଲ୍ଲୀ ପୋଲିସର ଏକ ୩ ଜଣିଆ ଟିମ୍ ଶୁକ୍ରବାର ପ୍ରଥମେ ଭୁବନେଶ୍ୱର ଓ ପରେ ଯାଜପୁର ବୈରୀ ଗାଁରେ ଅଭିଯୁକ୍ତଙ୍କୁ ଖୋଜି ବିଳମ୍ବିତ ରାତିରେ ଶ୍ୱଶୁର ଘର ଧୂଷୁରୀ ଥାନା ଅଞ୍ଚଳ ଭଟପୁରରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ଗିରଫ ରାଜେନ୍ଦ୍ର ପୂର୍ବରୁ ଦିଲ୍ଲୀରେ ରହୁଥିଲେ। ୨୦୧୬ ରେ ରହଣି ସମୟରେ ୱେବ୍ସାଇଟ୍ର ଶେଷ ଅକ୍ଷର ବଦଳାଇ ଅବିକଳ ୱେବ୍ସାଇଟ୍ ତିଆରି କରି ଏହିଭଳି ଠକେଇ କରିଥିବା ଅନୁମାନ କରାଯାଉଛି। ଏହିଭଳି ଅଭିନବ ସାଇବର ଠକେଇ ସଂଖ୍ୟା ବଢୁଥିବା ବେଳେ ପୋଲିସ କାଁ ଭାଁ ଲୋକଙ୍କୁ ଗିରଫ କରୁଛି। ଭଦ୍ରକ ଜିଲା ଅଞ୍ଚଳର ବହୁ ହିତାଧିକାରୀ ପୂର୍ବରୁ ଏହିଭଳି ଠକେଇର ଶିକାର ହୋଇଥିବା ନଜିର ରହିଛି। ଗତବର୍ଷ ଭଦ୍ରକ ଧାମରା ବନ୍ଦରରେ ନିଯୁକ୍ତି କରାଇଦେବା ନାଁରେ ଏହିଭଳି ଏକ ୱେବ୍ସାଇଟ୍ ଖୋଲାଯାଇ ଠକେଇ ହୋଇଥିଲା। କିନ୍ତୁ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିପାରିନାହିଁ।



ଧରିତ୍ରୀ DHARITRI
ରବିବାର, ୬ ଡିସେମ୍ବର, ୨୦୨୦

## କୋଭିଡ୍ ଟିକା ବାଧ୍ୟତାମୂଳକ ହେବନାହିଁ: ବାଇଡେନ୍

**ୱାଶିଂଟନ:** କୋଭିଡ୍ ଟିକା ନେବା ପାଇଁ କାହାକୁ ବାଧ କରାଯିବ ନାହିଁ ବୋଲି ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ତେବେ ଟିକାର ଫଳପ୍ରଦତା ଓ ନିରାପତ୍ତାକୁ ନେଇ ଲୋକଙ୍କ ମନରେ ରହିଥିବା ସନ୍ଦେହ ଦୂର କରିବା ଲାଗି ବାଇଡେନ୍ ସର୍ବସାଧାରଣରେ ଟିକା ନେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଟିକା ବାଧ୍ୟତାମୂଳକ ହେବା ଆବଶ୍ୟକ ବୋଲି ସେ ଭାବୁ ନ ଥିବା କହିଛନ୍ତି।



## ସଂକ୍ଷେପରେ

### ନିରାଡ଼ମ୍ବର ହେବ ବାଇଡେନ୍ଙ୍କ ଶପଥ ଗ୍ରହଣ ଉତ୍ସବ



ୱାଶିଂଟନ, ୫।୧୨(ପି.ଟି.): ଜାନୁୟାରୀ ୨୦ରେ ଆମେରିକାର ନୂଆ ରାଷ୍ଟ୍ରପତି ଭାବେ ଜୋ ବାଇଡେନ୍ ଶପଥ ନେବାକୁ ଥିବାବେଳେ ଏହି ଉତ୍ସବକୁ ଆଡ଼ମ୍ବରପୂର୍ଣ୍ଣ ନ କରିବାକୁ ସେ କହିଛନ୍ତି। ଦେଶରେ କରୋନା ସଂକ୍ରମଣ ବଢ଼ି ଚାଲିଥିବାରୁ ସୁରକ୍ଷାକୁ ଦୃଷ୍ଟିରେ ରଖି କେତେକ ଭର୍ଚୁଆଲ କାର୍ଯ୍ୟକ୍ରମ ହେବ। ୟୁଏସ୍ କ୍ୟାପିଟୋଲ୍‌ରେ ଶପଥ ଗ୍ରହଣ ପାଇଁ ମଞ୍ଚ ନିର୍ମାଣ ଚାଲିଛି। ତେବେ ଏହି ଉତ୍ସବ ଓ ପରେଡ ଦେଖିବା ଲାଗି ଯେପରି ନ୍ୟାଶନାଲ ମଲ୍ ଏବଂ ପେନ୍‌ସିଲ୍‌ଭାନିଆ ଆଭେନ୍ୟୁରେ ଲକ୍ଷାଧିକ ଲୋକ ରୁଣ୍ଡ ନ ହେବେ, ସେଥିପାଇଁ ଯୋଜନା ପ୍ରସ୍ତୁତ ହେଉଛି। ସେଥିପାଇଁ ପେନ୍‌ସିଲ୍‌ଭାନିଆରେ ପରେଡ୍ ହୋଇ ନ ପାରେ ବୋଲି ବାଇଡେନ୍ କହିଛନ୍ତି।

### କାର୍ବନ ମନୋକ୍ସାଇଡ ବୃଦ୍ଧି, ୧୮ ଶ୍ରମିକ ମୃତ



**ବେଜିଂ, ୫।୧୨:** ଚାଇନାର ଏକ କୋଇଲା ଖଣିରେ କାର୍ବନ ମନୋକ୍ସାଇଡ ସ୍ତର ବୃଦ୍ଧି ଯୋଗୁ ଶୁକ୍ରବାର ୧୮ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ପ୍ରାୟ ୫ଟା ବେଳେ ଚୋଙ୍ଗକିଙ୍ଗ ମ୍ୟୁନିସିପାଲିଟିର ୟୋଙ୍ଗଚୁହାନ ଜିଲାରେ ଏହି ଦୁର୍ଘଟଣା ଘଟିଛି। ଏ ନେଇ ସ୍ଥାନୀୟ ଅଧିକାରୀ ଶନିବାର ସୂଚନା ଦେଇଛନ୍ତି। ୨୦୧୩ରେ ଖଣିରେ ହାଇଡ୍ରୋଜେନ ସଲଫାଇଡ୍ ସ୍ତର ବୃଦ୍ଧି ଯୋଗୁ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ସଦ୍ୟ ଘଟଣାର ଅନୁସନ୍ଧାନ ଚାଲିଥିବା ସ୍ଥାନୀୟ ନ୍ୟୁଜ ଏଜେନ୍ସି ସୂତ୍ରରୁ ଜଣାପଡିଛି।

### ଭୁଶୁଡ଼ିଲା ସୁନାଖଣି, ୧୦ ନିଖୋଜ

**ମାନାଗୁଆ, ୫।୧୨:** କୋଷ୍ଟାରିକା ସୀମା ନିକଟ ଦକ୍ଷିଣ ନିକାରାଗୁଆରେ ଶୁକ୍ରବାର ଏକ ସୁନାଖଣି ଭୁଶୁଡ଼ି ପଡିଛି। ଏଥିରେ ପ୍ରାୟ ୧୦ ଜଣ ଚାପି ହୋଇ ଫସିଥିବା ଜଣାପଡିଛି। ନିଖୋଜଙ୍କ ସନ୍ଧାନ ପାଇଁ ଅଗ୍ନିଶମ କର୍ମଚାରୀ ଓ ଉଦ୍ଧାରକାରୀ ଦଳ ଉଦ୍ୟମ ଚଳାଇଥିବା ଉପରାଷ୍ଟ୍ରପତି ରୋଜାରିଓ ମୁରିଲୋ କହିଛନ୍ତି। ତେବେ କେତେ ସଂଖ୍ୟାରେ ଲୋକ ଏହା ତଳେ ଫସିଛନ୍ତି ସେ ନେଇ ମୁରିଲୋ ସ୍ପଷ୍ଟ କରିନାହାନ୍ତି। ଖଣିରୁ ଜଣେ ଆହତ ବାହାରକୁ ଆସି ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ।

### ହିନ୍ଦୁ ଯୁବତୀଙ୍କୁ ଅପହରଣ
### ନୂଆ ଆଇନରେ ୭ ଗିରଫ

**ସୀତାପୁର, ୫।୧୨:** ଉତ୍ତରପ୍ରଦେଶରେ ନୂଆ କରି ଲାଗୁ ହୋଇଥିବା ଧର୍ମାନ୍ତରୀକରଣ ବିରୋଧୀ ଆଇନ ଅଧୀନରେ ସୀତାପୁର ପୋଲିସ ୭ ଜଣଙ୍କୁ ଗିରଫ କରିଛି। ଜଣେ ହିନ୍ଦୁ ଯୁବତୀଙ୍କୁ ଅଭିଯୁକ୍ତମାନେ ଘରୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଜବ୍ରାଏଲ ଫେରାର ଥିବାବେଳେ ତାଙ୍କ ଭାଇ ଇସ୍ରାଏଲ ଓ ସମ୍ପର୍କୀୟ ଭାଇ ଉସ୍‌ମାନଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଛି। ସୀତାପୁର ଏଏସ୍‌ପି ରାଜୀବ ଦୀକ୍ଷିତଙ୍କ ସୂଚନା ଅନୁଯାୟୀ, ଗତ ନଭେମ୍ବର ୨୪ରେ ଯୁବତୀ ଜଣକ ନିଖୋଜ ଥିଲେ। ନଭେମ୍ବର ୨୭ରେ ଏ ନେଇ ୮ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ୭ଟି ଟିମ୍ ଗଠନ ହୋଇଥିଲା। ଖୁବଶୀଘ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଲଭ ଜିହାଦ ବା ଜୋର ଜବରଦସ୍ତ ଧର୍ମ ପରିବର୍ତ୍ତନ ବିରୋଧରେ ଉତ୍ତରପ୍ରଦେଶରେ ଲାଗୁ ହୋଇଥିବା ନୂଆ ନିୟମ ଅନୁଯାୟୀ ଦୋଷୀଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବା ସହ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଭରିବାକୁ ହେବ।

# ଚନ୍ଦ୍ରରେ ଉଡ଼ିଲା ଚାଇନା ପତାକା

ବେଜିଂ, ୫।୧୨(ପି.ଟି.)



ଚନ୍ଦ୍ର ଅଭିଯାନରେ ଯାଇଥିବା ଚାଇନା ମହାକାଶ ଯାନ ସେଠାରୁ ଶିଳା ଓ ମୃତ୍ତିକା ସଂଗ୍ରହ କରି ପୃଥିବୀ ଅଭିମୁଖେ ଫେରୁଛି। ଗୁରୁବାର ଚାଇନା ମହାକାଶ ଯାନ ଚାଙ୍ଗ'ଇ-୫ ପୃଥିବୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଚନ୍ଦ୍ରପୃଷ୍ଠରେ ଚାଇନା ପତାକା ଉଡ଼ାଇଛି। ଫଳରେ ଚନ୍ଦ୍ରପୃଷ୍ଠରେ ପତାକା ଉଡ଼ାଇବାରେ ଆମେରିକା ପରେ ଚାଇନା ଦ୍ୱିତୀୟ ଦେଶ ହୋଇପାରିଛି। ୧୯୬୯ରେ ଆମେରିକାର ଆପୋଲୋ ମିଶନ ପ୍ରଥମେ ଚନ୍ଦ୍ରପୃଷ୍ଠରେ ମହାକାଶଚାରୀଙ୍କୁ ଅବତରଣ କରାଇବା ସହ ପତାକା ଲଗାଇଥିଲା।

ନଭେମ୍ବର ୨୩ରେ ଚନ୍ଦ୍ର ଅଭିଯାନରେ ଯାଇଥିବା ଚାଇନା ମହାକାଶ ଯାନ ମଙ୍ଗଳବାର ସେଠାରେ ଓହ୍ଲାଇଥିଲା। ୪ ଦଶନ୍ଧି ପରେ ଚନ୍ଦ୍ରପୃଷ୍ଠରୁ ପ୍ରଥମ ନମୁନା ପୃଥିବୀକୁ ଅଣାଯାଉଛି। ନମୁନା ପୃଥିବୀକୁ ଆଣିବାରେ ଆମେରିକା, ରୁଷିଆ ପରେ ବେଜିଂ ତୃତୀୟ ଦେଶ ହେବାକୁ ଯାଉଛି। ଏକବିଂଶ ଶତାବ୍ଦୀରେ ଚନ୍ଦ୍ରପୃଷ୍ଠରେ ସଫଳତାର ସହ ଓହ୍ଲାଇବାରେ ଚାଙ୍ଗ'ଇ-୫ ତୃତୀୟ ମହାକାଶ ଯାନ।

# ଗ୍ରହାଣୁରୁ ମୃତ୍ତିକା ଆଣୁଛି ଜାପାନ

ଟୋକିଓ, ୫।୧୨

ଜାପାନର ହାୟାବୁସା୨ ମହାକାଶ ଯାନ ଏକ କ୍ୟାପସୁଲ୍‌କୁ ସଫଳତାର ସହ ଅଲଗା କରି ପୃଥିବୀ ଅଭିମୁଖେ ପଠାଇଛି। ଏଥିରେ ଏକ ଦୂରନ୍ତ ଗ୍ରହାଣୁ ପିଣ୍ଡରୁ ମୃତ୍ତିକା ଅଣାଯାଉଛି। ଏହାକୁ ଅନୁଧ୍ୟାନ କରାଯିବା ପରେ ସୌରଜଗତର ମୂଳ ଏବଂ ପୃଥିବୀରେ ଜୀବ ସୃଷ୍ଟି ସମ୍ପର୍କିତ ଅନେକ ତଥ୍ୟ ମିଳିପାରିବ ବୋଲି ଜାପାନ ମହାକାଶ ଗବେଷଣା ସଂସ୍ଥା କହିଛି। ୨,୨୦,୦୦୦ କିଲୋମିଟର ଦୂରରେ ଥିବା ମହାକାଶଯାନ ଶନିବାର କ୍ୟାପ୍‌ସୁଲକୁ ନିଜଠାରୁ ଅଲଗା କରିଛି। ଏହା ଅଷ୍ଟ୍ରେଲିଆର ଉମେରାରେ ଏକ ନିର୍ଜନ ସ୍ଥାନରେ ଅବତରଣ କରିବ। ହାୟାବୁସା୨ ମହାକାଶଯାନ ୩୦୦ ନିୟୁତ କିଲୋମିଟର ଦୂରରେ ଥିବା ଗ୍ରହାଣୁ ର୍‍ୟାଗୁ ଛାଡ଼ିଥିଲା। କ୍ୟାପ୍‌ସୁଲକୁ ଅଲଗା କରିବା ପରେ ଏହା ଦୂରରେ ଥାଇ ଏହାର ଫଟୋ ଉତ୍ତୋଳନ କରିବ।



# ଅଧିକ ସମୟ ମାଗିଲା କେନ୍ଦ୍ର

ନୂଆଦିଲ୍ଲୀ, ୫।୧୨(ପି.ଟି.)

- ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ଅଟଳ
- ବିନା ନିଷ୍କର୍ଷରେ ବୈଠକ ଶେଷ
- ୯ରେ ପରବର୍ତ୍ତୀ ଆଲୋଚନା



ନୂଆଦିଲ୍ଲୀର ବିଜ୍ଞାନଭବନ ସମ୍ମୁଖରେ ବିଭିନ୍ନ କୃଷକ ସଂଗଠନର ନେତା।

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନକୁ ବିରୋଧ କରି ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ ଜାରି ରହିଥିବାବେଳେ ଶନିବାର କେନ୍ଦ୍ର ସରକାରଙ୍କ ସହ ପଞ୍ଚମ ପର୍ଯ୍ୟାୟ ଆଲୋଚନା ବିନା ନିଷ୍କର୍ଷରେ ଶେଷ ହୋଇଛି। ନୂଆ ଆଇନ ପ୍ରତ୍ୟାହାର ଦାବିରେ କୃଷକମାନେ ଅଟଳ ରହିବା ଫଳରେ ଆଭ୍ୟନ୍ତରୀଣ ବିଚାରବିମର୍ଶ ଲାଗି ସରକାର ସମୟ ମାଗିଥିଲେ। ବୁଧବାର ଷଷ୍ଠ ପର୍ଯ୍ୟାୟ ଆଲୋଚନା ପାଇଁ କୃଷକ ସଂଗଠନ ରାଜି ହୋଇଛନ୍ତି।

ଆଲୋଚନା ଅର୍ଥହୀନ ବୋଲି କହି ଚାଷୀନେତାମାନେ ବୈଠକ ସ୍ଥଳ ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ। ସରକାର ଆଇନ ପ୍ରତ୍ୟାହାର କରିବେ କି ନାହିଁ ସ୍ପଷ୍ଟ କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ସରକାରୀ ସ୍ତରରେ ଆଲୋଚନା ପରେ କୃଷକଙ୍କ ଆଗରେ ନୂତନ ପ୍ରସ୍ତାବ ରଖାଯିବ ବୋଲି ବୈଠକ ଶେଷରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ଶନିବାର କୃଷକ ସଂଗଠନଗୁଡ଼ିକ ସହ ଆଲୋଚନା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବରିଷ୍ଠ କ୍ୟାବିନେଟ ସଦସ୍ୟମାନଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, କୃଷିମନ୍ତ୍ରୀ ତୋମାର ପ୍ରମୁଖ ଯୋଗଦେଇଥିଲେ। ସରକାର ଆଇନର କେତେକ ଭାଗକୁ ସଂଶୋଧନ କରିବାକୁ ପ୍ରସ୍ତାବ ଦେଇଥିଲେ।

ତୋମାର ଏବଂ ରେଳମନ୍ତ୍ରୀ ପୀୟୂଷ ଗୋୟଲ ୫ମ ପର୍ଯ୍ୟାୟ ବୈଠକର ନେତୃତ୍ୱ ନେଇଥିଲେ। ସେମାନେ କୃଷକଙ୍କ ନିକଟରେ ଲିଖିତ ପ୍ରସ୍ତାବ ରଖିଥିଲେ। ଆମେ ଆଇନ ପ୍ରତ୍ୟାହାର ଚାହୁଁ, ସଂଶୋଧନକୁ ଗ୍ରହଣ କରିବୁ ନାହିଁ ବୋଲି ଦୋଆବା କିଷାନ ସଂଘର୍ଷ କମିଟିର ହରସୁଲିନ୍ଦର ସିଂ କହିଥିଲେ।

ଗୁରୁବାର ଆଲୋଚନା ବିଫଳ ହେବା ପରେ ପରବର୍ତ୍ତୀ ରଣନୀତି ପ୍ରସ୍ତୁତି ଲାଗି ଶୁକ୍ରବାର ୪୦ କୃଷକ ନେତା ଦିଲ୍ଲୀ-ହରିୟାଣା ସୀମାରେ ଏକାଠି ହୋଇଥିଲେ। କୃଷକମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କୃଷିମନ୍ତ୍ରୀ ତୋମାର କହିଥିଲେ। ନୂଆ କୃଷି ଆଇନ ସମ୍ପର୍କରେ ସେମାନଙ୍କ ପ୍ରସ୍ତାବକୁ ମନ୍ତ୍ରୀ ସ୍ୱାଗତ କରିଥିଲେ। ବିଜ୍ଞାନ ଭବନରେ ଅପରାହ୍ନ ୨ଟା ୩୦ରେ ବୈଠକ ଆରମ୍ଭ ହୋଇଥିଲା। ସେଠାରେ ତୋମାର, ଗୋୟଲଙ୍କ ସମେତ ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ସୋମପ୍ରକାଶ ମଧ୍ୟ ଉପସ୍ଥିତ ଥିଲେ।

ସେପଟେ କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକ ସଂଗଠନ ପକ୍ଷରୁ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଥିବାବେଳେ ବାମଦଳଗୁଡ଼ିକ ଏହାକୁ ସମର୍ଥନ କରିଛନ୍ତି। ଶନିବାର ସିପିଆଇ(ଏମ୍), ସିପିଆଇ, ସିପିଆଇ (ଏମ୍-ଏଲ୍), ରିଭଲ୍ୟୁଶନାରୀ ସୋସିଆଲିଷ୍ଟ ପାର୍ଟି ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଏକ ମିଳିତ ବିବୃତିରେ ଏହା ଘୋଷଣା କରାଯାଇଛି।

# ମୁକୁଲ ରାୟଙ୍କ ନାଁରେ ଚାର୍ଜଶିଟ୍

## ଟିଏମ୍‌ସି ବିଧାୟକ ହତ୍ୟା ମାମଲା

କୋଲକାତା, ୫।୧୨

କ୍ରିଷ୍ଣଗଞ୍ଜର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ ସତ୍ୟଜିତ ବିଶ୍ୱାସ ହତ୍ୟା ମାମଲାରେ ସମ୍ପୃକ୍ତି ନେଇ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମୁକୁଲ ରାୟଙ୍କ ବିରୋଧରେ ପଶ୍ଚିମବଙ୍ଗ ସିଆଇଡି ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଶନିବାର ଅପରାହ୍ନରେ ନଦିଆ ଜିଲାର ଏକ ଅଦାଲତରେ ଏହି ଚାର୍ଜଶିଟ୍ ଦାଖଲ ହୋଇଛି। ସତ୍ୟଜିତ ହତ୍ୟା ଷଡ଼ଯନ୍ତ୍ରରେ ମୁକୁଲ ସକ୍ରିୟ ଭାବେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ସିଆଇଡି ଅଧିକାରୀମାନେ କହିଛନ୍ତି। ପୂର୍ବରୁ ସିଆଇଡି ତାଙ୍କୁ ଜେରା କରିଥିଲା। ତେବେ ଗତବର୍ଷ ମେ'ରେ ଦାଖଲ ହୋଇଥିବା ପ୍ରଥମ ଚାର୍ଜଶିଟ୍‌ରେ ମୁକୁଲଙ୍କ ନାଁ ନ ଥିଲା। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ମୁକୁଲ ଖଣ୍ଡନ କରିଛନ୍ତି। ସେ ହିଂସା ରାଜନୀତିରେ ବିଶ୍ୱାସ କରନ୍ତି ନାହିଁ ବୋଲି କହିଛନ୍ତି।



# ଥାଇଲାଣ୍ଡ ବନ୍ୟାରେ ୧୩ ମୃତ

ବ୍ୟାଙ୍କକ, ୫।୧୨

ଥାଇଲାଣ୍ଡର ନାଖୋନ ସି ଥାମାରତ୍ ପ୍ରଦେଶରେ ବନ୍ୟା ଯୋଗୁ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ରିପୋର୍ଟ ମୁତାବକ, ଗତ କିଛି ଦିନ ଧରି ନାଖୋନ ସି ଥାମାରତରେ ପ୍ରବଳ ମାତ୍ରାରେ ବର୍ଷା ଲାଗି ରହିଥିଲା। ଦକ୍ଷିଣ ଥାଇ ଅଞ୍ଚଳରେ ଗତ ମାସରୁ ମୂଷଳ ଧାରାରେ ବର୍ଷା ଲାଗିରହିଥିବାରୁ ସେଠାରେ ବନ୍ୟା ପରିସ୍ଥିତି ଉପୁଜିଛି। ୬୬ ଜିଲାର ୨,୬୮୦ ଗ୍ରାମ ଏଥିଯୋଗୁ ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଛି।

# ବାତ୍ୟା ବୁରେଭି ନେଲା ୭ ଜୀବନ



ଚେନ୍ନାଇ, ୫।୧୨

ସାମୁଦ୍ରିକ ବାତ୍ୟା ବୁରେଭି ତାମିଲନାଡୁରେ କ୍ରମାଗତ ଶୁକ୍ରବାରଠାରୁ ଦୁଇଦିନ ଧରି ତାଣ୍ଡବ ରଚିଛି। ଏଥିରେ ୭ ଜଣଙ୍କର ଜୀବନ ଯାଇଛି। ମୃତକଙ୍କ ପରିବାର ଲାଗି ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ବାତ୍ୟାରେ ଘର ଓ ଗୋରୁଗାଈ ହରାଇଥିବା ଲୋକଙ୍କ ପାଇଁ କ୍ଷତିପୂରଣ ଘୋଷଣା କରାଯାଇଛି। କୁଡାଲୋର ଜିଲାରେ ୩୦୦ ଗାଁ ଜଳମଗ୍ନ ହୋଇଥିବାବେଳେ ରାମେଶ୍ୱରମର ଅଧିକାଂଶ ଅଞ୍ଚଳରେ ବିଦ୍ୟୁତ ବିଚ୍ଛିନ୍ନ ହୋଇଛି। ରିଲିଫ୍ ଓ ପୁନଃନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଥିବାବେଳେ ବିପନ୍ନଙ୍କ ଥଇଥାନ କାର୍ଯ୍ୟ ଦେଖିବା ଲାଗି ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ତାମିଲନାଡୁ ଓ କେରଳର ବିଭିନ୍ନ ଅଞ୍ଚଳରେ କ୍ଷତି ଘଟାଇବା ପରେ ବୁରେଭି କ୍ରମଶଃ ଦୁର୍ବଳ ହୋଇପଡ଼ିଛି।

# ୧୦ରେ ନୂଆ ପାର୍ଲାମେଣ୍ଟ ଭବନ ଶିଳାନ୍ୟାସ

**ନୂଆଦିଲ୍ଲୀ, ୫।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିସେମ୍ବର ୧୦ରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂର ଶିଳାନ୍ୟାସ କରିବେ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଶନିବାର ଏହି ସୂଚନା ଦେଇଛନ୍ତି। ୬୪,୫୦୦ ବର୍ଗମିଟର ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ଏହି ବିଲ୍ଡିଂ ପାଇଁ ୯୭୧ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନର ପାର୍ଲାମେଣ୍ଟ ଭବନ ୧୦୦ ବର୍ଷ ପୂରଣ କରୁଥିବାବେଳେ ଆମ ଲୋକଙ୍କ ଦ୍ୱାରା ନୂଆ ବିଲ୍ଡିଂ ନିର୍ମାଣ ହେବା ଗର୍ବର ବିଷୟ ଓ ଆତ୍ମନିର୍ଭର ଭାରତର ଉଦାହରଣ ବୋଲି ବିର୍ଲା କହିଥିଲେ।



ନୂଆ ପାର୍ଲାମେଣ୍ଟ ଭବନର ମଡ଼େଲ।

## ଆଫଗାନିସ୍ତାନ ସେନାର ଆକ୍ରମଣ
## ୨୫ ଆତଙ୍କବାଦୀ ନିହତ

କାବୁଲ, ୫।୧୨

ଆଫଗାନିସ୍ତାନର ହେଲମାଣ୍ଡ ପ୍ରଦେଶରେ ସେନାର ଆକ୍ରମଣରେ ଶୁକ୍ରବାର ପ୍ରାୟ ୨୫ ତାଲିବାନ ଆତଙ୍କବାଦୀ ନିହତ ହୋଇଛନ୍ତି। ଏ ନେଇ ଆଫଗାନ ସେନା ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ନିହତଙ୍କ ମଧ୍ୟରେ ୨ କମାଣ୍ଡର ଥିବାବେଳେ ଆହୁରି ୮ ଆତଙ୍କବାଦୀ ଆହତ ହୋଇଛନ୍ତି। ଜିନହୁଆ ଏଜେନ୍ସି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଆଫଗାନିସ୍ତାନ ନ୍ୟାଶନାଲ ଡିଫେନ୍ସ ଆଣ୍ଡ ସିକ୍ୟୁରିଟି ଫୋର୍ସେସ ପକ୍ଷରୁ ହେଲମାଣ୍ଡର ନାଡ୍ୱେ-ଇ-ବାରକଜାଇରେ ଏହି ଅପରେଶନ କରାଯାଇଥିଲା। ଆତଙ୍କବାଦୀ ଗୋଷ୍ଠୀ ଆକ୍ରମଣ ଯୋଜନା କରୁଥିବାରୁ ଅପରେଶନକୁ କାର୍ଯ୍ୟକାରୀ କରାଯାଇଥିଲା।

# ୨୫ ହଜାର ସ୍ଥାନାନ୍ତର

## ବ୍ୟାପୁଛି ଜଙ୍ଗଲ ନିଆଁ

ସାନଫ୍ରାନ୍ସିସକୋ, ୫।୧୨

ଦକ୍ଷିଣ କାଲିଫର୍ନିଆର ଇରଭାଇନ ସିଟି ନିକଟରେ ଜଙ୍ଗଲରେ ଲାଗିଥିବା ନିଆଁ ବ୍ୟାପିବାରେ ଲାଗିଛି। ଏଥିଯୋଗୁ ପ୍ରାୟ ୨୫ ହଜାର ସ୍ଥାନୀୟ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଛି। ଗତ ବୁଧବାର ରାତିରେ ପ୍ରଥମେ ଏକ ଘରେ ନିଆଁ ଲାଗିଯାଇଥିଲା। ପରେ ପବନରେ ଏହା ବ୍ୟାପିବାରୁ ସ୍ଥିତି ଭୟଙ୍କର ହୋଇଛି। ହେଲିକପ୍ଟର ଯୋଗେ ପ୍ରାୟ ୫ଶହ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବା କାମରେ ନିୟୋଜିତ ହୋଇଛନ୍ତି। ୩ ଦିନ ମଧ୍ୟରେ ପ୍ରାୟ ୬,୪୦୦ ଏକର ଜାଗାକୁ ନିଆଁ ବ୍ୟାପିଯାଇଛି।

# ତିବ୍ବତରେ ପ୍ରବେଶ ଲାଗି ଆଇନ ହେଉ

## ବିଭିନ୍ନ ଦେଶକୁ ଆମେରିକାର ଆହ୍ୱାନ

ୱାଶିଂଟନ, ୫।୧୨(ପି.ଟି.)

ତିବ୍ବତରେ ଚାଇନା ଚଳାଇଥିବା ଦମନମୂଳକ ଶାସନକୁ ଆମେରିକା ନିନ୍ଦା କରିଛି। ହିମାଳୟର ବିଭିନ୍ନ ଅଞ୍ଚଳରେ ପ୍ରବେଶ ଉପରେ କଟକଣା ଲଗାଇଥିବା ଚାଇନା ଅଧିକାରୀମାନଙ୍କୁ ଆମେରିକାରେ ପୂରାଇ ନ ଦେବା ଲାଗି ଯେପରି ଆଇନ ହୋଇଛି, ଅନ୍ୟ ଦେଶଗୁଡ଼ିକ ସେହିଭଳି ଆଇନ ଆଣିବାକୁ ତିବ୍ବତ ପ୍ରସଙ୍ଗରେ ସ୍ୱତନ୍ତ୍ର କୋଅର୍ଡିନେଟର ଥିବା ରବର୍ଟ ଏ ଡେଷ୍ଟ୍ରୋ କହିଛନ୍ତି। ୨୦୧୮ ଡିସେମ୍ବରରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉକ୍ତ ଆଇନକୁ ଅନୁମୋଦନ କରିଥିଲେ। ତିବ୍ବତରେ ବିଦେଶୀମାନଙ୍କ ପ୍ରବେଶକୁ ଅନୁମତି ଦେବା ଲାଗି ଆମେରିକା ଚାଇନା ଉପରେ ଚାପ ପକାଇ ଆସୁଥିବାବେଳେ ଏଥିପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ ବୋଲି ରବର୍ଟ କହିଛନ୍ତି। ଏଥିପାଇଁ ସମଭାବାପନ୍ନ ତଥା ସହଯୋଗୀ ଦେଶଗୁଡ଼ିକ ଆମେରିକା ଭଳି ନିଜସ୍ୱ ଆଇନ ଆଣିବାକୁ ସେ ଆହ୍ୱାନ ଦେଇଛନ୍ତି।

# ଫାଇଜର ଟିକାକୁ ମଞ୍ଜୁରୀ ଦେଲା ବାହାରିନ୍

## ବ୍ରିଟେନ ପରେ ଦ୍ୱିତୀୟ ଦେଶ

ଦୁବାଇ, ୫।୧୨

ବ୍ରିଟେନ ପରେ ଦ୍ୱିତୀୟ ରାଷ୍ଟ୍ର ଭାବେ ବାହାରିନ୍ ଫାଇଜର ଟିକାକୁ ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ପ୍ରଦାନ କରିଛି। ଆମେରିକାର ଔଷଧ କମ୍ପାନୀ ଫାଇଜର ଏବଂ ଜର୍ମାନ ସହଯୋଗୀ ବାୟୋଏନ୍‌ଟେକ୍ ମିଳିତ ଭାବେ ଉକ୍ତ ଟିକା ପ୍ରସ୍ତୁତ କରିଛନ୍ତି। ବୁଧବାର ବ୍ରିଟେନ ଜରୁରୀ ବ୍ୟବହାର ଅନୁମତି ପ୍ରଦାନ କରିବା ପରେ ସେଠାକୁ ପ୍ରଥମ ପର୍ଯ୍ୟାୟ ଟିକା ପଠାଯାଇଛି। ତେବେ ବାହାରିନ୍ କେତେକ ପରିମାଣରେ ଟିକା କିଣିବ ସ୍ପଷ୍ଟ କରିନାହିଁ। ଏହା ଗୋପନୀୟ ହୋଇଥିବାରୁ ଏ ସମ୍ପର୍କିତ ତଥ୍ୟ ଦେବାକୁ ଫାଇଜର ମନା କରିଦେଇଛି।




# ନିଆଯାଇଥିବା ଅଧିକ ଅର୍ଥ ଫେରାଯାଉ

## ଆର୍‌ଟି-ପିସିଆର୍ ପରୀକ୍ଷା ଫିଁକୁ ନେଇ ସୁପ୍ରିମକୋର୍ଟରେ ପିଟିଶନ

ନୂଆଦିଲ୍ଲୀ, ୫।୧୨

କୋଭିଡ୍ ଚିହ୍ନଟ ଲାଗି ହୋଇଥିବା ଆର୍‌ଟି-ପିସିଆର୍ ପରୀକ୍ଷାରେ ଘରୋଇ ଲାବ୍ ଓ ହସ୍ପିଟାଲଗୁଡ଼ିକ ଅତ୍ୟଧିକ ଦେୟ ନେଇଛନ୍ତି। ଏବେ ସେମାନେ ଉକ୍ତ ଅତିରିକ୍ତ ଅର୍ଥ ଫେରାଇବା ଆବଶ୍ୟକ। ଏଥିପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ଶନିବାର ଆବେଦନ କରାଯାଇଛି। ଭାଜପା ନେତା ତଥା ଆଇନଜୀବୀ ଅଜୟ ଅଗ୍ରୱାଲ ସାରା ଦେଶରେ ଆର୍‌ଟି-ପିସିଆର୍ ପରୀକ୍ଷା ଫି ୪୦୦ ଟଙ୍କା ରଖିବା ଲାଗି ପୂର୍ବରୁ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଓଡ଼ିଶା ସରକାର ଏହି ପରୀକ୍ଷା ଦେୟ ୪୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏନେଇ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ନୋଟିସ କରିଥିଲେ। ପରୀକ୍ଷା କିଟ୍ ଦାମ୍ ୮୦୦ରୁ ୧୨୦୦ ଟଙ୍କା ମଧ୍ୟରେ ହୋଇଥିବାବେଳେ କେତେକ ହସ୍ପିଟାଲ ଓ ଲାବରେଟୋରି ପରୀକ୍ଷା ବାବଦରେ ୪୫୦୦ ଟଙ୍କା ନେଇଛନ୍ତି। ଅତିରିକ୍ତ ଟଙ୍କା ସେମାନେ ଫେରାଇବାକୁ ଅଜୟ ପୁଣି ଥରେ ଆବେଦନ କରିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୬୫,୦୧,୪୭୫ | ୧୫,୨୯,୧୫୪ | ୪,୬୦,୦୯,୫୫୦ |
| ଭାରତ | ୯୬,୨୫,୨୮୯ | ୧,୩୯,୯୬୨ | ୯୦,୬୯,୮୮୮ |
| ଓଡ଼ିଶା | ୩,୨୦,୮୦୩ | ୧୭୬୫(+୫୩) | ୩,୧୫,୨୭୦ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



**ସଂକ୍ଷେପରେ**

## ଟିକାକରଣ ପାଇଁ କମିଟି ଗଠିତ

ଭୁବନେଶ୍ୱର, ୫।୧୨(ବ୍ୟୁରୋ): ଖୁବ୍‌ଶୀଘ୍ର ଦେଶରେ କରୋନା ଟିକା ଉପଲବ୍ଧ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଟିକାକରଣ ବ୍ୟବସ୍ଥା ଯେଭଳି ସୁଗମ ହୋଇପାରିବ ସେଥିପାଇଁ ବିଭିନ୍ନ କମିଟି ଗଠନ କରିଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଭୟ ରାଜ୍ୟ ଓ ଜିଲାସ୍ତରରେ କମିଟି ଗଠନ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ୨୧ ଜଣିଆ ରାଜ୍ୟସ୍ତରୀୟ ଟିକାକରଣ କମିଟିର ଅଧ୍ୟକ୍ଷ ରହିଛନ୍ତି। ରାଜ୍ୟ ଟିକାକରଣ ଅଧିକାରୀ ଏଥିରେ ସଦସ୍ୟ ସଚିବ ଭାବେ କାମ କରିବେ। ସେହିପରି ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର, କ୍ୟାପିଟାଲ ହସ୍ପିଟାଲ ଓ ଏସ୍‌ସିବି ମେଡିକାଲର କେତେଜଣ ବିଭାଗୀୟ ମୁଖ୍ୟଙ୍କ ସହ ଅନ୍ୟ ସମ୍ବନ୍ଧିତ ବିଭାଗର ଅଧିକାରୀ ଏବଂ ବିଶେଷଜ୍ଞ ଏହି କମିଟିରେ ସଦସ୍ୟ ରହିଛନ୍ତି। ରାଜ୍ୟସ୍ତରୀୟ କମିଟି ଜିଲାସ୍ତରୀୟ କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ ଜିଲା ଗସ୍ତ କରି ବ୍ୟବସ୍ଥା ପରଖିବ। ସେହିପରି ୧୪ଜଣିଆ ଜିଲାସ୍ତରୀୟ ଟିକାକରଣ କମିଟିର ସିଡିଏମ୍‌ଓ ମୁଖ୍ୟ ରହିଛନ୍ତି। ଏଥିରେ ଜିଲାର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସଦସ୍ୟ ସଚିବ ଭାବେ କାମ କରିବେ। ଜିଲା ମୁଖ୍ୟ ହସ୍ପିଟାଲରେ କାମ କରୁଥିବା ବିଶେଷଜ୍ଞଙ୍କ ସହ ଜିଲାର ବିଭିନ୍ନ ସହରାଞ୍ଚଳର ନିର୍ବାଚିତ ଲୋକ ପ୍ରତିନିଧି ମଧ୍ୟ ସଦସ୍ୟ ରହିବେ। ଜିଲାରେ ଠିକ୍ ଭାବେ ଯେଭଳି ଟିକାକରଣ ହେବ ସେଥିପ୍ରତି ଜିଲାସ୍ତରୀୟ କମିଟି ଦୃଷ୍ଟି ଦେବ।

## ଆଫଗାନିସ୍ତାନ ସୁପ୍ରିମକୋର୍ଟ ବିଚାରପତିଙ୍କୁ ହତ୍ୟା

**କାବୁଲ, ୫।୧୨:** ଆଫଗାନିସ୍ତାନ ସୁପ୍ରିମକୋର୍ଟର ଜଣେ ବିଚାରପତି ଅବଦୁଲ ଜାମିଲଙ୍କୁ ରାଜଧାନୀ କାବୁଲରେ ଶୁକ୍ରବାର ଗୁଳି କରି ହତ୍ୟା କରାଯାଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରୁ ଏହା ଜଣପଡିଛି। ଏକ ମସଜିଦ୍ ବାହାରେ ପ୍ରାର୍ଥନା କରିବା ପରେ ତାଙ୍କ ଉପରେ କେହି ଗୁଳିଚାଳନା କରିଥିଲେ। ଏବେ ସୁଦ୍ଧା କୌଣସି ସଙ୍ଗଠନ ଏହି ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟୀ କରିନାହାଁ। ତାଲିବାନ ଆତଙ୍କବାଦୀ ଗୋଷ୍ଠୀ ଏଭଳି କରିଥିବା କୁହାଯାଉଛି।



ଅସ୍ତଗାମୀ ସୂର୍ଯ୍ୟର ଲାଲ୍ କିରଣରେ ଶାନ୍ତିସ୍ତୂପ ଧଉଳିର ଅପରୂପ ସୌନ୍ଦର୍ଯ୍ୟ। **(ଫଟୋ–ବିକାଶ)**

# ଛତିଶଗଡ଼ ସହ ଆଲୋଚନା ଚାହୁଁଛି ଓଡ଼ିଶା

ନୂଆଦିଲ୍ଲୀ, ୫।୧୨(ସ୍ୱ.ପ୍ର.)

ଅଣମୌସୁମୀ ମାସଗୁଡ଼ିକରେ ଓଡ଼ିଶା ୧.୭୪ ନିୟୁତ ଏକର ଫୁଟ (ଏମ୍‌ଏଏଫ୍) ମହାନଦୀ ଜଳ ଦରକାର କରୁଛି। ଏନେଇ ପଡ଼ୋଶୀ ଛତିଶଗଡ଼ ସହ ଆଲୋଚନା ପୁନଃ ଆରମ୍ଭ କରିବାକୁ ଚାହୁଁଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଏ ସମ୍ପର୍କିତ ଏକ ଅନ୍ତରୀଣ ଆବେଦନ ଶନିବାର ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ କରାଯାଇଛି।

ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ବହୁ ଆନିକଟ ତିଆରି କରି ଜଳପ୍ରବାହ ରୋକିବା ସହ ମନଇଚ୍ଛା ନିୟନ୍ତ୍ରଣ କରୁଛି। ଏନେଇ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଟ୍ରିବ୍ୟୁନାଲରେ ତାହାର ଶୁଣାଣି ଜାରି ରହିଛି। ଓଡ଼ିଶା ସରକାରୀ ସୂତ୍ର ଅନୁଯାୟୀ, ୨୦୧୯ର ଅଣମୌସୁମୀ ମାସଗୁଡ଼ିକରେ ଛତିଶଗଡ଼ ପକ୍ଷରୁ ପ୍ରାୟ ୧.୯ ଏମ୍‌ଏଏଫ୍ ମହାନଦୀ ଜଳ ହୀରାକୁଦ ଜଳଭଣ୍ଡାରକୁ ଛଡ଼ାଯାଇଛି। କିନ୍ତୁ ୨୦୧୪ରୁ ୨୦୧୯ ମଧ୍ୟରେ ଛତିଶଗଡ଼ ଜଳପ୍ରବାହକୁ ଗୁରୁତର ଭାବେ ରୋକିଥିଲା। ସେହି ସମୟ ମଧ୍ୟରେ ମାତ୍ର ୦.୮ ଏମ୍‌ଏଏଫ୍ ଜଳ ହୀରାକୁଦ ଜଳଭଣ୍ଡାରକୁ ଛଡ଼ାଯାଇଛି। ଓଡ଼ିଶା ପକ୍ଷରୁ ନଭେମ୍ବରରୁ ମେ ମଧ୍ୟରେ ୨ ଏମ୍‌ଏଏଫ୍ ଜଳ ଛାଡ଼ିବାକୁ ଦାବି ହୋଇଆସୁଥିବାବେଳେ ଛତିଶଗଡ଼ ଅଣଦେଖା କରିଚାଲିଛି। ଏହି ପରିପ୍ରେକ୍ଷୀରେ ଉପୁଜିଥିବା ବିବାଦର ଆପୋସ ସମାଧାନ ଆଶାରେ ଛତିଶଗଡ଼ ସହ ଆଉ ଗୋଟିଏ ଥର ଆଲୋଚନା ଆୟୋଜନ ନିମନ୍ତେ ଓଡ଼ିଶା ପକ୍ଷରୁ ଟ୍ରିବ୍ୟୁନାଲରେ ଆବେଦନ କରାଯାଇଛି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ୍. ଖନୱିଲକର, ଜଷ୍ଟିସ୍ ଇନ୍ଦରମିତ୍ କୌର ଏବଂ ଜଷ୍ଟିସ୍ ରବି ରଞ୍ଜନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁୟାରୀ ୧୬କୁ ଧାର୍ଯ୍ୟ କରିଛନ୍ତି।



ଅନ୍ୟପକ୍ଷରେ ଶୁଣାଣି ସମୟରେ ଟ୍ରିବ୍ୟୁନାଲକୁ ଉଭୟ ରାଜ୍ୟ ଅବଗତ କରାଇଥିଲେ ଯେ, ମହାନଦୀ ଅବବାହିକା ସମ୍ପର୍କିତ ସୂଚନାକୁ ନେଇ ପ୍ରସ୍ତୁତ ହେବାକୁ ଥିବା ସାଧାରଣ ଫର୍ମାଟ୍ ଏପର୍ଯ୍ୟନ୍ତ ଆକଳନକାରୀଙ୍କ ଦ୍ୱାରା ଶେଷ ହୋଇନାହିଁ। ଉକ୍ତ ସାଧାରଣ ଫର୍ମାଟ୍‌କୁ ଚୂଡ଼ାନ୍ତ କରିବା ପାଇଁ ଉଭୟ ରାଜ୍ୟର ଇଞ୍ଜିନିୟରମାନେ ଡିସେମ୍ବର ୧୪ରୁ ୧୮ ମଧ୍ୟରେ ବୈଠକ ଆୟୋଜନ କରିଛନ୍ତି। ସୂଚନାଥାଉ କି, ଉକ୍ତ ସାଧାରଣ ଫର୍ମାଟ୍ ପ୍ରସ୍ତୁତ କରିବାକୁ ଟ୍ରିବ୍ୟୁନାଲ ପୂର୍ବରୁ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ।

**ମହାନଦୀ ଜଳବିବାଦ**

- ଟ୍ରିବ୍ୟୁନାଲରେ ଅନ୍ତରୀଣ ଆବେଦନ
- ଅଣମୌସୁମୀ ମାସଗୁଡ଼ିକରେ ୧.୭୪ ଏମ୍‌ଏଏଫ୍ ଜଳ ଦରକାର
- ଜାନୁୟାରୀ ୧୬ରେ ପରବର୍ତ୍ତୀ ଶୁଣାଣି

ଉଲ୍ଲେଖଯୋଗ୍ୟ ଯେ ଅଣ-ମୌସୁମୀ ମାସ ଅର୍ଥାତ୍ ନଭେମ୍ବରରୁ ମେ ମାସ ପର୍ଯ୍ୟନ୍ତ ୧.୭୪ ଏମ୍‌ଏଏଫ୍ ମହାନଦୀ ଜଳ ପ୍ରବାହକୁ ବଜାୟ ରଖିବା ପାଇଁ ଛତିଶଗଡ଼କୁ ନିର୍ଦ୍ଦେଶ ଦେବା ନିମନ୍ତେ ଓଡ଼ିଶା ୨୦୧୮ରେ ଅନ୍ତରୀଣ ଆବେଦନ କରିଥିଲା। ମୁଖ୍ୟ ଆବେଦନର ବିଚାର ନ ହେବା ପର୍ଯ୍ୟନ୍ତ ମହାନଦୀ ଉପରେ ଛତିଶଗଡ଼ ଦ୍ୱାରା ବ୍ୟାରେଜ ନିର୍ମାଣ ଏବଂ ପରିଚାଳନା କାର୍ଯ୍ୟ ଉପରେ ସ୍ଥଗିତାଦେଶ ଦେବାକୁ ମଧ୍ୟ ଓଡ଼ିଶା ପକ୍ଷରୁ ଟ୍ରିବ୍ୟୁନାଲକୁ ଅନୁରୋଧ କରାଯାଇଥିଲା। ୨୦୧୯ରେ ଟ୍ରିବ୍ୟୁନାଲ ଅନ୍ତରୀଣ ଆବେଦନର ଶୁଣାଣି ସମାପ୍ତ କରି ରାୟ ସଂରକ୍ଷିତ ରଖିଥିଲେ। ଉକ୍ତ ରାୟ ପ୍ରକାଶ କରିବା ପାଇଁ ଓଡ଼ିଶା ପୂର୍ବରୁ ନିବେଦନ କରିଥିଲା। ଅନ୍ତରୀଣ ଆବେଦନ ସମ୍ପର୍କରେ ଟ୍ରିବ୍ୟୁନାଲ ଉଭୟ ପକ୍ଷଙ୍କୁ ବୈଠକ ଏବଂ ପାରସ୍ପରିକ ସମାଧାନ କରିବାକୁ କହିଥିଲେ।

# ରାଜ୍ୟରେ ଦ୍ୱିତୀୟ ଲହର ଆଶଙ୍କା ନାହିଁ

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ଶୀତରେ କୋଭିଡ୍ ଭୂତାଣୁ ଅଧିକ ସକ୍ରିୟ ହେବାର ସମ୍ଭାବନା ଥିଲା। ଡିସେମ୍ବରରେ ଓଡ଼ିଶାକୁ କରୋନାର ଦ୍ୱିତୀୟ ଲହର ଆସିବ ବୋଲି ଆଶଙ୍କା କରାଯାଉଥିଲା। କିନ୍ତୁ ତାହା ଆଉ ଆସି ନ ପାରେ ବୋଲି ଶନିବାର ସ୍ୱାସ୍ଥ୍ୟ ବିଭାଗ ବୈଷୟିକ କମିଟି ମୁଖପାତ୍ର ତଥା ଏସ୍‌ସିବି ମେଡିସିନ ବିଭାଗ ମୁଖ୍ୟ ଡା. ଜୟନ୍ତ ପଣ୍ଡା କହିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ କରୋନା ଗ୍ରାଫ୍ ଢେର ହ୍ରାସ ପାଇଛି। କରୋନାକୁ ହରାଇବା ପାଇଁ ସାଧାରଣ ଲୋକେ ଓ କରୋନା ଯୋଦ୍ଧା ବହୁ ତ୍ୟାଗ କରିଛନ୍ତି। ଯଦିଓ ଦ୍ୱିତୀୟ ଲହରର ଆଶଙ୍କା ନାହିଁ ତଥାପି ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଅତି କମ୍‌ରେ ଫେବୃୟାରୀ ମାସ ପର୍ଯ୍ୟନ୍ତ ସତର୍କ ରହିବାକୁ ପଡ଼ିବ। ଆଉ କିଛି ସପ୍ତାହ ମଧ୍ୟରେ ଟିକା ଆସିବ। ଚଳିତ ମାସରେ ବୋଧେ ଆମେ ଆମ ଲୋକଙ୍କୁ ଟିକା ଦେଇପାରିବା ବୋଲି ଡା. ପଣ୍ଡା ଆଶାପ୍ରକଟ କରିଛନ୍ତି। ସେପଟେ ଶେଷ ୨୪ଘଣ୍ଟାରେ ରାଜ୍ୟରେ ଆଉ ୫ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୨ଜଣ ଥିବାବେଳେ ଜଗତ୍‌ସିଂହପୁର, ନୟାଗଡ଼ ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୭୬୫ରେ ପହଞ୍ଚିଛି। ତେବେ ଖୋର୍ଦ୍ଧା ଜିଲାରେ କରୋନା ମୃତ୍ୟୁ ୩୦୦ ପାର୍ କରିଛି। ଖୋର୍ଦ୍ଧାରେ ରାଜ୍ୟର ସର୍ବାଧିକ ୩୦୧ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଗଞ୍ଜାମରେ ୨୪୫, ସୁନ୍ଦରଗଡ଼ରେ ୧୪୯, କଟକରେ ୧୩୪, ପୁରୀରେ ୧୦୫ଜଣ ରହିଛନ୍ତି। ସେହିପରି ଆଉ ୪୦୯ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତ ସଂଖ୍ୟା ୩,୨୦,୮୦୩କୁ ବୃଦ୍ଧି ପାଇଛି। ଅପରପକ୍ଷରେ ଶନିବାର ଆଉ ୬୦୫ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୩,୧୫,୨୭୦ ଛୁଇଁଛି।



- ଟିକା ଆସିବା ପର୍ଯ୍ୟନ୍ତ ସତର୍କ ରହିବାକୁ ପରାମର୍ଶ
- ଦିନକରେ ୫ ମୃତ, ୪୦୯ ଆକ୍ରାନ୍ତ ଚିହ୍ନଟ
- ଖୋର୍ଦ୍ଧାରେ ୩୦୦ ଟପିଲା ମୃତ୍ୟୁ ସଂଖ୍ୟା

# 'ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚାଷୀଙ୍କ ଆଢୁଆଳରେ ଆନ୍ଦୋଳନ କରୁଛନ୍ତି'

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଚାଷୀଙ୍କୁ ଦିଆଯାଉଥିବା ଟୋକନ ଏବଂ ଧାନକିଣାରେ ଅନିୟମିତତା ହେଉଥିବା ନେଇ କେତେକ ସଂଗଠନ ଚାଷୀଙ୍କ ନାମରେ ନିଜର ନ୍ୟସ୍ତ ସ୍ୱାର୍ଥ ପାଇଁ ଆନ୍ଦୋଳନ କରୁଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

- ଧାନ କିଣା ସମସ୍ୟା ଦୂର ପାଇଁ ବରିଷ୍ଠ ଅଧିକାରୀ ନିଯୁକ୍ତ
- ୧୬ ଜିଲାରେ ୫୬% ଧାନ ସଂଗ୍ରହ ହୋଇଛି
- ଯାଞ୍ଚର ୨୪ ଘଣ୍ଟାରେ ମିଳିବ ଟୋକନ

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଧାନକିଣାରେ ସ୍ୱଚ୍ଛତା ଆଣିବା ସକାଶେ ପ୍ରତ୍ୟେକ ଜିଲାପାଇଁ ଜଣେ ଲେଖାଏ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଯଦି କୌଣସି ଚାଷୀଙ୍କର ସମସ୍ୟା ଥିବ ତେବେ ସେହି ଅଧିକାରୀମାନେ ତାହାର ସମାଧାନ କରିବେ। ଯଦି କୌଣସି ସ୍ଥାନରେ ଅନିୟମିତତା ହେଉଛି ତେବେ ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇବାକୁ ମନ୍ତ୍ରୀ କୃଷକ ସଂଗଠନ ନେତାମାନଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ଜଳସେଚିତ ଜମି ପାଇଁ ୧୯ କୁଇଣ୍ଟାଲ ଓ ଅଣ ଜଳସେଚିତ ଜମି ପାଇଁ ପାଇଁ ୧୨ କୁଇଣ୍ଟାଲ ଧାର୍ଯ୍ୟ କରାଯାଇଛି। ଧାନ କିଣା ନେଇ ଜିଲାସ୍ତରୀୟ କମିଟି ନିଷ୍ପତ୍ତି ନେଇ ପାରିବେ। ବର୍ତ୍ତମାନ ସୁଧା ୧୬ ଜିଲାରେ ୫୬ ପ୍ରତିଶତ ଧାନ କିଣା ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ଯେଉଁ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନ୍ ଟୋକନ ପାଇ ନାହାନ୍ତି ସେମାନଙ୍କ ଜମି, ବ୍ୟାଙ୍କ ଆକାଉଣ୍ଟ ଏବଂ ଆଧାର କାର୍ଡ ଯାଞ୍ଚ କରି ଟୋକନ ଯୋଗାଇ ଦିଆଯିବ। ଏ ନେଇ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାଞ୍ଚ ଶେଷ ହେବାର ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଟୋକନ ମିଳିବ ବୋଲି ସେ କହିଛନ୍ତି। ଧାନ କିଣା ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଡିସେମ୍ବର ୫ ମଧ୍ୟରେ ୧୬ ଜିଲାରୁ ୭୧, ୭୪୪ ଚାଷୀଙ୍କ ଠାରୁ ୪ ଲକ୍ଷ ୬୮ ହଜାର ୧୧୦ ମେଟ୍ରିକ ଟନ ଧାନ କିଣାଯାଇଛି। ଏବାବଦରେ ଚାଷୀଙ୍କ ଆକାଉଣ୍ଟକୁ ୫୭୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ବାକି ଥିବା ୧୪ ଜିଲାରେ ଜିଲାସ୍ତରୀୟ ଧାନ କିଣା କମିଟି ବୈଠକ ପରେ ଧାନ ସଂଗ୍ରହ ଆରମ୍ଭ ହେବ । ବରଗଡ ଜିଲାରୁ ସର୍ବାଧିକ ୨,୩୨,୮୩୪ ମେଟ୍ରିକ୍‌ଟନ୍ ଧାନ ସଂଗ୍ରହ କରାଯାଇଥିବା ବେଳେ ସମ୍ବଲପୁର ୭୨,୮୧୩, କଳାହାଣ୍ଡି ୫୯,୧୪୭, ସୋନପୁର ୩୨,୮୦୫, ବଲାଙ୍ଗୀର ୨୧୦୦୦, ନୂଆପଡା ୧୯,୧୦୦ ଏବଂ କୋରାପୁଟରୁ ୧୩୩,୭୦୦ ମେଟ୍ରିକ ଟନ ଧାନ କ୍ରୟ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।






# ବଢୁଛି କୁଣ୍ଡାତେଲ ଚାହିଦା

ଭୁବନେଶ୍ୱର,୫।୧୨(ବ୍ୟୁରୋ)

- ଉଦ୍ୟୋଗ ବିକାଶ ପାଇଁ ପ୍ରଚେଷ୍ଟା
- ଆକଳନ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ
- ରାଜ୍ୟରେ ୧୨ ଧାନ କୁଣ୍ଡାତେଲ ୟୁନିଟ୍ ରହିଛି

ରାଜ୍ୟରେ ୧୨ଟି ରାଇସ୍‌ବ୍ରାନ୍ (ଧାନ କୁଣ୍ଡା ତେଲ) ୟୁନିଟ୍ କାର୍ଯ୍ୟକ୍ଷମ ରହିଛି। ସେଥିରୁ ବରଗଡ଼ ଜିଲାରେ ୭ଟି ଥିବା ବେଳେ ଯାଜପୁରରେ ୧, ଖୋର୍ଦ୍ଧା ୧, କୋରାପୁଟ ୨ ଏବଂ ବାଲେଶ୍ୱରରେ ଗୋଟିଏ ରାଇସ୍‌ବ୍ରାନ୍ ୟୁନିଟ୍ କାର୍ଯ୍ୟକ୍ଷମ ରହିଛି। ଏହି ସବୁ ୟୁନିଟ୍‌କୁ ରାଜ୍ୟ ସରକାର ୧୧୧୫.୩୪ ଲକ୍ଷ ଟଙ୍କାର ସବ୍‌ସିଡି ପ୍ରଦାନ କରିଛନ୍ତି। ଶନିବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଶିଳ୍ପ ନିର୍ଦ୍ଦେଶକ ରେଘୁ.ଜି ଏହି ସୂଚନା ଦେଇଛନ୍ତି । ପୂର୍ବରୁ ରାଇସ୍‌ବ୍ରାନ୍‌କୁ ଗୋଖାଦ୍ୟ ଭାବେ ବ୍ୟବହାର କରାଯାଉଥିଲା। କୃଷି କ୍ଷେତ୍ରରେ ରାଜ୍ୟରେ ବୈଷୟିକ ବିପ୍ଳବ ଆସିବା ପରେ ଏହାର ଚାହିଦା ବୃଦ୍ଧି ପାଇଛି। ରାଜ୍ୟରେ ଧାନ କୁଣ୍ଡାତେଲ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ରାଜ୍ୟରେ ରାଇସ୍‌ବ୍ରାନ୍ ତେଲର ଚାହିଦା ଆକଳନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଧାନ କୁଣ୍ଡାତେଲର ରୋଗ ପ୍ରତିରୋଧକ ଶକ୍ତି, ପୁଷ୍ଟି ଓ ସକାରାତ୍ମକ ଗୁଣ ରହିଥିବାରୁ ଏହାକୁ ଲାଭଜନକ ଉଦ୍ୟୋଗ ଭାବେ ବିକଶିତ କରାଯାଇ ପାରିବ। ଏହାର ବଜାର ଚାହିଦା ଓ ସୁଯୋଗର ଅନୁଶୀଳନ ଯୁବ ଉଦ୍ୟୋଗୀମାନଙ୍କ ନିମନ୍ତେ ପଥ ପ୍ରଦର୍ଶକ ହେବ ବୋଲି ତ୍ରିପାଠୀ କହିଛନ୍ତି। ବୈଠକରେ ସୂଚନା ଦେଇ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଶିଳ୍ପ ସଚିବ ସତ୍ୟବ୍ରତ ସାହୁ କହିଥିଲେ, ଧାନ କୁଣ୍ଡାତେଲ ଉଦ୍ୟୋଗକୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦିଆଯାଇ ପାରିବ। ଏଥିପାଇଁ ନିଆଯାଇଥିବା ଋଣର ସୁଧ ବାବଦରେ ଉତ୍ପାଦନ ଆରମ୍ଭରୁ ୫ ବର୍ଷ ପର୍ଯ୍ୟନ୍ତ ୫ ପ୍ରତିଶତ ରିହାତି, ଉତ୍ପାଦନ ଆରମ୍ଭରୁ ୫ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ଜିଏସ୍‌ଟିର ୭୫ ପ୍ରତିଶତ ପ୍ରତିପୂରଣ, ୫୦୦ କେ.ଭି. ବିଦ୍ୟୁତ୍ ଚାହିଦାରେ ୫ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ରିହାତି ଏବଂ ବୈଷୟିକ କୌଶଳ ସମ୍ବନ୍ଧୀୟ ଜ୍ଞାନ ଆଦି ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି।

କ୍ଷେତ୍ର ଅନୁଧ୍ୟାନ କରୁଥିବା ଶିଳ୍ପ ବିଭାଗ ବରିଷ୍ଠ ଅଧିକାରୀ ମଦନମୋହନ ପାତ୍ର କହିଥିଲେ, ଧାନ କୁଣ୍ଡାତେଲ ଏକ ଲାଭଜନକ ଉଦ୍ୟୋଗ। ଏକ କୁଇଣ୍ଟାଲ ଧାନରୁ ମିଳୁଥିବା କୁଣ୍ଡାରୁ ପ୍ରାୟ ୮୦୦ ମିଲିଲିଟର ସ୍ୱାସ୍ଥ୍ୟ ଉପଯୋଗୀ ଖାଇବା ତେଲ ଉତ୍ପାଦନ ହୋଇପାରୁଛି। ଅନ୍ୟାନ୍ୟ ତେଲ ଠାରୁ ଏହି ତେଲ ମଧ୍ୟ ବଜାରରେ ଅଧିକ ଦାମ୍‌ରେ ବିକ୍ରି ହେଉଛି। ଅଧିକ ଧାନ ଉତ୍ପାଦନକାରୀ ଜିଲାଗୁଡିକରେ ଏପରି ଉଦ୍ୟୋଗର ସୁଯୋଗ ରହିଛି। ଏହି ବୈଠକରେ ଅର୍ଥବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ, ସହ ନିର୍ଦ୍ଦେଶକ ସରୋଜ ହୋତା ପ୍ରମୁଖ ଯୋଗ ଦେଇଥିଲେ।




## ରିସର୍ଚ୍ଚ ସ୍କଲାରଙ୍କୁ ପ୍ରତି ମାସରେ ଫେଲୋଶିପ୍

**ଭୁବନେଶ୍ୱର:** ଏଣିକି ରିସର୍ଚ୍ଚ ସ୍କଲାରଙ୍କୁ ପ୍ରତି ମାସରେ ଫେଲୋଶିପ୍ ମିଳିବ। ପୂର୍ବରୁ ତିନି ମାସରେ ଥରେ ମିଳୁଥିଲା। କିନ୍ତୁ ଗବେଷକଙ୍କ ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ପ୍ରତି ମାସରେ ଫେଲୋଶିପ୍ ଦେବା ପାଇଁ ବ୍ୟବସ୍ଥା ହୋଇଛି। ଉକ୍ତ ଫେଲୋଶିପ୍ ରାଶି ଏବେ ଗବେଷକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଏ ନେଇ ଶନିବାର ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୦ ଏପ୍ରିଲରୁ ଏହା ଲାଗୁ ହୋଇଛି। ଅକ୍ଟୋବର ପର୍ଯ୍ୟନ୍ତ ଫେଲୋଶିପ୍ ଦିଆଯାଇଥିବାବେଳେ ନଭେମ୍ବର ପାଇଁ ଏବେ ପ୍ରକ୍ରିୟା ଜାରି ରହିଛି ଓ ଖୁବ୍‌ଶୀଘ୍ର ଏହା ପ୍ରଦାନ କରାଯିବ। ଯଦି କୌଣସି ରିସର୍ଚ୍ଚ ସ୍କଲାର ମାସିକିଆ ଫେଲୋଶିପ୍ ପାଇବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ୟୁଜିସିର ଇ-ମେଲ୍ (fellowshiphelpline.ugc@gmail.com) ଜରିଆରେ ଜଣାଇପାରିବେ।

# ‘ଏସ୍‌ସିବିକୁ ଗୌରବାନ୍ୱିତ କରିଛନ୍ତି ପୁରାତନ ଛାତ୍ର’

ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ, ୫।୧୨

## ଏସ୍‌ସିବି, ପୁରାତନ ଛାତ୍ର ସଂଘ ୱେବ୍‌ସାଇଟ ଉଦ୍‌ଘାଟିତ



ଏସ୍‌ସିବିର ବିଶ୍ୱସ୍ତରୀୟ ୱେବ୍‌ସାଇଟ, ପୁରାତନ ଛାତ୍ରସଂଘ ଏବଂ ଏହାର ୱେବ୍‌ସାଇଟକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି। ପାଖରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

ରାଜ୍ୟର ସର୍ବ ପୁରାତନ ଚିକିତ୍ସା ପ୍ରତିଷ୍ଠାନ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ବିଶ୍ୱସ୍ତରୀୟ ୱେବ୍‌ସାଇଟ, ପୁରାତନ ଛାତ୍ରସଂଘ ଏବଂ ଏହାର ୱେବ୍‌ସାଇଟକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏସ୍‌ସିବିକୁ ବିଶ୍ୱସ୍ତରୀୟ ଚକିତ୍ସା ପ୍ରତିଷ୍ଠାନରେ ପରିଣତ କରିବାକୁ ସରକାରଙ୍କ ୫-ଟି ଅଧୀନରେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅନୁଷ୍ଠାନର ମାନବ ସେବା ହିଁ ତାକୁ ଏକ ପବିତ୍ର ଅନୁଷ୍ଠାନର ପରିଚୟ ଦେଇଛି। ୭୬ ବର୍ଷ ଧରି ଏହି ଅନୁଷ୍ଠାନ ବହୁ ପ୍ରତିଷ୍ଠିତ ଚିକିତ୍ସକ ସୃଷ୍ଟି କରିପାରିଛି। ସେହି ପୁରାତନ ଛାତ୍ରମାନେ ଦେଶ ବିଦେଶରେ ଏହି ଅନୁଷ୍ଠାନର ଗୌରବ ବଢାଇଛନ୍ତି। ବିଶ୍ୱସ୍ତରୀୟ ଉଦ୍ୟମ ପୁରାତନ ଛାତ୍ରଙ୍କୁ ଏସ୍‌ସିବିରେ କାମ କରିବାକୁ ଉତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଏସ୍‌ସିବିର ପରିବର୍ତ୍ତନରେ ପୁରାତନ ଛାତ୍ରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଝାରସୁଗୁଡାରେ ଯୋଗ ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଏସ୍‌ସିବି ମେଡିକାଲ କଲେଜର ଗୌରବମୟ ଇତିହାସ ଏବଂ ଉନ୍ନତ ଚିକିତ୍ସା ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମେଡିକାଲ କଲେଜର ଅଧକ୍ଷ ଦଣ୍ଡେଶ୍ୱର ହୋତା ଧନ୍ୟବାଦ ଦେଇଥିଲେ।

୧୯୪୪ରେ ପ୍ରତିଷ୍ଠା ହୋଇଥିବା ଏସସିବି ମେଡିକାଲ କଲେଜ ୭୬ ବର୍ଷରେ ପହଞ୍ଚିଛି। ଉନ୍ନତ ସେବା ପାଇଁ ପୂର୍ବ ଭାରତରେ ଏହା ଲୋକପ୍ରିୟ ଚିକିତ୍ସା ପ୍ରତିଷ୍ଠାନ । ଦିନକୁ ଏଠାକୁ ପ୍ରାୟ ୨୦ ହଜାର ଲୋକ ଚିକିତ୍ସା ପାଇଁ ଆସୁଥିବା ବେଳେ ଗତ ୧୦ ବର୍ଷରେ ୧୭ ନିୟୁତ ରୋଗୀଙ୍କୁ ଚକିତ୍ସା ସୁବିଧା ଯୋଗାଇ ପାରିଛି।

ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏଥିସହିତ କଟକରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ, ଅଧୀକ୍ଷକ ଲୁସି ଦାସ, ଏସ୍‌ସିବି ଭେଷଜ ବିଭାଗ ମୁଖ୍ୟ ପ୍ରଫେସର ଜୟନ୍ତ ପଣ୍ଡା, ଏସ୍‌ସିବି ମେଡିକାଲ କଲେଜର ସମସ୍ତ ବିଭାଗୀୟ ମୁଖ୍ୟ, ପିଜି ଛାତ୍ରୀଛାତ୍ର ଓ ହସ୍ପିଟାଲ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅନ୍‌ଲାଇନରେ ଠକିନେଲେ ୧୦ ଲକ୍ଷ

**ମାଲକାନଗିରି,୫।୧୨(ଡି.ଏନ୍.ଏ.):** ମାଲକାନଗିରି ଜିଲାରେ ଜଣେ ବ୍ୟକ୍ତିଙ୍କୁ ଲୋଭ ଦେଖାଇ ସାଇବର ଠକମାନେ ଅନ୍‌ଲାଇନରେ ୧୦ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଜିଲାର କାଲିମେଳା ବ୍ଲକ ଏମ୍‌ପିଭି-୭ ଗ୍ରାମର ଆଶିଷ ରାୟ ଏପରି ଠକେଇର ଶିକାର ହୋଇଛନ୍ତି। ଆଶିଷ ଏକ ପ୍ୟାକେଜରେ ଘର ଏବଂ ଦାମୀ ଗାଡି ଜିତିଛନ୍ତି। ତାଙ୍କୁ ଏହା ମିଳିବ ବୋଲି ଏକ କମ୍ପାନୀରୁ ଫୋନ ଆସିଥିଲା। ପରେ ସେ ଜିତିଥିବା ସାମଗ୍ରୀ ପାଇବା ପାଇଁ କମ୍ପାନୀର ପରାମର୍ଶ ଅନୁସାରେ ପ୍ରଥମେ ୩ହଜାର, ୬ହଜାର ପରେ ୫୦ ହଜାର ଟଙ୍କା ପୈଠ କରିଥିଲେ। ପୁଣି କିଛିଦିନ ପରେ ଆଶିଷଙ୍କୁ ବିଭିନ୍ନ ଆଳ ଦେଖାଇ କିସ୍ତି କରି ୯ଲକ୍ଷ ୪୧ହଜାର ଟଙ୍କା ଡିପୋଜିଟ୍ କରିବାକୁ କୁହାଯାଇଥିଲା। ଘର ଏବଂ ଦାମୀ ଗାଡି ପାଇବା ଆଶାରେ ସେ ସମ୍ପୃକ୍ତ କମ୍ପାନୀ ଦେଇଥିବା ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଥିଲେ। ଟଙ୍କା ଜମା କରିସାରିବା ପରଠାରୁ ସେହି ସଂସ୍ଥାରୁ ଆଉ ତାଙ୍କ ନିକଟକୁ କୌଣସି ଫୋନ୍ ଆସିଲା ନାହିଁ। ଆଶିଷ ମଧ୍ୟ ସେମାନଙ୍କ ସହ ଯୋଗାଯୋଗ କରି କୌଣସି ସୁଫଳ ପାଇଲେ ନାହିଁ। ତେବେ ୧୦ ଲକ୍ଷ ଟଙ୍କା ଡିପୋଜିଟ କରିଥିଲେ ମଧ୍ୟ ଆଶିଷ ଏ ନେଇ ଥାନାରେ ଅଭିଯୋଗ କରିନାହାନ୍ତି।


# ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

## ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା କିମ୍ବା ରିଜର୍ଭ ବ୍ୟାଙ୍କର କୌଣସି ବିଭାଗ ବିରୁଦ୍ଧରେ ଅଭିଯୋଗ ର ନିରାକରଣ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର.ବି.ଆଇ) ଦେଶ ସାରା ନିଜର କାର୍ଯ୍ୟାଳୟ ରେ ଅଭିଯୋଗ ର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଛନ୍ତି ।
ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା : ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣ ବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ ର ଧାରା ୪୫- IA ଅନୁଯାୟୀ ପଞ୍ଜିକୃତ) ଅଣବ୍ୟାଙ୍କିଙ୍ଗ ସଂସ୍ଥା ମାନଙ୍କର ଡିଜିଟାଲ ନେଣ ଦେଣ (ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅଧିନସ୍ଥ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର କମ୍ପ୍ଲେଣ୍ଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ସି.ଏମ୍.ଏସ୍) ୱେବ୍‌ସାଇଟ୍ https://cms.rbi.org.in>>lodge a complaint ମାଧ୍ୟମରେ ତାଙ୍କ ଅଭିଯୋଗ ର ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ଅଭିଯୋଗ ଉପରେ ଅନ୍‌ଲାଇନ୍ ଅଭିଯୋଗ ଦାଖଲ କରିପାରୁନାହାନ୍ତି, ତେବେ ନିମ୍ନ ଲିଖିତ ଠିକଣା ରେ ତାଙ୍କ ଅଭିଯୋଗ କୁ ପୋଷ୍ଟ /ବ୍ୟକ୍ତିଗତ କିମ୍ବା ଇମେଲ ମାଧ୍ୟମରେ ଦାଖଲ କରିପାରିବେ ।

୧. **ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (CEPC)**
(ଭା.ରି.ବ୍ୟାଙ୍କ ର ଲୋକପାଳ ଯୋଜନା ଅନ୍ତର୍ଗତ ହୋଇନଥିବା ଅଭିଯୋଗ ର ନିରାକରଣ ପାଇଁ)
**ସହାୟକ ମହାପ୍ରବନ୍ଧକ**
ଠିକଣା : ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୦୦୭୪, ଇ-ମେଲ : cms.cepcbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

୨. **ବ୍ୟାଙ୍କ ଲୋକପାଳ, ଯୋଜନା ୨୦୦୬ (BO Scheme, 2006)**
(ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ ର ଧାରା ୮ ରେ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ)
ବ୍ୟାଙ୍କିଙ୍ଗ୍ ଲୋକପାଳ କାର୍ଯ୍ୟାଳୟ, (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ, ୩ୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭
ଇ-ମେଲ୍ : cms.bobhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

୩. **ଲୋକପାଳ ଯୋଜନା - ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (NBFC-O Scheme, 2018)**
(ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ୨୦୧୮ ଅନ୍ତର୍ଗତ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ବିରୁଦ୍ଧରେ ଏବଂ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା ର ଧାରା ୮ ଅଧୀନରେ ଆସୁଥିବା ଅଭିଯୋଗର ନିରାକରଣ ପାଇଁ)
ଲେକାପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବକ୍ଷେତ୍ର)*
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ୧୫, ନେତାଜୀ ସୁଭାଷ ମାର୍ଗ, କୋଲକାତା-୭୦୦୦୦୧
ଟେଲିଫୋନ ନମ୍ବର : ୦୩୩-୨୩୩୦୪୯୮୨
ଇ-ମେଲ୍ : cms.nbfckolkata@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୪୫ ରୁ ଅପରାହ୍ନ ୫.୩୦ ଘଣ୍ଟା

**ଟିପ୍ପଣୀ* :** କଲିକତା ପୂର୍ବ କ୍ଷେତ୍ର ପାଇଁ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ହେତୁ ଲୋକପାଳ ର କ୍ଷେତ୍ରାଧିକାରରେ ପଶ୍ଚିମବଙ୍ଗ, ସିକ୍କିମ୍, ଓଡ଼ିଶା, ଆସାମ, ଅରୁଣା ଚଳ ପ୍ରଦେଶ, ମଣିପୁର , ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ତ୍ରିପୁରା, ବିହାର ଓ ଝାଡଖଣ୍ଡ ସାମିଲ୍ ଅଛି ।

୪. **ଡିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**
(ଓ.ଏସ.ଡି.ଟି. ଅଧିନରେ ଆସୁଥିବା ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅନୁଯାୟୀ ବ୍ୟବସ୍ଥା ପ୍ରତିଯୋଗୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ଓ.ଏସ.ଡି.ଟି ର ଧାରା ୮ ରେ ସୂଚିତ ଆଧାର ଅନୁସାରେ ଅଭିଯୋଗ ନିରାକରଣ ପାଇଁ)
ଲୋକପାଳ, ଡିଜିଟାଲ ନେଣଦେଣ (ଭୁବନେଶ୍ୱର)
ମାର୍ଫତ୍ : ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା : ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଟେଲିଫୋନ ନମ୍ବର : ୦୬୭୪-୨୩୯୬୨୦୭
ଇ-ମେଲ୍ : cms.odtbhubaneswar@rbi.org.in
କାର୍ଯ୍ୟାଳୟ ସମୟ : ପୂର୍ବାହ୍ନ ୯.୫୦ ରୁ ଅପରାହ୍ନ ୫.୩୫ ଘଣ୍ଟା

୫. **ଜମା ବୀମା ଓ ଋଣ ନିକ୍ଷେପ ନିଗମ (DICGC) ବିରୁଦ୍ଧରେ ଅଭିଯୋଗ**
ସାଧାରଣ ବ୍ୟକ୍ତି ଜମା ବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ କୁ ନିମ୍ନୋକ୍ତ ଠିକଣା/ଇ-ମେଲ ମାଧ୍ୟମରେ ଦାଖଲ କରିପାରିବେ :
ଜମା ବୀମା ଓ ଋଣ ନିକ୍ଷେପ ନିଗମ (DICGC)
ମହାପ୍ରବନ୍ଧକ,
ଜମା ବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ,
୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲ୍‌ୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮
ଅଭିଯୋଗକାରୀ ଉପ ମହାପ୍ରବନ୍ଧକ ଶ୍ରୀ ଦିଲୱ୍ରର ନଲବନ୍ଦ ଙ୍କୁ ମଧ୍ୟ ଟେଲିଫୋନ ନମ୍ବର - ୦୨୨-୨୩୦୨୬୪୦୦, ବିସ୍ତାର ସଙ୍ଖ୍ୟା-୮୨୦୫ କିମ୍ବା ଇ-ମେଲ : dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ ।

**ଟିପ୍ପଣୀ ୧ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ କିମ୍ବା ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟା ପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା/ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ । ଯଦି ସମ୍ବନ୍ଧିତ ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ/ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଲୋକପାଳ ଯୋଜନା ର ଧାରା-୮ ଅନ୍ତର୍ଗତ ସେବା ଅବହେଳା ସମ୍ପର୍କିତ ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କର ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା’ପରେ ଉତ୍ତର ପ୍ରାପ୍ତି ର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସମ୍ପୃକ୍ତ ଲୋକପାଳ ଙ୍କୁ ଅଭିଯୋଗ କରିପାରିବେ।

**ଟିପ୍ପଣୀ-୨ :** ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ଙ୍କ ବିରୁଦ୍ଧରେ ବ୍ୟାଙ୍କ ଲୋକପାଳଙ୍କ ଠାରେ ଅଥବା ବ୍ୟାଙ୍କ, ପଦ୍ଧତି ଅଂଶଗ୍ରହଣକାରୀଙ୍କ ବିରୁଦ୍ଧରେ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷରେ ଅଭିଯୋଗ, ଯାହା ସେହି କମ୍ପାନୀ ର ଶାଖା କ୍ଷେତ୍ରର ସ୍ଥାନ ଆଧାରରେ କରାଯାଇପାରିବ । କେନ୍ଦ୍ରିୟ ପରିଚାଳନା କିମ୍ବା ବିତ୍ତୀର କମ୍ପାନୀ ବିରୁଦ୍ଧରେ ଗ୍ରାହକ ରହୁଥିବା ସ୍ଥାନ ଏବଂ ବିଳିଂ ଠିକଣା ଆଧାରରେ ଅଭିଯୋଗ ମଞ୍ଚରେ ଦାଖଲ କରିପାରିବେ ।

**ଲୋକପାଳଙ୍କ ନିଷ୍ପତ୍ତିର ପୁର୍ନବିଚାର ପାଇଁ ଆବେଦନ :**
ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଡିଜିଟାଲ ନେଣ-ଦେଣ ଲୋକପାଳଙ୍କ ନିଷ୍ପତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି ଅଭିଯୋଗଟି ଏହି ଯୋଜନା ରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ । ଏହି ପୁନର୍ବିଚାର ଆବେଦନ ସମ୍ବନ୍ଧିତ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ଆର.ବି.ଆଇ ୱେବ୍‌ସାଇଟ୍ CMS ପେଜ୍ https://www.rbi.org.in>>lodge a complaint>>file an appeal online ଦ୍ୱାରା କିମ୍ବା ପୁନର୍ବିଚାର ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରିୟ କାର୍ଯ୍ୟାଳୟ, ଅମର ଭବନ, ସାର.ପ.ଏମ୍ ରୋଡ, ଫୋର୍ଟ, ମୁମ୍ବାଇ-୪୦୦୦୦୧ ରେ ଦାଖଲ କରିପାରିବେ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ ନଂ/ମୋବାଇଲ ନମ୍ବର ଅଭିଯୋଗରେ ଦର୍ଶାଇବାପାଇଁ ଅନୁରୋଧ**


# ଜେଲ୍ ଫେଁରିଲେ ପାଠକ ବାପପୁଅ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, ଠକେଇ ମାମଲା

- ୫ ଟିମ୍‌ର ତଦନ୍ତ ଜାରି, ବିହାର ଓ ପୁଣେରେ ଖୋଳତାଡ଼
- ଆକାଶଙ୍କ ପିଏ ଡେଭିଡ୍‌ଙ୍କୁ ପୁଣେରୁ ଆଣି ଜେରା କରୁଛି କ୍ରାଇମବ୍ରାଞ୍ଚ


ଅଭୟ ଓ ଆକାଶଙ୍କୁ କୋର୍ଟରୁ ନିଆଯାଉଛି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଠକେଇ ଅଭିଯୋଗରେ ଗିରଫ ହୋଇଥିବା ଆଇଏଫ୍‌ଏସ୍ ଅଫିସର ତଥା ନିଲମ୍ବିତ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶଙ୍କ ୩ଦିନିଆ ରିମାଣ୍ଡ ଅବଧି ଶନିବାର ଶେଷ ହୋଇଛି। ଭିଜିଲାନ୍ସ ସେମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଇବାପରେ ଦ୍ୱିତୀୟଥର ପାଇଁ ଝାରପଡ଼ା ସ୍ୱତନ୍ତ୍ର କାରାଗାରର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଲିଙ୍କ୍‌ରେ ଗିରଫ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବର୍ତ୍ତମାନ ଜେଲ୍‌ର ୧୪ ନମ୍ବର ୱାର୍ଡରେ ରହୁଥିବାବେଳେ ପାଠକ ବାପ-ପୁଅ ୯ ଓ ୧୧ ନମ୍ବର ୱାର୍ଡରେ ରହୁଛନ୍ତି। ପ୍ରଦୀପଙ୍କ ନାମରେ ଠକେଇ, ଜାଲିଆତି, ଆପରାଧିକ ଷଡ଼ଯନ୍ତ୍ର ଓ ସାଇବର ଅପରାଧ ଅଭିଯୋଗ ରହିଛି। ତେଣୁ ୩ଜଣଙ୍କ ନାମରେ ଆସିଥିବା ସବୁ ଅଭିଯୋଗକୁ ଏକାଠି କରି ୫ ଟିମ୍ ତଦନ୍ତକୁ ଆଗକୁ ବଢ଼ାଇଛି।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ, ଏସ୍‌ଆଇଟି ଓ କମିଶନରେଟ୍ ପୋଲିସ ଅଭିଯୋଗର ପ୍ରମାଣ ଯୋଗାଡ଼ରେ ପୂରା ଦମ୍‌ରେ ଲାଗିପଡିଛି। ରିମାଣ୍ଡବେଳେ ପାଠକ ବାପପୁଅଙ୍କୁ ଜେରାବେଳେ ମିଳିଥିବା ତଥ୍ୟ ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ବିଭିନ୍ନ ସମୟରେ ଆକାଶଙ୍କୁ ବୌଦ୍ଧ, ଜୟପୁର ସମେତ ରାଜ୍ୟର ବିଭିନ୍ନ ଡିଭିଜନ୍ ଫରେଷ୍ଟ ଅଫିସ୍‌ରେ ଅଫିସରମାନେ ସ୍ୱତନ୍ତ୍ର ଭାବେ ଆପ୍ୟାୟିତ କରୁଥିଲେ। ଏପରି କି ଏକାଧିକ ବନ ଅଧିକାରୀ ଆକାଶଙ୍କ ସହ ବାହାର ରାଜ୍ୟକୁ ଯାତ୍ରା କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ତେଣୁ ସ୍ୱତନ୍ତ୍ର ଟିମ୍ ବିହାରର ପାଟଣା, ମହାରାଷ୍ଟ୍ରର ପୁଣେ ଆଦି ସ୍ଥାନକୁ ଯାଇ ଛାନଭିନ୍ କରୁଛି। ଅନ୍ୟପକ୍ଷରେ ବିଧାୟକ ପ୍ରଦୀପଙ୍କ ଲିଙ୍କ୍‌କୁ ନେଇ ମଧ୍ୟ ଅଧିକ ଖୋଳତାଡ଼ ଜାରି ରହିଛି। ଏମାନଙ୍କ ଲିଙ୍କ୍ ଓ ର୍ୟାକେଟରେ ସମ୍ପୃକ୍ତ ଅଫିସର ଏବଂ ଅନ୍ୟମାନଙ୍କୁ ଧରିବାକୁ ମଧ୍ୟ ଉଦ୍ୟମ ଚଳାଇଛନ୍ତି ତଦନ୍ତକାରୀ ଟିମ୍।

ସେପଟେ କ୍ରାଇମ୍‌ବ୍ରାଞ୍ଚର ଏକ ଟିମ୍ ଆକାଶଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଡେଭିଡ୍ ପିଟରଙ୍କୁ ପୁଣେରୁ ଉଠାଇ ଆଣି ନିଜ ହେପାଜତରେ ରଖି ଜେରା କରୁଛି। ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସହ ଅଭୟକାନ୍ତ ଓ ଆକାଶଙ୍କର କେଉଁ କ୍ଷେତ୍ରରେ କିଭଳି ସମ୍ପର୍କ ଥିଲା, କେତେଥର ସେମାନେ ପୁଣେ ଫାର୍ମ ହାଉସରେ ଏକାଠି ହୋଇଛନ୍ତି, ସେମାନଙ୍କ ସହ କେଉଁ ଅଫିସର ରହିଛନ୍ତି, ପ୍ରଦୀପଙ୍କ ପରିବାରରୁ ଆଉ କିଏ ଯାଇଛନ୍ତି କି, କେଉଁ କେଉଁ ପ୍ରୋଜେକ୍ଟ ପ୍ରଦୀପ ପାଣିଗ୍ରାହୀ ଓ ପାଠକ ପରିବାର ମିଳିତ ଭାବେ କରିଛନ୍ତି, ବିହାର ପାଟଣରେ ଯେଉଁ ପ୍ରୋଜେକ୍ଟ ଅଛି ସେଥିରେ ପ୍ରଦୀପଙ୍କ ସମ୍ପୃକ୍ତି ଅଛି କି ନାହିଁ ସେନେଇ ପଚରାଉଚରା କରୁଛି। ଏଥିସହ ସେମାନଙ୍କ ମଧ୍ୟରେ କେଉଁ କେଉଁ ଆକାଉଣ୍ଟରେ କେତେଥର ଟଙ୍କା କାରବାର ହୋଇଛି ତାହା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଛାନଭିନ୍ କରୁଛି। ଏସବୁ ରହସ୍ୟର ଗୁମର ଖୋଲିବେ ଆକାଶଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଡେଭିଟ୍।



# ଟ୍ରେନ ଧକ୍କାରେ ଦନ୍ତାହାତୀ ମୃତ

**ସମ୍ବଲପୁର,୫।୧୨(ବ୍ୟୁରୋ):** ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ବେଳେ ଟ୍ରେନ ଧକ୍କାରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ସମ୍ବଲପୁର-ତାଳଚେର ରେଳପଥର ୩୨ନଂ. ପିଲର୍ ହାତୀବାରି ନିକଟରେ ଏହି ଦୁଃଖଦ ଘଟଣା ଘଟିଛି । ହାତୀଟି ରେଳ ଧାରଣା ଅତିକ୍ରମ କରୁଥିବା ବେଳେ ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ ତାକୁ ଧକ୍କା ମାରିଥିଲା। ଫଳରେ ହାତଟି ରେଳଧାରଣ ଉପରୁ ଛିଟିକି ପଡିଥିଲା । ଏହାର କିଛି ସମୟ ପରେ ହାତୀଟିର ମୃତ୍ୟୁ ଘଟିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ ଡିଏଫ୍‌ଓ ସଞ୍ଜିତ କୁମାର ଘଟଣାସ୍ଥଳକୁ ଯାଇଛନ୍ତି। ମୃତ ହାତୀର ବୟସ ୧୫ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।




ଭାରତର ପ୍ରଧାନ ସମସ୍ୟାଟି ବର୍ତ୍ତମାନ ହେଲା- ତା'ର ନିଜସ୍ୱ ଆତ୍ମାକୁ ଫେରି ପାଇବା ଏବଂ ବିଶ୍ୱ ଆଗରେ ତାକୁ ପ୍ରକାଶ ଓ ପ୍ରତିଷ୍ଠିତ କରିବା। -ଶ୍ରୀମା



# ଦୁଇଟି ଆଇନର ଆନ୍ଦୋଳନ



ଆକାର ପଟେଲ

ସଂଖ୍ୟାଧିକ ଭାରତୀୟଙ୍କ ସମସ୍ୟାକୁ ଅଣଦେଖା କରି ତାକୁ ଏକ ଜାତୀୟ ସଙ୍କଟର ରୂପ ଦେବା କାର୍ଯ୍ୟ ସରକାର ପୂର୍ବରୁ କରିଛନ୍ତି। ଏବେ ଏହି ସରକାର ପୁଣି ଥରେ ସେଭଳି ସ୍ୱଭାବ ଦେଖାଇଛନ୍ତି। ଠିକ୍ ଗୋଟିଏ ବର୍ଷ ପୂର୍ବରୁ ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭାରତୀୟ ସଂଖ୍ୟାଲଘୁଙ୍କୁ ଅନେକ ଧମକ ଦେଇଥିଲେ। ଭାରତ ଏକ ଆଇନ ପାସ୍ କଲା ଯାହାକୁ ନାଗରିକତା ଉପରେ ତାଙ୍କ କାଳକ୍ରମର ପ୍ରଥମ ପଦକ୍ଷେପ ବୋଲି ଶାହା ପ୍ରକାଶ କଲେ। ତା'ପରେ କ'ଣ ଘଟିଲା ସମସ୍ତେ ଜାଣନ୍ତି। ଏହି ଆଇନ ଦ୍ୱାରା ଯେଉଁମାନେ ପୀଡ଼ିତ ହେଉଥିଲେ ସେମାନେ ଏହାକୁ ବିରୋଧ କଲେ। ସେମାନଙ୍କୁ ଭାରତର ଆଭ୍ୟନ୍ତରୀଣ ଗଣତାନ୍ତ୍ରିକ ଢାଞ୍ଚାରୁ କୌଣସି ସମର୍ଥନ ମିଳିଲା ନାହିଁ। ଭାରତର ଏଭଳି ପଦକ୍ଷେପକୁ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦା କରାଗଲା। ଶାସକ ଦଳ ପକ୍ଷରୁ ହିଂସାକୁ ଉସ୍‌କାଇବା ସହ ପ୍ରୋତ୍ସାହିତ ମଧ୍ୟ କରାଗଲା। ଚଳିତ ବର୍ଷ ଆରମ୍ଭରୁ ମହାମାରୀ ସମୟରେ ଅଧ୍ୟାଦେଶ ବଳରେ ସରକାର କୃଷିରେ ପରିବର୍ତ୍ତନ ଲାଗି କେତୋଟି ଆଇନ ପ୍ରଣୟନ କଲେ। ଏହି ଆଇନଗୁଡ଼ିକ ପାଇଁ କେହି କହି ନ ଥିଲେ। ଏହା ପାଇଁ କୌଣସି କୃଷକ ସଂଘ ସହ ଆଲୋଚନା କରାଯାଇ ନ ଥିଲା ଏବଂ କାହିଁକି ଅଧ୍ୟାଦେଶ ମାଧ୍ୟମରେ ଏହାକୁ ପାସ୍ କରାଗଲା ତାହାର କୌଣସି ସ୍ପଷ୍ଟୀକରଣ ନ ଥିଲା। ଅବଶ୍ୟ ଏହି ସରକାର 'କ୍ଷମାଯାଚନା କରିବିନି କି ସ୍ପଷ୍ଟୀକରଣ ଦେବିନି' ଉକ୍ତିଟିକୁ ସତେ ଯେମିତି ବେଦର ଗାର ଭାବେ ମାନିନେଇଛନ୍ତି। ଶାସନ କାଳରେ ଏହା କେବେ କୌଣସି ଘଟଣାରେ ଦୁଃଖ ପ୍ରକାଶ କରି ନାହିଁ କି ସ୍ପଷ୍ଟୀକରଣ ଦେଇନାହିଁ।

ମିଡିଆ ପାଇଁ କୃଷି ବିଲ୍‌ର କୌଣସି ଅର୍ଥ ନାହିଁ। ଆମମାନଙ୍କ ମଧ୍ୟରୁ ଅଳ୍ପ କେତେ ଜଣ ମଣ୍ଡି ଦେଖିଛନ୍ତି। ଏଗ୍ରିକଲ୍‌ଚରାଲ ପ୍ରଡ୍ୟୁସ ମାର୍କେଟ କମିଟି (ଏପିଏମ୍‌ସି)କ'ଣ ପାଇଁ କରାଯାଇଛି ଓ କ'ଣ କରୁଛି ଏବଂ ପଞ୍ଜାବୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସ୍‌ପି) ସମସ୍ୟା କେମିତି ରହିଛି ତାହା ଆମେ ଜାଣିଛନ୍ତି। ଏହି କାରଣ ପାଇଁ ଉକ୍ତ ବିଷୟକୁ ଶୀଘ୍ର ଶୀର୍ଷକରୁ ଦୂରେଇ ଦିଆଯାଇଥିଲା। ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ହେଲା। କୃଷକମାନେ ପ୍ରତିବାଦ ଆରମ୍ଭ କଲେ। ଏହା ଏକ ଗଣ ଆନ୍ଦୋଳନରେ ପରିଣତ ହେଲା। କିନ୍ତୁ ଏହାର ପ୍ରଭାବ ରହିଲା ନାହିଁ, କାରଣ ଅନେକ ରାଜ୍ୟରେ ଜାତୀୟ ତଥା ଆଞ୍ଚଳିକ ଗଣମାଧ୍ୟମ ଏହାକୁ ଅଣଦେଖା କଲେ। ଦିଲ୍ଲୀ ସରକାର ମଧ୍ୟ ଏହା ପ୍ରତି ଦୃଷ୍ଟି ଦେଲେ ନାହିଁ। ଏହାକୁ ବିରୋଧ କଲେ। ଏପରି କି ପ୍ରତିବାଦକାରୀମାନେ ଯାତାୟାତରେ କୌଣସି ସମସ୍ୟା ସୃଷ୍ଟି କରିବେ ନାହିଁ ବୋଲି କହିଲେ ମଧ୍ୟ ପଞ୍ଜାବକୁ ଟ୍ରେନ ଚଳାଇବା ଲାଗି ରେଲୱେକୁ ଅନୁମତି ଦେଲେ ନାହିଁ। ଶାନ୍ତିପୂର୍ଣ୍ଣ ପ୍ରତିବାଦରେ ରେଲୱେର କୌଣସି ସମ୍ପତ୍ତି ନଷ୍ଟ ହେଲା ନାହିଁ, କିନ୍ତୁ ପ୍ରତିବାଦକାରୀମାନେ ରେଳପଥ ଛାଡ଼ିଦେବା ପରେ ଦୁଇ ମାସ କୌଣସି ଟ୍ରେନ୍ ଚଳାଚଳ କଲା ନାହିଁ। ସରକାରଙ୍କ ଉପରେ ଚାପ ନ ପକାଇଲେ କୃଷି ଆଇନକୁ ଫେରାଇ ନେବେ ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଲା। ଏହି ପରିପ୍ରେକ୍ଷୀରେ କୃଷକମାନେ ଦିଲ୍ଲୀ ଘେରାଉ କରିବା ଲାଗି ସେମାନଙ୍କ ପଦଯାତ୍ରା ଆରମ୍ଭ କଲେ। ହରିୟାଣାରେ ଭାଜପା ମଧ୍ୟ ସେମାନଙ୍କୁ ରୋକିବା ଲାଗି ପଦକ୍ଷେପ ନେଲା। କିନ୍ତୁ କୃଷକମାନେ ସଙ୍କଳ୍ପ କରିଥିବାରୁ ସେମାନଙ୍କୁ ନିୟନ୍ତ୍ରଣ କରିପାରିଲା ନାହିଁ। ସରକାରଙ୍କ ଅହଂକାର ଓ କଠୋରତାର ପରିଣତି ଏବେ ଆମେ ଦେଖୁଛୁ। କୃଷକମାନଙ୍କ ସହ ବୁଝାମଣା କରିବା ବ୍ୟତୀତ ସରକାରଙ୍କ ନିକଟରେ ଆଉ କୌଣସି ବିକଳ୍ପ ନାହିଁ। ପ୍ରଥମେ କୃଷକମାନଙ୍କ ସହ ଆଲୋଚନା କରି ପୁଣି ଆଇନ କରିବାକୁ ପଡିବ ଏବଂ ଏହା ମଧ୍ୟ କରାଯିବା ଉଚିତ। ପ୍ରଧାନମନ୍ତ୍ରୀ କହିବେ ଯେ ସେ କୃଷକମାନଙ୍କ ଭଲ ଚାହୁଁଛନ୍ତି ଏବଂ ଆୟ ଦୁଇଗୁଣ ବଢାଇବାକୁ ଚାହାନ୍ତି। ଏହା ତାଙ୍କର ଏକ ମହାନ୍ ବିଚାର। କିନ୍ତୁ ଏହି ବିଚାରରେ ପହଞ୍ଚିବା ପୂର୍ବରୁ କୃଷକମାନଙ୍କ ସହ ଆଲୋଚନା କରିବା ଦରକାର। ଆଲୋଚନା ସେମାନଙ୍କୁ ସାହାଯ୍ୟ କରିବ, କିନ୍ତୁ ସେ ଗ୍ରହଣ କରିବେ ନାହିଁ।

କୃଷକ ଆନ୍ଦୋଳନ ଏବଂ ନାଗରିକତା ସଂଶୋଧନ ଆଇନ ବିରୋଧୀ ପ୍ରତିବାଦକୁ ଲକ୍ଷ୍ୟ କରନ୍ତୁ। ପ୍ରଥମେ ଏଭଳି ଆଇନଗୁଡ଼ିକ ପାଇଁ କେହି ଦାବି କରି ନ ଥିଲେ ମଧ୍ୟ ପାସ୍ କରାଗଲା। ଦ୍ୱିତୀୟରେ ଏହାଦ୍ୱାରା ପ୍ରଭାବିତ ସଂଖ୍ୟାଲଘୁମାନେ ସେମାନଙ୍କ ଉପରେ ବିପଦ ରହିଥିବା ଅନୁଭବ କରି ଆନ୍ଦୋଳନକୁ ଓହ୍ଲାଇଲେ। କିନ୍ତୁ ଅନ୍ୟମାନେ ଏହା ଅନୁଭବ କରିପାରିଲେ ନାହିଁ କି ଆନ୍ଦୋଳନ କଲେ ନାହିଁ। ତୃତୀୟରେ ଆମେ ଯେଉଁମାନେ ବାକି ରହିଲୁ ଏହି ଆଇନ ଉପରେ କିଛି ଗୁରୁତ୍ୱ ଦେଲୁନି। ଯେଉଁମାନେ ପ୍ରଭାବିତ ହେଲେ ସେମାନଙ୍କ ପ୍ରତି ସମବେଦନା ବି ପ୍ରକାଶ କଲୁନାହିଁ। ଯେଉଁ ମୁସଲମାନମାନଙ୍କୁ କନସେନ୍‌ଟ୍ରେଶନ ଶିବିରକୁ ପଠାଇଦିଆଯାଉଥିଲା ସେମାନେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଏବଂ ଶିଖମାନେ କୃଷି ବିଲ୍ ଆନ୍ଦୋଳନର ସର୍ବାଗ୍ରେ ରହିଲେ। ଚତୁର୍ଥରେ ସରକାର ପ୍ରତିବାଦକାରୀଙ୍କୁ ଶତ୍ରୁ ଭାବି ସେମାନଙ୍କୁ ଆତଙ୍କବାଦୀ, ବିଚ୍ଛିନ୍ନତାବାଦୀ ଓ ଖଲିସ୍ତାନୀ ବୋଲି କହିଚାଲିଲେ। ପଞ୍ଚମରେ ଭାରତର ଏଭଳି କାର୍ଯ୍ୟଉପରେ ଅନ୍ୟ ଦେଶଗୁଡ଼ିକ ଚିନ୍ତାପ୍ରକଟ କରିବା ସହ ହସ୍ତକ୍ଷେପ ମଧ୍ୟ କଲେ। ଭାରତକୁ ଅନ୍ୟ ଦେଶର କଥା ତ ଭଲ ଲାଗେନାହିଁ, କିନ୍ତୁ ତୁମେ ଯଦି କାହାକୁ ମୂର୍ଖ ଭାବିକ ତେବେ ତୁମକୁ ହିଁ ପରିଣାମ ଭୋଗିବାକୁ ପଡିବ। ୟୁରୋପୀୟ ସଂଘର ପାର୍ଲାମେଣ୍ଟ ସଦସ୍ୟମାନେ ଭାରତର ନାଗରିକତା ଆଇନ ବିରୋଧରେ ଏକ ଦୃଢ ପ୍ରସ୍ତାବ ଲେଖିଲେ। କାନାଡ଼ାରେ ବହୁ ସଂଖ୍ୟାରେ ଅଧିକ ପ୍ରଭାବଶାଳୀ ଶିଖ ରହିଛନ୍ତି। ଏହି ଦେଶ ଏଥିରେ ଚିନ୍ତା ପ୍ରକଟ କରି ଭାରତକୁ ଜଣାଇଥିଲା। କିନ୍ତୁ ଭାରତ ତା'ର ହସ୍ତକ୍ଷେପକୁ ବିରୋଧ କଲା। ଯଦି ହଜାର ହଜାର କାନାଡ଼ାବାସୀ ପ୍ରତିମାସରେ ଭାରତକୁ ଆସୁଥାନ୍ତେ, ତେବେ ଆମେ ନିଶ୍ଚିତ କିଛି କହିଥାନ୍ତୁ। ଷଷ୍ଠ କଥାଟି ଉଭୟ ଘଟଣା ପାଇଁ ପ୍ରାୟ ସମାନ ଯାହା ଏକା ପ୍ରକାରେ ଶେଷ ହେବାର ସମ୍ଭାବନା ଦେଖାଦେଇଛି। ମୋଦିମେଡ୍ ଅମିତ ଶାହା ଅତୀତରେ ଯାହା କହିଥିଲେ ତାହା ଭୁଲ୍ ଥିଲା ଏବଂ ଏନ୍‌ଆରସି ଘଟଣା ଉପରେ ଆଲୋଚନା କରାଯାଇ ନ ଥିଲା ବୋଲି ପ୍ରକାଶ କଲେ। ଏହା ମାମଲାକୁ ଶାନ୍ତ କରିଛି। କୃଷି ବିଲ୍ ଘଟଣାରେ ଠିକ୍ ଏମିତି ହୋଇପାରେ। ସରକାର କୃଷକଙ୍କ ଉପରେ ସବୁ ପ୍ରକାର କୌଶଳ ପ୍ରୟୋଗ କରିଛନ୍ତି। କିନ୍ତୁ ସେମାନେ ଏଯାବତ ଦିଲ୍ଲୀକୁ ଘେରାଉ କରି ଠିଆ ହୋଇଛନ୍ତି। ଏମିତି ମାସ ମାସ ଧରି ଠିଆ ହେବାକୁ ପ୍ରସ୍ତୁତ ଅଛନ୍ତି। ଅବଶ୍ୟ ସେମାନଙ୍କ ଦାବି ପୂରଣ ହୋଇଯିବ ଏବଂ ଏହି ସରକାର କ୍ଷମାଯାଚନା କିମ୍ବା ସ୍ପଷ୍ଟୀକରଣ ବିନା ପରବର୍ତ୍ତୀ ମହାନ୍ ବିଚାର ଉପରେ ଆଗକୁ ବଢିବ ବୋଲି ଆଶା କରାଯାଏ।

Email:aakar.patel@gmail.com

# ଭାରତରୁ ଓଡ଼ିଶାର ଚିତ୍ର



ଡ. ପ୍ରମୋଦ କୁମାର ପଣ୍ଡା

ନିଜର ଚେହେରା ବା ଛବି ବା ଫଟୋ ନିଶ୍ଚିତ ରୂପେ ନିଜକୁ ଭଲ ଲାଗେ। ସେଥିପାଇଁ ସମସ୍ତେ ଆତ୍ମସନ୍ତୋଷ ବା ତୃପ୍ତି ଲାଭ କରନ୍ତି। କେହି କେହି ସେଥିପାଇଁ ଗର୍ବ ମଧ୍ୟ ଅନୁଭବ କରନ୍ତି। ମାତ୍ର ସେହି ଚେହେରାଟି ତିନି ପ୍ରକାରର ହୋଇଥାଏ। ପ୍ରଥମଟି ହେଉଛି, ଚେହେରାଟି ଖୁବ୍ ସୁନ୍ଦର ଉଭୟ ନିଜ ପାଇଁ ଓ ଅନ୍ୟ ଦେଖଣାହାରୀମାନଙ୍କ ପାଇଁ। ଦ୍ୱିତୀୟଟି ହେଲା ଚେହେରାଟି ଖୁବ୍ ସୁନ୍ଦର ନିଜ ପାଇଁ, ମାତ୍ର ଅସୁନ୍ଦର ଅନ୍ୟମାନଙ୍କ ପାଇଁ। ତୃତୀୟଟି ହେଉଛି, ବାସ୍ତବରେ ଚେହେରାଟି ଖୁବ୍ ସୁନ୍ଦର ମାତ୍ର ବିଭିନ୍ନ କାରଣରୁ ଅନ୍ୟମାନଙ୍କୁ ଏହା ସୁନ୍ଦର ଦିଶେ ନାହିଁ। ଏହି ତିନି ଚେହେରା ଭିତରେ ଅନେକ ଫରକ ଅଛି। ଯଦି ପ୍ରକୃତରେ ଆମ ଚେହେରାଟି ଅନ୍ୟମାନଙ୍କ ପାଇଁ ସୁନ୍ଦର ନୁହେଁ, ଆମେ ନିଜେ ନିଜ ଚେହେରାକୁ ଯେତେ ସୁନ୍ଦର କହିଲେ ବା ତାକୁ ନେଇ ଗର୍ବ କଲେ, ତାହାର ପ୍ରଭାବ ଅନ୍ୟମାନଙ୍କ ଉପରେ ପଡ଼ି ନ ଥାଏ। କିନ୍ତୁ ଯଦି ଚେହେରାଟି ଖୁବ୍ ସୁନ୍ଦର ଅଛି ମାତ୍ର ଅନ୍ୟମାନେ ତାକୁ ଠିକ୍ ରୂପେ ଦେଖିପାରୁନାହାନ୍ତି, ସେପରିସ୍ଥଳେ ଯେ ପର୍ଯ୍ୟନ୍ତ ଚେହେରାରୁ ପରଦା ନ ହଟିଯିବ, ସେ ପର୍ଯ୍ୟନ୍ତ ଅନ୍ୟମାନେ ତା'ର ସୌନ୍ଦର୍ଯ୍ୟକୁ ସ୍ୱୀକାର କରିବେ ନାହିଁ। ଏହି ଚେହେରା ଓ ଆଇନାକୁ ନେଇ ବିଖ୍ୟାତ କବି ମିର୍ଜା ଗାଲିବଙ୍କର ଏକ ଉକ୍ତି ମନେପଡ଼େ-

ଜିନ୍ଦେଗିଭର ଗାଲିବ ଏକ ଗଲତି କରତା ରହା
ଧୂଲ ଚେହେରେପରଥି ଆଇନା ସାଫ କରତା ରହା।

ଅର୍ଥାତ୍ ଅନେକ ସମୟରେ ଧୂଳି ଆମ ଚେହେରାରେ ଥାଏ, ମାତ୍ର ଆମେ ଭୁଲ୍‌ରେ ଆଇନାକୁ ସଫା କରିବାରେ ଲାଗିଯାନ୍ତି, ଯାହାର କିଛି ବି ଫଳ ମିଳେ ନାହିଁ ପରିଶେଷରେ। ତେଣୁ ସମସ୍ତଙ୍କୁ ନିଜର ବାସ୍ତବ ଚେହେରା ବିଷୟରେ ଧ୍ୟାନ ରହିବା ଅତ୍ୟନ୍ତ ଆବଶ୍ୟକ, ଯାହା ଅନ୍ୟମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ।

ମଣିଷ ଜୀବନପରି ଏକ ଜାତି, ରାଜ୍ୟ ବା ରାଷ୍ଟ୍ରର ପ୍ରତିଛବିକୁ ସମସ୍ତେ ଦେଖନ୍ତି। ସେହି ଅନୁସାରେ ତାକୁ ଆଦର ଓ ସମ୍ମାନ ପ୍ରଦର୍ଶନ ମଧ୍ୟ କରିଥାନ୍ତି। ଆସନ୍ତୁ ଆଜି ଆମେ ଓଡ଼ିଶା ବିଷୟରେ ଚର୍ଚ୍ଚା କରିବା। ଓଡ଼ିଆମାନଙ୍କ ପାଇଁ ଆମ ରାଜ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ତା'ର ସଂସ୍କୃତି, ଐତିହ୍ୟ, ପରମ୍ପରା, ଖାଦ୍ୟପେୟ ଓ ବିବିଧତା ଇତ୍ୟାଦି ନାନା କ୍ଷେତ୍ର ପାଇଁ ଆମେ ଗର୍ବ ଅନୁଭବ କରନ୍ତି। ବାସ୍ତବରେ ମଧ୍ୟ ଏହା ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଓ ପୁରାତନ। ମାତ୍ର ଯାହା ଯାହା ପାଇଁ ଆମେ ଗର୍ବ ଅନୁଭବ କରନ୍ତି, ପ୍ରକୃତରେ ଅନ୍ୟମାନେ କ'ଣ ସେ ସବୁ ଜାଣନ୍ତି ? କିମ୍ବା ସେ ସବୁ ଆମର ବୋଲି ସ୍ୱୀକୃତି ଦିଅନ୍ତି କି ? ଓଡ଼ିଶା ବାହାରର ଲୋକେ ଓଡ଼ିଶାକୁ କିପରି ଦେଖନ୍ତି, ତା'ର ଏକ ବାସ୍ତବ ଚିତ୍ର ପାଇବା ନିହାତି ଆବଶ୍ୟକ। କାରଣ ଆମକୁ ସେହି ଚିତ୍ରଟି ମିଳିଲେ ଆମେ ତୁଳନାତ୍ମକ ବିଶ୍ଳେଷଣ କରିପାରିବା ଯେ ପ୍ରକୃତରେ ଆମେ କ'ଣ ଓ ଅନ୍ୟମାନେ ଆମକୁ ଜାଣିଛନ୍ତି କେତେ ? ଥରେ ଏହି ତଫାତଟା ଭଲଭାବେ ଜଣାପଡ଼ିଲେ ଆମେ ସେହି ତଫାତକୁ କମ୍ କରି ଶୂନ୍ୟ ପର୍ଯ୍ୟନ୍ତ ନେବା ପାଇଁ କାର୍ଯ୍ୟ କରିପାରିବା। ପାଠକ ବନ୍ଧୁ ! ମୁଁ ମୋ ସର୍ବଭାରତୀୟ ଚାକିରି କାଳ ମଧ୍ୟରେ ରାଜସ୍ଥାନ, ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ସିକ୍କିମ, ମେଘାଳୟ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ ପ୍ରଭୃତି ସ୍ଥାନଗୁଡ଼ିକରେ ସେବା ପ୍ରଦାନ କରିଛି। ଜଣେ ସ୍ୱାଭିମାନୀ ଓଡ଼ିଆ ହିସାବରେ ନିଜକୁ ଜାଣିଛି ଓ ଓଡ଼ିଶା ବାହାରେ ଥିବା ଅନ୍ୟାନ୍ୟ ଅଣ ଓଡ଼ିଆମାନଙ୍କର ଆମ ପ୍ରତି ଥିବା ଧାରଣା ମଧ୍ୟ ମୋତେ ଠିକ୍ ରୂପେ ଜଣାଅଛି। ଆସନ୍ତୁ ଦେଖିବା ଓଡ଼ିଶା ବାହାରର ଲୋକ ମନରେ ଆମ ପ୍ରତି କ'ଣ ଧାରଣା ଅଛି। ଓଡ଼ିଶା ବାହାରୁ ପ୍ରକାଶ ପାଉଥିବା ଅଧିକାଂଶ ଖବରକାଗଜ କିମ୍ବା ଟେଲିଭିଜନରେ ଆମ ସମ୍ପର୍କିତ ଖବର ପ୍ରାୟ ପ୍ରକାଶ ପାଏ ନାହିଁ। ଲୋକମାନେ ମଧ୍ୟ ଆମ ବିଷୟରେ ବେଶି ଜାଣିନାହାନ୍ତି। ପ୍ରାୟ ସମସ୍ତେ ଜଗନ୍ନାଥ ଧାମକୁ ହିଁ ଜାଣନ୍ତି ଓ ସେଠାରେ ହେଉଥିବା ରଥଯାତ୍ରାର ଖବର, ରଥଯାତ୍ରା ଦିନ ଏକ ଖବର ହୋଇ ପ୍ରକାଶିତ ହୁଏ। ଆଉ ଏକ ଖବର ମଝିରେ ମଝିରେ ପ୍ରକାଶ ପାଏ, ଏଠାରେ ଅତ୍ୟଧିକ ଗରିବ ଶ୍ରେଣୀର ଲୋକ ବାସ କରନ୍ତି। ଖାଦ୍ୟାଭାବ ଦୂର ପାଇଁ ଗରିବ ଶ୍ରେଣୀର ଲୋକେ ପିଲା ବିକ୍ରି କରିଦିଅନ୍ତି ଓ ରୋଜଗାର ପାଇଁ ଦାଦନ ଖଟିବାକୁ ଓଡ଼ିଶା ବାହାରକୁ ଲକ୍ଷ ଲକ୍ଷ ଲୋକ ପଳାୟନ କରନ୍ତି। ଦାନ ମାଝି ଭଳି ସମ୍ବେଦନଶୀଳ ଖବର ମଧ୍ୟ ପ୍ରସାରିତ ହୋଇଥାଏ। ଆଉ ଏକ ଖବର ଦ୍ୱାରା ସେମାନେ ପ୍ରବାହିତ ହୁଅନ୍ତି, ସେ ହେଲା ଓଡ଼ିଶାରେ ସବୁ ବର୍ଷ ବାତ୍ୟା, ବନ୍ୟା ପ୍ରଭୃତି ପ୍ରାକୃତିକ ଦୁର୍ବିପାକର ଆଗମନ। ମାତ୍ର ବାତ୍ୟା ବନ୍ୟା ପରବର୍ତ୍ତୀ ଧନଜୀବନ ହାନି ସମାଚାର ଖୁବ୍ କମ୍ ଦେଖିବାକୁ ମିଳେ।

ସମସ୍ତେ ଭାବନ୍ତି ଓଡ଼ିଆମାନେ ଶାନ୍ତଶିଷ୍ଟ ଗୋଷ୍ଠୀର ଲୋକ। ଅନ୍ୟମାନେ ବିଚରା ଶବ୍ଦ ଆମ ପାଇଁ ପ୍ରୟୋଗ କରନ୍ତି ଅନୁକମ୍ପାରେ। ତେଣୁ ସେମାନଙ୍କ ହୃଦୟରୁ ବଡ଼ ସମ୍ମାନ ଆଶା କରିବା ବୃଥା। ସେମାନେ ଜାଣିନାହାନ୍ତି ଯେ କଳିଙ୍ଗ ପ୍ରବଳ ପ୍ରତାପୀ ଅପରାଜେୟ ରାଜ୍ୟ ଥିଲା। ଯଦିଓ କଳିଙ୍ଗ ଯୁଦ୍ଧ କଥା କିଛି ଲୋକ ଜାଣନ୍ତି, ମାତ୍ର ସେଠାକାର ସମାଜ ସେତେଟା ଜ୍ଞାତ ଥିବା ମନେହୁଏ ନାହିଁ। ସେମାନେ ଜାଣିନାହାନ୍ତି ପୃଥିବୀର ନୌପଥ ଆବିଷ୍କାରର ଜନକ କଳିଙ୍ଗ ବୋଲି। ସେମାନେ ଜାଣି ନାହାନ୍ତି ଭାରତ ବାହାରେ କଳିଙ୍ଗ ଅଧିବାସୀ ପ୍ରଥମେ ଉପନିବେଶ ସ୍ଥାପନ କରିଛନ୍ତି। ସେମାନେ ଜାଣିନାହାନ୍ତି ସୂର୍ଯ୍ୟଦେବଙ୍କ ପାଇଁ ସମଗ୍ର ପୃଥିବୀରେ ସବୁଠୁ ବଡ଼ ଦେଉଳ, କଳିଙ୍ଗବାସୀ ହିଁ ନିର୍ମାଣ କରିପାରିଛନ୍ତି। ସେମାନେ ଧର୍ମପଦର ତ୍ୟାଗ ବିଷୟରେ ଅଜ୍ଞ। ଜଗନ୍ନାଥଙ୍କ କଥା କ'ଣ କହିବି ସେ ତ ସବୁଥିରେ ପୃଥିବୀରେ ଶ୍ରେଷ୍ଠ। ମାତ୍ର ଏହି ଶ୍ରେଷ୍ଠ କାରଣ ବିଷୟରେ ସେମାନେ ଅଜ୍ଞ। ସେମାନେ ଅଜ୍ଞ ବର୍ତ୍ତମାନ ଭାରତର ସର୍ବପ୍ରଥମ ବିଶ୍ୱବିଦ୍ୟାଳୟ ପୁଷ୍ପଗିରି ବିଷୟରେ। ସେମାନେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ୧୮୧୮ ମସିହାର ପାଇକ ବିଦ୍ରୋହ ବିଷୟରେ ଅଜ୍ଞ। ସେମାନେ ଜାଣିନାହାନ୍ତି ବକ୍ସି ଜଗବନ୍ଧୁଙ୍କୁ ଓ ଭାରତର କନିଷ୍ଠତମ ଶହୀଦ ବାଜି ରାଉତଙ୍କୁ। ସେମାନେ ଜାଣିନାହାନ୍ତି ରସଗୋଲାର ଉଦ୍ଭାବକ ଓଡ଼ିଶା। ଅବଶ୍ୟ ନିକଟ ଅତୀତରେ ଓଡ଼ିଶା ରସଗୋଲାକୁ ଭୌଗୋଳିକ ସୂଚକାଙ୍କ ବୌଦ୍ଧିକ ଅଧିକାର ମାନ୍ୟତା ମିଳିବା ସମୟରେ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ପାଇଁ କିଛି ପାଠପଢୁଆ ଲୋକ ଜାଣିପାରିଛନ୍ତି। ସେମାନେ ଜାଣିନାହାନ୍ତି ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରକୁ ୨୧ ଥର ଆକ୍ରମଣ ହୋଇଛି, ମାତ୍ର ବିଗ୍ରହ ଓ ମନ୍ଦିରକୁ ସୁରକ୍ଷିତ ରଖାଯାଇ ପାରିଛି କଳିଙ୍ଗବାସୀଙ୍କ ବୀରତ୍ୱ ଓ ବୁଦ୍ଧି ଯୋଗୁ। ତୁଳସୀ ଦାସଙ୍କ ଶହ ଶହ ବର୍ଷ ପୂର୍ବର ଲେଖକ ସାରଳା ଦାସ ଓ ବଳରାମ ଦାସଙ୍କୁ ଅନ୍ୟମାନେ ଜାଣିନାହାନ୍ତି। ସେମାନେ ଜାଣିନାହାନ୍ତି କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ପ୍ରକୃତି କବି ଗଙ୍ଗାଧର ମେହେର, ବ୍ୟାସକବି ଫକୀର ମୋହନ ସେନାପତି, ଉତ୍କଳ ଗୌରବ ମଧୁବାବୁ ଓ ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରମୁଖଙ୍କୁ। ଗୀତଗୋବିନ୍ଦର ସ୍ରଷ୍ଟା ଜୟଦେବ ଯେ ଓଡ଼ିଶାର ତାହା ମଧ୍ୟ ତାଙ୍କୁ ଜଣାନାହିଁ।

ସେହିପରି ତାଳପତ୍ର କାରୁକାର୍ଯ୍ୟ, ପଟ୍ଟଚିତ୍ର, ଚାନ୍ଦୁଆ, ତାରକସି କାମ ଓ ଅନ୍ୟାନ୍ୟ କାର୍ଯ୍ୟରେ ଆମର ଦକ୍ଷତା ତାଙ୍କୁ ଜଣାନାହିଁ। ସେମାନେ ଦେଖନ୍ତି କେନ୍ଦ୍ରରେ ଆମକୁ କେବେ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳେନାହିଁ। ଯେଉଁମାନେ ଅତୀତରେ ପାଇଥିଲେ, ତାଙ୍କ ମଧ୍ୟରୁ ଅଧିକାଂଶ କିଛି କରିପାରି ନ ଥିଲେ। ଅବଶ୍ୟ ନିକଟ ଅତୀତରେ ଆମ ଲୋକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବସ୍ଥାପିତ ଓ ସେମାନଙ୍କ ଭିତରୁ ଅଳ୍ପ କିଛି ଲୋକ ଭଲ କାମ ମଧ୍ୟ କରୁଛନ୍ତି। କିନ୍ତୁ ମାତ୍ରାଧିକ ଉଚ୍ଚପଦସ୍ଥ କେତେଦୂର ଓଡ଼ିଶା ପାଇଁ କାର୍ଯ୍ୟ କରୁଛନ୍ତି କିମ୍ବା ଓଡ଼ିଶାର ଐତିହ୍ୟ ପ୍ରଚାର ପ୍ରସାର କରୁଛନ୍ତି, ତାହା ସମୟ ହିଁ କହିବ। ସ୍ୱାଭାବିକ ଭାବେ କହିବାକୁ ଗଲେ ଏକ ଗରିବ ଶ୍ରେଣୀର ଲୋକକୁ କିଏ ବା କାହିଁକି ଶ୍ରେଷ୍ଠ ସମ୍ମାନ ପ୍ରଦର୍ଶନ କରିବ। କେତେକ ବିଦ୍ୱାନ ପ୍ରଶ୍ନ କରିପାରନ୍ତି ଯେ ଅନ୍ୟମାନେ ଦେଶ ଦୁନିଆ ବିଷୟରେ ତାଙ୍କର ସାଧାରଣଜ୍ଞାନ ବୃଦ୍ଧି କରିବା ଆବଶ୍ୟକ। ଆମେ କାହିଁକି ଜଣାଇବୁ? ମାତ୍ର ପ୍ରତିଯୋଗିତାମୂଳକ ଦୁନିଆରେ ଆମ ପରିବା ବିକ୍ରି କରିବାକୁ ଅନ୍ୟମାନେ କାହିଁକି ଆଗେଇ ଆସିବେ ସ୍ୱେଚ୍ଛାକୃତ ଭାବେ।

ସମୟ ଆସିଛି ଆମ ପ୍ରତି ଅନ୍ୟମାନଙ୍କ ମନରେ ଥିବା ପ୍ରତିଛବିକୁ ହଟାଇ ନୂତନ ପ୍ରତିଛବି ସ୍ଥାପନ କରିବା ପାଇଁ; ଯାହାଦ୍ୱାରା ଭାରତର ଅନ୍ୟାନ୍ୟ ପ୍ରାନ୍ତରରେ ଥିବା ଲୋକ କିମ୍ବା ଛାତ୍ର ସମାଜ ଆମର ବୀରତ୍ୱ, ଐତିହ୍ୟ, ସାହସ, ପରମ୍ପରା, ସଂସ୍କୃତି, ତ୍ୟାଗ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଲାଭ କରିପାରିବ ଓ ତା' ପରେ ଆମ ପ୍ରତି ସେମାନଙ୍କ ହୃଦୟରେ ଏକ ନୂତନ ପ୍ରତିଛବି ପ୍ରସ୍ଫୁଟିତ ହେବ, ଯାହା କି ଆମର ସ୍ୱାଭିମାନ ବୃଦ୍ଧିରେ ସହାୟକ ହେବ। ସେଥିପାଇଁ ଆମ ସାହିତ୍ୟ, ସଂସ୍କୃତି, ଇତିହାସ, ଐତିହ୍ୟ, ପରମ୍ପରା, ବୀରତ୍ୱର କାହାଣୀ, ବିଜ୍ଞାନ, ହସ୍ତଶିଳ୍ପ, ବସ୍ତ୍ର, ଖାଦ୍ୟପେୟ ଇତ୍ୟାଦିକୁ ଅନ୍ୟ ଭାଷାରେ ଅନୁବାଦ କରି କଳେବଳେ କୌଶଳେ ସେମାନଙ୍କ ପାଖରେ ପହଞ୍ଚାଇବାକୁ ହେବ। ଆମେ ସମସ୍ତେ ସେ ଦିଗରେ ଆପ୍ରାଣ ଉଦ୍ୟମ କଲେ ଯାଇ ତାହା ସଫଳ ହୋଇପାରିବ। ଏ ଦିଗରେ ଆମ ବିଶ୍ୱବିଦ୍ୟାଳୟର ଭାଷା ବିଭାଗ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଇତିହାସ ବିଭାଗ, ଲେଖକ, ଖବରକାଗଜ, ଦୂରଦର୍ଶନ ମାଧ୍ୟମ ଓ ପ୍ରବାସୀ ଓଡ଼ିଆ ସମସ୍ତଙ୍କର ଏକ ଗୁରୁଦାୟିତ୍ୱ ରହିଛି। ପିଏଚ୍‌ଡି ପ୍ରୋଗ୍ରାମରେ ଏ ସବୁକୁ ସାମିଲ କରାଯାଇ ବିଶ୍ୱ ଆଦୃତର ବ୍ୟବସ୍ଥା କରାଯାଇ ପାରିବ। ମାତ୍ର ସେଦିଗରେ ଆମେ ସମସ୍ତେ କାର୍ଯ୍ୟ ନ କରି ନିଜ ଘରେ ଶୃଗାଳ ନିଜକୁ ସିଂହ ଘୋଷିତ କଲାପରି ଆତ୍ମସନ୍ତୋଷରେ ଢୋଲ ବଜାଇଲେ ଏ ଜାତି ତା'ର ବୀରତ୍ୱ, ସ୍ୱାଭିମାନ, ଐତିହ୍ୟ ଓ ସଂସ୍କୃତି ପାଇଁ ଅନ୍ୟମାନଙ୍କଠୁ ଯଥୋଚିତ ସମ୍ମାନର ଅଧିକାରୀ କେବେ ବି ହୋଇପାରିବ ନାହିଁ।

ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ,
ଭୁବନେଶ୍ୱର, ମୋ: ୮୯୧୭୪୨୬୪୦

# ବିଶ୍ୱ ଶିକ୍ଷକ

ବ୍ୟକ୍ତିତ୍ୱ



ରଣଜିତ୍‌ସିଂ ଦିସାଲେ

ବିଶ୍ୱର ସର୍ବଶ୍ରେଷ୍ଠ ଅସାଧାରଣ ଶିକ୍ଷକ ସମ୍ମାନ ପାଇବା ଲାଗି ଯୋଗ୍ୟତା କୌଣସି ଶିକ୍ଷାର ଡିଗ୍ରୀରେ ମପାଯାଇପାରି ନ ଥାଏ। ଅନ୍ୟମାନଙ୍କଠାରୁ ଅନନ୍ୟ ହେବାକୁ ହେଲେ ଜଣଙ୍କ ଚିନ୍ତାଧାରା ଓ ଆଦର୍ଶ ତାହା ଦର୍ଶାଇଦିଏ। ନିକଟରେ ଗ୍ଲୋବାଲ ଟିଚର ପ୍ରାଇଜ୍ ପାଇଥିବା ରଣଜିତ୍‌ସିଂ ଦିସାଲେ ଏଭଳି ଉଦାହରଣ ସୃଷ୍ଟି କରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ, ଗ୍ଲୋବାଲ ଟିଚର ପ୍ରାଇଜ୍ ବା ବିଶ୍ୱ ଶିକ୍ଷକ ସମ୍ମାନ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଭାର୍କି ଫାଉଣ୍ଡେଶନ ପକ୍ଷରୁ ୫ ବର୍ଷ ହେବ ଦିଆଯାଇଆସୁଅଛି। ଏଥିଲାଗି ପୁରସ୍କାର ରାଶି ୧ ମିଲିୟନ ଆମେରିକୀୟ ଡଲାର ରଖାଯାଇଛି। ଶିକ୍ଷା କ୍ଷେତ୍ରରେ ଏହି ସମ୍ମାନକୁ ନୋବେଲ ସହ ତୁଳନା କରାଯାଇଥାଏ। ଶିକ୍ଷକମାନଙ୍କୁ ତାରକା ସ୍ତରରେ ରଖିବା ସହ ଗୁଣାତ୍ମକ ଶିକ୍ଷାର ପ୍ରସାର କରିବା ଦିଗରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଭାର୍କି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଅନ୍ତର୍ଜାତୀୟ ସ୍ତରରେ ଶିକ୍ଷାଦାନକୁ ସର୍ବଶ୍ରେଷ୍ଠ ବୃତ୍ତିର ମାନ୍ୟତା ଦିଆଯିବା ସହିତ ଶିକ୍ଷକମାନଙ୍କୁ ଯଥୋଚିତ ସମ୍ମାନ ଦିଆଯିବା ଦରକାର ବୋଲି ଫାଉଣ୍ଡେଶନ ଦୃଢ଼ ଆଶା ପୋଷଣ କରେ।

୩୨ ବର୍ଷୀୟ ଦିସାଲେ ଅଧାରୁ ଇଞ୍ଜିନିୟରିଂ ଛାଡ଼ିଥିଲେ। ଶିକ୍ଷକ ହେବା ଲାଗି ପିତା କହିବା ପରେ ସେ ଟ୍ରାକ୍ ବଦଳାଇଥିଲେ। ଶିକ୍ଷକ ପ୍ରଶିକ୍ଷଣ ପାଠ୍ୟକ୍ରମ ଶେଷ କରିବା ପରେ ବିଧିବଦ୍ଧ ଭାବେ ହୋଇଥିଲେ ମାଷ୍ଟର। ମହାରାଷ୍ଟ୍ରର ସୋଲାପୁରସ୍ଥିତ ପରିତେୱାଡିର ଜିଲା ପରିଷଦ ପ୍ରାଥମିକ ସ୍କୁଲରେ ଯୋଗଦେବା ପରେ ଅଭିନବ ଉପାୟରେ ପିଲାଙ୍କୁ ପାଠ ପଢ଼ାଇ ଚାଲିଲେ। ଦୁର୍ଭିକ୍ଷ ଅଞ୍ଚଳ ପରିତେୱାଡିରେ ସେ ୧୧ ବର୍ଷ ଧରି ଶିକ୍ଷକତା କରି ଆସୁଛନ୍ତି। ସେଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୧୧୦ ଛାତ୍ରଙ୍କୁ ୫ ଜଣ ଶିକ୍ଷକ ପଢ଼ାଉଛନ୍ତି। ଶିକ୍ଷାଦାନ ବେଳେ ଦିସାଲେ ବାଳିକା ଶିକ୍ଷାର କିଭଳି ବିକାଶ ହୋଇପାରିବ, ତା' ଉପରେ ଧ୍ୟାନ ଦେଲେ। ଏଥିସହିତ କ୍ୱିକ୍ ରେସ୍‌ପନ୍ସ (କ୍ୟୁଆର୍) କୋଡ୍ ଟେକ୍ସଟବୁକ୍ ରିଭୋଲ୍ୟୁଶନ ବା ପାଠ୍ୟପୁସ୍ତକ ବିପ୍ଳବ ଆରମ୍ଭ କଲେ, ଯାହା ଜିଲା, ରାଜ୍ୟ ଏବଂ ଶେଷରେ ସମଗ୍ର ଭାରତରେ ପହଞ୍ଚିଗଲା। ଡିଜିଟାଲ ମାଧ୍ୟମରେ ପାଠକୁ ସହଜ ଓ ସୁଗମ କରିବା ଲକ୍ଷ୍ୟରେ ସେ କାର୍ଯ୍ୟ କଲେ। ପାଠ୍ୟପୁସ୍ତକକୁ ମାତୃଭାଷାରେ ସେ ଅନୁବାଦ କରି ସେଥିରେ ଏକକ କ୍ୟୁଆର୍ କୋଡ୍‌କୁ ସନ୍ନିବେଶିତ କରିଦେଲେ। ପିଲାମାନେ ସେହି କୋଡ୍‌କୁ ଦେଖି ସଙ୍ଗେ ସଙ୍ଗେ ଅଡିଓରେ କବିତା ଶୁଣିବା, ଭିଡିଓରେ ଶିକ୍ଷା ଗ୍ରହଣ କରିବା ସହଜ ହୋଇଗଲା। ଏହା କରିବା ପଛରେ ଦିସାଲେଙ୍କ ଚିନ୍ତା ରହେ ଯେ, ପିଲାମାନେ ଖୁସି ମିଜାଜରେ ପାଠ ପଢ଼ିପାରିବେ। ଏଭଳି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଛାତ୍ରୀଛାତ୍ର ଆଗ୍ରହର ସହ ସ୍କୁଲକୁ ଆସିଥିବା ଦେଖାଯାଉଛି। ଫଳରେ ଦିସାଲେଙ୍କ ସ୍କୁଲରେ ଶତ ପ୍ରତିଶତ ଉପସ୍ଥାନ ହେବାରୁ ଜିଲାରେ ଶ୍ରେଷ୍ଠ ବିଦ୍ୟାଳୟର ମାନ୍ୟତା ପାଇଛି। କେବଳ ସେତିକି ନୁହେଁ, ତାଙ୍କ ଅଭିନବ ଚିନ୍ତାଧାରାକୁ ୨୦୧୭ରେ ମହାରାଷ୍ଟ୍ର ସରକାର ଗ୍ରହଣ କରି ସବୁ ଗ୍ରେଡ୍‌ର ପାଠ୍ୟପୁସ୍ତକରେ କ୍ୟୁଆର୍ କୋଡ୍ ସଂଲଗ୍ନ କରିବା ଯୋଜନା କାର୍ଯ୍ୟକାରୀ କରିଥିଲେ। ୨୦୧୮ରେ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ମନ୍ତ୍ରଣାଳୟ ଏହାକୁ ଅନୁକରଣ କରି ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ସମସ୍ତ ପାଠ୍ୟକ୍ରମରେ କ୍ୟୁଆର୍ କୋଡ୍ ଲଗାଇବାକୁ ଘୋଷଣା କରିଥିଲେ।

ଏହିଭଳି ନୂଆ ଚିନ୍ତାଧାରା ଆପଣାଇବା ସହ ଛାତ୍ରୀଛାତ୍ରଙ୍କ ପାଇଁ ପଢ଼ା ସହଜ କରିବାରେ ଦିସାଲେଙ୍କ ଉଲ୍ଲେଖନୀୟ ଅବଦାନ ରହିବାରୁ ସେ ବିଶ୍ୱ ଶିକ୍ଷକ ହେବାର ଗୌରବ ଅର୍ଜନ କରିଛନ୍ତି। ଗ୍ଲୋବାଲ ଟିଚର ପ୍ରାଇଜ୍ ଏକାଡେମୀରେ ବିଚାରକ ଆସନରେ ବିଭିନ୍ନ ଦେଶର ପ୍ରଧାନ ଶିକ୍ଷକ, ଶିକ୍ଷା ବିଶେଷଜ୍ଞ, ଭାଷ୍ୟକାର, ସାମ୍ବାଦିକ, ସରକାରୀ ଅଧିକାରୀ, ବୈଷୟିକ ଉଦ୍ୟୋଗୀ, କମ୍ପାନୀ ନିର୍ଦ୍ଦେଶକ ଏବଂ ବୈଜ୍ଞାନିକମାନେ ରହିଥାଆନ୍ତି। ଗ୍ଲୋବାଲ ଟିଚର ପ୍ରାଇଜ୍ ୨୦୨୦ ଲାଗି ତାଲିକାରେ ୧୦ ଜଣଙ୍କୁ ବଛାଯାଇଥିଲା। ସେମାନଙ୍କ ମଧ୍ୟରୁ ଦିସାଲେ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ତାଙ୍କୁ ୧ ମିଲିୟନ ଆମେରିକୀୟ ଡଲାର ମିଳିଥିଲା। କିନ୍ତୁ ସେ ପୁରସ୍କାର ରାଶିର ଅଧା ଅନ୍ୟ ୯ ଶିକ୍ଷକଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ପୁରସ୍କାର ରାଶି ଭାଗ କରିବା ନେଇ ସେ ମତ ଦିଅନ୍ତି ଯେ, ଜଣେ ଏକାକୀ ସବୁକିଛି କରିପାରିବ ନାହିଁ। ଶିକ୍ଷକମାନେ ସମାଜରେ ବାସ୍ତବ ପରିବର୍ତ୍ତନ ଆଣିପାରିବେ। ସେଥିଲାଗି ସମସ୍ତଙ୍କ ସହଯୋଗ ଲୋଡ଼ା। ପୁଣି ମନେପକାଇଛନ୍ତି, ଏହି ସମ୍ମାନ ପାଇବା ପୂର୍ବରୁ ସେ କିଭଳି ଲମ୍ବା ପ୍ରକ୍ରିୟା ଦେଇ ଗତି କରିଥିଲେ। ପ୍ରଥମେ ଟପ୍ ୧୦୦ ଭିତରେ ରହିଥିଲେ। ସାକ୍ଷାତ୍‌କାର ଓ ବିଭିନ୍ନ ପ୍ରକାର ତନଖିର ସାମ୍ନା କରିବା ବେଳେ ବହୁ ମାସ ଅତିକ୍ରାନ୍ତ ହୋଇଥିଲା। ନିକଟରେ ଯେତେବେଳେ ସେ ପୈତୃକ ଗୃହରୁ ଅନ୍‌ଲାଇନ୍‌ରେ ଉତ୍ସବରେ ଭାଗ ନେଇ ଶ୍ରେଷ୍ଠ ଶିକ୍ଷକର ସମ୍ମାନ ପାଇଲେ, ଖୁସିରେ ଆତ୍ମହରା ହୋଇ କାନ୍ଦି ପକାଇଥିଲେ। ମାତାପିତାଙ୍କୁ ପ୍ରଥମେ କୁଣ୍ଢେଇ ପକାଇବା ସହ ତାଙ୍କ ମାସକର ଶିଶୁକୁ ସ୍ନେହରେ କୋଳେଇ ନେଇଥିଲେ।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ନାଁ ତାଙ୍କର କରିମୁଲ୍ ହକ୍, କିନ୍ତୁ ତାଙ୍କୁ ଡାକନ୍ତି ଆମ୍ବୁଲାନ୍ସ ଦାଦା। ଘର ପଶ୍ଚିମବଙ୍ଗର ଜଲ୍‌ପାଇଗୁଡ଼ି ଜିଲାରେ। ସେ ରୋଗୀମାନଙ୍କୁ ମୋଟର ବାଇକ୍‌ରେ ହସ୍ପିଟାଲ ନେଉଛନ୍ତି। ଏବେ ସୁଦ୍ଧା ସେ ୫୫୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ସାରିଛନ୍ତି। କରିମୁଲ୍‌ଙ୍କ ବୟସ ୫୫। ଆମ୍ବୁଲାନ୍ସ ଠିକ୍ ସମୟରେ ନ ମିଳିବାରୁ ସେ ତାଙ୍କ ମା'ଙ୍କୁ ହରାଇଥିଲେ। ପରେ ଏଭଳି ଅବସ୍ଥା କାହା ପାଇଁ ନ ଆସୁ ଏହା ଭାବି ସେ ୧୯୯୮ରେ ଆରମ୍ଭ କରିଥିଲେ ମୋଟର ସାଇକେଲ ଆମ୍ବୁଲାନ୍ସ। ଜଲ୍‌ପାଇଗୁଡ଼ି ଜିଲାର ପ୍ରାୟ ୨୦ଟି ଗାଁରୁ ସେ ରୋଗୀମାନଙ୍କୁ ମୋଟରସାଇକେଲରେ ନେଇ ହସ୍ପିଟାଲରେ ପହଞ୍ଚାଉଛନ୍ତି। ଏହି ସବୁ ଗାଁଗୁଡିକରେ ଚଉଡ଼ା ରାସ୍ତା ନାହିଁ। ଗାଁକୁ ଆମ୍ବୁଲାନ୍ସ ଆସିବା ସମ୍ଭବ ହେଉ ନ ଥିବାରୁ ବାଇକ୍ ଆମ୍ବୁଲାନ୍ସରେ ରୋଗୀଙ୍କୁ ଶୀଘ୍ର ହସ୍ପିଟାଲରେ ପହଞ୍ଚାଇ ହେଉଛି ବୋଲି କହନ୍ତି କରିମୁଲ୍। ଦିନରାତି ସେ ଏହି କାମରେ ଲାଗିଛନ୍ତି। ସେ ତାଙ୍କ ପୁଅଙ୍କୁ ବି ଏହି ସେବାରେ ଲଗାଇ ଦେଇଛନ୍ତି। ସେ ଗାଁରେ ନିୟମିତ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରୁଛନ୍ତି। ହସ୍ପିଟାଲ କରିବା ଲାଗି ଜମି ବି ଦାନ କରିଛନ୍ତି। ଲକ୍‌ଡାଉନ ସମୟରେ ଏହି ସେବା ଯୋଗାଇବା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। କିନ୍ତୁ ସେ ଏହାକୁ ସୁଚାରୁ ରୂପେ ପରିଚାଳନା କରିଛନ୍ତି। କେବଳ ଏତିକି ନୁହେଁ, ଲକ୍‌ଡାଉନ ସମୟରେ କରିମୁଲ୍ ପ୍ରବାସୀ ଶ୍ରମିକମାନଙ୍କୁ ଖାଦ୍ୟ ବାଣ୍ଟିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଡିସେମ୍ବର ୧୯୯୫

- ଫିଲିପାଇନ୍ସର କଟାନଡୁଆନ୍‌ସ ଦ୍ୱୀପରେ ଝଡ଼ବାତ୍ୟା ଫଳରେ ଭୂସ୍ଖଳନ ଘଟି ୧୨ ଜଣଙ୍କ ଜୀବନ୍ତ ସମାଧି।
- ରାଉରକେଲା ଇସ୍ପାତ କାରଖାନା ଏହାର ଶିଳ୍ପାୟତନରେ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଲାଗି ମର୍ଯ୍ୟାଦାଜନକ 'ହଣ୍ଡା ଗୋଲଡେନ କି' ଓ ରନିଂ ଟ୍ରଫି ହାସଲ କରିଛି।
- ବିଶିଷ୍ଟ କ୍ରୀଡ଼ାବିତ୍, କ୍ରୀଡ଼ା ସଙ୍ଗଠକ ଶୈଲେନ ରାୟଙ୍କର କଲିକତାସ୍ଥିତ ବିରଳା ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ୭୭ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ବଂଶୀ କାନ୍ଦିଗଲା ଦୂର ବିଲବନପଥେ
ସ୍ୱର ରହିଗଲା ଏ ମୋର ମରମଗତେ,
ଦୂର ଅତୀତର ଶୁଭୁଥିଲା ଭାଷା
କି ଗହନ ବ୍ୟଥା ଦୁରନ୍ତ ଦୂରାଶା
ସନ୍ଧ୍ୟା ସୁନ୍ଦରୀ ସ୍ୱର୍ଣ୍ଣ ମେଘର ରଥେ
ସଜଳ ନୟନେ ଚାହିଁଥିଲା ବନପଥେ।

(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅବହେଳିତ ଶ୍ରମିକ ଖଟିଖିଆ

ମହାଶୟ,

ଓଡ଼ିଶାରେ ଲକ୍ଷ ଲକ୍ଷ ଦିନ ମଜୁରିଆ ଏବଂ ଖଟିଖିଆ ରହିଛନ୍ତି। ରାଜଧାନୀ ଭୁବନେଶ୍ୱରକୁ ବିଚାରକୁ ନେଲେ ଏହାର ପ୍ରକୃତ ଚିତ୍ର ଜଣାପଡିବ। ରାଜଧାନୀରେ ପ୍ରତିଦିନ ଛୋଟବଡ଼ ସରକାରୀ ତଥା ବେସରକାରୀ ଅନୁଷ୍ଠାନମାନ ଗଢ଼ିଉଠୁଛି। ଏହାପାଇଁ ଅନେକ ଗ୍ରାମ ତଥା ସହରରୁ ଆସୁଥିବା ଦିନମଜୁରିଆ ଏବଂ ଖଟିଖିଆମାନଙ୍କର ଭିଡ଼ ଲାଗି ରହୁଛି। ଏହି ସବୁ ବ୍ୟକ୍ତିବିଶେଷ ସେମାନଙ୍କର ଦୈନନ୍ଦିନ ଜୀବିକା ପାଇଁ କର୍ମମୟ ଜୀବନ ବିତାଇସାରି ବାସସ୍ଥଳୀର ଅନ୍ୱେଷଣରେ ସହର ସାରା ଘୂରି ବୁଲୁଛନ୍ତି। ସମ୍ଭବତଃ ସରକାରଙ୍କର ଆୟୋଜିତ ହୋଇଥିବା ଉଦ୍ଦିଷ୍ଟ ବାସସ୍ଥଳୀ ସେମାନଙ୍କ ପାଇଁ ଯଥେଷ୍ଟ ହେଉନାହିଁ ଯେଉଁଥିପାଇଁ ସେମାନେ ଅବହେଳିତ ଅବସ୍ଥାରେ ସହର ସାରା ଘୂରି ବୁଲୁଛନ୍ତି। ସହରର ପ୍ରମୁଖ ସ୍ଥାନ ଯଥା ବରମୁଣ୍ଡା ବସଷ୍ଟାଣ୍ଡ, ପ୍ରିୟଦର୍ଶିନୀ ମାର୍କେଟ, ଇନ୍ଦ୍ରଧନୁ ମାର୍କେଟ ଏବଂ ବିଶେଷକରି ରାଜଧାନୀର ଫୁଟ୍‌ପାଥ୍‌ଗୁଡ଼ିକ ଏମାନଙ୍କର ରାତ୍ର ବିଶ୍ରାମସ୍ଥଳୀ ପାଲଟି ଯାଉଛି। ସରକାର ଶ୍ରମିକ, ଦିନମଜୁରିଆ ଓ ଖଟିଖିଆମାନଙ୍କର କଲ୍ୟାଣ ନିମନ୍ତେ ଏକ ଯୋଜନା ପ୍ରଣୟନ କରନ୍ତୁ ଯାହା ଦ୍ୱାରା ଏମାନଙ୍କ ସମସ୍ୟାଗୁଡ଼ିକର ନିରାକରଣ ହୋଇପାରିବ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | 8 | | | | 2 | 1 | | | | | | 0 | |
| | | | | 1 | | A | | 6 | | | | | | |
| C | 0 | 4 | 8 | | | 7 | | B | | 5 | | D | | 6 |
| | | | A | | 5 | | | | 6 | | 0 | 4 | | 1 |
| 9 | | 1 | | | | | D | | | 8 | | | | 7 |
| | C | | | | | | | 2 | | | | | | 0 |
| A | | | | | | 4 | 9 | | C | D | | | | |
| | D | | | | A | 3 | | 8 | 2 | | 4 | 5 | | |
| 0 | | | | C | | 6 | | | A | | 7 | 3 | | |
| | | | | | | 0 | | | 9 | | | 2 | | |
| | 7 | 2 | | | | | | | | 3 | 9 | | 8 | |
| | | | 4 | 7 | | B | | 9 | | | A | 0 | | |
| | | 9 | C | | 3 | 5 | | 7 | | E | D | | | 4 |
| B | | | 9 | 6 | 0 | | 3 | | | C | 5 | | | |
| E | | | | | | | | | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 3 | A | 2 | 9 | 6 | E | 0 | D | C | 8 | 7 | B | 4 | 1 |
| 9 | 2 | D | 4 | 5 | E | 8 | 1 | B | A | 6 | 0 | 7 | 3 | C |
| 7 | 6 | 1 | C | 0 | B | 4 | 3 | 5 | 2 | E | 9 | A | 8 | D |
| 8 | C | 0 | 1 | 7 | D | 6 | 2 | A | 4 | B | 3 | 5 | 9 | E |
| B | 4 | E | 8 | 3 | A | 7 | 9 | C | D | 5 | 1 | 6 | 0 | 2 |
| D | E | 8 | 9 | 6 | C | A | 5 | 0 | 1 | 2 | B | 4 | 7 | 3 |
| 2 | 5 | 3 | A | B | 4 | 9 | C | 1 | 0 | 7 | E | 8 | D | 6 |
| A | 7 | 4 | 0 | 1 | 5 | 2 | 8 | 3 | 6 | D | C | 9 | E | B |
| 1 | 9 | B | 7 | E | 3 | D | 4 | 6 | 5 | A | 8 | 2 | C | 0 |
| C | 0 | 6 | D | 8 | 2 | B | E | 7 | 9 | 3 | 4 | 1 | 5 | A |
| 0 | D | 7 | 5 | A | 1 | 3 | B | E | 8 | 9 | 6 | C | 2 | 4 |
| E | B | C | 6 | D | 8 | 1 | 7 | 2 | 3 | 4 | 5 | 0 | A | 9 |
| 4 | A | 9 | B | C | 0 | 5 | D | 8 | E | 1 | 2 | 3 | 6 | 7 |
| 6 | 1 | 5 | 3 | 2 | 9 | C | A | 4 | 7 | 0 | D | E | B | 8 |
| 3 | 8 | 2 | E | 4 | 7 | 0 | 6 | 9 | B | C | A | D | 1 | 5 |

ଗତକାଲିର ଉତ୍ତର

**ଭାଜପା ପକ୍ଷରୁ ପ୍ରଶିକ୍ଷଣ ଶିବିର**

ରସୁଲପୁର, (ଡି.ଏନ.ଏ.): ଭାଜପା ପକ୍ଷରୁ ରସୁଲପୁର ବ୍ଲକରୁ ବରୀ ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୧୦ ପଞ୍ଚାୟତକୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜୋନ ସଭାପତି ବିଜୟ ଜେନା ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବରୀ ଦଳୀୟ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ, ପ୍ରଶିକ୍ଷକ ବରିଷ୍ଠ ଭାଜପା ନେତା ପବିତ୍ରମୋହନ ଦାଶ, ୩୬ନଂ. ଜିଲାପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ, ବରୀ ବ୍ଲକ ଅଧକ୍ଷା ସୁବାସିନୀ ନାଥଶର୍ମା, କାର୍ଯ୍ୟକର୍ତ୍ତା ଶଶିଭୂଷଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦଳୀୟ ସଙ୍ଗଠନ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ଦଳର ବହୁ ଯୁବକ ଭାଜପାରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୯ ବଖରା ଭସ୍ମୀଭୂତ

ବରୀ,୫।୧୨(ଡି.ଏନ.ଏ.): ଶୁକ୍ରବାର ବିଳମ୍ବିତ ରାତିରେ ବରୀ ବ୍ଲକ୍ ଅଧୀନ ବାଇଁଶିରିଆ ପଞ୍ଚାୟତର ଦଳିତ ବସ୍ତିରେ ଅଗ୍ନିକାଣ୍ଡ ଘଟି ୯ ବଖରା ଭସ୍ମୀଭୂତ ହୋଇଯାଇଛି। ବିପନ୍ନ ପରିବାରଗୁଡ଼ି ହେଲେ ଟିକନ ମଳିକ, ବିକନ ମଳିକ, ସରସ୍ୱତୀ ମଳିକ, ସନାତନ ଦାସ, କପିଳ ଦାସ, ଭୀମସେନ ଦାସ, ପ୍ରଦୀପ ମଳିକ, ରତ୍ନାକର ମଳିକ ଓ ସୁନାକର ମଳିକ। ରାତିରେ ପରିବାର ସଦସ୍ୟ ଶୋଇଥିବାବେଳେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଘର ଭିତରୁ କୌଣସି ଆସବାବପତ୍ର ବାହାର କରିବା ସମ୍ଭବ ହୋଇ ନ ଥିଲା। ଖବର ପାଇ ବରୀ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବରୀ ତହସିଲ ପ୍ରଶାସନ ଗ୍ରାମକୁ ଯାଇ ବାସହରା ପରିବାରକୁ ପଲିଥିନ ଯୋଗାଇବା ସହ ୩ ଦିନ ପାଇଁ ଖାଦ୍ୟ ବ୍ୟବସ୍ଥା କରିଛନ୍ତି। ବରୀ ବିଧାୟିକା ସୁନନ୍ଦା ଦାସ କ୍ଷତିଗ୍ରସ୍ତ ପରିବାରକୁ ଜରିପାଲ, କମ୍ବଳ, ଚାଉଳ, ବିସ୍କୁଟ, ବସ୍ତ୍ର ଆଦି ପ୍ରଦାନ କରିଛନ୍ତି।

### ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବିରିଡି,୫।୧୨(ଡି.ଏନ୍.ଏ.): କନ୍ଦରପୁର ମାଛଗାଁ ୫୫ ନଂ. ଜାତୀୟ ରାଜପଥର ବାଲିଆ ଷ୍ଟୋର ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିରିଡ଼ି ଥାନା ଅନ୍ତର୍ଗତ ଅଢ଼ଙ୍ଗଗଡ ଗ୍ରାମର ସୁଶାନ୍ତ ଭୋଇ (୨୪) । ଦୁର୍ଘଟଣା ଘଟାଇଥିବା କାର୍ ଓ ଟ୍ରକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ସୁଶାନ୍ତ ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ବାଲିଆ ଷ୍ଟୋର ନିକଟ ରାସ୍ତାପାର୍ଶ୍ୱରେ ଏକ କାର ଛିଡ଼ା ହୋଇଥିଲା। ସୁଶାନ୍ତ ଉକ୍ତ କାର ପାର୍ଶ୍ୱ ଦେଇଯାଉଥିବା ବେଳେ କାର ଚାଳକ ହଠାତ୍ ଡୋର ଖୋଲି ଦେଇଥିଲେ। ଫଳରେ ବାଇକ୍‌ଟି ପିଟି ହୋଇ ରାସ୍ତା ମଝିକୁ ଚାଲି ଯାଇଥିଲା। ଏହି ସମୟରେ ଜଗତ୍‌ସିଂହପୁରରୁ କଟକ ଆସୁଥିବା ଏକ ଟ୍ରକ ନିୟନ୍ତ୍ରଣ ହରାଇ ସୁଶାନ୍ତଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଯାଜପୁର ଜିଲା ସାମ୍ବାଦିକ ସଂଘର ଜରୁରୀ ବୈଠକ

ଯାଜପୁର ଟାଉନ,୫।୧୨ (ଡି.ଏନ.ଏ.): ଯାଜପୁର ଜିଲା ସାମ୍ବାଦିକ ସଂଘର ଏକ ଜରୁରୀ ବୈଠକ ଶନିବାର ସ୍ଥାନୀୟ ତୁଳସୀ ରିସୋର୍ଟସଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ସମରଜିତ ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ ବ୍ଲକର ଆବାହକମାନେ ଯୋଗଦେଇଥିଲେ। ଆସନ୍ତା ୧୩ ତାରିଖରେ ସାଧାରଣ ସଭା ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏତଦ୍‌ବ୍ୟତୀତ ଖବରଦାତାଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ଏଥିରେ ଜିଲା ସାଧାରଣ ସମ୍ପାଦକ ରଞ୍ଜିତ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଅଭୟ ପତି, ରାଜ୍ୟ ଟ୍ରିବ୍ୟୁନାଲ ଅଧକ୍ଷ ରାଜୀବ ମହାନ୍ତି, ସଭ୍ୟ ଆଦିତ୍ୟ ମେକାପ, ବିଜୟ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାଲି ଉଠାଣକୁ ପରିବେଶ ମଞ୍ଜୁରୀ, ରାଜସ୍ୱକୁ ଅଣଦେଖା

**ଜିଲାରେ ବଢୁଛି ଏନ୍‌ଜିଟି ମାମଲା**

କେନ୍ଦ୍ରାପଡ଼ା ଅଫିସ, ୫।୧୨

କେନ୍ଦ୍ରାପଡ଼ା ଜିଲାରେ ଲଘୁ ଖଣିଜ ସମ୍ପଦ ଉଠାଣରେ ଅନିୟମିତତା ପାଇଁ ଏନ୍‌ଜିଟିରେ ମାମଲା ବଢ଼ି ଚାଲିଛି। ୨ବର୍ଷ ମଧ୍ୟରେ ୪ଟି ଏନ୍‌ଜିଟି ମାମଲା ରୁଜୁ ପରେ ଜିଲା ପ୍ରଶାସନ ଅଡୁଆରେ ପଡିଛି। ଏହାସତ୍ତ୍ୱେ ପରିବେଶ ମଞ୍ଜୁରୀ, ରାଜସ୍ୱକୁ ଅଣଦେଖା କରାଯାଇ ଜିଲାର ବିଭିନ୍ନ ନଦୀ ସଇରାତରୁ ବାଲି ଉଠାଯାଉଥିବା ବୁଦ୍ଧିଜୀବୀ ଓ ସୂଚନା ଅଧିକାର କର୍ମୀମାନେ କହିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ବିଭୂତି ଭୂଷଣ ରାଉତ କୁହନ୍ତି, ଜିଲାର ଆଳି, ଡେରାବିଶ, ଗରଦପୁର, ରାଜକନିକା, ମାର୍ଶାଘାଇ, ମହାକାଳପଡା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ପ୍ରବାହିତ ନଦୀର ୨୮ ସଇରାତରେ ବାଲି ଉଠାଣ ପାଇଁ ଜିଲା ପ୍ରଶାସନ ଟେଣ୍ଡର କରୁଛନ୍ତି। ସମୁଦାୟ ୧୫୭. ୩୩୬ ହେକ୍ଟର ଆୟତନର ଏହି ସଇରାତ ପାଇଁ ରାଜସ୍ୱ ଧାର୍ଯ୍ୟ କରୁଛନ୍ତି। ଏଥିସହ ନିର୍ଦ୍ଦିଷ୍ଟ ପରିମାଣରେ ବାଲି ଉଠାଣ ପାଇଁ ଅନୁମତି ଦିଆଯାଉଥିଲେ ମଧ୍ୟ ଲିଜଧାରୀ ଅଧିକ ବାଲି ଉଠାଉଛନ୍ତି। ଏପରି କି କେତେକ ସ୍ଥାନରେ ସଇରାତ ନିଲାମ ହୋଇ ନ ଥିଲେ ମଧ୍ୟ ବାଲି ଉଠାଯାଉଛି। ପଟ୍ଟାମୁଣ୍ଡାଇ ବ୍ଲକର ବ୍ରାହ୍ମଣୀ ନଦୀ, କେନ୍ଦ୍ରାପଡା ବ୍ଲକ ଇନ୍ଦୁପୁରରେ ବାଲି ଉଠାଣକୁ ନେଇ ଏନ୍‌ଜିଟିରେ ମାମଲା ହୋଇଛି। ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ ପାଇଁ ବେଆଇନ ଭାବେ ମାଟି ଓ ବାଲି ଚାଲାଣ ହୋଇଥିବା ଦର୍ଶାଇ ଏନ୍‌ଜିଟିରେ ମାମଲା ହୋଇଛି। ସୂଚନା ଅଧିକାର କର୍ମୀ ଆଲୟ ସାମନ୍ତରାୟ କହିଛନ୍ତି, ସଇରାତ ଚିହ୍ନଟ ଓ ବାଲି ଉଠାଣରେ ବହୁ କଟକଣା ଅଛି। ନଦୀ ଶଯ୍ୟାର ଏକ ପଞ୍ଚମାଂଶରୁ ଊର୍ଦ୍ଧ୍ୱ ବାଲି ଉଠାଣକୁ ପରିବେଶ ବିଭାଗ ପକ୍ଷରୁ କଟକଣା ଜାରି ହୋଇଛି।

ସେହିପରି ପାନୀୟ ଜଳ ପ୍ରକଳ୍ପ, ବନ୍ଧ, ନଦୀ, ପୋଲ ନିକଟଠାରୁ ୩୦୦ ମିଟର ପର୍ଯ୍ୟନ୍ତ ବାଲି ଉଠାଯାଇପାରିବ ନାହିଁ। ପରିବେଶ ପ୍ରଦୂଷଣ ମୁକ୍ତ ଗାଡି ବାଲି ପରିବହନରେ ନିୟୁକ୍ତ ହେବ ଓ ଗାଡିରେ ଯାଉଥିବା ବାଲି ଉପରେ ପାଲ ଢଙ୍କାଯିବାକୁ ନିୟମ ରହିଛି। ହେଲେ ଅଧିକାଂଶ ସ୍ଥାନରେ ବାଲି ନେଉଥିବା ଗାଡି ସରକାରୀ ନିୟମକୁ ମାନୁନାହାନ୍ତି। ଗାଡି ବାଲି ନେବା ବେଳେ ପାଲ ପକାଉ ନ ଥିବାରୁ ଏହା ଉଡି ରାସ୍ତାରେ ପଡୁଛି। ରାସ୍ତାରେ ବାଲି ପଡିବା ଯୋଗୁ ଦୁର୍ଘଟଣା ଘଟୁଛି। ବାଲି ଉଡିବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଏଥିସହ ବହୁ ନିୟମ ନଦୀପଥର ସୁରକ୍ଷା ଦିଗରେ ଉଲ୍ଲେଖ ଅଛି। ତେବେ ଜିଲାରେ ହେଉଥିବା ବାଲି ଉଠାଣରେ ପରିବେଶ ନିୟମକୁ ଉପେକ୍ଷା କରାଯାଉଛି। ସୂଚନା ଅଧିକାର କର୍ମୀ ଅଶେଷ ଖଟୁଆ କହିଛନ୍ତି, ନିକଟରେ ମହାକାଳପଡା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ବାଲି ସଇରାତରେ ପରିବେଶ ମଞ୍ଜୁରୀ ସମ୍ପର୍କିତ ତଥ୍ୟ ଆଣିବାକୁ ଚେଷ୍ଟା କରିଥିଲି। ମାର୍ଶାଘାଇ ତହସିଲ ଅଧୀନ ତୁଳସୀପୁର ଓ ପକ୍ଷୋଟ ବାଲି ସଇରାତରେ ପରିବେଶ ମଞ୍ଜୁରୀ ମିଳି ନ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପାରାଦୀପସ୍ଥ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ୧୨୯୪୧ରେ ଜଣାଇଛନ୍ତି। ଜିଲା ପ୍ରଶାସନ ପରିବେଶ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପଚାରିବାରେ ଅଧିକ ବାଲି ଉଠାଣ ଓ ପରିବେଶ ମଞ୍ଜୁରୀ ସଂକ୍ରାନ୍ତୀୟ କାଗଜପତ୍ରର ତନଖି ହେବ। ଅଭିଯୋଗର ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କୁଣ୍ଡପାଟଣା ଗ୍ରାମରେ ଅଗ୍ନିକାଣ୍ଡ

ରସୁଲପୁର,୫।୧୨(ଡି.ଏନ.ଏ.)

ରସୁଲପୁର ତହସିଲ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତର କୁଣ୍ଡପାଟଣା ଗ୍ରାମ ମଝିସାହିରେ ଅଗ୍ନିକାଣ୍ଡ ଘଟି ନିରଞ୍ଜନ ସାହୁ, ଉତ୍ତମ ସାହୁ, ଘନଶ୍ୟାମ ସାହୁ. ପି. ଭାଗ୍ୟଧର ସାହୁଙ୍କ ଶାଳଘର ପୋଡ଼ିଯାଇଛି। ଏଥିରେ ଉକ୍ତ ପରିବାରର ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଛି। ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରା କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଓ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସୁପାରିଶ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଗ୍ନିକାଣ୍ଡରେ ଉପରୋକ୍ତ କଂସା ପିତ୍ତଳ କାରୀଗରଙ୍କ ଜୀବିକା ପ୍ରଭାବିତ ହୋଇଛି।

# ନବନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ



କେନ୍ଦ୍ରୀୟ କୃଷି ଆଇନକୁ ବିରୋଧ କରି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜଗତ୍‌ସିଂହପୁର ଥାନାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କେନ୍ଦ୍ରୀୟ କୃଷି ଆଇନକୁ ବିରୋଧ**

ଜଗତ୍‌ସିଂହପୁର ଅଫିସ, ୫।୧୨

ଦିଲ୍ଲୀ ରାଜରାସ୍ତାରେ ୧୦ ଦିନ ଧରି କେନ୍ଦ୍ରୀୟ କୃଷି ଆଇନ-୨୦୨୦ର ଉଚ୍ଛେଦ ଦାବିରେ କିଛି ରାଜ୍ୟର କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯାଉଛି। ଉକ୍ତ ଆନ୍ଦୋଳନକୁ ସମର୍ଥନ କରି ଓଡ଼ିଶାର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶନିବାର ବିକ୍ଷୋଭ ସମାବେଶ କରାଯାଇଛି। ମଧ୍ୟାହ୍ନରେ ଜଗତ୍‌ସିଂହପୁର ଟାଉନ ହଲ୍ ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ଥାନା ଛକରେ ପହଞ୍ଚିଥିଲା । ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। କେନ୍ଦ୍ର ସରକାର ଏହି କୃଷି ଆଇନ ମାଧ୍ୟମରେ ମୁନାଫାଖୋର କର୍ପୋରେଟ୍ ପୁଞ୍ଜିପତିମାନଙ୍କୁ ଅବାଧ ପ୍ରବେଶ କରାଇ ଚାଷୀଙ୍କୁ ଗୋଟି ଖଟିବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ସଂଗଠନର ବରିଷ୍ଠ ସଦସ୍ୟମାନେ କହିଥିଲେ । ତେଣୁ ଏହି କୃଷି ଆଇନ ପ୍ରତ୍ୟାହାର ପାଇଁ ସେମାନେ ଦାବି କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନବେଳେ ସଙ୍ଗଠନ ଉପଦେଷ୍ଟା ବଂଶୀଧର ପଟ୍ଟନାୟକ, ନିତ୍ୟାନନ୍ଦ ପଣ୍ଡା, ରଶ୍ମିରଞ୍ଜନ, ରାଜ୍ୟ କମିଟି ସଭ୍ୟ ଦେବୀ ପ୍ରସାଦ ମହାରଣା, ଜିଲା ସହସଂଯୋଜକ ଅଶୋକ କୁମାର ସ୍ୱାଇଁ ଓ ବିଷ୍ଣୁଚରଣ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ ।

## ତେଲିପାଟଣା ଗାଁରେ ବୃଦ୍ଧଙ୍କୁ ହତ୍ୟା

ନୟାଗଡ ଅଫିସ/ରଣପୁର,୫।୧୨(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଥାନା ତେଲିପାଟଣା ଗାଁର ବ୍ରଜ କିଶୋର ସାହୁ(୮୪)ଙ୍କୁ ହତ୍ୟା କରି କେହି ଫୋପାଡି ଦେଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୩୦୨ ଦଫାରେ ନଂ. ୩୨୯/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ, ବ୍ରଜ କିଶୋର ଶୁକ୍ରବାର ସନ୍ଧ୍ୟାରେ ବଜାରକୁ ଯାଇଥିଲେ। ହେଲେ ସେ ଘରକୁ ଆଉ ଫେରି ନ ଥିଲେ। ଶନିବାର ଭୋରରେ ଗାଁର ଏକ ପ୍ରାଚୀର କଡରେ ତାଙ୍କର ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜବତ କରାଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିବା ପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

## ପାନୀୟ ଜଳ ପାଇଁ ହାତାହାତି

କେନ୍ଦ୍ରାପଡା ଅଫିସ, ୫।୧୨

କେନ୍ଦ୍ରାପଡା ବ୍ଲକ କପାଳେଶ୍ୱର ପଞ୍ଚାୟତ ଜଜାଙ୍ଗସ୍ଥିତ କୃଷି ବିକାଶ କେନ୍ଦ୍ର ମଧ୍ୟରେ ପାନୀୟ ଜଳ ପାଇଁ ଗ୍ରାମବାସୀଙ୍କ ସହ କେନ୍ଦ୍ରାପଡା ବିଧାୟକଙ୍କ ଗାଡି ଡ୍ରାଇଭର ଶନିବାର ହାତାହାତି ହୋଇଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବା ପରେ ସଦର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ୭ ଦିନ ମଧ୍ୟରେ ସମଲପୁର ଗ୍ରାମକୁ ପାନୀୟ ଜଳ ଯୋଗାଣ ହେବ ବୋଲି ବିଧାୟକ ଶଶିଭୂଷଣ ବେହେରାଙ୍କ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡିଛି। କପାଳେଶ୍ୱର ପଞ୍ଚାୟତ ସମଲପୁର ଗ୍ରାମର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମୋଟର ଖରାପ ଯୋଗୁ କିଛିଦିନ ଧରି ବନ୍ଦ ରହିଛି। ଏହାର ନିରାକରଣ ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କ ସମେତ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏହାର ସମାଧାନ ହୋଇ ନ ଥିଲା। ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରକୁ ବିଧାୟକ ବେହେରା ଆସିଥିବା ବେଳେ ସମଲପୁର ଗ୍ରାମବାସୀ ମିଳିତ ଭାବେ ପାଣି ଯୋଗାଣ ପାଇଁ ଅନୁରୋଧ କରିବାକୁ ଆସିଥିଲେ। ଗାଡି ଚାଳକ ଗ୍ରାମବାସୀଙ୍କୁ ଅଟକାଇବା ସହ ଆଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ।

# ରୋଗାକ୍ରାନ୍ତ ଦୁରୁଜଙ୍କୁ ମିଳିଲାନି ସହାୟତା

**୨ମାସ ପୂର୍ବରୁ ଡାକ୍ତରୀ ଟିମ୍ ରିପୋର୍ଟ ଦେଇଥିଲେ**

ଖଣ୍ଡପଡ଼ା,୫।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଅଞ୍ଚଳର ଦୁର୍ଯ୍ୟୋଧନ ନାୟକ (ଦୁରୁଜ)ଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ ହେବା ପରେ ଏକ ଡାକ୍ତରୀ ଟିମ୍ ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଥିଲା। ହେଲେ ଇତିମଧ୍ୟରେ ୨ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ତାଙ୍କୁ କୌଣସି ସହାୟତା ମିଳି ନ ଥିବାରୁ ବଞ୍ଚିବାର ରାହା ହରାଇବସିଛନ୍ତି। କଣ୍ଟିଲୋ ପଞ୍ଚାୟତ ବାଉରିସୁବୁଦ୍ଧିପାଟଣାର ୭୧ ବର୍ଷୀୟ ଦୁରୁଜ ପର ଦୁଆରେ ମୂଲଲାଗି ଦୁଃଖେକଷ୍ଟେ ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଅଜଣା ରୋଗ ସବୁ ଓଲଟପାଲଟ କରିଦେଲା। ଦୀର୍ଘ ୪ବର୍ଷ ହେଲା ସେ ଶଯ୍ୟାଶାୟୀ ଅବସ୍ଥାରେ ପଡିରହିଛନ୍ତି। ଅର୍ଥାଭାବରୁ ସେ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ଅଛନ୍ତି। ଏ ସମ୍ପର୍କରେ ଅଗଷ୍ଟ ୨୬ରେ ଧରିତ୍ରୀରେ ଖବର ପ୍ରକାଶ



ପାଇଥିଲା। ପରେ ନୟାଗଡ଼ ଜିଲାପାଳ ପୋମା ଟୁଡୁଙ୍କ ନିର୍ଦ୍ଦେଶକ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟର ମ୍ୟାଲେରିଆ ଅଧିକାରୀ ଡା. ତାରକ ପ୍ରସନ୍ନ ତ୍ରିପାଠୀ, ସହଯୋଗୀ ବାଳକୃଷ୍ଣ ଦାଶ ଓ ମାନସ କୁମାର ସାହୁ ପ୍ରମୁଖ ଦୁରୁଜଙ୍କ ପାଖରେ ପହଞ୍ଚି ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ସେପ୍ଟେମ୍ବର ୧୦ରେ ସେମାନେ ଉପଯୁକ୍ତ ଚିକିତ୍ସା ଆବଶ୍ୟକ ଥିବା ଦର୍ଶାଇ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୭୮୭୧୦୯୨୦ରେ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଥିଲେ। ଏହି ଟିମ୍‌ରେ ଆସିଥିବା ଡା. ତ୍ରିପାଠୀଙ୍କ କହିବା କଥା, ଦୁର୍ଯ୍ୟୋଧନଙ୍କ ହାତ ଗୋଡ ଅଚଳ ହୋଇ ପଡିଛି। ତାଙ୍କ ପାଇଁ ଉନ୍ନତର ଚିକିତ୍ସା ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶକ୍ତିପ୍ରକାଶ ମିଶ୍ର କହନ୍ତି, କଣ୍ଟିଲୋ ମେଡିକାଲ ଅଫିସରଙ୍କ ଦ୍ୱାରା ଦୁରୁଜଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଗଲେ ଆମେ ସମସ୍ତ ସରକାରୀ ସହାୟତା ସହ ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥା କରିବୁ।

## ଗୋଷ୍ଠୀ ସଂଘର୍ଷ, ଜଣେ କୋର୍ଟ ଚାଲାଣ

କଳିଙ୍ଗନଗର,୫।୧୨(ଡି.ଏନ.ଏ.)

ଦାନଗଦୀ ଫାଣ୍ଡି ଅନ୍ତର୍ଗତ ଯଖପୁରା ପଞ୍ଚାୟତର ବାଲୁଙ୍ଗାବନ୍ଦୀ ଗାଁରେ ରାସ୍ତା କାମକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ସଂଘର୍ଷ ହୋଇଛି। ଏଥିରେ ୭ ଜଣ ଆହତ ହୋଇଛନ୍ତି। ଏ ନେଇ ଦାନଗଦୀ ଫାଣ୍ଡିରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଗୋଟିଏ ପକ୍ଷର ଝରଣା ରାଉତ ଏବଂ ଅନ୍ୟ ପକ୍ଷରୁ ଗୌରୀ ମହାନ୍ତି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଅମୂଲ୍ୟ ମହାନ୍ତି, ଦୀପକ ମହାନ୍ତି, ପଦନ ମହାନ୍ତି, ରବୀନ୍ଦ୍ର ରାଉତ, ଚନ୍ଦନ ରାଉତ, ବାପିନ ରାଉତ ପ୍ରମୁଖ ଆହତ ହୋଇଛନ୍ତି। ଏଥିମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ଫାଣ୍ଡିରେ ନଂ. ୪୮୧, ୪୮୨/୨୦ରେ ଦୁଇଟି ମାମଲା ରୁଜୁ ହୋଇଛି । ପୋଲିସ ପଦନ ମହାନ୍ତି(୫୫)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ଫାଣ୍ଡି ଅଧିକାରୀ ଗୋବର୍ଦ୍ଧନ ନାୟକ କହିଛନ୍ତି।

## ପୋକଖିଆ କୋବି କିଆରି ବୁଲିଲେ କୃଷି ବୈଷୟିକ ଅଧିକାରୀ


କୋବିକ୍ଷେତ ପରିଦର୍ଶନ କରୁଛନ୍ତି କୃଷି ବୈଷୟିକ ଅଧିକାରୀ।

ରସୁଲପୁର,୫।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡିଶୋ, ନଠୁଆବର, କଲଣ, ସିଂହାପୁର, ଯାବରା, ଶ୍ରୀବନ୍ତପୁର, ବଡକଇଁଚି ପ୍ରଭୃତି ପଞ୍ଚାୟତରେ ଅଜଣା ପୋକ ଲାଗି କୋବି ଫସଲ ନଷ୍ଟ ହୋଇଯାଉଛି । ଏ ନେଇ

**ଧରିତ୍ରୀ ପ୍ରଭାବ**

ଧରିତ୍ରୀରେ ମଙ୍ଗଳବାର ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ଆଧାରରେ ଶନିବାର ବ୍ଲକ ଉଦ୍ୟାନ କୃଷି ବିଭାଗ, କୃଷି ବିଭାଗ ଓ ବୈଷୟିକ ଅଧିକାରୀମାନେ କୋବି କ୍ଷେତ ପରିଦର୍ଶନ କରିଛନ୍ତି। ପୋକ ଦାଉରୁ ରକ୍ଷା ପାଇବା ପାଇଁ କି ପ୍ରକାର କୀଟନାଶକ ବ୍ୟବହାର କରାଯିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ । ଗୋଟିଏ ମାଈପୋକ ଶତାଧିକ ଛୁଆ ଜନ୍ମ କରିବାର କ୍ଷମତା ରହିଛି । ଉକ୍ତ ପୋକମାନେ କଅଁଳିଆ କୋବିପତ୍ର ଖାଇ ବଞ୍ଚନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ଫସଲ କିଆରିରେ ହଳଦିଆ ରଙ୍ଗର ଅଠା ଲଗା ବାଡି ବ୍ୟବହାର କରିବା, କ୍ଷେତ ପାଖରେ ନିଆଁ ଜାଳିବା, ଔଷଧ ଦୋକାନରୁ ମନଇଚ୍ଛା କୀଟନାଶକ ନ କିଣି ବ୍ଲକର ବୈଷୟିକ ପରିଚାଳକଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି ବ୍ଲକ କୃଷି ବୈଷୟିକ ପରିଚାଳକ ଶ୍ରୀନିବାସ ରାଉତରାୟ, ଉଦ୍ୟାନ କୃଷି ବିଭାଗ ସହକାରୀ ଅଧିକାରୀ ପ୍ରଭାସ ରଞ୍ଜନ ମଳିକ ପ୍ରମୁଖ ଚାଷୀମାନଙ୍କୁ ସୂଚନା ଦେଇଥିଲେ।

# ଢୋଲମରାକୁ ହରାଇ ଏକଡାଳ ଚାମ୍ପିୟନ

ଖଣ୍ଡପଡା,୫।୧୨(ସ୍ୱ.ପ୍ର)

ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳପଡିଆଠାରେ ରବିବାର ଆରମ୍ଭ ହୋଇଥିବା ସିଧାମୂଳା ପ୍ରିମିୟର ଲିଗ୍ ଶୁକ୍ରବାର ଶେଷ ହୋଇଯାଇଛି। ଫାଇନାଲ ଖେଳରେ ଢୋଲମରା କ୍ରିକେଟ ଆସୋସିଏଶନକୁ ହରାଇ ଆର୍‌ଜେସିଟି ଏକଡାଳ ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି

**ଗୋକୁଳାନନ୍ଦ ପ୍ରିମିୟର ଲିଗ୍**

ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡଙ୍ଗୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ଏକଡାଳ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଜବାବରେ ଢୋଲମରା ଦଳ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ବିନିମୟରେ ମାତ୍ର ୯୫ ରନ ସଂଗ୍ରହ କରିଥିଲା। ଏକଡାଳ ଦଳ ୫୦ ରନରେ ବିଜୟୀ ହୋଇଥିବା ବେଳେ ବିଜୟୀ ଦଳର ଲିଟୁ ମ୍ୟାନ ଅଫ ଦି ମ୍ୟାଚ ଓ ହିମାଂଶୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଛନ୍ତି। ଖେଳକୁ ତପନ କୁମାର ଦାସ ଓ ସନ୍ତୋଷ ରାଜେନ୍ଦ୍ର କୁମାର ରାଉତ ପରିଚାଳନା କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଧୋବା ଦଳେଇ ପ୍ରମୁଖ ଯୋଗଦେଇ ବିଜୟୀ ଦଳଙ୍କୁ କପ ସହ ଅର୍ଥରାଶି ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ବିଭୂତି ମନ୍ତ୍ରୀ ଓ ସହଯୋଗୀ ସନ୍ତୋଷ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥି ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ମାଟିର ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱାରୋପ

ଜଗତ୍‌ସିଂହପୁର ଅଫିସ/ତିର୍ତ୍ତୋଲ (ଡି.ଏନ୍.ଏ.)୫।୧୨

ମଣିଷର ବଞ୍ଚିବା ପାଇଁ ଜଳ, ମାଟି ଓ ବାୟୁର ସନ୍ତୁଳନ ଆବଶ୍ୟକ । ଚାଷ ଜମିରେ ଘର କରି ସହରାଞ୍ଚଳରେ ପରିଣତ କରିବା, ଗଛ କାଟିବା, କୃତ୍ରିମ ସାର ବହୁଳଭାବେ ପ୍ରୟୋଗ କରିବା ଦ୍ୱାରା ମାଟିର ଗୁଣବତ୍ତା ନଷ୍ଟ ହେଉଛି । ଫଳରେ ମାଟିର ଖାଦ୍ୟ ଉତ୍ପାଦନ କ୍ଷମତା ହ୍ରାସପାଉଛି ବୋଲି ଶନିବାର ଜିଲାପାଳ ସରୋଜ କୁମାର ମିଶ୍ର କହିଛନ୍ତି। ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ଗୃହରେ ଆୟୋଜିତ ବୈଠକରେ ଜିଲାପାଳ ମିଶ୍ର ଯୋଗଦେଇ କହିଥିଲେ, ବାରମ୍ବାର ଗୋଟିଏ ଫସଲ କରିବା, ମାଟିକୁ ବିଶ୍ରାମ ନ ଦେବା, କୃତ୍ରିମ ସାର ପ୍ରୟୋଗ କରିବା ଦ୍ୱାରା ମାଟିର ଉର୍ବରତା ହ୍ରାସ ପାଏ । ତେଣୁ ମାଟିର ଗୁଣାବତ୍ତା ବୃଦ୍ଧି ପାଇଁ ଦାୟିତ୍ୱବାନ ହେବା ଆବଶ୍ୟକ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଥିଲେ, ମାଟି ହେଉଛି ମା'। ତାର ସେବା ଓ ସ୍ୱାସ୍ଥ୍ୟ ରକ୍ଷା କରିବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ। ମୃତ୍ତିକାକୁ ବଞ୍ଚାଇ ରଖିବାକୁ ହେଲେ ତାଭିତରେ ଥିବା ଜୈବ ବିବିଧତାକୁ ସୁରକ୍ଷା ଦେବାକୁ ପଡ଼ିବ। ଅଧିକ ଫସଲ ଉତ୍ପାଦନ ପାଇଁ ବିପୁଳ ପରିମାଣରେ ରାସାୟନିକ ସାର ପ୍ରୟୋଗ ଠିକ୍ ନୁହେଁ ବୋଲି ମନ୍ତ୍ରୀ କହିଥିଲେ । ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ମହାପାତ୍ର ଯୋଗଦେଇ ମାଟିକୁ ଜୀବନ୍ତ ରଖିବା ଓ ଜୈବ ବିବିଧତାକୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ବିଶ୍ୱମୋହନ ପଟ୍ଟନାୟକ କହିଥିଲେ, ଚାଷୀମାନେ ମାଟି ପରୀକ୍ଷା କରାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ହାସଲ କରି ଅନୁମୋଦିତ ହାରରେ ସାର ପ୍ରୟୋଗ ସହ ମୃତ୍ତିକାର ସ୍ୱାସ୍ଥ୍ୟ, କୃଷି ଓ କୃଷକର ଆର୍ଥିକ ମାନଦଣ୍ଡ ବୃଦ୍ଧି କରନ୍ତୁ। ଏହି ଅବସରରେ ମୃତ୍ତିକା ସଂରକ୍ଷଣ ଓ ଜୈବ ବିବିଧତା ସମ୍ପର୍କିତ ଏକ କ୍ଷୁଦ୍ର ଭିଡିଓ ପ୍ରଦର୍ଶନ କରାଯାଇ ଜିଲାର ୧୫ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ତିର୍ତ୍ତୋଲ ଜିଲା କୃଷି ଅଧିକାରୀ ବିଜୟ କୁମାର ସ୍ୱାଇଁ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ମିହିର କୁମାର ସାମନ୍ତରାୟ, ଜିଲାସ୍ତରୀୟ ଅଧିକାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ । ସେହିପରି ତିର୍ତ୍ତୋଲ ବ୍ଲକ ନିମକଣସ୍ଥିତ ଜିଲା କୃଷି ବିଜ୍ଞାନକେନ୍ଦ୍ର ପରିସରରେ ଶନିବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ଯୋଗଦେଇ ମୃତ୍ତିକା ପରୀକ୍ଷା ସହ ଆବଶ୍ୟକ ଖତସାର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ।



ଜଗତ୍‌ସିଂହପୁରଠାରେ ମୃତ୍ତିକା ଦିବସ ଅବସରରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୬ ଡିସେମ୍ବର, ୨୦୨୦



**ଚୋରା ବାଲି ଚାଲାଣ: ଟ୍ରାକ୍ଟର ଜବତ**

ନାଉଗାଁ,(ସ୍ୱ.ପ୍ର.): ନାଉଗାଁ ବ୍ଲକ ବଛାଲୋ ପଞ୍ଚାୟତ ଅନ୍ତର୍ଗତ ଦେବୀ ନଦୀର ପାଳନ୍ଦୀ ଘାଟରୁ ଚୋରା ବାଲି ଚାଲାଣ ବେଳେ ଶନିବାର ତହସିଲ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ସମୟରେ ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରା ଏକ ଟ୍ରାକ୍ଟର ଜବତ କରି ନାଉଗାଁ ଥାନାରେ ଜିମା ଦେଇଛନ୍ତି। ଅପରପକ୍ଷେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛି। ଉକ୍ତ ଘାଟଟି ନିଲାମ ହୋଇ ନ ଥିବାବେଳେ ବାଲି ମାଫିଆମାନେ ପ୍ରତ୍ୟହ ଘାଟରୁ ବାଲି ଚାଲାଣ କରୁଥିବା ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ଠିପି ବନ୍ଦ ମଦଦୋକାନ ନବୀକରଣକୁ ବିରୋଧ

ରସୁଲପୁର,୫ା୧୨(ଡି.ଏନ.ଏ.): ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତର ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଠିପି ବନ୍ଦ ମଦଦୋକାନ ନବୀକରଣକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଆଇନ ଖିଲାପକରି ଦୋକାନ ଖୋଲାଯାଇଥିବାରୁ ଏହାର ନବୀକରଣ କରାଯିବା ବୈଧ ନୁହେଁ ବୋଲି ବାରବାଟୀ ସମିତି ସଭ୍ୟ ଚୈତନ୍ୟ ନାୟକ ଯୁକ୍ତି ବାଢ଼ିଛନ୍ତି। ସୂଚନାଯୋଗ୍ୟ ଏହି ଦୋକାନର ନବୀକରଣ ପାଇଁ ଜିଲା ଅବକାରୀ ବିଭାଗ ପକ୍ଷରୁ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଉଛି। ଜିଲା ଅବକାରୀ କାର୍ଯ୍ୟାଳୟ ନୋଟିସ ନଂ.୧୭୮୮/୧୬ା୧୧ା୨୦ ଜରିଆରେ ଅଭିଯୋଗ ଆହ୍ୱାନ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମଦ ଦୋକାନ ନବୀକରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମ ପଞ୍ଚାୟତ ସହ ଯୋଗାଯୋଗ କରାଯାଇନାହିଁ। ମଦ ଦୋକାନ ରାଜପଥଠାରୁ ଅଧକିଲୋମିଟର ଦୂର ରହିବା ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରୁଛି। ଏହା ଚାରିପଟେ ଜନବସତି ଥିବାବେଳେ ସ୍ୱଳ୍ପ ଦୂରରେ ୪ଟି ଶିକ୍ଷାନୁଷ୍ଠାନ, ହୋମିଓପାଥିକ ଚିକିତ୍ସାଳୟ, ଦୈନିକ ଓ ସାପ୍ତାହିକ ପରିବାହାଟ ରହିଛି। ଅନତି ଦୂରରେ ବାରବାଟୀ ବସଷ୍ଟାଣ୍ଡ ରହିଛି। ଏହି ଦୃଷ୍ଟିରୁ ମଦଦୋକାନ ନବୀକରଣ ପାଇଁ ଅନୁମତି ନ ଦେବାକୁ ସ୍ଥାନୀୟ ଜନସାଧାରଣ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

### ସରପଞ୍ଚ ସଂଘ ବୈଠକ

ବାଲିକୁଦା,୫ା୧୨(ସ୍ୱ.ପ୍ର.): ବାଲିକୁଦା ସରପଞ୍ଚ ସଂଘର ଏକ ବୈଠକ ନୂଆଗାଁସ୍ଥିତ ମା’ କରକେଇଙ୍କ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନିରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ସରପଞ୍ଚମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ଲକ କାର୍ଯ୍ୟାଳୟରେ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ଅଣଦେଖା, କୋଭିଡ୍ ପରିଚାଳନା କରି ସରପଞ୍ଚମାନେ ପ୍ରାପ୍ୟ ନ ପାଇବା, କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସୁ ନଥିବା, ସରପଞ୍ଚଙ୍କ ଅଜାଣତାରେ ଜିଆରଏସ ଓ ପିଇଓ ପ୍ରକଳ୍ପ ନିର୍ଦ୍ଧାରଣ କରି ଜିଓ ଟ୍ୟାଗିଂ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଏସବୁ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଜଟିଳ ପରିସ୍ଥିତି ସୃଷ୍ଟି ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏସବୁ ସମସ୍ୟାର ସମାଧାନ ପାଇଁ ଏକ ୭ ଜଣିଆ କମିଟି ଗଠନ କରାଯାଇ ବ୍ଲକ ପ୍ରଶାସନ ସହ ଆଲୋଚନା କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସଂଘ ସମ୍ପାଦକ ରମେଶ ପାଇଚାଳ ସରପଞ୍ଚ ଅନସୂୟା ସାହୁ, ଚିନ୍ମୟୀ ସ୍ୱାଇଁ, ମମତାମଞ୍ଜରୀ ହାତୀ, ପଲ୍ଲିଶ୍ରୀ ସାମଲ, ଜ୍ୟୋତ୍ସ୍ନା ବାରିକ ଓ ବନ୍ଦିତା ପଞ୍ଚାୟତ ପ୍ରମୁଖ ଉପସ୍ଥିତ ଥିଲେ।

### ଖବରଦାତାଙ୍କ ବିୟୋଗରେ ଶୋକସଭା

ଦଶପଲ୍ଲା, ୫ା୧୨( ଡି.ଏନ.ଏ.) : ଦଶପଲ୍ଲା ଦୁର୍ଗା ବଜାରର ପ୍ରତିଷ୍ଠିତା ସଦସ୍ୟ ତଥା ଦଶପଲ୍ଲାର ପ୍ରଥମ ଖବରଦାତା ମୁରଲୀଧର ପାଣିଙ୍କ ବିୟୋଗରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଗା ବଜାର ବଣିକ ସଂଘ ପକ୍ଷରୁ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ବଣିକ ସଂଘ ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ପ୍ରଭାତ ପୃଷ୍ଟି,, ଉପଦେଷ୍ଟା ଦଣ୍ଡପାଣି ସାହୁଙ୍କ ସମେତ ବହୁ ସଦସ୍ୟ ତାଙ୍କର ଗୁଣାବଳୀ ଉପରେ ମତ ବ୍ୟକ୍ତ କରିଥିଲେ। ସେହିପରି ତ୍ରିନାଥ ବଜାରସ୍ଥିତ ମେଳିଆ ତୋଟାଠାରେ ସିପିଆଇ(ଏମ) ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା କୃଷକ ନେତା ଗଣେଶ୍ୱର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ଜିଲା ସମ୍ପାଦକ ତଥା ଶ୍ରମିକ ନେତା ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ପାଣି ଦଶପଲ୍ଲାର ପ୍ରଥମ ଖବରଦାତା ଥିଲେ ବୋଲି କହିଥିଲେ। ଏଥିସହ କମ୍ୟୁନିଷ୍ଟ ପାର୍ଟିର ଜଣେ ପୁରୁଖା ସଦସ୍ୟ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ନାୟକ, ପ୍ରସନ୍ନ ମହାରଣାଙ୍କ ସମେତ ବହୁ ବକ୍ତା ଯୋଗଦାନ କରିଥିଲେ।

# ସ୍ୱାବଲମ୍ବୀ ହୋଇପାରୁନାହାନ୍ତି ମହିଳା

■ଫେଲ୍ ମାରୁଛି ସରକାରଙ୍କ ଯୋଜନା
■ବ୍ୟାଙ୍କଗୁଡ଼ିକରେ ମିଳୁନି ଋଣ
■ଡିଫଲ୍‌ଟର ଦର୍ଶାଇ ମଞ୍ଜୁର କରୁନାହାନ୍ତି କର୍ତ୍ତୃପକ୍ଷ

ରସୁଲପୁର,୫ା୧୨(ଡି.ଏନ.ଏ.)

ମିଶନଶକ୍ତି ଜରିଆରେ ଉଦ୍ୟୋଗୀ ମହିଳାଙ୍କୁ ସରକାର କମ୍ ସୁଧରେ ଋଣ ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି। ଉକ୍ତ ଋଣ ଅର୍ଥକୁ ବିନିଯୋଗ କରି ମହିଳା ସିଲେଇ ଶିକ୍ଷା କେନ୍ଦ୍ର, ଛତୁଚାଷ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍, ଶୀତଳଭଣ୍ଡାର, ଧୂପ ଓ ଫିନାଇଲ କାରଖାନା, କାଇଁଚ, ନଡିଆକତା, ବାଉଁଶ, ଟେରାକୋଟା ଆଦି କୁଟିରଶିଳ୍ପ ସ୍ଥାପନ କରିପାରିବେ। ଏପରି କି ଉକ୍ତ ୟୁନିଟ୍‌ରେ ଅନ୍ୟ ମହିଳାମାନଙ୍କୁ ନିୟୋଜିତ କରାଯାଇ ସେମାନଙ୍କୁ ରୋଜଗାର ପନ୍ଥା ଯୋଗାଇ ଦିଆଯିବ। ଉଦ୍ୟୋଗୀମାନଙ୍କ ଆର୍ଥିକ ସ୍ଥିତି ମଧ୍ୟ ସୁଦୃଢ଼ ହୋଇପାରିବ। କିନ୍ତୁ ବ୍ୟାଙ୍କ ଋଣ ପ୍ରଦାନରେ ଅସହଯୋଗ କରୁଥିବାରୁ ଏସବୁ ହୋଇ ପାରୁନାହିଁ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ଉଦ୍ୟୋଗୀ ମହିଳାମାନେ ଅଭିଯୋଗ କରିଛନ୍ତି। ଏହାର ଉଦାହରଣ ହେଉଛି, ଜିଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବିଭିନ୍ନ ବ୍ୟାଙ୍କକୁ ଆସିଥିବା ପ୍ରକଳ୍ପ ତାଲିକାର ଚିଠି। ଜିଲା ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକଙ୍କ ଚିଠି ସଂଖ୍ୟା-୨୦୩ ତା: ୧୫ା୦୨ା୨୦ରେ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ ପାଇଁ ସୁପାରିସ କରାଯାଇଛି। ତେବେ ସମ୍ପୃକ୍ତ ପ୍ରକଳ୍ପ ମଧ୍ୟରୁ ଜିଲାରେ ଅଦ୍ୟାବଧି ୨୧ଟି ପ୍ରକଳ୍ପ ପାଇଁ ବ୍ୟାଙ୍କ ପକ୍ଷରୁ ଋଣ ମଞ୍ଜୁର କରାଯାଇନାହିଁ। ରସୁଲପୁର ବ୍ଲକରେ ସର୍ବାଧିକ ୪ଟି ପ୍ରକଳ୍ପ ପାଇଁ ବିଭାଗ ପକ୍ଷରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ଷ୍ଟେଟବ୍ୟାଙ୍କ କୁଆଖିଆ ଶାଖାରେ ଋଣ ପ୍ରସ୍ତାବ ଫାଇଲ ୯ମାସ ହେଲା ପଡିରହିଛି। ଏନେଇ ବିଭାଗ ପକ୍ଷରୁ ବ୍ୟାଙ୍କଗୁଡିକୁ ଚିଠି ଜରିଆରେ ବାରମ୍ବାର ମନେ ପକାଇ ଦିଆଯାଉଛି। ମାତ୍ର ବ୍ୟାଙ୍କ ଋଣ ଦେବାକୁ ଅମଙ୍ଗ। କୁଆଖିଆ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ୩ ମେଟ୍ରିକ ଟନ ଶୀତଳୀକରଣ ପ୍ରକୋଷ୍ଠ ପାଇଁ ଆବେଦନକାରୀ ଅନ୍ନପୂର୍ଣ୍ଣା ସାହୁଙ୍କୁ ୧୫ ଲକ୍ଷ, ଛତୁ ଚାଷ ପାଇଁ ମାନିନୀ ସେଠୀ ଓ ମୁକ୍ତା ସେଠୀଙ୍କୁ ଯଥାକ୍ରମେ ୧ ଲକ୍ଷ, ୨ଲକ୍ଷ, ଷ୍ଟେଟବ୍ୟାଙ୍କ କୁଆଖିଆ ଶାଖାକୁ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ ଅନିତା ରାଉତଙ୍କୁ ୭ଲକ୍ଷ ଟଙ୍କା ଋଣ ପ୍ରଦାନ କରିବା ପାଇଁ ସୁପାରିସ କରାଯାଇଛି। ସମ୍ପୃକ୍ତ ମହିଳାମାନଙ୍କୁ ବିଭାଗ ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି। ମାତ୍ର ଏ ସବୁ ସତ୍ତ୍ୱେ ଟଙ୍କା ପାଇଁ ସବୁକିଛି ଅଟକି ରହିଛି। ଏ ସମ୍ପର୍କରେ କୁଆଖିଆ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଜଗଜନନୀ ସାହୁ କହିଛନ୍ତି, ସେ ଜୁଲାଇରେ ୨ଟି ପ୍ରପୋଜାଲ ପାଇଛନ୍ତି। ସେ ଦିଗରେ ବ୍ୟାଙ୍କ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇଛି। ବାକି କାମ ଶେଷ ହେବା ପରେ ଋଣ ପ୍ରଦାନ କରାଯିବ। କୁଆଖିଆ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରମଣୀ ରଞ୍ଜନ ସାହୁ କହିଛନ୍ତି, ଋଣ ପ୍ରଦାନ ପାଇଁ ଆସୁଥିବା ପ୍ରସ୍ତାବରେ ଅନେକ ହିତାଧିକାରୀ ପୂର୍ବରୁ ବ୍ୟାଙ୍କରେ ଡିଫଲଟର ଅଛନ୍ତି। ତେଣୁ ସେମାନଙ୍କୁ ଋଣ ପ୍ରଦାନ କରିବା ସମ୍ଭବ ହେଉନାହିଁ। ହିତାଧିକାରୀ ପୂର୍ବ ଋଣ ଶୁଝିସାରିଲେ ନୂତନ ଋଣ ଦେବାର ବ୍ୟବସ୍ଥା କରାଯିବ।

## ସ୍ୱତନ୍ତ୍ର ଆଧାର ପଞ୍ଜୀକରଣ ଶିବିର




ଜଣେ ବୃଦ୍ଧାଙ୍କ ଘରେ ତାଙ୍କ ଆଧାର କାର୍ଡ ପାଇଁ ଫଟୋ ଉଠାଯାଉଛି।

ଡେରାବିଶ, ୫ା୧୨(ସ୍ୱ.ପ୍ର.)

ରାଜ୍ୟ ସରକାର ଭତ୍ତା ହିତାଧିକାରୀମାନଙ୍କ ଆଧାର ସଂଯୋଗ ବାଧ୍ୟତାମୂଳକ କରିଛନ୍ତି। ଏହାପରେ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ଆଧାର ପଞ୍ଜୀକରଣ ଶିବିର ଅନୁଷ୍ଠିତ କରାଯାଉଛି। ଯେଉଁ ଭତ୍ତା ହିତାଧିକାରୀଙ୍କ ବାର୍ଦ୍ଧକ୍ୟ ଓ ବିକଳାଙ୍ଗ କାରଣରୁ ଆଧାର ଉଠା ଯାଇପାରିନାହିଁ, ଉଠା ଯାଇଥିବା ଆଧାରର ଆଙ୍ଗୁଠି ଛାପ ଓ ରେଟିନା ସ୍କାନ ଠିକ୍ ଭାବେ ହୋଇନି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଶିବିର ଆୟୋଜନ କରାଯାଉଛି। ଏମିତି କି ଶଯ୍ୟାଶାୟୀ ହିତାଧିକାରୀମାନଙ୍କ ଘରେ ପହଞ୍ଚି ସେମାନଙ୍କ ଆଧାର ପ୍ରସ୍ତୁତ କରାଯାଉଛି। ଏହିକ୍ରମରେ ଶନିବାର ଡେରାବିଶ ବ୍ଲକର ମୁକୁନ୍ଦପୁର, ଦାନପୁର ପଞ୍ଚାୟତରେ ପ୍ରୋଗ୍ରାମ୍ ଆସିଷ୍ଟାଣ୍ଟ ମନସ୍ମିତା ସାହୁ, କନିଷ୍ଠ କିରାଣି ଚୌଧୁରୀ ଦୀପକ କୁମାର ଓ ଆଧାର ଅପରେଟର ଉପେନ୍ଦ୍ର କୁମାର ସିଂ ଶିବିର ଆୟୋଜନ କରି ୧୦ ଜଣ ଓ ୨ ଜଣ ଶଯ୍ୟାଶାୟୀ ହିତାଧିକାରୀଙ୍କ ଘରେ ପହଞ୍ଚି ଆଧାରକାର୍ଡ଼ ସଂଶୋଧନ କାର୍ଯ୍ୟ କରିଥିଲେ। ପର୍ଯ୍ୟାୟକ୍ରମେ ଏହି ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ମୋଟ ୩୩୦ ଜଣ ଭତ୍ତା ହିତାଧିକାରୀଙ୍କ ଆଧାର ସଂଶୋଧନ ହେବାର କାର୍ଯ୍ୟକ୍ରମ ରହିଛି। ଉପରୋକ୍ତ ଦୁଇ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ପଞ୍ଜୀକରଣ ଶିବିରକୁ ମୁକୁନ୍ଦପୁର ସରପଞ୍ଚ ଯୋଗାନନ୍ଦ ମହାନ୍ତି ଓ ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ।

## ଚାଷ, ଚାଷୀ ଓ ଦେଶକୁ ବଞ୍ଚାଇବା ଦାବିରେ ଧାରଣା




ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନଙ୍କ ଧାରଣା।

ନୟାଗଡ ଅଫିସ,୫ା୧୨

ଚାଷ, ଚାଷୀ ଓ ଦେଶକୁ ବଞ୍ଚାଇବା ଦାବିରେ କେନ୍ଦ୍ର ସରକାରଙ୍କର ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ନୟାଗଡରେ କୃଷକମାନେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦୁର୍ଗାପ୍ରସାଦଠାରୁ ଶୋଭାଯାତ୍ରା ନୟାଗଡ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଆସିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ବିରୋଧରେ କୃଷକ ନେତାମାନେ କହିବା ସହ ଗୃହ ମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଜିଲା ସଂଯୋଜକ ରଣଜିତ୍ ଦଳବେହେରାଙ୍କ ନେତୃତ୍ୱରେ ପ୍ରସନ୍ନ ପ୍ରଧାନ, ଅଭିମନ୍ୟୁ ଗୁମାନସିଂହ, ପ୍ରଦୀପ ବେହେରା, ଅଜୟ ମହାନ୍ତି, ପ୍ରଫୁଲ୍ଲ ଲେଙ୍କା ପ୍ରମୁଖ ଆନ୍ଦୋଳନରେ ଭାଗ ନେଇଥିଲେ।

## ମୁଗୁନି ପଥର ଚୋରାଚାଲାଣ ଗାଡ଼ି ଜବତ, ଜଣେ କୋର୍ଟଚାଲାଣ

କଳିଙ୍ଗନଗର,୫ା୧୨(ଡି.ଏନ.ଏ.)

ମୁଗୁନି ପଥର ଚୋରାଚାଲାଣ ହେଉଥିବାବେଳେ ଟମକା ଥାନା ପୋଲିସ ଦ୍ୱାରା ପିକ୍‌ଅପ୍ ଭ୍ୟାନକୁ ଜବତ କରିବା ସହ ଚନ୍ଦନ ବେହେରା(୩୫)ଙ୍କୁ ଗିରଫ କରାଯାଇଛି। ଶନିବାର କେନ୍ଦୁଝର ଜିଲା ପଣ୍ଡାପଡା ଅଞ୍ଚଳରୁ ନଂ. ଓଡି୨୨ ଏଫ ୨୫୩୭ ଗାଡିରେ ଚନ୍ଦନ ଏହି ମୁଗୁନି ପଥର ଭଦ୍ରକ ଜିଲା ବାରିଗାଁ ଅଞ୍ଚଳକୁ ନେଉଥିଲେ। ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଜନିନ୍ଦାପାଳ ଛକ ନିକଟରେ ଗାଡିକୁ ଅଟକାଇଥିଲା। ତନଖିବେଳେ ସେଥିରେ ଚୋରା ମୁଗୁନି ପଥର ଯାଉଥିବା ଦେଖିବାକୁ ପାଇଥିଲା। ପୋଲିସ ନଂ. ୧୦୪/୨୦ରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସଂଘମିତ୍ରା ନାୟକ ସୂଚନା ଦେଇଛନ୍ତି।

## ବସ୍‌ଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର ସ୍ଥାପନ ଦାବି

ରସୁଲପୁର,୫ା୧୨(ଡି.ଏନ.ଏ.)

ରସୁଲପୁର ବ୍ଲକର ବ୍ୟବସାୟିକ ପେଣ୍ଠସ୍ଥଳ କୁଆଖିଆଠାରେ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ଆଶୁ ସମାଧାନ ସକାଶେ ସାମାଜିକ କର୍ମୀ ଶିଶିର କୁମାର ପଣ୍ଡା ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କୁଆଖିଆ ବଜାର ଯାଜପୁର, ବରୀ, ରସୁଲପୁର ଭଳି ତିନୋଟି ବ୍ଲକର ମୁଖ୍ୟ ପ୍ରବେଶପଥ। ଉକ୍ତ ବଜାର ଦେଇ ବହୁ ଯାତ୍ରୀବାହୀ ବସ୍ ଯାତାୟାତ କରୁଛି। ପଡୋଶୀ ଜିଲା ଭଦ୍ରକ, ବାଲେଶ୍ୱର, କଟକ, କେନ୍ଦ୍ରାପଡା, କେନ୍ଦୁଝର ଯା’ଆସ କରିବା ପାଇଁ ଲୋକେ ଏହି ସ୍ଥାନକୁ ଆସନ୍ତି। ବାଜରରେ ଖରା, ବର୍ଷା ଦାଉରୁ ରକ୍ଷା ପାଇଁ ବିଶ୍ରାମାଗାର ନାହିଁ। ମହିଳା, ଦିବ୍ୟାଙ୍ଗ, ରୋଗୀଙ୍କ ପାଇଁ ଶୌଚାଳୟଟିଏ ନାହିଁ। ଏଣୁ ବଜାର ସ୍ଥଳରେ ଏକ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ କରିବାକୁ ସାମାଜିକ କର୍ମୀ ପଣ୍ଡା ଦାବି କରିଛନ୍ତି। ଉକ୍ତ ଦାବିକୁ ତହସିଲଦାର ଭୁଜବଳ ଗ୍ରହଣ କରିବା ସହ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଶ୍ରାମାଗାର ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଶୌଚାଳୟ ପାଇଁ ଉଦ୍ୟମ କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

## ବନ୍ଧୁକ ମୁନରେ ଡକାୟତି

**ବୋମା ଫୁଟି ଜଣେ ଗୁରୁତର**

ଯାଜପୁର ଅଫିସ,୫ା୧୨

ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ହାତିବାରୀ ଗ୍ରାମର କୁଳମଣି ଦାସଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ବନ୍ଧୁକ ମୁନରେ ଡକାୟତି ହୋଇଛି। ଏନେଇ ସୁକିନ୍ଦା ଥାନାରେ ୨୦୩/୨୦ରେ ଏକ ମାମଲା ରୁଜୁ ହୋଇଛି। ଦୁର୍ବୃତ୍ତମାନେ ୧୫ଭରି ସୁନା ଓ ଅନ୍ୟାନ୍ୟ ଗହଣା ସହିତ ସାଢ଼େ ୪ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସେହିପରି ଉପର ଘରେ ଭଡା ରହୁଥିବା ଭଡାଟିଆଙ୍କ ଆଲମିରା ଭାଙ୍ଗି ୮ ଭରି ସୁନା ଓ ନଗଦ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି।

ଦୁର୍ବୃତ୍ତମାନେ ଘର ଗ୍ରିଲ୍ ଭାଙ୍ଗୁଥିବାର ଶବ୍ଦ ଶୁଣି ଦାସଙ୍କ ନିଦ ଭାଙ୍ଗି ଯାଇଥିଲା। ସେମାନେ ତାଙ୍କ ସମ୍ପର୍କୀୟ ପୁତୁରାକୁ ଫୋନ କରି ଡାକିଥିଲେ। ପୁତୁରା ଓ ଅନ୍ୟ ଜଣେ ତୁରନ୍ତ ଉଠି ଘର ଭିତରକୁ ଆସିଲାବେଳେ ଦୁର୍ବୃତ୍ତମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ସେମାନଙ୍କୁ କାବୁ କରି ନେଇଥିଲେ। ଏହାପରେ ସେମାନେ ଦାସ ଓ ତାଙ୍କ ପରିବାର ସଦସ୍ୟ ରହୁଥିବା ଶୋଇବା ଘର କବାଟ ଖୋଲିବାକୁ କହିଥିଲେ। କବାଟ ନଖୋଲିଲେ ପୁତୁରାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଦାସ ଶୋଇବା ଘର କବାଟ ଖୋଲିବାରୁ ଦୁର୍ବୃତ୍ତମାନେ ତାଙ୍କ ସ୍ତ୍ରୀଙ୍କ ସୁନା ଚେନ, ମୁଦି, ଅନ୍ୟାନ୍ୟ ଅଳଙ୍କାର ଓ ଟଙ୍କା ନେଇଯାଇଥିଲେ। ଏହାପରେ ଉପର ମହଲାରେ ରହୁଥିବା ଭଡାଟିଆ ତ୍ରିଲୋଚନ ନାୟକଙ୍କ ଘରକୁ ଯାଇଥିଲେ। ସେ ବିବାହ ଭୋଜିରେ ସାମିଲ ହେବାକୁ ନିଜ ଗାଁ କାଦୁଅବନ୍ଧୀ ଯାଇଥିବାର ସୁଯୋଗ ନେଇ ସେମାନେ ସେଠାରୁ ଲୁଟିଥିଲେ। ଅନ୍ୟପକ୍ଷରେ ହରିପୁର କଲେଜ ପଛ ପଟ କାଜୁ ଜଙ୍ଗଲରେ ଏକ ବୋମା ଫୁଟି ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ଜଣାପଡିଥିଲା। ଆହତ ବ୍ୟକ୍ତି ଜଣକ ବଡ଼ଚଣା ଥାନା ଅନ୍ତର୍ଗତ ପାଇକରାପୁର ଗ୍ରାମର ଗନ୍ଧର୍ବ ସ୍ୱାଇଁ ବୋଲି ପୋଲିସ ଜାଣିବାକୁ ପାଇଛି। ସୁକିନ୍ଦା ପୋଲିସ ଏହି ବୋମା ଫୁଟା ଘଟଣା ଡକାୟତି ଘଟଣା ସହିତ ଯୋଡ଼ି ତଦନ୍ତ ଆରମ୍ଭ କରିଛି। ସୁକିନ୍ଦା ପୋଲିସର ଏକ ଟିମ କଟକ ଯାଇ ଆହତ ଗନ୍ଧର୍ବଙ୍କ ବୟାନ ରେକର୍ଡ କରିଥିବା ଜଣାପଡ଼ିଛି।

## ଫୋନ୍ ପେ ନାଁରେ ଠକେଇ ଅଭିଯୋଗ

ପାରାଦୀପ,୫ା୧୨(ସ୍ୱ.ପ୍ର.)

ମୋବାଇଲ ପେମେଣ୍ଟ ଆପ୍ ‘ଫୋନ ପେ’ ଆପ୍ ନାଁରେ ଶନିବାର ପାରାଦୀପ ଜଟାଧାରମୁହାଁଣସ୍ଥିତ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି। ଜଣେ ଯୁବକ ଏହି ଆପ୍ ବ୍ୟବହାର କରି ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଷଣ୍ଢକୁଦ ବସ୍ତିର ବାସୁଆ ପ୍ରକାଶଙ୍କ ଅଭିଯୋଗ ଅନୁଯାୟୀ, ବାଙ୍ଗାଲୁରୁରେ ରହୁଥିବା ଭାଇଙ୍କ ପାଖକୁ ଆପ୍ ଜରିଆରେ ୨୪ ହଜାର ଟଙ୍କା ପଠାଇଥିଲେ। ଏହି ସମୟରେ କଷ୍ଟମର କେୟାର ପ୍ରତିନିଧି ବ୍ୟାଙ୍କ ଆକାଉଣ୍ଟ ନମ୍ବର, ମୋବାଇଲ ନମ୍ବର ଆଦି ନେଇଥିଲେ। କିଛି ସମୟ ପରେ ବାସୁଆଙ୍କ ଫୋନକୁ ଏକ କଲ ଆସି କୁହାଗଲା ଯେ, ମୋବାଇଲ ନମ୍ବରକୁ ପିନ୍ ନମ୍ବର ପଠାଯାଇଛି। ଉକ୍ତ ପିନ୍ ନମ୍ବରକୁ କମ୍ପାନୀ ପାଖକୁ ପଠାଇଲେ ଏକାଉଣ୍ଟକୁ କଟିଯାଇଥିବା ଟଙ୍କା ଫେରିଯିବ। ବାସୁଆ ପିନ୍ ଦେବା ପରେ ତାଙ୍କ ଏକାଉଣ୍ଟରେ ଥିବା ୪୯ ହଜାର ଟଙ୍କା କଟିଯାଇଥିଲା। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ ୧୯/୨୦) ରୁଜୁ ହୋଇଛି।

## ବ୍ୟାଟେରିଚାଳିତ ଅଟୋରିକ୍ସା ଚଳାଚଳ ଆରମ୍ଭ




ବ୍ୟାଟେରି ଚାଳିତ ଅଟୋରିକ୍ସାର ଶୁଭାରମ୍ଭ କରାଯାଉଛି।

ପାରାଦୀପ,୫ା୧୨(ସ୍ୱ.ପ୍ର.)

ପାରାଦୀପ ପୌରପାଳିକା ପକ୍ଷରୁ ଶନିବାର ନୂତନ ପ୍ରକାର ବ୍ୟାଟେରି ଚାଳିତ ଆବର୍ଜନା ବୁହାଗାଡି ଚଳାଚଳ ଆରମ୍ଭ ହୋଇଛି। ଏହି ଗାଡ଼ି କେବଳ ମହିଳାମାନେ ଚଳାଇବେ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ପ୍ରଥମ ଦିନରେ ୨ ଗାଡି ପୌରାଞ୍ଚଳରୁ ଆବର୍ଜନା ସଂଗ୍ରହ କରଛି। ଉଭୟ ଗାଡ଼ିକୁ ଜଣେ ମହିଳା ଓ ଜଣେ ତୃତୀୟ ଲିଙ୍ଗ (କିନ୍ନର) ଚଲାଇଛନ୍ତି। ଆଗାମୀ ଦିନରେ ପ୍ରତି ୱାର୍ଡରେ ଏଭଳି ଗାଡି ଆବର୍ଜନା ସଂଗ୍ରହ କରାଯିବାର ଯୋଜନା ରହିଛି ବୋଲି ପୌରନିର୍ବାହୀ ଅଧିକାରୀ ସୌରୀନ୍ଦ୍ର କୁମାର ରାଉତରାୟ କହିଛନ୍ତି। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଏହି ଗାଡ଼ିର ଶୁଭାରମ୍ଭ କରିଥିବାବେଳେ ପୂର୍ବତନ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ପୂର୍ବତନ କାଉନସିଲରମାନେ ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ କୁରିକି ପୋଲ

**ଗୋବରୀ ନଦୀ ଉପରେ ୨୦ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା**
**ରକ୍ଷଣାବେକ୍ଷଣ କରାଯାଉନାହିଁ**

ନାଉଗାଁ,୫ା୧୨(ସ୍ୱ.ପ୍ର)

ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଅନ୍ତର୍ଗତ କୁରିକି ଗ୍ରାମ ଦେଇ ପ୍ରବାହିତ ଗୋବରୀ ନଦୀ ଉପରେ ନିର୍ମାଣ କରାଯାଇଥିବା ପୋଲ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ମାତ୍ର ପୋଲର ଏପରି ଅବସ୍ଥା ସମ୍ପର୍କରେ ବିଭାଗ ଅବଗତ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ପୋଲ ଦେଇ ଗ୍ରାମବାସୀ ଦୈନିକ ଯାତାୟାତ କରିଥାନ୍ତି। ଏହା ନିର୍ମାଣ ହେବା ପୂର୍ବରୁ ଲୋକେ ନଦୀ ପାର ପାଇଁ କାଠ ପୋଲ ତିଆରି କରି ଯିବାଆସିବା କରୁଥିଲେ। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତତ୍କାଳୀନ ସରପଞ୍ଚ ପ୍ରଫୁଲ୍ଲ କୁମାର ଲେଙ୍କାଙ୍କ ସମୟରେ ଏହି କଂକ୍ରିଟ ପୋଲ ନିର୍ମାଣ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ, ପୋଲ ପାଇଁ ୧୯୯୨-୯୩ ଆର୍ଥିକ ବର୍ଷରେ କାମ ଆରମ୍ଭ ହୋଇଥିବାବେଳେ



ଭାଙ୍ଗିଯାଇଥିବା କୁରିକି ପୋଲ।

୨୦୦୧ରେ ଶେଷ ହୋଇଥିଲା। ପୂର୍ତ୍ତ ବିଭାଗ ଦ୍ୱାରା ଏହି ପୋଲ ନିର୍ମାଣ କରାଯାଇଥିଲା। ଦୀର୍ଘ ୨୦ ବର୍ଷ ହେବ ଉକ୍ତ ପୋଲ ନିର୍ମାଣ ହୋଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଫଳରେ ମରାମତି ଅଭାବରୁ ପୋଲଟି ଜରାଜୀର୍ଣ୍ଣ ହୋଇପଡ଼ିଛି। ପୋଲରୁ କେଉଁଠି ରଡ୍ ବାହାରିଯାଇଥିବାବେଳେ ଆଉ କେଉଁଠି ଭାଙ୍ଗିଯାଇଛି। ସୁରକ୍ଷାବାଡ଼ଗୁଡିକ ଭାଙ୍ଗିଯାଇଥିବାରୁ ବିପଦ ଆଶଙ୍କା ବଢ଼ିଯାଇଛି। ଏହି ପୋଲ ଦେଇ ଛୋଟ ପିଲାମାନେ ବିଦ୍ୟାଳୟକୁ ଯାଉଥିବାବେଳେ ଗ୍ରାମବାସୀ ଯାନବାହନ ନେଇ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। ମାତ୍ର ପୋଲଟି ବିପଦସଙ୍କୁଳ ହୋଇ ଯାଇଥିବାରୁ ଏବେ ପୋଲଦେଇ ଯାତାୟାତ କରିବାକୁ ଭୟ ଲାଗୁଛି ବୋଲି ସ୍ଥାନୀୟ ବାସିନ୍ଦା ପବିତ୍ର ପଣ୍ଡା,ବିକାଶ ସ୍ୱାଇଁ, ନବଘନ ମଲିକ, ପ୍ରବୀର ସେଠୀ ଓ ଅକ୍ଷୟ ସ୍ୱାଇଁ ପ୍ରମୁଖ କହିଛନ୍ତି। ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ପୋଲ ମରାମତି କରିବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅପରପକ୍ଷେ ପୋଲର ଏପରି ଅବସ୍ଥା ସମ୍ପର୍କରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ରଞ୍ଜନ ମିଶ୍ର ଅବଗତ ନ ଥିବା କହିଛନ୍ତି। ଏନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ବିଷୟରେ ସରପଞ୍ଚ ନିରୁପମା ବେହେରା କୁହନ୍ତି, ପୋଲ ମରାମତି ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ।

## ଏନ୍‌ଆର୍‌ଏଲ୍ ପ୍ରକଳ୍ପ ପାଇଁ ବସ୍ତିବାସିନ୍ଦାଙ୍କ ମଧ୍ୟରେ ବୁଝାମଣା

**ସହମତି ପରେ ପାଇପ୍ ଲାଇନ୍ କାମ ଆରମ୍ଭ**

ପାରାଦୀପ, ୫ା୧୨(ସ୍ୱ.ପ୍ର.)

ପାରାଦୀପ ବନ୍ଦରାଞ୍ଚଳର ଷଣ୍ଢକୁଦ ବସ୍ତି ପାଖରେ ପ୍ରସ୍ତାବିତ ଏନ୍‌ଆର ଏଲ୍(ନୁମାଲିଗଡ ରିଫାଇନାରି ଲିମିଟେଡ୍)ପ୍ରକଳ୍ପ ପାଇଁ ସହମତି ହୋଇଛି। ଆଲୋଚନା ପରେ ଉଭୟ ପକ୍ଷ ନରମିଯାଇଛନ୍ତି। ସହମତି ପରେ ଏନଆରଏଲର ଡ୍ରେଜିଂ କାମ ପାଇଁ ପାଇପଲାଇନ୍ କାମ ଶନିବାର ଆରମ୍ଭ ହୋଇଛି। ପୂର୍ବରୁ ଏହି ପ୍ରକଳ୍ପକୁ ଷଣ୍ଢକୁଦବସ୍ତିର ଲୋକେ ବିରୋଧ କରୁଥିଲେ। ଏନେଇ ନୂଆବଜାରସ୍ଥିତ ଏକ ହୋଟେଲରେ ବୈଠକ ବସିଥିଲା। ଏଥିରେ ବସ୍ତିର କେତେଜଣ ମୁରବି, ବନ୍ଦର ପ୍ରଶାସନ ପକ୍ଷରୁ ଡେପୁଟି ସେକ୍ରେଟାରୀ କେ ଥିରୁମୋଲ୍ଲାର, ଏନଆରଏଲର ପ୍ରୋଜେକ୍ଟ ମ୍ୟାନେଜର ବିକାଶ ଦାସ ଯୋଗଦେଇଥିଲେ। ଶେଷରେ ତ୍ରିପାକ୍ଷିକ ରାଜିନାମା ହୋଇଥିଲା। ସେଥିରେ ଦର୍ଶାଯାଇଛି, ପ୍ରକଳ୍ପ ପାଇଁ ଡ୍ରେଜିଂ ସମୟରେ ଷଣ୍ଢକୁଦବସ୍ତିରେ ଲୁଣା ପାଣି ପଶିବ ନାହିଁ। ପ୍ରକଳ୍ପ ଅଞ୍ଚଳ ଭରଣା ପାଇଁ ସେଥିରେ ଡ୍ରେଜିଂ ବାଲି ଓ ପାଣି ଛଡାଯିବ। ଉକ୍ତ ପାଣି ବ୍ୟବସ୍ଥିତ ଭାବେ ନିଷ୍କାସନ କରାଯିବ। ସ୍ଥାନୀୟ ବେକାରିଙ୍କୁ ପ୍ରକଳ୍ପର ଆବଶ୍ୟକତା ଅନୁସାରେ ନିଯୁକ୍ତି ଦିଆଯିବ। ପାରାଦୀପର ଷଣ୍ଢକୁଦ ବସ୍ତି ପାଖ ୨୦୦ ଏକର ଜାଗା ଉପରେ ଏନ ଆର ଏଲର ପ୍ରକଳ୍ପ ହେବ। ଏଥିପାଇଁ ୭ ଫେବୃୟାରୀ ୨୦୨୦ରେ ଏନ ଆର ଏଲ ଓ ପାରାଦୀପ ପୋର୍ଟ ଟ୍ରଷ୍ଟ ମଧ୍ୟରେ ବୁଝାମଣା ପତ୍ର ହୋଇଥିଲା। ୨୨ ହଜାର କୋଟି ଟଙ୍କା ବ୍ୟୟ ଅଟକଳ ରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ୨୦୦ ଏକର ଜାଗା ବନ୍ଦର ପ୍ରଶାସନ ତରଫରୁ ଯୋଗାଇ ଦିଆଯାଇଛି। ମାତ୍ର ବସ୍ତିରେ ପାଣି ପଶିବା ଆଶଙ୍କାକରି ସ୍ଥାନୀୟ ଲୋକେ ଏହାକୁ ବିରୋଧ କରୁଥିଲେ।

# ବାଟ ହୁଡୁଛି ଯୋଜନା

- ନିର୍ମାଣ ଶ୍ରମିକ ପେନ୍‌ସନ ଯୋଜନା ଲକ୍ଷ୍ୟଭ୍ରଷ୍ଟ
- ଜିଲାରୁ ମାତ୍ର ୪ ହିତାଧିକାରୀ ଉପକୃତ

**ଯାଜପୁର ଅଫିସ,୫।୧୨**

ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ଲିପ୍ତଥିବା ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କ ପାଇଁ ୨୦୧୬ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପେନ୍‌ସନ ଯୋଜନା କାର୍ଯ୍ୟକାରୀ କରିଥିଲେ। ଏହି ଯୋଜନାରେ ୨୫ ଲକ୍ଷ ହିତାଧିକାରୀ ଉପକୃତ ହେବେ ବୋଲି ସେ ଘୋଷଣା କରିଥିଲେ। ୬୦ ଓ ୮୦ ବର୍ଷ ବୟସ୍କ ନିର୍ମାଣ ଶ୍ରମିକଙ୍କୁ ମାସିକ ଯଥାକ୍ରମେ ୩୦୦ ଓ ୫୦୦ ଟଙ୍କା ପ୍ରଦାନ କରାଯାଉଛି। ଜଣେ ହିତାଧିକାରୀଙ୍କ ପଞ୍ଜୀକରଣ ୫ ବର୍ଷ ପର୍ଯ୍ୟନ୍ତ ନିୟମିତ ଭାବେ ନବୀକରଣ ହୋଇଥିଲେ ସେମାନେ ଏହି ଯୋଜନାରେ ସାମିଲ ହୋଇପାରିବେ ବୋଲି ନିୟମ ରହିଥିଲା। ହେଲେ ୨୦୧୯-୨୦ ଆର୍ଥିକ ବର୍ଷରେ ଯାଜପୁର ଜିଲାରେ ମାତ୍ର ୪ ଜଣ ନିର୍ମାଣ ଶ୍ରମିକ ପେନ୍‌ସନ ଯୋଜନାରେ ଉପକୃତ ହୋଇପାରିଛନ୍ତି। ଏଥିରୁ ଯୋଜନା ବାଟ ହୁଡୁଥିବା ସ୍ପଷ୍ଟ ମନେହେଉଛି। ଏଥିଯୋଗୁ ବାସ୍ତବ ହିତାଧିକାରୀ ପେନ୍‌ସନକୁ ଚାହିଁ ଚାହିଁ ପ୍ରାଣ ହରାଇ ଦେଉଥିବା କୁହାଯାଉଛି। କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧୫୩ ହିତାଧିକାରୀ ଏହି ଯୋଜନାରେ ୮,୬୭,୦୦୦ ଟଙ୍କା ପେନ୍‌ସନ ପାଇ ଉପକୃତ ହୋଇଛନ୍ତି। କେବଳ ୨୦୧୯-୨୦ ବର୍ଷରେ ରାଜ୍ୟରେ ସମୁଦାୟ ୭୩୯ ହିତାଧିକାରୀଙ୍କୁ ୪୧,୯୭,୦୦୦ ଟଙ୍କା ପେନ୍‌ସନ ପ୍ରଦାନ କରାଯାଇଛି। ବର୍ଷକୁ ଏତେ କମ୍‌ସଂଖ୍ୟାରେ ହିତାଧିକାରୀ ପେନ୍‌ସନ ପାଇଲେ କେବେ ୨୫ ଲକ୍ଷ ହିତାଧିକାରୀ ଉପକୃତ ହେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ନିର୍ମାଣ ଶ୍ରମିକ ପେନ୍‌ସନ ଯୋଜନା ଯାଜପୁର ଜିଲାରେ ପ୍ରହସନ ପାଲଟିଛି। ଯେଉଁମାନେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ ନିୟୋଜିତ ଅଛନ୍ତି ସେମାନଙ୍କୁ ଯୋଜନାରେ ସାମିଲ କରାଯାଇନାହିଁ। କେତେଜଣ ଶ୍ରମିକ ପଞ୍ଜୀକୃତ ହୋଇ ପରିଚୟ ପତ୍ର ପାଇଥିଲେ ହେଁ ତାଙ୍କ ପିଲାଛୁଆ ଏହି ଯୋଜନାର ବିଭିନ୍ନ ସହାୟତା ପାଇବାରୁ ବଞ୍ଚିତ ରହୁଛନ୍ତି। ଏହି ଯୋଜନାରେ ଅଦ୍ୟାବଧି ପ୍ରାୟ ୧ ଲକ୍ଷ ୩୭ ହଜାର ଶ୍ରମିକ ପଞ୍ଜୀକୃତ ହୋଇଥିବା ଜିଲା ଶ୍ରମ ବିଭାଗ ପକ୍ଷରୁ ସୂଚନା ମିଳିଛି। ପଞ୍ଜୀକୃତ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ ଏବଂ ସେମାନେ ସରକାରଙ୍କ ଆଇନ ଅନ୍ତର୍ଭୁକ୍ତ ବିଭିନ୍ନ ସୁବିଧାସୁଯୋଗ ପାଇ ପାରିବେ ବୋଲି ଆଇନରେ ବ୍ୟବସ୍ଥା ରହିଛି । ଶିକ୍ଷା ଓ ଛାତ୍ରବୃତ୍ତି, ବିବାହ ଓ ପ୍ରସୂତି ସହାୟତା, ଦୁର୍ଘଟଣା ଜନିତ ସହାୟତା, ମୃତ୍ୟୁ କ୍ଷେତ୍ରରେ ସହାୟତା, ବୀମା ସହାୟତା, ଛାତ୍ର ବୃତ୍ତି, ଚିକିତ୍ସା ଇତ୍ୟାଦି ପାଇଁ ୮ ହଜାରରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାବାଦ୍ ଗୃହ ନିର୍ମାଣ ପାଇଁ ୧ ଲକ୍ଷରୁ ୧ ଲକ୍ଷ ୩୦ ହଜାର ଟଙ୍କାକୁ ବୃଦ୍ଧି ହୋଇଛି। କିନ୍ତୁ ହିତାଧିକାରୀ ଆଶାନୁରୂପ ସହାୟତା ପାଇପାରୁ ନଥିବାରୁ ଯୋଜନାର ସଫଳତା ଉପରେ ନକାରାତ୍ମକ ମତପ୍ରକାଶ ପାଉଛି। ବିଶେଷକରି ବାର୍ଦ୍ଧକ୍ୟ ସମୟରେ ଜଣେ ନିର୍ମାଣ ଶ୍ରମିକ ପେନ୍‌ସନ ଉପରେ ଅଧିକ ନିର୍ଭରଶୀଳ ହୋଇଥାନ୍ତି। ଏହି ଉଦ୍ଦେଶ୍ୟରେ ପେନ୍‌ସନ ଯୋଜନା କାର୍ଯ୍ୟକାରୀ କରାଯାଇଛି। କିନ୍ତୁ ଯୋଜନାର ୪ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଲକ୍ଷ୍ୟଧାର୍ଯ୍ୟ ୨୫ ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ଏଯାଏ ଚିହ୍ନଟ କରାଯାଇ ନ ଥିବା ବିଡ଼ମ୍ବନା ବୋଲି କୁହାଯାଉଛି। ଏପରି କି ଯାଜପୁରରୋଡ ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ଗତ ୨ ବର୍ଷ ହେଲା ଜିଲା ଶ୍ରମ ଅଧିକାରୀ ପଦବୀ ଖାଲି ପଡ଼ିଛି। ଏଥିପାଇଁ ନିର୍ମାଣ ଶ୍ରମିକ ପଞ୍ଜୀକରଣ ସଂଖ୍ୟା ଆଶାନୁରୂପ ହୋଇପାରୁନାହିଁ। ସିଏଜି(କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ)ରିପୋର୍ଟ ଅନୁସାରେ ୨୦୧୮-୧୯ ଆର୍ଥିକ ବର୍ଷରେ ନିର୍ମାଣ ଶ୍ରମିକମାନେ ସେମାନଙ୍କ ହକ୍ ପାଇବାରୁ ବଞ୍ଚିତ ହୋଇଛନ୍ତି, ଯାହାକି କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣକାରୀ ନିୟମ ଏବଂ ସମ୍ବିଧାନର ଧାରା ୨୬୬(୧)କୁ ରାଜ୍ୟ ସରକାର ଉଲ୍ଲଂଘନ କରିଛନ୍ତି ବୋଲି ସିଏଜି ଅଭିଯୋଗ ଆଣିଛି। ଏଭଳିସ୍ଥିତିରେ ନିର୍ମାଣ ଶ୍ରମିକ ପେନ୍‌ସନ ଯୋଜନାର କାର୍ଯ୍ୟକାରିତାକୁ ନେଇ ମଧ ସନ୍ଦେହ ଦେଖାଦେଇଛି। ଏ ସଂକ୍ରାନ୍ତରେ ଯାଜପୁରରୋଡ ଯୁଗ୍ମ ଶ୍ରମ କମିଶନର ସୁନୀଲ କୁମାର ସାହୁଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

# ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାରେ ୨ ଦୁର୍ଘଟଣା



**ପଟ୍ଟାମୁଣ୍ଡାଇ, ୫।୧୨ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ-ରାଜନଗର ପୂର୍ତ୍ତ ବିଭାଗ ରାସ୍ତାର ଦୁଇଟି ସ୍ଥାନରେ ଦୁର୍ଘଟଣା ଘଟିଛି। ରାସ୍ତାର ପଟ୍ଟାମୁଣ୍ଡାଇ ଚାହାପଡା ଆଇଟିଆଇ ନିକଟରେ ଶନିବାର ଭୋରୁ ରାଜନଗର ଅଭିମୁଖେ ଯାଉଥିବା କାରର ଚାଳକ ଭାରସାମ୍ୟ ହରେଇ କଡରେ ଥିବା ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲା। ଦ୍ରୁତବେଗରେ ଯାଉଥିବା କାରଟି ରାସ୍ତା କଡକୁ ଓଲଟି ପଡିଥିଲ। କାର ଭିତରେ ଥିବା ୪ ଜଣ ଲୋକ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଏହି ରାସ୍ତାର ଚନ୍ଦନନଗର ପଞ୍ଚାୟତ ଭେଡିସାହି ନିକଟରେ ଘରୋଇ ଯାତ୍ରୀବାହୀ ବସ୍‌କୁ ପଛପଟରୁ ଯାଉଥିବା ବୁଲେଟ ଆରୋହୀ ଅତିକ୍ରମ କରିବା ବେଳେ ସିଧାସଳଖ ଭାବେ ପଛରେ ପିଟି ହୋଇଯାଇଥିଲା। ବସ୍ ପଛରେ ବୁଲେଟଟି ପିଟି ହୋଇ ଲାଖି ରହିଯାଇଥିଲା। ବୁଲେଟ ଚାଳକ ଆହତ ହୋଇଥିବା ଜଣାପଡିଛି। ଖବରନେବାରେ ଚଳକ ଜଣକ ରାଜନଗର ବନ ବିଭାଗ କର୍ମଚାରୀ ବୋଲି ଜଣାପଡିଛି। ଆହତ ହୋଇଥିବା ବ୍ୟକ୍ତିଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।


**OFFICE OF THE REGULATED MARKET COMMITTEE, JAGATSINGHPUR**
**AT/P.O./DIST.-JAGATSINGHPUR-754103**
**Ph. 06724-220142**

No.75 Date:04.12.2020

**SHORT QUOTATION CALL NOTICE**

Sealed quotations are invited from intending suppliers/manufacturers/ firms/stockist/distributors/dealers etc. having (ISO, ISI and BIS) Certificate for supply of following equipments for use in the P.A.C.S. of the R.M.C., Jagatsinghpur for Paddy Procurement Operation. The sealed quotation will be received in the Office of the R.M.C., Jagatsinghpur from 04.12.2020 to 14.12.2020 upto 5 P.M. during the office hour. Quotations may be sent either by post or by courier or may be dropped in the box kept in the office of the undersigned by hand which will be opened on 15.12.2020 at 3.30 P.M. in presence of quotationers or their authorized representatives. The price quoted in the quotation should include all taxes, transportation, all incidental charges. They should apply along with EMD of Rs.5,000.00 in shape of DD only in favour of Secretary, R.M.C., Jagatsinghpur, copies of GST Regn. Certificate, PAN Card, ISO/ISI/BIS Certificates, valid registration/Authorization Certificate, Model Approval copy and other technical paper etc. including detailed term and condition for supply of equipment to the R.M.C., Jagatsinghpur. The equipments will be delivered in the Office of the R.M.C., Jagatsinghpur with good quality and in good condition. The intending firms have to submit the detail specification of required articles strictly as per the specification fixed by O.S.A.M. Board Letter No.3252 Dt.30.10.2018. The intending suppliers for supply of Portable Electronic Weighing Machine should have to show the demo on the date of opening to ascertain the quality & performance of the machine.

The undersigned reserves the right to accept or reject any or all quotations without assigning any reason thereof.

**List of Equipments (Supply, Installation and Commissioning of)**

1. Portable Electronic Weighing Machine- 300 K.G. with sensitivity 50 grams (Must have head moving option), 2. Moisture Meter, 3. Mini Grader, 4. Analysis Kit, 5. Set of Seives, 6. Sample Divider, 7. Parkhi, 8. Hand Fan, 9. Paddy Cleaner.

Sd./-Sub-Collector-cum-Chairman
Regulated Market Committee, Jagatsinghpur


# ପରୀ ହତ୍ୟାକାଣ୍ଡ: ଭାଜପାର ରିଲେ ଅନଶନ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଚାଲିଥିବା ରିଲେ ଅନଶନରେ ନେତା ଓ ଅନ୍ୟମାନେ।

**ନୟାଗଡ ଅଫିସ,୫।୧୨**

ପରୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ, ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର, ପରୀ ମା'ବାପାଙ୍କୁ ନ୍ୟାୟ ଦେବା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଦୁର୍ଗାମଣ୍ଡପରେ ଭାଜପା ପକ୍ଷରୁ ରିଲେ ଅନଶନ ଶନିବାର ଆରମ୍ଭ ହୋଇଛି। ଏହାକୁ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର ଉଦ୍‌ଘାଟନ କରିଥିଲେ। ଯଦୁପର ଗାଁରୁ ଆସିବା ପରେ ରାଜ୍ୟ ପ୍ରବକ୍ତା ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଜିଲା ସଭାପତି ଲାଲା ମନୋଜ ରାୟ, ନାରୀ ନେତ୍ରୀ ଇରାନୀ ରାୟ ପ୍ରମୁଖ ରିଲେ ଅନଶନରେ ବସିଥିଲେ। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ଜିଲା ସଭାପତି ରାୟ ସୂଚନା ଦେଇଛନ୍ତି।

# ଏନ୍‌ଆଇଏନ୍‌ଏଲ୍ କର୍ମଚାରୀ ପାଇବେ ବକେୟା ଦରମା

## ଏମ୍‌ଏମ୍‌ଟିସି ପକ୍ଷରୁ ୨୦ କୋଟି ମଞ୍ଜୁର

**ଯାଜପୁର ଅଫିସ,୫।୧୨**

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍‌ଏମ୍‌ଟିସି (ମେଟାଲ୍ସ ଆଣ୍ଡ ମିନେରାଲ୍ସ ଟ୍ରେଡିଂ କର୍ପୋରେଶନ) ଲିମିଟେଡ୍, ଓଡିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍‌ସିର ଯୌଥ ପରିଚାଳନାରେ ଥିବା ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍‌ଆଇଏନ୍‌ଏଲ୍) କର୍ମଚାରୀମାନଙ୍କ ବକେୟା ଦରମା ମିଳିବା ଆଶା ଦେଖାଦେଇଛି। ଏନ୍‌ଆଇଏନ୍‌ଏଲ୍ କର୍ମଚାରୀମାନଙ୍କ ଦରମା ବାବଦକୁ ଏମ୍‌ଏମ୍‌ଟିସି ୨୦ କୋଟି ଟଙ୍କା ମଞ୍ଜୁର କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏନ୍‌ଆଇଏନ୍‌ଏଲ୍ ଦେଢ଼ ବର୍ଷ ଧରି ବ୍ଲାଷ୍ଟ ଫର୍ନେସ ଓ ଅନ୍ୟାନ୍ୟ ୟୁନିଟ୍ କଞ୍ଚାମାଲ ଅଭାବରୁ ବନ୍ଦ ଥିଲାବେଳେ ଗତ ଏପ୍ରେଲରୁ ସମ୍ପୂର୍ଣ୍ଣ ବନ୍ଦ ରହିଛି । କର୍ମଚାରୀମାନେ ୧୦ ମାସ ହେଲା ଦରମା ନପାଇ ଦୁଃଖ କଷ୍ଟରେ ସମୟ ବିତାଉଛନ୍ତି । ଏନେଇ ନୀଳାଚଳ ବଞ୍ଚାଓ ମିଳିତ ମଞ୍ଚ ମାସ ମାସ ଧରି ଆନ୍ଦୋଳନ ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଏହାପରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ହସ୍ତକ୍ଷେପ କରି ଏହାର ଆଶୁ ସମାଧାନ କରିବାକୁ ଭର୍ଚୁଆଲ ବୈଠକରେ ଅନୁରୋଧ କରିଥିଲେ। ଏହାପରେ ଏମ୍‌ଏମ୍‌ଟିସି ଅର୍ଥ ମଞ୍ଜୁର କରିବା ସହ କାରଖାନା ଚାଲିବାର ନୂଆ ଆଶା ସଞ୍ଚାର ହୋଇଛି। ଏହାବାଦ କେନ୍ଦ୍ରୀୟ ଇସ୍ପାତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସେଲ ମଧ୍ୟ ଏନ୍‌ଆଇଏନ୍‌ଏଲ୍‌ର ପ୍ରାୟ ୭୫ କୋଟି ଟଙ୍କାର ଗଚ୍ଛିତ ଥିବା କଞ୍ଚାମାଲ ଖୁବ୍‌ଶୀଘ୍ର କିଣିବା ପାଇଁ ନିଷ୍ପତ୍ତି ନେଇଛି।

# 'ଶିଶୁ ଅନୁକୂଳ ଥାନା ସ୍ଥାପନ ହେଉ'

**ଯାଜପୁର ଅଫିସ,୫।୧୨**

ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ଶିଶୁଙ୍କ ସୁରକ୍ଷା କ୍ଷେତ୍ରରେ ପୋଲିସର ସହଯୋଗ ନିତାନ୍ତ ଆବଶ୍ୟକ। ତେଣୁ ଜିଲାରେ ଶିଶୁ ଅନୁକୂଳ ଥାନା ସ୍ଥାପନ କରିବାକୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ମନ୍ଦାକିନୀ କର ଓ ଦିବ୍ୟାଶା ସ୍ୱତୀ ଗୁରୁତ୍ୱାରୋପ କରିଛନ୍ତି। ଏହି ମର୍ମରେ ସେମାନେ ଶନିବାର ଏସ୍‌ପି ଚରଣସିଂ ମୀନାଙ୍କୁ ସାକ୍ଷାତ୍ କରିଥିଲେ। ଶିଶୁମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା, ବିପଦସଙ୍କୁଳ ସ୍ଥାନରେ ଥିବା ଶିଶୁମାନଙ୍କୁ ଉଦ୍ଧାର କରି ଉନ୍ନତମାନର ଥଇଥାନ କରିବା, ବାଲ୍ୟବିବାହକୁ ରୋକିବା ଓ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରିବା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ସେମାନେ ବିଭିନ୍ନ ଥାନା ପରିଦର୍ଶନ କରିଥିଲେ। ଉତ୍କଳ ବାଳାଶ୍ରମ ସହ ଜିଲାର ବିଭିନ୍ନ ସ୍ଥାନରେ ଥିବା ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନ, କିଶୋର ନ୍ୟାୟ ପରିଷଦ, ଶିଶୁମଙ୍ଗଳ କମିଟି ପରିଦର୍ଶନ କରିବା ସହ ଉପଯୁକ୍ତ ପରାମର୍ଶ ପ୍ରଦାନ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲା ଶିଶୁସୁରକ୍ଷା ଅଧିକାରୀ ନିରଞ୍ଜନ କର ଓ ଆଇନ୍ ଅଧିକାରୀ ତପନ କୁମାର ପଣ୍ଡା ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.32-KUR-TRD-OT-2020-21, ତା.01.12.2020ରିଖ

**କାର୍ଯ୍ୟର ନାମ :** ବାହାର ଏଜେନ୍ସି ମାଧ୍ୟମରେ ଦୁଇ ବର୍ଷ ପାଇଁ ତାଳଚେର ଷ୍ଟେସନଠାରେ ମହାନଦୀ କୋଲଫିଲ୍ଡସ୍ (MCL)ର ସାଉଥ ବଳନ୍ଦା (SB) ସାଇଡିଙ୍ଗ୍ ଏବଂ ଦେଉଲବେଡ଼ା (DB) ସାଇଡିଙ୍ଗର ସମସ୍ତ ଲୋଡ଼ିଙ୍ଗ୍ ସ୍ୱରଗୁଡ଼ିକରେ ଆଇସୋଲେଟରଗୁଡ଼ିକର ପରିଚାଳନା ।

**ଆନୁମାନିକ ମୂଲ୍ୟ (ଟଙ୍କାରେ) : 36,22,997.30,** EMD (ଟଙ୍କାରେ) : **72,500/-,** ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : **3,540/-** ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.**23.12.2020** ରିଖ **1300** ଘଟିକା ପର୍ଯ୍ୟନ୍ତ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-392/L/20-21



**ଓଡ଼ିଶା ବଳରାମ ଯୋଜନା 2020**

ଓଡ଼ିଶାର ସମସ୍ତ ଭୂମିହୀନ ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ବଳରାମ ଯୋଜନାକୁ ପ୍ରବର୍ତ୍ତାଇଛନ୍ତି। ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ଓଡ଼ିଶା ରାଜ୍ୟର ସମସ୍ତ ଭୂମିହୀନ ଚାଷୀଙ୍କୁ ସାହାଯ୍ୟ କରିବା ଓ ଗ୍ରାମୀଣ ଋଣ ପ୍ରଦାନ କରିବା।

ଆସନ୍ତା ଦୁଇବର୍ଷ ମଧ୍ୟରେ ଜେଏଲ୍‌ଜି ମାଧ୍ୟମରେ ଭୂମିହୀନ ଚାଷୀଙ୍କୁ କୃଷି ଋଣ ପ୍ରଦାନ କରାଯିବ। ରାଜ୍ୟସ୍ତରରେ ଯୋଜନା କାର୍ଯ୍ୟକାରୀ କରିବାକୁ IMAGE ଓ ଜିଲ୍ଲା ସ୍ତରରେ କୃଷି ପ୍ରଯୁକ୍ତିବିଦ୍ୟା ପରିଚାଳନା ଏଜେନ୍ସି (ATMA) ବ୍ୟବସ୍ଥା କରିବ । ଓଡ଼ିଶା ସରକାରଙ୍କ ବଳରାମ ଯୋଜନା ମାଧ୍ୟମରେ ଚାଷୀଙ୍କ ପ୍ରତ୍ୟେକ JLGକୁ ୧,୬୦,୦୦୦/- ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରି ଆର୍ଥିକ ସହାୟତା ଯୋଗାଇ ଦିଆଯିବ।

ଯୋଗ୍ୟତା ମାନଦଣ୍ଡ- ଏହି ଯୋଜନା ପାଇଁ ଆବେଦନ କରିବା ସମୟରେ କୃଷକ ନିମ୍ନଲିଖିତ ଯୋଗ୍ୟତା ମାନଦଣ୍ଡ ଅନୁସରଣ କରିବା ଆବଶ୍ୟକ :- • ଆବେଦନକାରୀ ଓଡ଼ିଶା ରାଜ୍ୟର ବାସିନ୍ଦା ହେବା ଜରୁରୀ। • ଆବେଦନକାରୀ ବୃତ୍ତି ଅନୁଯାୟୀ ଜଣେ କୃଷକ ହେବା ଜରୁରୀ। • ଜଣେ କୃଷକଙ୍କର କୌଣସି ଜମିର ମାଲିକ ହେବା ଉଚିତ ନୁହେଁ।

ଜରୁରୀ ଡକ୍ୟୁମେଣ୍ଟ- ଏହି ଯୋଜନା ଅଧୀନରେ ଆବେଦନ କରିବାକୁ ହେଲେ ନିମ୍ନଲିଖିତ ଦଲିଲଗୁଡିକ ଆବଶ୍ୟକ :- • ଆଧାର କାର୍ଡ • ପରିଚୟ ପତ୍ର • ଆବାସିକ ପ୍ରମାଣପତ୍ର • ବୟସ ପ୍ରମାଣ • ପାସପୋର୍ଟ ଆକାରର ପ୍ରତିଛବି ଇତ୍ୟାଦି ଆବଶ୍ୟକ।

ଅଧିକ ବିବରଣୀ ପାଇଁ କୃଷକମାନଙ୍କୁ ସେମାନଙ୍କ ବ୍ଲକ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି।

ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟ, କନ୍ଧମାଳ, ଫୁଲବାଣୀ
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କନ୍ଧମାଳ, ଫୁଲବାଣୀ



**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

**SAMS**
Student Academic Management System

**ରାଜ୍ୟରେ ସରକାରୀ ଓ ବେସରକାରୀ ଆଇଟିଆଇଗୁଡ଼ିକରେ ୨୦୨୦-୨୧ ବର୍ଷରେ ଅନ୍ତିମ ପର୍ଯ୍ୟାୟ ନାମଲେଖା ସୂଚୀ**

ସପ୍ଲିମେଣ୍ଟାରୀ ୨୦୨୦ ଉତ୍ତୀର୍ଣ୍ଣ ବା ୧୦ମ ପାସ୍ ପରେ କୌଣସିଠାରେ ନାମ ଲେଖାଇପାରି ନ ଥିବା ଛାତ୍ରଛାତ୍ରୀମାନଙ୍କୁ ସୂଚାଇଦିଆଯାଉଛି ଯେ ଡିଜିଟି, ନୂଆଦିଲ୍ଲୀଙ୍କ ପତ୍ର ତା୪.୧୨.୨୦୨୦ ମୁତାବକ, ୨୦୨୦-୨୧ ବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇଟିଆଇମାନଙ୍କରେ ଖାଲି ଥିବା ସ୍ଥାନମାନଙ୍କରେ ଦୈନିକ ମେଧାଭିତ୍ତିକ ସ୍ପଟ୍ ପଦ୍ଧତିରେ ତା୧୨.୧୨.୨୦୨୦ ପର୍ଯ୍ୟନ୍ତ SAMS ଜରିଆରେ ନାମ ପଞ୍ଜୀକରଣ ଓ ନାମଲେଖା ଚାଲୁ ରହିବ । ଏହି ତାରିଖ ମଧ୍ୟରେ ଯେକୌଣସି କାର୍ଯ୍ୟଦିବସର ନାମଲେଖା ପାଇଁ ସ୍ଥିର କରିଥିବା ଆଇଟିଆଇକୁ ଦିନ ଦୁଇଟା ମଧ୍ୟରେ ଯାଇ SAMS ପୋର୍ଟାଲ www.samsodisha.gov.inରେ ନିଜ ନାମ ଖାଲିଥିବା ଟ୍ରେଡ୍‌ରେ ପଞ୍ଜୀକୃତ କଲେ ସେଇଦିନର ମେଧା ତାଲିକା ମୁତାବକ ନାମଲେଖା ହେବ। ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ୍ ଫ୍ରି ନମ୍ବର - ସଂଯୋଗ Helpline- ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦ ବା ନିକଟସ୍ଥ ସରକାରୀ ଆଇଟିଆଇଗୁଡ଼ିକରେ ଯୋଗାଯୋଗ କରନ୍ତୁ ।

ସ୍ୱା./- ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା


## ଜଙ୍ଗଲରୁ ମହିଳାଙ୍କ ମୃତଦେହ ଜବତ

**କଳିଙ୍ଗନଗର,୫।୧୨ (ଡି.ଏନ୍.ଏ.):** ଚମକା ଥାନା ଅନ୍ତର୍ଗତ ଆଶ୍ରମ ସ୍କୁଲ ପାଚେରି ନିକଟ ଜଙ୍ଗଲରୁ ଶନିବାର ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଜବତ ହୋଇଛି। ତାଙ୍କ ବୟସ ପାଖାପାଖି ୫୫ ବର୍ଷ ହେବ। ଗ୍ରାମରକ୍ଷୀ ଜଙ୍ଗଲରେ ମହିଳାଙ୍କ ମୃତଦେହ ଦେଖି ଥାନାକୁ ଜଣାଇଥିଲେ। ଆଇଆଇସି ସଂଘମିତ୍ରା ନାୟକ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତ ମହିଳାଙ୍କ ପରିଚୟ ମିଳି ନ ଥିବାରୁ ଦାନଗଦୀ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଯଦି ତାଙ୍କ ପରିଚୟ ନ ମିଳେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ନାୟକ କହିଛନ୍ତି।

## ପରୀ ଘଟଣାକୁ ନେଇ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ଖଣ୍ଡପଡ଼ା,୫।୧୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ପରୀ ହତ୍ୟା ଘଟଣାରେ ପରିବାରକୁ ନ୍ୟାୟ ଦାବିରେ ଖଣ୍ଡପଡା ସହରାଞ୍ଚଳସ୍ଥିତ ରଥଗଡା ଛକରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପରମେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ମନ୍ତ୍ରୀ ଅରୁଣ ସାହୁଙ୍କର କୁଶପୁତ୍ତଳିକା ଦାହ କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ ଓ ଏଥିରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଓ ପୋଲିସର ଅପାରଗତାକୁ ନେଇ ସେମାନେ ପ୍ରଶ୍ନ ଉଠାଇଥିଲେ।


**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
**Tel. 06766-258301(O), e-mail: se_nerwkjr@rediffmail.com**
**e-Procurement Notice for Road Works**
**Identification No. Road Online NCB No.281**
**No. 2144 // Date: 26-11-2020**

No.O-641:- 1. Name of the work : Improvement of Road Works under RIDF & Inter District Inter Block Connectivity. 2. Total No. of work : 05 (Five) Nos.. 3. Estimated Cost : As per Annexure. 4. Class of Contractor: As per Annexure. 5. Period of Completion : As per Annexure. 6. Other details.

| Procurement Officer | Bid idendification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.281 | Dt.08.12.20 at 11.00 A.M. | Dt.19.12.20 upto 3.00 P.M | Dt.18.12.20 upto 3.00 P.M | Dt.21.12.20 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in
OIPR-25048/11/0008/2021
Sd./- Superintending Engineer, N.E.R.W. Circle, Keonjhar



**OFFICE OF THE PANCHAYAT SAMITI, PAPADAHANDI**
**Dist.: Nabarangpur, E-mail: ori-papadahandi@nic.in**

Letter No. 4027/2020 Dev Dated 4.12.2020

**TENDER CALL NOTICE NO.2/2020-2021**

The Block Development Officer, Papadahandi invites sealed tenders in conformity with detailed tender call notice to be drawn up in the State P.W.D. P-2 contract from eligible registered contractors of State P.W.D./Irrigation/R.W./R.W.S.S. and P.H.E.D. having valid licence from the competent authority for civil works. The proof of registration from appropriate authority shall be enclosed along with the bid. If successful, the bidder who has not registered under State Government, Odisha has to register under the State P.W.D. in appropriate class of eligibility before signing of the agreement.

The bidder may submit bid for the following works as per time schedule.

| | | |
|---|---|---|
| 1 | Name of the works | 1) Constriction of labour room at Biriguda PHC of Dengaguda GP<br>2) Construction of New SC HWC Building at Cherchetta of Cherchetta GP<br>3) Construction of New SC HWC Building at Dongra of Dongra GP<br>4) Construction of New SC HWC Building at Jatabal of Jatabal GP<br>5) Construction of New SC HWC Building at Nuakote of Nuakote GP |
| 2 | Date of tender paper available | 6.12.2020 to 15.12.2020 (Tender paper to be downloaded from official website www.nabarangpur.nic.in) |
| 3 | Last date of receipt of tender paper | 21.12.2020 (During office hours through Registered Post/Speed Post only) |
| 4 | Date of opening of tender | 22.12.2020 (Time 11.00 A.M.) at Block Office, Papadahandi |

Bid documents and other necessary details of the above tender call notice can be seen from the website www.nabarangpur.nic.in

Sd./- Block Development Officer, Papadahandi



**ପୌର କାର୍ଯ୍ୟାଳୟ, ଜୟପୁର**
**MUNICIPAL OFFICE, JEYPORE**
**Main Road, Jeypore, Dist.- Koraput, Odisha**
**e-Mail: ulbjeypore@gmail.com**

Letter No. 4319/JM Date: 05 December 2020

**ବ୍ୟାଟେରି ପରିଚାଳିତ ତିନିଚକିଆ ଯାନ ଚଳାଇବା ନିମନ୍ତେ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କଠାରୁ ଇଚ୍ଛାପତ୍ର ଆହ୍ୱାନ**

ପରିମଳ ପରିଚାଳନା ନିମନ୍ତେ ଜୟପୁର ପୌର ପରିଷଦ ୨୦ଗୋଟି ବ୍ୟାଟେରି ପରିଚାଳିତ ତିନିଚକିଆ ଯାନ ବ୍ୟବହାର କରିବାକୁ ଯାଉଛି। ଏହି ଯାନଗୁଡ଼ିକୁ ଚଳାଇବା ପାଇଁ ଜୟପୁର ପୌର ସଂସ୍ଥା ଅଧୀନରେ କାର୍ଯ୍ୟରତ (ପଞ୍ଜୀକୃତ) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ଟ୍ରାନ୍ସଜେଣ୍ଡର ସ୍ୱୟଂ ସହାୟକ ଗୋଷ୍ଠୀ/ଜୟପୁର ପୌରସଂସ୍ଥା ଅଧୀନରେ କାର୍ଯ୍ୟରତ ମହିଳା ପରିମଳ କର୍ମଚାରୀ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କଠାରୁ ଇଚ୍ଛାପତ୍ର ଆହ୍ୱାନ କରାଯାଉଛି। ଇଚ୍ଛୁକ ଗୋଷ୍ଠୀ ଜୟପୁର ପୌର କାର୍ଯ୍ୟାଳୟରୁ ଦରଖାସ୍ତ ଫର୍ମ ସଂଗ୍ରହକରି ପୂରଣକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ୧୪।୧୨।୨୦୨୦ ତାରିଖ ସୁଦ୍ଧା କେବଳ କାର୍ଯ୍ୟ ଦିବସରେ ଦାଖଲ କରିପାରିବେ।

**ସ୍ୱୟଂ ସହାୟକ ଗୋଷ୍ଠୀ ଚୟନ ସର୍ତ୍ତାବଳୀ**

୧. ଉପର ବର୍ଣ୍ଣିତ ଗୋଷ୍ଠୀଗୁଡ଼ିକ ଜୟପୁର ପୌରସଂସ୍ଥା ଅଧୀନରେ କାର୍ଯ୍ୟରତ (ପଞ୍ଜୀକୃତ) ହୋଇଥିବେ।
୨. ଦରଖାସ୍ତକାରୀ ଗୋଷ୍ଠୀର କୌଣସି ସଦସ୍ୟ ସ୍ୱଚ୍ଛ ସାଥୀ କିମ୍ବା ସ୍ୱଚ୍ଛ ସୁପରଭାଇଜର ହୋଇ ନ ଥିବେ। ଯଦି ସେ ପ୍ରକାର କୌଣସି ଗୋଷ୍ଠୀ ଆବେଦନ କରନ୍ତି ତେବେ ତାଙ୍କର ଦରଖାସ୍ତ ଗ୍ରହଣ କରାଯିବ ନାହିଁ।
୩. ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କେବଳ ଜଣେ ସଦସ୍ୟଙ୍କୁ ଗ୍ରହଣ କରାଯିବ। (ଟ୍ରାନ୍ସଜେଣ୍ଡର କିମ୍ବା ପରିମଳ କାର୍ଯ୍ୟ ସମ୍ପାଦନ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଏହା ପ୍ରଯୁଜ୍ୟ ନୁହେଁ)। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସମସ୍ତ ଆବେଦନପତ୍ର ଓ ପ୍ରାର୍ଥୀ ସଂଖ୍ୟାକୁ ବିଚାରକୁ ନେଇ ଚୟନ କମିଟି ଯେଉଁ ନିଷ୍ପତ୍ତି ନେବେ ତାହା ଗ୍ରହଣୀୟ ହେବ।
୪. ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ତାଙ୍କ ଗୋଷ୍ଠୀର ଯେଉଁ ସଦସ୍ୟଙ୍କ ନାମ ସୁପାରିସ କରିବେ ତାଙ୍କର ବୟସ ୧୮ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଦରକାର।
୫. ଚୟନ କରାଯିବା ପରେ ଉକ୍ତ ଗୋଷ୍ଠୀ, ସଦସ୍ୟଙ୍କୁ ପ୍ରଚଳିତ ଶ୍ରମ ଆଇନ୍ ଭିତ୍ତିରେ ପାରିଶ୍ରମିକ ପ୍ରଦାନ କରାଯିବ।
୬. ଏହି ନିଯୋଜନ ସମ୍ପୂର୍ଣ୍ଣ ରୂପେ ଅସ୍ଥାୟୀ। ପୌର ସଂସ୍ଥା ଚାହିଁଲେ ନିୟୋଜିତ କରାଯାଇଥିବା ସଦସ୍ୟଙ୍କୁ କୌଣସି କାରଣ ନ ଦର୍ଶାଇ କୌଣସି ସମୟରେ ସେବା ନିବୃତ୍ତ କରିପାରିବ ଏବଂ ସମ୍ପୃକ୍ତ ଗୋଷ୍ଠୀ କିମ୍ବା ନିୟୋଜିତ ହୋଇଥିବା ସଦସ୍ୟ କୌଣସି ଆଇନର ଆଶ୍ରୟ ନେଇପାରିବେ ନାହିଁ।
୭. ଚୟନ ପ୍ରକ୍ରିୟା ବି.ଓ.ଭି. ଚଳାଇବାର ଦକ୍ଷତା ଉପରେ ନିର୍ଭର କରିବ। ଏଥି ନିମନ୍ତେ ଏକ ଡ୍ରାଇଭିଂ ଟେଷ୍ଟ କରାଯିବ ଏବଂ ଦକ୍ଷ ପ୍ରାର୍ଥୀଙ୍କୁ ଚୟନ ପ୍ରକ୍ରିୟାରେ ସାମିଲ କରାଯିବ।

ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜୟପୁର ପୌରସଂସ୍ଥା



**ବିଦ୍ୟୁତ୍ ବ୍ୟବହାର ସମ୍ବନ୍ଧରେ ଜନସାଧାରଣଙ୍କ ପାଇଁ କେତେକ ସତର୍କବାଣୀ**

- ସର୍ଟସର୍କିଟ୍‌ଜନିତ ବିଦ୍ୟୁତ୍ ଦୁର୍ଘଟଣାରୁ ରକ୍ଷାପାଇବା ପାଇଁ ମେନ୍‌ସୁଇଚ୍ ରେ ଉପଯୁକ୍ତ ରେଟିଂର ସର୍କିଟ୍ ବ୍ରେକର ଅଥବା ଫିଉଜ୍ ବ୍ୟବହାର କରନ୍ତୁ।
- ଆପଣଙ୍କ ବିଦ୍ୟୁତ୍ ୱାରିଂର ଆର୍ଥିଂ ଠିକ୍ ଅଛି କି ନାହିଁ ପରୀକ୍ଷା କରାଇ ନିଅନ୍ତୁ। ବିଦ୍ୟୁତ୍ ୱାରିଂ ଏବଂ ବିଦ୍ୟୁତ୍ ମିଟରକୁ ସନ୍ତସନ୍ତିଆ କାନ୍ଥ କିମ୍ବା ବର୍ଷା ପାଣିରୁ ରକ୍ଷା କରନ୍ତୁ । ଘରର ପରିସୀମା ବାହାରକୁ ବିଦ୍ୟୁତ୍ ତାରର ସଂପ୍ରସାରଣ କରନ୍ତୁ ନାହିଁ।
- ଘରର ବିଦ୍ୟୁତ୍ ୱାରିଂରେ କୌଣସି କାମ କରିବା ପୂର୍ବରୁ ମେନ୍ ସୁଇଚ୍‌କୁ ବନ୍ଦ କରି କାମ କରନ୍ତୁ।
- ଆଇ.ଏସ୍.ଆଇ ସ୍ୱୀକୃତି ପ୍ରାପ୍ତ ବିଦ୍ୟୁତ୍ ଉପକରଣ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ଅତି ନିକଟରେ ଘର ତିଆରି କରନ୍ତୁ ନାହିଁ ଏବଂ ଗଛ ମଧ୍ୟ ଲଗାନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ ଝୁଲି ପଡିଥିବା ବା ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାରକୁ ଛୁଅଁନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ ବା ବିଦ୍ୟୁତ୍ ଖୁଣ୍ଟର ଷ୍ଟେ-ଓୟାର୍ ଛୁଇଁବା ବା ବିଦ୍ୟୁତ୍ ଖୁଣ୍ଟକୁ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରିବା ବିପଦ୍‌ଜନକ।
- ପୂଜାମଣ୍ଡପ, ବିବାହ ଅନୁଷ୍ଠାନ କିମ୍ବା ଏହିଭଳି ଅନ୍ୟ ଯେକୌଣସି ଅନୁଷ୍ଠାନରେ ହୁକିଂଦ୍ୱାରା ବେଆଇନ୍ ବିଜୁଳି ବ୍ୟବହାର ଧନଜୀବନ ନଷ୍ଟର କାରଣ ହୋଇପାରେ, ଏଥିରୁ ନିବୃତ୍ତ ରୁହନ୍ତୁ।

ଆପଣଙ୍କ ଜୀବନ ମୂଲ୍ୟବାନ । ସାମାନ୍ୟତମ ଅସାବଧାନତା କାରଣ ଯୋଗୁଁ ଏହାକୁ ହରାନ୍ତୁ ନାହିଁ।

GRIDCO Empowering Orissa
ଗ୍ରୀଡ୍‌କୋ ବିଜୁଳିଶକ୍ତି ଆମ ପ୍ରଗତିର ସହଯାତ୍ରୀ
ଗ୍ରୀଡ୍‌କୋ ଲିମିଟେଡ୍
ପଞ୍ଜିକୃତ କାର୍ଯ୍ୟାଳୟ: ଜନପଥ, ଭୁବନେଶ୍ୱର-୭୫୧୦୨୨

## ସଂକ୍ଷେପରେ

### ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**ଖୋର୍ଦ୍ଧା ଅଫିସ,୫।୧୨:** ଖୋର୍ଦ୍ଧା ଉପକଣ୍ଠ ଗଡ଼ମାଣିତ୍ରୀ ଗ୍ରାମରୁ ଶନିବାର ବେଗୁନିଆ ପୋଲିସ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଅଶୋକ କୁମାର ସୁବୁଦ୍ଧି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅଶୋକ ସ୍ଥାନୀୟ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ଶନିବାର ରୁମ ଭିତରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**ନିରାକାରପୁର,୫।୧୨(ଡି.ଏନ୍.ଏ.):** ଜଙ୍କିଆ ଥାନା ପୋଲିସ ଶନିବାର କମାଗୁରୁ ରାସ୍ତା ପାର୍ଶ୍ୱରୁ ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସେ ହେଲେ ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଚମ୍ପାଗଡ଼ ଗ୍ରାମର ବିଶ୍ୱଜିତ୍ ମହାରଣା ଓରଫ ବିଶିଆ(୪୨)। ଘଟଣାସ୍ଥଳରୁ ଏକ ବାଇକ୍, ମୋବାଇଲ ଫୋନ ଓ ପର୍ସ ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୪୮/୨୦) ରୁଜୁକରି ତଦନ୍ତ ଚଳାଇଛି। ବିଶିଆଙ୍କ ସାନଭାଇ ବିଦ୍ୟାଧର ମହାରଣାଙ୍କ ଅଭିଯୋଗ ଅନୁଯାୟୀ, ଗତ ୩୦ତାରିଖ ପୂର୍ବାହ୍ନ ୧୧ଟାରେ ବିଶିଆ କୌଣସି କାମରେ ବାହାରକୁ ଯାଇଥିଲେ। ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ଏବଂ ସମ୍ପର୍କୀୟ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ନ ପାଇବାରୁ ୨ ତାରିଖରେ ସେ ନିଖୋଜ ଥିବା ନେଇ ଚାନ୍ଦପୁର ଥାନାରେ ଅଭିଯୋଗ ହୋଇଥିଲା।

### ଡାକ୍ତରଙ୍କୁ ଜେଲ ପରେ ଜାମିନ

**ନିମାପଡ଼ା,୫।୧୨(ଡି.ଏନ୍.ଏ.):** ନିମାପଡ଼ା ଅଞ୍ଚଳରେ ଜଣେ ଡାକ୍ତର ବେଆଇନ ଭାବେ ଗର୍ଭ ପରୀକ୍ଷା କରୁଥିବା ନେଇ ହୋଇଥିବା ଅଭିଯୋଗର ନିମାପଡ଼ା ଜେଏମ୍ଏଫ୍‌ସି କୋର୍ଟ ଶୁକ୍ରବାର ରାୟ ପ୍ରକାଶ କରିଛନ୍ତି। ମାମଲା ନଂ ୨(ସି)ସି/୪୭/୨୦୧୧ ଅନୁସାରେ ଜେଏମ୍ଏଫ୍‌ସି ଇସା ପତି ବିଚାର କରି ଡା.ବାଚସ୍ପତି ଦାଶଙ୍କୁ ୨ବର୍ଷ ଜେଲ୍ ସହ ୭ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ତେବେ ଦଫା ନଂ.୨୩ ପିଏନ୍‌ଡିଟି ରେ ଏହି କାରାଦଣ୍ଡାଦେଶ ପ୍ରଦାନ କରିଥିବା ସରକାରୀ ଆଇନଜୀବୀ ରାକେଶ ସାହୁ ସୂଚନା ଦେଇଛନ୍ତି। ତେବେ ରାୟ ପ୍ରକାଶର ଏକ ଘଣ୍ଟା ମଧରେ ଡା.ଦାଶଙ୍କୁ ଜାମିନ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଡା.ଦାଶ ନିମାପଡ଼ା ଜୟଶ୍ରୀ ଛକରେ ଏକ କ୍ଲିନିକ ଖୋଲିବା ସହ ବିନା ଲାଇସେନ୍ସରେ ଅଲଟ୍ରାସାଉଣ୍ଡ ମେଶିନ ରଖି ମହିଳାଙ୍କ ଗର୍ଭ ପରୀକ୍ଷା କରୁଥିଲେ। ଏହା ଜଣାପଡ଼ିବା ପରେ ତତ୍କାଳୀନ ପୁରୀ ଉପଜିଲାପାଳ ଓ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷମାନେ ୪/୯/୨୦୧୧ରେ ଚଢ଼ାଉ କରି ମେଶିନ ଜବତ କରିବା ସହ ଡା.ଦାଶଙ୍କ ବିରୋଧରେ ନିମାପଡ଼ା କୋର୍ଟରେ ଅଭିଯୋଗ କରିଥିଲେ। ଏହି ମାମଲାକୁ ସରକାରୀ ଆଇନଜୀବୀ ସାହୁଙ୍କ ସମେତ ଅନୀଲ ଦୀକ୍ଷିତ୍ ପରିଚାଳନା କରୁଥିଲେ।

# ଚିଲିକାରେ ୪,୮୭,୦୦୦ ବିଦେଶୀ ପକ୍ଷୀ

**ବାଲୁଗାଁ,୫।୧୨(ଡି.ଏନ୍.ଏ.)**



ନୀଳାମ୍ବୁ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି। ରଙ୍ଗବେରଙ୍ଗର ବିଦେଶୀ ପକ୍ଷୀଙ୍କ କଳରବରେ ସମଗ୍ର ଚିଲିକା ଏବେ ଚଳଚଞ୍ଚଳ ହୋଇଉଠିଛି । ଡିସେମ୍ବର ୧ ସୁଦ୍ଧା ସମଗ୍ର ଚିଲିକାରେ ୪, ୮୭,୦୦୦ ରଙ୍ଗବେରଙ୍ଗ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟ ପ୍ରାଣୀ ବିଭାଗୀୟ ଆକଳନରୁ ଜଣାପଡ଼ିଛି। ଏହି ପକ୍ଷୀଙ୍କ କଳରବ ଓ ଜଳକ୍ରୀଡ଼ା ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ୍ ବିମୋହିତ କରିଛି। ପକ୍ଷୀ ଅଭୟାରଣ୍ୟ ନଳବଣରେ ୧, ୯୮୦୦୦ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ମଙ୍ଗଳାଯୋଡ଼ି, ଭୂଷଣ୍ଡପୁର, ନଈରୀ, କାଳୁପଡ଼ା, ବଡ଼ଗୋଠ, ସାତପଡ଼ା ଓ କୃଷ୍ଣପ୍ରସାଦ ଅଞ୍ଚଳରେ ୨, ୮୯୦୦୦ ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ଟାଙ୍ଗୀ ରେଞ୍ଜ ଅଧୀନ ମଙ୍ଗଳାଯୋଡ଼ି ଅଞ୍ଚଳରେ ସର୍ବାଧିକ ପକ୍ଷୀଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ଚିଲିକାକୁ ଆସୁଥିବା ୧୭୦ରୁ ଉର୍ଦ୍ଧ୍ୱ ପ୍ରଜାତିର ପକ୍ଷୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୯୩ ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଛି। ତନ୍ମଧ୍ୟରୁ ୟୁଜିଅନ୍, ବ୍ଲାକ୍ ଟେଲଡ୍ ଗଡ୍‌ୱିଟ, ନର୍ଦ୍ଦନ ପିଣ୍ଟେଲ , ଗଡ୍‌ୱାଲ, ବ୍ରାହ୍ମିନ ସେଲଡକ୍ ଏବଂ ସୋଭଲର ଆଦି ପ୍ରଜାତିର ସର୍ବାଧିକ ସଂଖ୍ୟାରେ ଅଛନ୍ତି। ତେବେ ଚିଲିକାର ସବୁଠାରୁ ଆକର୍ଷଣୀୟ ଫ୍ଲେମିଙ୍ଗୋ (ଏରା) ପ୍ରଜାତିର ପକ୍ଷୀ ବର୍ତ୍ତମାନ ସୁଦ୍ଧା ୮୦ଟି ଦୃଷ୍ଟିଗୋଚର ହୋଇଥିବା ବେଳେ ଗତ ବର୍ଷ ଏହି ପକ୍ଷୀଙ୍କ ସଂଖ୍ୟା ୭୦ ଥିଲା। ଶୀତ ଅଧିକ ପଡ଼ିଲେ ଏହି ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବିଭାଗୀୟ ସୂତ୍ରରୁ କୁହାଯାଇଛି।

## ଜାନୁୟାରୀ ୫ରେ ପକ୍ଷୀ ଗଣନା

ସୂଚନାଥାଉ କି, ଗତ ବର୍ଷ ସମଗ୍ର ଚିଲିକାରେ ଡିସେମ୍ବର ପହିଲା ସୁଧା ମୋଟ୍ ୪,୧୫୦୦୦ ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ଚଳିତବର୍ଷ ବୃଦ୍ଧି ପାଇ ୪, ୮୭୦୦୦ରେ ପହଞ୍ଚିଛି। ସେହିପରି ନଳବଣରେ ମଧ ଗତବର୍ଷ ଅପେକ୍ଷା ବୃଦ୍ଧି ପାଇଛି। ଗତବର୍ଷ ଶୀତ ଋତୁରେ ସମଗ୍ର ଚିଲିକାକୁ ୧୧, ୫୦୦୦ ବିଦେଶୀ ପକ୍ଷୀ ଆସିଥିବା ବିଭାଗୀୟ ଗଣନାରୁ ଜଣାପଡ଼ିଥିଲା। ତେବେ ଚଳିତବର୍ଷ ଜଳବାୟୁ ଅନୁକୂଳ ରହିଛି। ଶୀତର ପ୍ରକୋପ ଅଧିକ ବୃଦ୍ଧି ପାଇଲେ ଚଳିତବର୍ଷ ରେକର୍ଡ ସଂଖ୍ୟକ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଏସିଏଫ ଶରତ କୁମାର ମିଶ୍ର କହିଛନ୍ତି। ଆସନ୍ତା ଜାନୁୟାରୀ ୪ରେ ପକ୍ଷୀ ଗଣନାକାରୀଙ୍କୁ ସବିଶେଷ ତାଲିମ ଦିଆଯିବ। ୫ତାରିଖ ଭୋରରୁ ଗଣନାକାରୀ ୨୦ଟି ଦଳରେ ବିଭକ୍ତ ହୋଇ ସମଗ୍ର ଚିଲିକାରେ ପକ୍ଷୀ ଗଣନାରେ ସାମିଲ ହେବେ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଫାଶ, ବିଷ ବିପଦ

**ବ୍ରହ୍ମଗିରି,୫।୧୨(ଡି.ଏନ୍.ଏ.)**

ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆସିବା ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ସମୟରେ ବିଦେଶୀ ପକ୍ଷୀଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଲାଣି। ଫାଶ, ବିଷର ବଳୟ ସୃଷ୍ଟି କରି ଏହି ଅତିଥି ପକ୍ଷୀଙ୍କୁ ଶିକାର କରିବାରେ ଲାଗିଛନ୍ତି। ହେଲେ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଶିକାରୀମାନେ ଖୁଲମଖୁଲା ଶିକାର କରୁଛନ୍ତି। ଶୀତ ଋତୁରେ ଚିଲିକାକୁ ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଆସୁଥିବା ବେଳେ ଖାଦ୍ୟ ଅନ୍ୱେଷଣରେ କିଛି ପକ୍ଷୀ ଚିଲିକା କୂଳ ଗ୍ରାମକୁ ଆସିଥାନ୍ତି। ଚିଲିକା ନିକଟବର୍ତ୍ତି ଗ୍ରାମାଞ୍ଚଳରେ ଅଧିକ ଜଳାଶୟ ଥିବାରୁ ଅଧିକାଂଶ ପକ୍ଷୀ ଆସିଥାନ୍ତି। ତେବେ ଏହି ଅଞ୍ଚଳଗୁଡ଼ିକରେ ବନ ବିଭାଗ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନାହିଁ। ଏହାର ସୁଯୋଗ ନେଇ ଶିକାରୀମାନେ ଫାଶ, ଛିଟିକିଣି ଓ ଖାଦ୍ୟରେ ବିଷ ଦେଇ ପକ୍ଷୀ ଶିକାର କରୁଛନ୍ତି। ଏହି ଶିକାର ଏବେ ଖଜୁରିଆ ନିକଟବର୍ତ୍ତୀ ଗ୍ରାମ ସହ ଘଟକୁଡି, ଗୋଲରା ଆଦି ଗ୍ରାମାଞ୍ଚଳରେ ଚାଲିଛି। ବନ ବିଭାଗର ଆଡୁଆଳରେ ଏହି ଶିକାର ହେଉଥିବାରୁ ପକ୍ଷୀ ପ୍ରେମୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବ୍ରହ୍ମଗିରି ରେଞ୍ଜ ଅଧିକାରୀ ରଜତ ମହାପାତ୍ର କୁହନ୍ତି, ପକ୍ଷୀ ଶିକାର ରୋକିବା ପାଇଁ ଆମର କର୍ମଚାରୀମାନେ ପାଟ୍ରୋଲିଂ କରୁଛନ୍ତି। ଏ ପର୍ଯ୍ୟନ୍ତ ପକ୍ଷୀ ଶିକାର ଆମର ଦୃଷ୍ଟିଗୋଚର ହୋଇନି। ତଥାପି ପକ୍ଷୀ ଶିକାର ରୋକିବା ପାଇଁ ସଚେତନ କରିବୁ।



# ରାସ୍ତାରେ ହାତୀ, ଲୋକେ ଭୟଭୀତ



**ନିରାକାରପୁର,୫।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଶନିବାର ଅପରାହ୍ନ ୫ଟାରେ ଧାନଘର ପାହାଡ଼ ପାଦଦେଶ ନୂଆ ଜଗନ୍ନାଥ ସଡ଼କ ରାସ୍ତାରେ ଏକ ହାତୀ ଛିଡା ହେବାରୁ ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଫଳରେ ସେଠାରେ ଉପସ୍ଥିତ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ପ୍ରାୟ ୪୫ ମିନିଟ ପରେ ହାତୀଟି ଲୋକଙ୍କ ପାଟି ଶୁଣି ଜଙ୍ଗଲ ଭିତରକୁ ପଳାଇଯାଇଥିଲା। ଖବରପାଇ ଭୂଷଣ୍ଡପୁର ଫରେଷ୍ଟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ଭୂଷଣ୍ଡପୁର ଫରେଷ୍ଟର ସିନ୍ଧୁ ଚରଣ ସିଂ କହିଛନ୍ତି, ହାତୀଟି ଖଜୁରିଆ ମୁଣ୍ଡିଆକୁ ପଳାଇ ଯାଇଛି। ବନ କର୍ମଚାରୀମାନେ ସଜାଗ ରହିଛନ୍ତି ବୋଲି ସେ କହିଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା

**ବାଲିପାଟଣା,୫।୧୨(ଡି.ଏନ୍.ଏ.)**

ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଶନିବାର ୧୭ଟି ପଞ୍ଚାୟତର ଶତାଧିକ ଲୋକ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା ଦେଇଥିଲେ। ପ୍ରସୂତୀଙ୍କୁ ସ୍ଥାନାନ୍ତର କରା ନଯାଇ ଏଠାରେ ଚିକିତ୍ସା କରିବା, ଡାକ୍ତରଖାନା ପରିସର ସଫା ରଖିବା, ରୋଗୀ କଲ୍ୟାଣ ସମିତି ପାଣ୍ଠିର ସଦୁପଯୋଗ, ୨୪ ଘଣ୍ଟିଆ ମେଡିସିନ ଷ୍ଟୋର ଖୋଲିବା, ଡାକ୍ତର ପଦବୀ ପୂରଣ ଆଦି ଦାବି କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମନୋରଞ୍ଜନ ହାତୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ବିଧାୟକ ଡ. ଅରବିନ୍ଦ ଢାଲିଙ୍କୁ ମଧ ଏକ ଲିଖିତ ଅଭିଯୋଗ କରାଯାଇଛି। ବୁଦ୍ଧିନାଥ ବାରିକ, ଆରତ ଭୋଇ, ସତ୍ୟପ୍ରିୟ ସେଠୀ, ପ୍ରତିମା ଭୋଇ, ରଶ୍ମିପ୍ରିୟା ଲେଙ୍କା, କାଜଲ ବେହେରା ଯୋଗଦେଇଥିଲେ।

# ଚେନ୍ ଲୁଟେରାଙ୍କୁ ଧରିଲେ ଲୋକେ, ଆଉ ଜଣେ ଖସିଗଲେ

**କଟକ ସଦର,୫।୧୨(ଡି.ଏନ୍.ଏ.):** କଟକ ସଦର ଥାନା ଅଧୀନ କାଠଯୋଡୀ ନଦୀ ପୋଲ ଉପରେ ୨ ଜଣ ଲୁଟେରା ବାଇକ୍‌ରେ ଆସି ଜଣେ ମହିଳାଙ୍କ ବେକରୁ ଚେନ୍ ଛିଣ୍ଡାଇଥିଲେ। ଲୁଟ୍ ପରେ ଖସିଯିବାକୁ ଉଦ୍ୟମ କଲାବେଳେ ଲୋକମାନେ ପିଛା କରିଥିଲେ। ୧୬ନଂ. ଜାତୀୟ ରାଜପଥ ଛାଡି ଲୁଟେରାମାନେ କାଜିପାଟଣା ସାହିରେ ପସିଯାଇଥିଲେ। ଅନ୍ଧାରର ସୁଯୋଗ ନେଇ ଜଣେ ଲୁଟେରା ଖସି ପଳାଇବାରେ ସଫଳ ହୋଇଥିଲେ। ଅନ୍ୟ ଜଣଙ୍କୁ ଲୋକମାନେ ବାଇକ୍ ସହ କାବୁ କରି ପୋଲିସ ଜିମା ଦେଇଥିଲେ।

# ମୃତ୍ତିକାର ସ୍ୱାସ୍ଥ୍ୟ ପରିଚାଳନା ବଡ଼ ଆହ୍ୱାନ




**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ମାଟି ହେଉଛି ସମସ୍ତ ଜୀବ ଓ ଉଦ୍ଭିଦଜଗତର ପ୍ରାଣସତ୍ତାର ଆଧାର। ଠିକ୍ ଯତ୍ନ ନ ନେଲେ ଏହା ଶୀଘ୍ର ନଷ୍ଟ ହେବା ସହିତ ଚାଷକାର୍ଯ୍ୟ ପାଇଁ ଅନୁପଯୋଗୀ ହୋଇଯାଏ। ବୈଜ୍ଞାନିକଙ୍କ ଆକଳନ ଅନୁସାରେ, ୧ ଇଞ୍ଚ ମାଟି ସୃଷ୍ଟି ପାଇଁ ପ୍ରାୟ ୧ ହଜାର ବର୍ଷ ଲାଗିଥାଏ। ତେଣୁ ମାଟିର ସୁସ୍ଥତା କିପରି ବଜାୟ ରହିବ ସେଥିନିମନ୍ତେ ସମସ୍ତଙ୍କୁ ସଚେତନ କରି ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ଶନିବାର କୃଷି ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଲେ, ମୃତ୍ତିକାର ସ୍ୱାସ୍ଥ୍ୟ ପରିଚାଳନା ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ଭବିଷ୍ୟତ ବଂଶଧରଙ୍କ ଖାଦ୍ୟ ସୁରକ୍ଷା ଓ ଜୀବଜଗତର ସୁରକ୍ଷା ନିମନ୍ତେ ପ୍ରଥମେ ମୃତ୍ତିକାର ସୁରକ୍ଷା କରିବାକୁ ପଡ଼ିବ। ଏହି ଅବସରରେ ମନ୍ତ୍ରୀ ସାହୁ ଅନ୍ତର୍ଜାତୀୟ ସଂସ୍ଥା ଇକ୍ରିସାଟ୍ ସହାୟତାରେ ଭୂଚେତନା କାର୍ଯ୍ୟକ୍ରମ ଅନ୍ତର୍ଗତ ଭୁବନେଶ୍ୱର ଓ ସମ୍ବଲପୁରଠାରେ ସ୍ଥାପନ କରାଯାଇଥିବା ଦୁଇଟି ରେଫରାଲ୍ ମୃତ୍ତିକା ପରୀକ୍ଷାଗାରକୁ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରିଥିଲେ। ଏଥିସହିତ ପତାକା ଦେଖାଇ ୧୩ଟି ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାରର ଲୋକାର୍ପଣ କରିଥିଲେ ମନ୍ତ୍ରୀ।

**ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ**

- ୧୩ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଲୋକାର୍ପଣ କଲେ ମନ୍ତ୍ରୀ
- ଦୁଇ ରେଫରାଲ୍ ମୃତ୍ତିକା ପରୀକ୍ଷାଗାର ଉଦ୍‌ଘାଟିତ

କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ମୃତ୍ତିକାର ସ୍ୱାସ୍ଥ୍ୟରକ୍ଷା ଦ୍ୱାରା ରାଜ୍ୟର ଚାଷୀ ଲାଭବାନ ହୋଇପାରିବେ ବୋଲି କହିଥିଲେ। ମାଟିର ସ୍ୱାସ୍ଥ୍ୟ କୃଷି ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧିରେ ପ୍ରମୁଖ ଭୂମିକା ରହିଥାଏ। କୃଷି ବିଭାଗର ସମସ୍ତ ଅଧିକାରୀ ମୃତ୍ତିକା ବିଶୋଧନ ଉପରେ ସଚେତନତା ସୃଷ୍ଟି ପାଇଁ ସେ ପରାମର୍ଶ ଦେଇଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଦିଗରେ ମୃତ୍ତିକାର ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଡ. ପବନ କୁମାର ଅଗ୍ରୱାଲ, ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖ ଯୋଗଦେଇ ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷାରେ ନାନୋ-ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଧନ୍ୟବାଦ ଦେଇଥିଲେ। ବୈଷୟିକ ଅଧିବେଶନରେ ଇକ୍ରିସାଟ୍‌ର କଣ୍ଟ୍ରି ରିପ୍ରେଜେଣ୍ଟେଟିଭ୍ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ କୃଷି ବୈଜ୍ଞାନିକମାନେ ଯୋଗଦେଇଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଏବଂ ବହୁ କୃଷି ବୈଜ୍ଞାନିକ ଓ ଅଧିକାରୀମାନେ ଯୋଗଦେଇଥିଲେ। ଓଡ଼ିଶା 'ମୃତ୍ତିକା ପୋଷକତତ୍ତ୍ୱ ସ୍ଥିତିର ମାନଚିତ୍ର' ଏବଂ 'ଓଡ଼ିଶାର ୫୦ ବର୍ଷର କୃଷି ପରିସଂଖ୍ୟାନ'ର ଶୁଭ ଉନ୍ମୋଚନ ହୋଇଥିଲା।

# ଦୁର୍ଘଟଣାକୁ ନେଇ ଉତ୍ତେଜନା, ରାସ୍ତାରୋକୋ

**ନିଆଲି,୫।୧୨(ଡି.ଏନ୍.ଏ.)**



ରାସ୍ତାରୋକୋ ଯୋଗୁ ଯାନବାହନ ଅଟକି ରହିଛି।

- ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ଚାଷୀ ମୃତ, ଦୁଇ ଗୁରୁତର
- ରାସ୍ତାପାର୍ଶ୍ୱକୁ ଓଲଟିଲା ଟ୍ରକ୍

ନିଆଲି ଥାନା ଅନ୍ତର୍ଗତ ନିଆଳି-ଫୁଲନଖରା ୬୦ନଂ. ରାଜ୍ୟ ରାଜପଥର କାଳିଆଘାଇ ନିକଟରେ ଶନିବାର ସକାଳେ ଏକ ଟମାଟୋ ବୋଝେଇ ଟ୍ରକ ଧକ୍କାରେ ସାଇକେଲରେ ଯାଉଥବା ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଅଁଳୋ ଗ୍ରାମର ଶରତ ଚନ୍ଦ୍ର ଦଳାଇ(୫୦)। ଥିବାବେଳେ ଟ୍ରକ ଏଥିରେ ଟ୍ରକ୍‌ଡ୍ରାଇଭର ଓ ହେଲ୍‌ପର ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ସକାଳ ପ୍ରାୟ ୬ଟାରେ ଶରତ ସାଇକେଲରେ ଶାଗ ନେଇ କାଳିଆଘାଇ ହାଟକୁ ଯାଉଥିବାବେଳେ ଟ୍ରକ୍ (ଏପିଂ୩ଟିଇ-୨୬୧୮)ଟି ତାଙ୍କୁ ପଛରୁ ଧକ୍କାଦେଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ଆହତ ୩ଜଣଙ୍କୁ ଅଡ଼ଶପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶରତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟ୍ରକ ଡ୍ରାଇଭର ଓ ହେଲ୍‌ପରଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ରାସ୍ତାରୋକୋ ଯୋଗୁ ରାସ୍ତା ଉପରେ ଯାନବାହନ ଅଟକି ରହିଥିଲା। ନିଆଳି ତହସିଲଦାର ବିଦ୍ୟାଧର ପତି, ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଅତୁଲ୍ୟ ଜେନା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଦିଆଯିବା ସହ ଦୁର୍ଘଟଣା ସ୍ଥଳରେ ଏକ ସପ୍ତାହ ମଧରେ ହମ୍ପ ନିର୍ମାଣ କରିବାକୁ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଶରତଙ୍କ ସ୍ତ୍ରୀଙ୍କ ଅଭିଯୋଗ ପରେ ନିଆଳି ପୋଲିସ ଏକ ମାମଲା(ନଂ.୩୦୯/୨୦୨୦) ରୁଜୁ କରି ଟ୍ରକକୁ ଜବତ କରିଛି।

## ଫଟୋରେ ଖବର...




କେନ୍ଦ୍ରର ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଓଡ଼ିଶା ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ପ୍ରଧାନମନ୍ତ୍ରୀ ଓ ଶିଳ୍ପପତିଙ୍କ କୋକେଇ ଧରି ଅଭିନବ ବିକ୍ଷୋଭ।





ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଧାରଣା ଓ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ବିଜେବି ନଗରରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ବାହାରିଥିବା ବାଇକ୍ ରାଲି।

## ସଂକ୍ଷେପରେ

### ବୋଲେରୋ- ବାଇକ୍ ଧକ୍କାରେ ବାପା, ମା’ ଓ ବଡପୁଅ ମୃତ୍ୟୁ ଘଟଣା

## ଗୋଟିଏ ଜୁଇରେ ୩ ଜଣଙ୍କ ସତ୍କାର

କର୍ଲାମୁଣ୍ଡା/ ରିଷିଡା, ୫।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରିଷିଡା ଗ୍ରାମର ତରଣୀସେନ ବିଶି (୩୭), ତାଙ୍କ ସ୍ତ୍ରୀ ନିକିତା ଓ ବଡ଼ପୁଅର ମୃତଦେହ ଶନିବାର ଗୋଟିଏ ଜୁଇରେ ସତ୍କାର କରାଯାଇଛି। ମୃତକ ତରଣୀସେନଙ୍କ ବାପା, ମା ଓ ସାନଭାଇ ଦାଦନ ଖଟି ଯାଇଥିବାରୁ ତାଙ୍କ ସମ୍ପର୍କୀୟମାନେ ମୃତଦେହ ସତ୍କାର ଆୟୋଜନ କରିଥିଲେ। ରିଷିଡା ସରପଞ୍ଚ ସରସ୍ୱତୀ ମାଝି ଓ ପିଇଓ କ୍ଷୀରସିନ୍ଧୁ ରଣା ମୃତକଙ୍କ ଘରକୁ ଆସି ହରିଶ୍ଚନ୍ଦ୍ର ଯୋଜନାରେ ୪ ହଜାର ଟଙ୍କା ତାଙ୍କର ଜଣେ ସମ୍ପର୍କୀୟଙ୍କୁ ପ୍ରଦାନ କରିଥିଲେ। ପରେ ମୃତଦେହକୁ ତାଙ୍କ ଜମିକୁ ନିଆଯାଇ ଗୋଟିଏ ଜୁଇରେ ତିନିଜଣଙ୍କୁ ସତ୍କାର କରାଯାଇଥିଲା। ତହସିଲଦାର ବାସନ୍ତୀ ସେଠୀ, ରିଷିଡା ଆରଆଇ ସସ୍ମିତା ରଣା ଶବଦାହ ପର୍ଯ୍ୟନ୍ତ ଉପସ୍ଥିତ ରହି ମୃତକଙ୍କ ସମ୍ପର୍କୀୟଙ୍କୁ ଆଶ୍ୱାସନା ଦେବା ସହ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୃତକଙ୍କ ବାପା, ମା’ ଓ ଭାଇ ଅନୁପସ୍ଥିତ ଥିବାରୁ ତାଙ୍କ ବଡ ବାପା ନରସିଂହ ବିଶି ମୁଖାଗ୍ନି ଦେଇଥିଲେ। ଶବଦାହ ବେଳେ ରିଷିଡା ଯୁବାମଞ୍ଚର ସଭ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରକାଶ ଯେ, ତରଣୀସେନ ଦୁଇପୁଅ ଓ ସ୍ତ୍ରୀଙ୍କୁ ନେଇ ଏକ ବାଇକ୍‌ରେ ବଲାଙ୍ଗୀରରୁ ରିଷିଡାକୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତୁଷୁରା-ରିଷିଡା ରାସ୍ତାର ଜମ୍ଭେଲଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ମୁହାଁମୁହିଁ ଧକ୍କା ଦେବାରୁ ଘଟଣାସ୍ଥଳରେ ତରଣୀସେନ, ତାଙ୍କ ବଡପୁଅ ଶମ୍ଭୁ (୪)ଙ୍କର ମୃତ୍ୟୁ ହୋଇଥିଲା। ସ୍ତ୍ରୀ ନିକିତାଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଡାକ୍ତରଖାନାକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ୮ମାସର ସାନପୁଅ ସୋମ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଶନିବାର ତିନି ଜଣଙ୍କ ମୃତଦେହକୁ ବଲାଙ୍ଗୀର ଠାରେ ବ୍ୟବଚ୍ଛେଦ କଲାପରେ ଏକ ସରକାରୀ ଆମ୍ବୁଲାନ୍ସ ଗାଡି ଯୋଗେ ନିଜ ଗାଁକୁ ଅଣାଯାଇଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ଲୋକାରଣ୍ୟ ହୋଇଯାଇଥିଲା ପରିବେଶ।

# ଯଦୁପୁରରେ କଂଗ୍ରେସ, ଭାଜପା ନେତା



ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର ଓ ଭାଜପା କର୍ମକର୍ତ୍ତାମାନେ ପରୀ ପରିବାରଙ୍କୁ ଭେଟୁଛନ୍ତି।



ଯଦୁପୁର ଗାଁରେ କଂଗ୍ରେସର ଓଡ଼ିଶା ପ୍ରଭାରୀ ଚେଲ୍ଲା କୁମାର ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତାମାନେ।

### ପରୀ ହତ୍ୟାକୁ ନେଇ ରାଜନୀତି ଜୋର୍ ଧରିଲା

- ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ:ଚେଲ୍ଲାକୁମାର
- ସିବିଆଇ ତଦନ୍ତ, ମନ୍ତ୍ରୀଙ୍କୁ ବହିଷ୍କାର କରାଯାଉ: ସମ୍ବିତ

ନୟାଗଡ଼ ଅଫିସ,୫।୧୨

ପରୀ ହତ୍ୟାକୁ ନେଇ ରାଜନୀତି ଜୋର୍ ଧରିଛି। ବିଧାନସଭା ସମ୍ମୁଖରେ ପରୀଙ୍କ ମା’ବାପା ଆତ୍ମାହୁତି ଉଦ୍ୟମ କରିବା ପରେ ପ୍ରତିଦିନ ନୟାଗଡ଼ ସଦର ଥାନାର ଯଦୁପୁର ଗାଁକୁ ରାଜନେତା, ତଦନ୍ତକାରୀ ଟିମ୍ ଆସି ପଚରାଉଚୁରା ସହ ପରୀ ହତ୍ୟାକାଣ୍ଡର ଅନୁଧ୍ୟାନ କରୁଛନ୍ତି। ଶନିବାର କଂଗ୍ରେସ ଓ ଭାଜପାର ନେତାମାନେ ପୃଥକ୍ ପୃଥକ୍ ଭାବେ ଯଦୁପୁରରେ ପହଞ୍ଚିଥିଲେ। ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାରଙ୍କ ନେତୃତ୍ୱରେ କଂଗ୍ରେସ ଟିମ୍ ଯାଇଥିବାବେଳେ ଭାଜପା ପ୍ରତିନିଧିଙ୍କ ନେତୃତ୍ୱ ନେଇଥିଲେ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର। କଂଗ୍ରେସ ପ୍ରଭାରୀ ଚେଲ୍ଲାକୁମାର ଦୋଷୀଙ୍କୁ ଗିରଫ ସହ ଫାଶୀ ଦେବାକୁ ଦାବି କରିଛନ୍ତି। ସେହିପରି ଭାଜପା ପକ୍ଷରୁ ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ସିବିଆଇ ତଦନ୍ତ ଓ ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଛନ୍ତି।

କଂଗ୍ରେସର ଓଡ଼ିଶା ପ୍ରଭାରୀ ଏ. ଚେଲାକୁମାର ପରୀଙ୍କ ମା’ବାପାଙ୍କୁ ଭେଟିବା ସହ ମୃତଦେହ ଜବତ ସ୍ଥାନ ଅନୁଧ୍ୟାନ କରିବା ପରେ କହିଛନ୍ତି, ସାଟେଲାଇଟ୍ ଚିତ୍ର, ଜିପିଆରଏସ୍ ମାଧ୍ୟମରେ ହତ୍ୟାକାରୀ ଚିହ୍ନଟ ହୋଇପାରିବ। ଅପରାଧୀଙ୍କୁ ଘୋଡାଉଥିବା ଅଭିଯୋଗରେ ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର କରାଯାଉ। ହତ୍ୟାକାରୀଙ୍କୁ ଧରାଯାଇ ଫାଶୀ ଦିଆଯାଉ। ଭାଜପା ରାଜନୈତିକ ଫାଇଦା ପାଇଁ ସିବିଆଇ ତଦନ୍ତ ଦାବି କରୁଛି। ପରୀକୁ ନ୍ୟାୟ ଦେବାକୁ କଂଗ୍ରେସ ପ୍ରଥମରୁ ଆନ୍ଦୋଳନ ଜାରି ରଖିଛି। ନ୍ୟାୟ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ, ଜିଲା ପୋଲିସର ଅପାରଗତା ପାଇଁ ପରୀର ହତ୍ୟାକାରୀ କିଏ ୫ ମାସ ହେଲା ଧରା ପଡୁନାହାନ୍ତି। ଯେହେତୁ ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ରହିଛି, ସେ ଇସ୍ତଫା ଦେବା ଉଚିତ।

ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ କହିଛନ୍ତି, ପରୀଙ୍କୁ ଅପହରଣ କରି ହତ୍ୟା କରାଯାଇଛି। ଅଭିଯୁକ୍ତମାନେ ପରୀର ମା’ବାପାଙ୍କୁ ନିର୍ଯାତନା ଦେବା ସହ ମାଡ ମାରିଥିଲେ। ଥାନାରେ ଅଭିଯୋଗ ପରେ ନ୍ୟାୟ ମିଳିଲାନାହିଁ। ପରୀ ମାମଲା ନେଇ ମୁଁ ଜାତୀୟ ଶିଶୁ ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍)ରେ ଅଭିଯୋଗ କରିଥିଲି। ପରେ ନୟାଗଡ଼ ଜିଲାର ଏସ୍‌ପି ଓ ଜିଲାପାଳଙ୍କୁ ଏନ୍‌ସିପିସିଆର୍ ପକ୍ଷରୁ ସମନ ହୋଇଛି। ସେହିପରି ମନ୍ତ୍ରୀ ସାହୁଙ୍କୁ ବହିଷ୍କାର କରା ନ ଗଲେ କ୍ରାଇମବ୍ରାଞ୍ଚ ଓ ଏସ୍‌ଆଇଟି ତଦନ୍ତର ସୁଫଳ ମିଳିବନି। ପରୀ ହତ୍ୟା ଘଟଣାର ତଦନ୍ତ ସିବିଆଇ ପକ୍ଷରୁ କରାଗଲେ ନ୍ୟାୟ ମିଳିବ। କଂଗ୍ରେସ ପକ୍ଷରୁ ସହପ୍ରଭାରୀ ଜି. ରୁଦ୍ର ରାଜୁ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଜିଲା ସଭାପତି ରଣଜିତ୍ ଦାଶ ପ୍ରମୁଖ ଯଦୁପୁର ଯାଇଥିଲେ। ସେହିଭଳି ଭାଜପାର ରାଜ୍ୟ ପ୍ରବକ୍ତା ଲେଖାଶ୍ରୀ ସାମନ୍ତସିଂହାର, ସୁରମା ପାଢ଼ୀ, ସିଦ୍ଧାର୍ଥ ଶେଖର ସିଂହ, ଜିଲା ସଭାପତି ଲାଲା ମନୋଜ ରାୟ, ନାରୀ ନେତ୍ରୀ ଇରାନୀ ରାୟ ପ୍ରମୁଖ ଅନୁରୂପ ଭାବେ ଯଦୁପୁର ଯାଇଥିଲେ।

## ଡିସେମ୍ବର ୮ ଭାରତ ବନ୍ଦକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

କେନ୍ଦ୍ର ସରକାର ଆଣିଥିବା ୩ଟି କୃଷି ଆଇନ ବିରୋଧରେ ଦେଶବ୍ୟାପୀ କୃଷକ ସଂଗଠନଗୁଡିକ ଆନ୍ଦୋଳନ ଚଳାଇଛନ୍ତି। ଦାବି ପୂରଣ ନେଇ ଆସନ୍ତା ୮ ତାରିଖରେ କୃଷକ ସଂଗଠନଗୁଡିକ ଭାରତ ବନ୍ଦ ଡାକରା ଦେଇଛନ୍ତି। ଭାରତ ବନ୍ଦ ଡାକରାକୁ ପ୍ରଦେଶ କଂଗ୍ରେସ କମିଟି (ପିସିସି)ସମର୍ଥନ ଜଣାଇଛି।

କୃଷକମାନେ ଆମର ଅନ୍ନଦାତା ଓ ଅର୍ଥନୀତିର ମେରୁଦଣ୍ଡ। ସେମାନେ କୃଷି ଆଇନକୁ ବିରୋଧ କରିବା ସମ୍ପୂର୍ଣ୍ଣ ଯଥାର୍ଥ ଓ ଯୁକ୍ତି ସଙ୍ଗତ। ଏହି ବନ୍ଦ ଡାକରାକୁ କଂଗ୍ରେସ ପୂର୍ଣ୍ଣ ସମର୍ଥନ ଦେବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। କୃଷକମାନଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ୱାର୍ଡସ୍ତରରୁ ଆରମ୍ଭ କରି ଗ୍ରାମପଞ୍ଚାୟତ, ବ୍ଲକ, ପୌରପରିଷଦ, ମହାନଗର ନିଗମ, ବିଜ୍ଞପିତ ଅଞ୍ଚଳ ପରିଷଦ, ଜିଲା ଓ ରାଜ୍ୟ ସ୍ତରରେ ବନ୍ଦକୁ ସଫଳ କରିବା ଲାଗି ସେ କଂଗ୍ରେସର ସମସ୍ତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। ଦଳୀୟ ବିଧାୟକ, ଏମ୍‌ପି, ପ୍ରାକ୍ତନ ଏମ୍‌ପି, ବିଧାୟକ, ବରିଷ୍ଠ ନେତୃମଣ୍ଡଳୀ, ଜିଲା କଂଗ୍ରେସ ସଭାପତି, ଏଆଇସିସି ଓ ପିସିସି ସଭ୍ୟ, ସମସ୍ତ ବିଭାଗ, ପ୍ରକୋଷ୍ଠ ଓ ଛାମୁଆ ସଂଗଠନର ରାଜ୍ୟ ଓ ଜିଲାର ମୁଖ୍ୟ ଓ କର୍ମକର୍ତ୍ତାମାନେ ଓ ଜନପ୍ରତିନିଧିମାନଙ୍କୁ ପିସିସି ସଭାପତି ମାର୍ଗଦର୍ଶନ ଦେବା ସହ ସ୍ୱତଃପ୍ରବୃତ୍ତ ବନ୍ଦରେ ଅଂଶଗ୍ରହଣ କରି ପୂର୍ଣ୍ଣ ସଫଳ କରିବା ଲାଗି ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି।

# ହତ୍ୟାକାରୀଙ୍କୁ ଧରାଇଲେ ମିଳିବ ୧ ଲକ୍ଷ

### ପରୀ ହତ୍ୟା ଘଟଣାର ତଦନ୍ତ ଜୋର୍‌ଦାର

### ଗୁମର ଖୋଲିବାକୁ ସମୟ ମାଗିଲେ ଆଇଜି ବୋଥ୍ରା

ନୟାଗଡ଼ ଅଫିସ,୫।୧୨

ନୟାଗଡ଼ ସଦର ଥାନା ଯଦୁପୁରର ପରୀ ହତ୍ୟା ଘଟଣାରେ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍‌ଟିମ୍(ଏସ୍‌ଆଇଟି) ତଦନ୍ତ ଜୋର୍‌ଦାର କରିଛି। ହତ୍ୟା ଘଟଣାର ଗୁମର ଖୋଲିବାକୁ ଏସ୍‌ଆଇଟି ମୁଖ୍ୟ ପୋଲିସ ଆଇଜି ଅରୁଣ ବୋଥ୍ରା ୨ ସପ୍ତାହ ଅପେକ୍ଷା କରିବାକୁ କହିଛନ୍ତି। ସେହିଭଳି ଅଭିଯୁକ୍ତ ବାବୁଲି ନାୟକ ଓ ତାଙ୍କ ଡ୍ରାଇଭରଙ୍କୁ ମାରାଥନ ଜେରା କରାଯାଇଛି। ପରୀ ହତ୍ୟାରେ ସମ୍ପୃକ୍ତ ଥିବା ସନ୍ଦେହ କରି କାହ୍ନୁ ବେହେରାଙ୍କୁ ମଧ୍ୟ ଅନୁରୂପ ଭାବେ ଏସ୍‌ଆଇଟି ଟିମ୍ ଉଠାଇ ନେଇ ଜେରା କରିଥିଲା। ପରେ ତାଙ୍କୁ ଆଣି ଘରେ ଶନିବାର ଛାଡ଼ି ଦେଇଛି। ସେ ଘରକୁ ଆସିବା ପରେ କିଛି ସମୟ ଗାଁରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଶନିବାର କାହ୍ନୁ କିଛି ସମୟ ପରୀ ଘଟଣାକୁ ନେଇ ପାଟିତୁଣ୍ଡ କରିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ପରୀ ହତ୍ୟାକାରୀଙ୍କୁ ଧରାଇଲେ ୧ ଲକ୍ଷ ଟଙ୍କା ପୁରସ୍କାର ମିଳିବ। ଏସ୍‌ଆଇଟି ମୁଖ୍ୟ ପୋଲିସ ଆଇଜି ବୋଥ୍ରା ଗାଁ ସଭାରେ ଯୋଗଦେଇ ଏହା କହିବା ପରେ ପୁରସ୍କାର ରାଶି ସମ୍ପର୍କରେ ଗାଁ ସଭାପତି ଜୟକୃଷ୍ଣ ପରିଡ଼ା ଘୋଷଣା କରିଛନ୍ତି। ପରିଡ଼ାଙ୍କ ସୂଚନା ଅନୁସାରେ, ପରୀ ହତ୍ୟା ସମ୍ପର୍କରେ ସୂଚନା ଦେବା ନେଇ ଏସ୍‌ଆଇଟି ପକ୍ଷରୁ ଏକ ଟୋଲ ଫ୍ରି ନମ୍ବର ଜାରି ହୋଇଛି। ହତ୍ୟାକାଣ୍ଡ ନେଇ ସୂଚନାଦାତାଙ୍କ ନାଁ ଗୋପନ ରଖାଯିବା ସହ ପୁରସ୍କାର ମିଳିବ। ଗାଁଲୋକ ପରୀ ହତ୍ୟାକାଣ୍ଡରେ ଏସ୍‌ଆଇଟିକୁ ସହଯୋଗ କରୁଛନ୍ତି।

ଭୁବନେଶ୍ୱର ଡିଜିପି କ୍ୟାମ୍ପ କାର୍ଯ୍ୟାଳୟରେ ଶନିବାର ପରୀ ମୃତ୍ୟୁକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକ ପରେ ଏସ୍‌ଆଇଟିର ମୁଖ୍ୟ ପୋଲିସ ଆଇଜି ବୋଥ୍ରା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ହତ୍ୟାକାରୀଙ୍କୁ ଧରିବାକୁ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି। ୪ରୁ ୫ଦିନ ହେଲା ଏସ୍‌ଆଇଟି ଗଠନ ହୋଇଛି। ତଦନ୍ତକାରୀ ଟିମ୍ ଉପରେ ଜନସାଧାରଣଙ୍କର ଯଥେଷ୍ଟ ଭରସା ରହିଛି। ତଦନ୍ତକାରୀ ଟିମ୍ କଠିନ ପରିଶ୍ରମ କରୁଛି। ମୋତେ ଦିଆଯାଇଥିବା ଦାୟିତ୍ୱକୁ ନେଇ ସଚେତନ ଅଛି। ଏଥିପାଇଁ କିଛି ସମୟ ଦେବାକୁ ସେ କହିଛନ୍ତି। ଅପରପକ୍ଷେ ପରୀ ମୃତ୍ୟୁର ଅଭିଯୁକ୍ତ କୁହାଯାଉଥିବା ବାବୁଲିଙ୍କ ଘରେ ଶୁକ୍ରବାର ଏସ୍‌ଆଇଟି ଟିମ୍ ଚଢ଼ାଉ କରିଥିଲା। ବାବୁଲିଙ୍କର ୩ ମହଲା ଘରର ସମସ୍ତ କୋଠରିକୁ ଯାଞ୍ଚ କରାଯାଇଛି। ବାବୁଲି ଓ ତାଙ୍କ ପୁଅଙ୍କୁ ପ୍ରାୟ ୧ ଘଣ୍ଟା ଜେରା କରାଯାଇଥିଲା। ବାବୁଲି ଓ ତାଙ୍କ ଡ୍ରାଇଭରଙ୍କ ମାଲିକାନାରେ ଥିବା ଗାଡିଗୁଡିକର ସବିଶେଷ ତଥ୍ୟ ଟିମ୍ ସଂଗ୍ରହ କରିଥିବା କୁହାଯାଇଛି।

## ପଶ୍ଚିମ ଓଡ଼ିଶାରେ ତାତିଲେ ଚାଷୀ



ମହିଳା ଚାଷୀମାନେ ସରକାରୀ ବିରୋଧୀ ସ୍ଲୋଗାନ ଦେଉଛନ୍ତି।

ସମ୍ବଲପୁର,୫।୧୨(ବ୍ୟୁରୋ)

ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ଆହ୍ୱାନରେ ଶନିବାର ବିଭିନ୍ନ ଜିଲାର ଚାଷୀ ସଙ୍ଗଠନ ରାସ୍ତାକୁ ଓହ୍ଲାଇଛନ୍ତି। ନୂଆପଡ଼ା ଓ କଳାହାଣ୍ଡି ବ୍ୟତୀତ ପ୍ରାୟ ସମସ୍ତ ଜିଲାରେ ଚାଷୀମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସମ୍ବଲପୁର ଜିଲା ଜାତୀୟ ରାଜପଥ- ୫୩ ସିନ୍ଦୁରପଙ୍କ ଚୌଧୂରୀଛକରେ ରାସ୍ତାରୋକୋ ହୋଇଥିଲା। କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ, ଟୋକନ ସମସ୍ୟା, ଏକର ପିଛା ଧାନର ବିକ୍ରି ପରିମାଣ ବୃଦ୍ଧି କରିବା ଭଳି ବିଭିନ୍ନ ଦାବି ନେଇ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ଚାଷୀମାନେ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ଓ କେନ୍ଦ୍ର ସରକାରଙ୍କ ଆଇନ ବିରୋଧରେ ବର୍ଷିଥିଲେ। ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିବାକୁ ଡାକିଥିଲେ। ହେଲେ ଅନ୍ୟ ଜିଲାରେ ଚାଷୀମାନଙ୍କୁ ଗିରଫ କରାଯାଇଥିବା ଜାଣି ଆଲୋଚନାରେ ଭାଗ ନେବେ ନାହିଁ ବୋଲି କହିଥିଲେ। ରାଜ୍ୟଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆନ୍ଦୋଳନକୁ ନେଇ ଦେଇଥିବା ବୟାନକୁ ଚାଷୀମାନେ ନିନ୍ଦା କରିଥିଲେ। ସନ୍ଧ୍ୟା ୬ଟାରେ ପୋଲିସ ୧୫ ଜଣ ଚାଷୀଙ୍କୁ ଗିରଫ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସମ୍ବଲପୁର ସମେତ ବରଗଡ ଜିଲାରେ ଜାତୀୟ ରାଜପଥ-୫୩ ଅତାବିରା ଓ ବରଗଡ ସହ ଦୁଇଟି ସ୍ଥାନରେ ରାସ୍ତାରୋକୋ ହୋଇଥିଲା। ଅତାବିରାଠାରେ ପୋଲିସ ଚାଷୀମାନଙ୍କୁ ଗିରଫ କରି ରାସ୍ତା ଅବରୋଧ ହଟାଇଥିଲା। ସେହିପରି ବଲାଙ୍ଗୀର ଜିଲା ବେଲପଡା ବ୍ଲକ କମ୍ପାଣୀ ଛକରେ ଚାଷୀମାନେ ଆନ୍ଦୋଳନ କରିଥିଲେ। ସୋନପୁର ଜିଲା ବୀରମହାରାଜପୁର ବ୍ଲକ୍ ଉଫୁଲା-କାନପୁର ଛକରେ ରାସ୍ତାରୋକୋ ହୋଇଥିଲା। ସୁନ୍ଦରଗଡ଼ ଜିଲାରେ ସବଡେଗା ବ୍ଲକ କରମଡିହି ଛକରେ ଆନ୍ଦୋଳନ ହୋଇଥିଲା। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଭରତ ଚନ୍ଦ୍ର ସ୍ୱାଇଁ, ଟିବର ବେହେରା, ବାସନ୍ତ ମହାକୁଡ ପ୍ରମୁଖ ସାମିଲ ଥିଲେ। ସେହିପରି ଦେବଗଡ଼ ଜିଲା ପୁରୁଣାଗଡ଼ ପେଟ୍ରୋଲ ପମ୍ପ ନିକଟରେ ରାସ୍ତାରୋକୋ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଉଭୟ ପିନ୍ଧିବେ...

ଯୋଗୁ ୪୩,୫୪୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୬ରେ ୪୬,୩୭୦, ୨୦୧୭ରେ ୫୨,୩୫୯, ୨୦୧୮ରେ ୫୪,୬୧୦ ଏବଂ ୨୦୧୯ରେ ୫୮,୭୪୭ ଜଣଙ୍କ ପ୍ରାଣହାନି ଘଟିଛି। ୨୦୦୮ରୁ ୨୦୨୦ ମଧ୍ୟରେ ଓଡ଼ିଶାରେ ଦୁର୍ଘଟଣା ଯୋଗୁ ପ୍ରାୟ ୪୫ ହଜାର ଲୋକଙ୍କ ଜୀବନ ଯାଇଛି। ୨୦୧୮ରେ କେବଳ ୫,୩୧୫ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ୫ ହଜାର ଗୁରୁତର ଆହତ ହୋଇଥିଲେ। ୨୦୧୮ ତୁଳନାରେ ୨୦୧୯ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ହାର ୭.୫ ପ୍ରତିଶତ ବୃଦ୍ଧି ହୋଇଥିଲା। ଉକ୍ତ ସମୟରେ ୪,୧୧୫ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ସମୟରେ ତୁରନ୍ତ ଚିକିତ୍ସା ମିଳିପାରି ନ ଥିବାରୁ ବହୁ ଲୋକଙ୍କ ମୃତ୍ୟୁ ହେଉଛି। ସେଥିପାଇଁ କଟକ ଓ ଭୁବନେଶ୍ୱର ସହର କେତେକ ଘରୋଇ ହସ୍ପିଟାଲରେ ମାଗଣାରେ ଚିକିତ୍ସା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ଏହା ଛଡ଼ା ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ହସ୍ପିଟାଲ ନେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ରାଶି ଦେବାର ମଧ୍ୟ ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ସାଧାରଣ ପରିବହନ ବ୍ୟବସ୍ଥା ପରିବର୍ତ୍ତେ ବ୍ୟକ୍ତିଗତ ଯାନବାହନ ଯୋଗୁ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେବା ସହ ବେପରୁଆ ଗାଡି ଚାଳନା ଯୋଗୁ ଅଧିକ ଦୁର୍ଘଟଣା ଘଟୁଥିବା ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି।

କେବଳ ସେତିକି ନୁହେଁ ବ୍ୟକ୍ତିଗତ ବ୍ୟବହାର ଘରୋଇ ଗାଡିକୁ ଭଡ଼ା ସୂତ୍ରରେ ନେଲେ ଗାଡ଼ିର ଅନୁମତିକୁ ପରିବର୍ତ୍ତନ କରାଯିବା ସହ ଗାଡ଼ି ମାଲିକ ଓ ବ୍ୟବହାରକାରୀଙ୍କୁ ଦଣ୍ଡିତ କରାଯିବ ବୋଲି ଏସ୍‌ଟିଏ ପକ୍ଷରୁ କୁହାଯାଇଛି। ବ୍ୟକ୍ତିଗତ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଗାଡ଼ିକୁ ସରକାରୀ ସଂସ୍ଥାଠାରୁ ଆରମ୍ଭ କରି ବ୍ୟକ୍ତିଗତ ବ୍ୟବହାର ପାଇଁ ଭଡ଼ାରେ ନିଆଯାଉଛି। ଯାଞ୍ଚବେଳେ ପରିବହନ ଅଧିକାରୀଙ୍କ ଦ୍ୱାରା ଧରାପଡ଼ିଲେ ଉକ୍ତ ଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିବ ବୋଲି କୁହାଯାଇଛି। ବିଭିନ୍ନ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ ଭଡ଼ା ସୂତ୍ରରେ ଯାତ୍ରୀବାହୀ ଗାଡ଼ି ନେବା ପୂର୍ବରୁ ପରିବହନ ବର୍ଗର ଗାଡ଼ିଗୁଡ଼ିକର ପରମିଟ, ଇନ୍‌ସ୍ୟୁରାନ୍ସ, ଫିଟ୍‌ନେସ ଏବଂ ବୈଧ ପ୍ରଦୂଷଣ ପ୍ରମାଣପତ୍ର ଏବଂ ଟିକସ ପ୍ରମାଣପତ୍ରକୁ ପୁଙ୍ଖାନୁପୁଙ୍ଖ ତଦାରଖ କରିବାକୁ କୁହାଯାଇଛି।

### ଟିକା ନେଇ ମନ୍ତ୍ରୀ...

ଭାରତ ବାୟୋଟେକ୍ ପକ୍ଷରୁ ମଧ୍ୟ ସ୍ପଷ୍ଟୀକରଣ ଦିଆଯାଇଛି। ତୃତୀୟ ପର୍ଯ୍ୟାୟ ପରୀକ୍ଷଣରେ ୫୦%ଙ୍କୁ ଟିକା ଦିଆଯାଉଥିବା ବେଳେ ୫୦%ଙ୍କୁ ପ୍ଲାସେବୋ ଦିଆଯାଇଥାଏ ବୋଲି କୁହାଯାଇଛି। କୋଭାକ୍ସିନ ଟିକା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ସଫଳ ପରୀକ୍ଷଣ ହୋଇଥିବାବେଳେ ଏବେ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ମଧ୍ୟ ସଫଳତାର ସହ ଚାଲିଛି। କରୋନା ଟିକାର ପରୀକ୍ଷଣ ପାଇଁ ସାରା ବିଶ୍ୱରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଆମ ଦେଶରେ ୮ଟି ଟିକାର ପରୀକ୍ଷଣ ଜାରି ରହିଛି। ଆଗାମୀ କିଛି ସପ୍ତାହ ମଧ୍ୟରେ କରୋନା ପ୍ରତିଷେଧକ ଟିକା ଆସିବ। ବିଶେଷଜ୍ଞ କମିଟି ଟିକାକୁ ମଞ୍ଜୁରୀ ଦେବା ମାତ୍ରେ ଦେଶରେ ଟିକାକରଣ ଆରମ୍ଭ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସର୍ବଦଳୀୟ ବୈଠକରେ ସୂଚନା ଦେଇଥିଲେ।

### ଆନ୍ଦୋଳନକୁ ଅନ୍ତର୍ଜାତୀୟ...

ଭାରତ ଉପରେ ଚାପ ପକାଇବାକୁ ବ୍ରିଟେନର ଏମ୍‌ପିମାନେ କହିଛନ୍ତି। ପଞ୍ଜାବ ଓ ବିଦେଶରେ ଥିବା ଶିଖ୍ କୃଷକମାନଙ୍କ ସମର୍ଥନରେ ବହିର୍ବ୍ୟାପାର ସଚିବ ଭାରତ ସରକାରଙ୍କ ସହ ଆଲୋଚନା କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଗତ ମାସରେ ଅନେକ ଏମ୍‌ପି ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ନୂଆ କୃଷି ଆଇନର ପ୍ରଭାବ ସମ୍ପର୍କରେ ଲେଖିଥିଲେ। ପୂର୍ବରୁ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୁ କୃଷକ ଆନ୍ଦୋଳନକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାକୁ ନେଇ ନୂଆଦିଲ୍ଲୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଭାରତର ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ନ ପୂରାଇବାକୁ କାନାଡା ରାଷ୍ଟ୍ରଦୂତଙ୍କୁ ସମନ କରି ଜଣାଇଥିଲା। ଚେତାବନୀ ସତ୍ତ୍ୱେ ଟ୍ରୁଡୁ ଶନିବାର ପୁଣିଥରେ କୃଷକ ଆନ୍ଦୋଳନକୁ ନେଇ ମନ୍ତବ୍ୟ ଦେଇଛନ୍ତି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଅଧିକାର ପାଇଁ ସେ ସବୁବେଳେ ସ୍ୱର ଉତ୍ତୋଳନ କରିବେ। ଶାନ୍ତିପୂର୍ଣ୍ଣ ବିକ୍ଷୋଭ ବିଶ୍ୱର ଯେକୌଣସି ସ୍ଥାନରେ ହୋଇଛି, କାନାଡା ତାହା ପଛରେ ଛିଡ଼ା ହୋଇଛି ବୋଲି ଟ୍ରୁଡୁ କହିଛନ୍ତି। କାନାଡା ପ୍ରଧାନମନ୍ତ୍ରୀଙ୍କୁ ବ୍ରିଟେନ ନେତାମାନେ ସମର୍ଥନ କରିବା ଆବଶ୍ୟକ ବୋଲି ଇତିମଧ୍ୟରେ ବ୍ରିଟେନର ଶିଖ୍ ପରିଷଦ ଦାବି କରିଛି। କୃଷକ ଆନ୍ଦୋଳନକୁ ଚପାଇଦେବା ପାଇଁ ଭାରତ ସରକାର ମାନବାଧିକାରର ଉଲ୍ଲଂଘନ କରିଛନ୍ତି। ଏହାକୁ ସମସ୍ତେ ବିରୋଧ କରିବା ଉଚିତ ବୋଲି ଶିଖ୍ ପରିଷଦ ଟୁଇଟ୍ କରିଛି।

ଅନ୍ୟପକ୍ଷରେ ଦିଲ୍ଲୀରେ ଚାଷୀ ଆନ୍ଦୋଳନକୁ ନେଇ ବିଭିନ୍ନ ମନ୍ତବ୍ୟ ଦେଉଥିବା ବିଦେଶୀ ନେତାମାନେ ଭୁଲ୍ ସୂଚନା ପାଇଛନ୍ତି ବୋଲି ଭାରତ କହିଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଅଭ୍ୟନ୍ତରୀଣ ବ୍ୟାପାର ହୋଇଥିବାବେଳେ ବିଦେଶୀ ନେତାମାନଙ୍କ ମନ୍ତବ୍ୟ ନିରାଧାର ବୋଲି ନୂଆଦିଲ୍ଲୀ କହିଛି।

### କରୋନାରେ ଗୁଜରାଟ...

ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ଗତ ୩ ତାରିଖରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଚିକିତ୍ସା ସମୟରେ ରେମଡେସିଭିର ଇଞ୍ଜେକଶନ ସହ ତାଙ୍କୁ ପ୍ଲାଜମା ଥେରାପି ମଧ୍ୟ ଦିଆଯାଇଥିଲା। ଜଷ୍ଟିସ୍ ଉଦ୍‌ୱାନି ରେଜିଷ୍ଟ୍ରାର ଜେନେରାଲ ଭାବେ ନିଯୁକ୍ତି ପାଇବା ପରେ ୧୨ ନଭେମ୍ବର ୨୦୧୨ରେ ଗୁଜରାଟ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ଦାୟିତ୍ୱ ନେଇଥିଲେ। ୧୦ ଜୁଲାଇ ୨୦୧୪ରେ ସେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ।

### ପୁଣି ବଢ଼ିଲା...

ସେହିପରି ଏସବୁ ସହରରେ ଡିଜେଲ ଦର ମଧ୍ୟ ଯଥାକ୍ରମେ ୭୯.୯୩ ଟଙ୍କା, ୭୬.୮୯ ଟଙ୍କା ଏବଂ ୭୮.୬୯ ଟଙ୍କା ଛୁଇଁଛି। କୋଭିଡ୍-୧୯ କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମ୍ ରହିଥିବାରୁ ତୈଳ କମ୍ପାନୀଗୁଡିକ ମଧ୍ୟ ଇନ୍ଧନ ଦରରେ କୌଣସି ପରିବର୍ତ୍ତନ କରୁ ନ ଥିଲେ। ଫଳରେ ଗତ ୨ମାସ ତେଲ ଦର ସ୍ଥିର ରହିଥିଲା। ବର୍ତ୍ତମାନ ତୈଳ ବଜାରରେ ଦର ଉଚ୍ଚ ରହିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚ ଶୁଳ୍କ ଲାଗୁ ଯୋଗୁ ତେଲ ଦର ବୃଦ୍ଧି ପାଉଛି ବୋଲି ତୈଳ କମ୍ପାନୀଗୁଡିକ ମତ ଦେଇଛନ୍ତି।

## ରଣ ବୋଝ ସହି ନ ପାରି ଠେଲା ବ୍ୟବସାୟୀଙ୍କ ଆତ୍ମହତ୍ୟା ଅଭିଯୋଗ

ରସୁଲପୁର,୫।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ପାଳସାହି ଗ୍ରାମର ସନ୍ତୋଷ କୁମାର ସାହୁ(୩୭) ଶନିବାର ସକାଳେ ଶୋଇବା ଘର ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ରଣଭାର ସହି ନ ପାରି ସେ ଏଭଳି ପଦକ୍ଷେପ ନେଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସନ୍ତୋଷ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ। କରୋନା ଯୋଗୁ ସେ ଆଉ ଯାଇପାରିଲେ ନାହିଁ। ଅନ୍ୟଠାରୁ ଧାରକରଜ କରି ଠେଲା ଗାଡିରେ ଫାଷ୍ଟଫୁଡ୍ ବ୍ୟବସାୟ କରୁଥିଲେ। ମାତ୍ର ବ୍ୟବସାୟରେ ଲାଭ ନ ହେବାରୁ ସେ କରଜ ଶୁଝିପାରି ନ ଥିଲେ। ତେଣୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହୁଛନ୍ତି। କୁଆଖିଆ ପୋଲିସ ମୃତଦେହ ଜବତ କରିଛି। ଉଠା ଦୋକାନୀଙ୍କୁ ସରକାରୀ ସହାୟତା ପାଇଁ ଘୋଷଣା ହୋଇଥିଲେ ମଧ୍ୟ ତାଙ୍କୁ ଏହା ମିଳି ନ ଥିବା ଜଣାଯାଇଛି । ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି । ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡିଛନ୍ତି।

# କଳାପତାକା ଦେଖାଇ କଂଗ୍ରେସ ସମର୍ଥକଙ୍କ ବିରୋଧ

### ବିଜେଡିର ଛତ୍ରଛାୟାରେ ଦୁର୍ନୀତି କରୁଥିଲେ ପ୍ରଦୀପ

ବ୍ରହ୍ମପୁର ଅଫିସ,୫।୧୨

ଗଞ୍ଜାମ ଜିଲା ଭାଜପା ପକ୍ଷରୁ ଶନିବାର ବ୍ରହ୍ମପୁରର ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ ବିଜେଡି ସରକାରକୁ ବ୍ୟବହାର କରି ଦୀର୍ଘ ୨୦ ବର୍ଷ ଧରି ଦୁର୍ନୀତିର କାୟା ବିସ୍ତାର କରିଥିବା ଭାଜପା ଅଭିଯୋଗ କରିଛି। ବିଧାୟକ ପ୍ରଦୀପଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପରିବାର ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଭାଜପା ଦାବି କରିଛି। ଜମି, ମଦ, ବାଲି, ମୋରମ ଓ ଟାଟା କମ୍ପାନୀରେ ଚାକିରି ଦେବା ନାମରେ ଠକେଇ ଭଳି ବହୁ କଳାକାରନାମା ଗୋଟିଏ ଦିନରେ ହୋଇ ନାହିଁ। ଅର୍ଥତତ୍ତ୍ୱ କମ୍ପାନୀର ମୁଖ୍ୟ ପ୍ରଦୀପ ସେଠୀଙ୍କର ପାଣିଗ୍ରାହୀ ପୃଷ୍ଠପୋଷକ ଥିଲେ ବୋଲି ଭାଜପା ଅଭିଯୋଗ କରିଛି।

ଖବରଦାତା ସମ୍ମିଳନୀ ଚାଲିଥିବା ସମୟରେ ହଠାତ୍ କେତେକ କଂଗ୍ରେସ କର୍ମୀ ଭାଜପା ବିରୋଧରେ ନାରା ଦେବା ସହ କଳା ପତାକା ଦେଖାଇ ବିରୋଧ କରିବା ସହ ଧସେଇ ପଶିବାକୁ ଉଦ୍ୟମ କରିଥିଲେ, ଯାହାକୁ ନେଇ ଦୁଇ ଦଳ ମଧ୍ୟରେ ବାକ୍‌ବିତଣ୍ଡା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ଧରି ଉଭୟ ଦଳ ପରସ୍ପର ବିରୋଧରେ ନାରା ଦେଇ ବିରୋଧ କରିଥିଲେ। ଏପରିକି ଭାଜପା ବିଜେଡିର ସପକ୍ଷ ଦଳ ବୋଲି କଂଗ୍ରେସ କର୍ମୀ କହୁଥିବା ବେଳେ କଂଗ୍ରେସ ସହିତ ବିଜେଡିର ସମ୍ପର୍କ ରହିଛି ବୋଲି କହି ଭାଜପା କର୍ମୀମାନେ ନାରା ଦେଇଥିଲେ। ପରେ କଂଗ୍ରେସ କର୍ମୀ ସେଠାରୁ ପଳାଇ ଯାଇଥିଲେ।




ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ଭାଜପା କର୍ମକର୍ତ୍ତା

ଏ ନେଇ ଭାଜପା ଜିଲା ସଭାପତି ବିଭୂତି ଭୂଷଣ ଜେନା କହିଛନ୍ତି, ଦୁର୍ନୀତି ପଦାରେ ପଡ଼ିବା ଭୟରେ ପ୍ରଦୀପ ପାଣିଗ୍ରାହୀଙ୍କ କେତେକ ସମର୍ଥକ ଏଭଳି କାଣ୍ଡ ଘଟାଇଛନ୍ତି। ରାଜ୍ୟ କଂଗ୍ରେସର ମିଡ଼ିଆ ସେଲ୍ ସମ୍ପାଦକ ଚିନ୍ମୟ କୁମାର ହୋତା କହିଛନ୍ତି, କଂଗ୍ରେସ ପକ୍ଷରୁ ଏଭଳି କୌଣସି ବିରୋଧ କରାଯାଇ ନାହିଁ। ବିରୋଧ କରିଥିବା ବ୍ୟକ୍ତି କଂଗ୍ରେସ ଦଳର ନୁହନ୍ତି। ଦଳରେ ବିଭ୍ରାନ୍ତ ସୃଷ୍ଟି କରିବା ପାଇଁ ଏଭଳି ଅଭିଯୋଗ କରାଯାଉଛି ଏବଂ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ। ସମ୍ମିଳନୀରେ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା, ଭାଜପା ରାଜ୍ୟ ଉପସଭାନେତ୍ରୀ ଅନିମା ଶୁଭଦର୍ଶିନୀ ପଟ୍ଟନାୟକ, ଗୋକୁଳାନନ୍ଦ ମଲ୍ଲିକ, ସରୋଜ ସାବତ ଓ ଭାଜପା ଜିଲା ଉପସଭାପତି ପ୍ରଭାତ ଷଡ଼ଙ୍ଗୀଙ୍କ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦୁର୍ଘଟଣାରୁ ବର୍ତ୍ତିଲା ସ୍ପାଇସଜେଟ ବିମାନ

ମୁମ୍ବାଇ: ସ୍ପାଇସଜେଟର ଏକ ବୋଇଙ୍ଗ ଜେଟ ଲାଇନର ବିମାନ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ବାଙ୍ଗାଲୋରରୁ ଗୁଆହାଟି ଯାଉଥିବା ଏହି ବିମାନ ଲ୍ୟାଣ୍ଡିଂ କରିବା ସମୟରେ ହାର୍ଡ ଲ୍ୟାଣ୍ଡିଂ ସମସ୍ୟା ସାମ୍ନା କରିଥିଲା। ଫଳରେ ଏହା ରନୱେର ୩ ଥ୍ରେସ ହୋଲ୍ଡ ଲାଇଟକୁ କ୍ଷତିଗ୍ରସ୍ତ କରିଛି। ଏହି ବିମାନରେ ମୋଟ ୧୫୫ ଜଣ ରହିଥିଲା। ଏମାନଙ୍କ ମଧ୍ୟରେ ୨ ଜଣ ପାଇଲଟ ଏବଂ ୪ ଜଣ କ୍ୟାବିନ କ୍ରିୟୁ ମଧ୍ୟ ସାମିଲ ଅଛନ୍ତି। ମାମଲାର ତଦନ୍ତ ଲାଗି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ଫର୍ଚ୍ୟୁନ ୫୦୦ ତାଲିକାର ଶୀର୍ଷରେ ରିଲାଏନ୍ସ

**ନୂଆଦିଲ୍ଲୀ,୫।୧୨ :** ଫର୍ଚ୍ୟୁନ ଇଣ୍ଡିଆର ୫୦୦ ଭାରତୀୟ କମ୍ପାନୀ ସୂଚୀରେ କ୍ରମାଗତ ୨ୟ ବର୍ଷ ପାଇଁ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍) ଶୀର୍ଷସ୍ଥାନ ହାସଲ କରିଛି। ଫର୍ଚ୍ୟୁନ ଇଣ୍ଡିଆ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ତୈଳ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଏବଂ ତୃତୀୟରେ ଅଏଲ ଆଣ୍ଡ ନାଚୁରାଲ ଗ୍ୟାସ୍ କର୍ପୋରେଶନ ସ୍ଥାନ ପାଇଛି। ସେହିଭଳି ଚତୁର୍ଥ ସ୍ଥାନରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଚମରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଭଳି କମ୍ପାନୀର ନାମ ରହିଛି। ୬ଷ୍ଠରୁ ୧୦ମ ସ୍ଥାନ ମଧ୍ୟରେ ଟାଟା ମୋଟର୍ସ, ରାଜେଶ ଏକ୍ସପୋର୍ଟ, ଟାଟା କନ୍‌ସଲଟାନ୍ସି ସର୍ଭିସେସ୍, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଲାର୍ସନ ଆଣ୍ଡ ଟୁବ୍ରୋର ନାମ ସ୍ଥାନ ପାଇଛି। ଚଳିତ ବର୍ଷ ରିଲାଏନ୍ସ ହେଉଛି ଏକମାତ୍ର ଭାରତୀୟ କମ୍ପାନୀ ଯାହା ଫର୍ଚ୍ୟୁନ୍ ଗ୍ଲୋବାଲ ର୍ୟାଙ୍କିଙ୍ଗ୍‌ର ଟପ୍ ୧୦୦ ତାଲିକାରେ ମଧ୍ୟ ସ୍ଥାନିତ ହୋଇଛି।

### ବିଓବି ପକ୍ଷରୁ ଆତ୍ମନିର୍ଭର ୱିମେନ ଯୋଜନା

**ନୂଆଦିଲ୍ଲୀ, ୫।୧୨ :** ବ୍ୟାଙ୍କ ଅଫ୍ ବରୋଦା(ବିଓବି) ପକ୍ଷରୁ ଏହାର ମହିଳା ଗ୍ରାହକମାନଙ୍କ ପାଇଁ ନୂତନ ଗୋଲ୍ଡ ଲୋନ୍ ସ୍କିମ୍‌ର ଶୁଭାରମ୍ଭ କରାଯାଇଛି। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସଞ୍ଜୀବ ଚଡ୍ଡା ଏବଂ ଆଞ୍ଚଳିକ ମୁଖ୍ୟ ନିତ୍ୟାନନ୍ଦ ବେହେରାଙ୍କ ଉପସ୍ଥିତିରେ ଭର୍ଚୁଆଲ ମୋଡ୍‌ରେ ଏହା ଆରମ୍ଭ ହୋଇଥିଲା। ସ୍ଥାନୀୟ ଶହୀଦ ନଗର ଶାଖାରେ ଅନୁଷ୍ଠିତ ହୋଇଥିବା ଏହି ଯୋଜନାର ଶୁଭାରମ୍ଭ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜାମସେଦପୁର ନେଟ୍‌ୱର୍କ-୧ର ଉପମହାପ୍ରବନ୍ଧକ ଜଗଦୀଶ ତୁଙ୍ଗରିଆଙ୍କ ସମେତ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଭାରତ ଭୂଷଣ, ଭୁବନେଶ୍ୱର କ୍ଷେତ୍ର-୨ର କ୍ଷେତ୍ରୀୟ ମୁଖ୍ୟ ଅନ୍ନ୍ୟ ମିଶ୍ର ଏବଂ ଶହୀଦନଗର ଶାଖାର ସମସ୍ତ କର୍ମଚାରୀ ଓ କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଜିଏସ୍‌ଟି କ୍ଷତିପୂରଣ ମତଭେଦ ଟଳିଲା

**ନୂଆଦିଲ୍ଲୀ,୫।୧୨**




ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ବ୍ୟବସ୍ଥାରେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ପ୍ରଦାନ କରିବା ନେଇ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ରହିଥିବା ମତଭେଦ ଏବେ ସମାଧାନ ହୋଇଛି। ପ୍ରଥମ ବିକଳ୍ପ ସପକ୍ଷରେ ଦେଶର ସବୁ ରାଜ୍ୟ ବର୍ତ୍ତମାନ ସମ୍ମତି ଜଣାଇଛନ୍ତି। ଫଳରେ ଦୀର୍ଘଦିନ ଧରି ଲାଗି ରହିଥିବା ସମସ୍ୟା ଏବେ ସମାଧାନ ହୋଇଯାଇଛି। ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୯୭ ହଜାର କୋଟି କିମ୍ବା ଖୋଲା ବଜାରରୁ ୨.୩୫ ଲକ୍ଷ କୋଟି ଟଙ୍କା ଋଣ କରିବାର ବିକଳ୍ପ ରାଜ୍ୟଗୁଡ଼ିକ ସାମ୍ନାରେ ରହିଥିଲା। ଏବେ ପ୍ରଥମ ବିକଳ୍ପକୁ ରାଜ୍ୟ ସମ୍ମତି ଜଣାଇ ସ୍ୱତନ୍ତ୍ର ୱିଣ୍ଡୋରୁ ୧.୧ ଲକ୍ଷ କୋଟି ଟଙ୍କାର ଋଣ ଉଠାଇବେ। ପ୍ରଥମ ବିକଳ୍ପ ସପକ୍ଷରେ ପ୍ରାୟ ରାଜ୍ୟ ମତ ରଖିଥିବା ବେଳେ କେବଳ ଝାଡ଼ଖଣ୍ଡ ସମ୍ମତି ଜଣାଇ ନ ଥିଲା। ବର୍ତ୍ତମାନ ଝାଡ଼ଖଣ୍ଡ ମଧ୍ୟ ଏହି ବିକଳ୍ପକୁ ଆପଣାଇ ନେଇଛି।

ସ୍ୱତନ୍ତ୍ର ୱିଣ୍ଡୋ ଋଣ ଦ୍ୱାରା ଝାଡ଼ଖଣ୍ଡକୁ ୧୬୮୯ କୋଟି ଟଙ୍କା ମିଳିବ। ଏହା ସହ ରାଜ୍ୟ ଜିଡିପିର ୦.୫% ଋଣ ଉଠାଇବାକୁ ମଧ୍ୟ ଅନୁମତି ମିଳିବ। ଏହି ଭଳି ଭାବେ ମୋଟ ୧୭୬୫ କୋଟି ଟଙ୍କା ସଂଗ୍ରହ କରିବାକୁ ଏହି ରାଜ୍ୟ ସକ୍ଷମ ହେବ। ରାଜ୍ୟଗୁଡ଼ିକ ଲାଗି କେନ୍ଦ୍ର ସରକାର ପୂର୍ବରୁ ୩୦ ହଜାର କୋଟି ଟଙ୍କାର ଋଣ ଉଠାଣ କରିଛନ୍ତି। ଏହି ରାଶି ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଛି। ଝାଡ଼ଖଣ୍ଡକୁ ଆଗାମୀ କିସ୍ତିରେ ୬ ହଜାର କୋଟି ଟଙ୍କା ମିଳିବ। ୭ ଡିସେମ୍ବରରେ ଏହି କିସ୍ତି ପ୍ରଦାନ କରାଯିବ।

କେନ୍ଦ୍ର ସରକାର କ୍ଷତିପୂରଣ ଲାଗି ପୂର୍ବରୁ ୨ଟି ପ୍ରସ୍ତାବ ଦେଇଥିଲେ। ପ୍ରଥମ ପ୍ରସ୍ତାବର ୯୭ ହଜାର କୋଟି ଟଙ୍କାକୁ ବଢ଼ାଯାଇ ୧.୧ ଲକ୍ଷ କୋଟି ଟଙ୍କା କରାଯାଇଛି। ଏହି ରାଶିକୁ ଋଣ କରି ରାଜ୍ୟଗୁଡ଼ିକୁ ପ୍ରଦାନ କରିବା ଉପରେ କେନ୍ଦ୍ର ପ୍ରଥମେ ସହମତି ପ୍ରକାଶ କରିଛି। ଦ୍ୱିତୀୟ ବିକଳ୍ପକୁ ପରେ ହଟାଇ ଦିଆଯାଇଛି। ପ୍ରଥମେ ଝାଡ଼ଖଣ୍ଡ, ଛତିଶଗଡ଼, ପଞ୍ଜାବ, ପଶ୍ଚିମବଙ୍ଗ ଏବଂ କେରଳ କୌଣସି ବିକଳ୍ପ ସପକ୍ଷରେ ନ ଥିଲେ। ବର୍ତ୍ତମାନ ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇଛି। ସ୍ପେଶାଲ ୱିଣ୍ଡୋ ସୁବିଧା ଅନ୍ତର୍ଗତ ରାଜ୍ୟଗୁଡ଼ିକୁ କିସ୍ତିରେ ପାଣ୍ଠି ଯୋଗାଣ ଜାରି ରହିବ। ସେହିଭଳି ରାଜ୍ୟଗୁଡ଼ିକୁ ଅତିରିକ୍ତ ୧.୦୬ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ରାଶି ଋଣ କରିବା ଲାଗି ଅନୁମତି ଦିଆଯାଇଛି।

### ପ୍ରଥମ ବିକଳ୍ପକୁ ରାଜ୍ୟଗୁଡ଼ିକର ସମ୍ମତି

# ହୋଣ୍ଡା ଟୁହ୍ୱିଲର୍ସ ବିକ୍ରିରେ ୧୧% ବୃଦ୍ଧି

**ନୂଆଦିଲ୍ଲୀ, ୫।୧୨**

ଚଳିତ ବର୍ଷ ପାର୍ବଣଋତୁରେ ବିକ୍ରି ଉନ୍ନତ ରହିବାରୁ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ନଭେମ୍ବର ମାସ ବିକ୍ରିରେ ୧୧% ବୃଦ୍ଧି ହାସଲ କରିଛି। ୨୦୧୯ରେ କମ୍ପାନୀ ୩୭୩,୨୮୩ ୟୁନିଟ ଗାଡ଼ି ବିକ୍ରି କରିଥିବା ବେଳେ ୨୦୨୦ର ଏହି ସମୟ ମଧ୍ୟରେ ଏହା ୪୧୨,୬୪୧ୟୁନିଟ ଯାନ ବିକିଥିବା ସୂଚନା ମିଳିଛି। ଏହି ମାସରେ କମ୍ପାନୀର ମୋଟ ବିକ୍ରି ୪୩୩,୨୦୬ ୟୁନିଟ ରହିଛି; ଯାହା ଗତ ବର୍ଷର ମୋଟ ବିକ୍ରି ୩୯୬,୩୯୯ ତୁଳନାରେ ୯% ଅଧିକ ବୋଲି ଜଣାପଡ଼ିଛି। କମ୍ପାନୀ ଚଳିତ ବର୍ଷ ନଭେମ୍ବରରେ ୨୦,୫୬୫ଟି ଗାଡ଼ି ରପ୍ତାନି କରିଛି। ଏ ସମ୍ପର୍କରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ଯଦି ଦ୍ୱିତୀୟ ତ୍ରୈମାସ ଅଟୋମୋବାଇଲ ବ୍ୟବସ୍ଥାରେ ସ୍ଥିରତାର ସମୟ ହୁଏ ତେବେ ତୃତୀୟ ତ୍ରୈମାସ ହେଉଛି କିଛିଟା ସୁଧାରର ସମୟ। ଏହି ଉତ୍ସବ ସମୟ ଯୋଗୁ ପାର୍ବଣର ୨ଟି ପ୍ରମୁଖ ମାସ (ଅକ୍ଟୋବର ଓ ନଭେମ୍ବର) ରେ ହୋଣ୍ଡାର ବିକ୍ରି ୧ନିୟୁତରୁ ଅଧିକ ରହିଛି। ଆମର ଅଧିକରୁ ଅଧିକ ସ୍ୱତନ୍ତ୍ର ବିଗ୍ ୱିଙ୍ଗ୍ ନେଟ୍‌ୱର୍କ ଖୋଲୁଥିବାରୁ ହାଇନେସ ସିବି-୩୫୦ର ବିକ୍ରି ଏବଂ ଡେଲିଭରିରେ ଆମେ ବୃଦ୍ଧି ଦେଖୁଛୁ। ଯୁବ ଧାରା ସୃଷ୍ଟିକାରୀଙ୍କ ପାଇଁ ନୂଆ ରେପ୍‌ସଲ ହୋଣ୍ଡା ରେସ୍ ଏଡିସନ ହର୍ନେଟ ୨.୦ ଓ ଡିଓ ବଜାରକୁ ଆସିଛି। ସେହିଭଳି ସମ୍ପୂର୍ଣ୍ଣ ପରିବାର ପାଇଁ ଅଧିକ ଖୁସି ଆଣି ହୋଣ୍ଡା ଆକ୍ଟିଭାର ସ୍ୱତନ୍ତ୍ର ୨୦ ବାର୍ଷିକୀ ଏଡିସନକୁ ମଧ୍ୟ ସର୍ବସାଧାରଣଙ୍କ ପାଇଁ ଉନ୍ମୋଚନ କରାଯାଇଛି।




# କୋଭିଡ୍ ଟିକା ଲାଗି ୫୦ ହଜାର କୋଟି ବ୍ୟବସ୍ଥା ହୋଇପାରେ

**ମୁମ୍ବାଇ,୫।୧୨**




ବଜେଟ ୨୦୨୧-୨୨ରେ ସରକାର କୋଭିଡ୍-୧୯ ଟିକା ଦେବା ଲାଗି ପ୍ରାୟ ୫୦ ହଜାର କୋଟି ଟଙ୍କାର ପୁଞ୍ଜି ବ୍ୟବସ୍ଥା କରିପାରନ୍ତି। ୟୁବିଏସ୍ ପକ୍ଷରୁ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଟିକା ଯେତେ ଶୀଘ୍ର ଲୋକଙ୍କୁ ଦିଆଯିବ ସେତେ ଶୀଘ୍ର ବଜାରକୁ ନେଇ ଲୋକଙ୍କ ଆତ୍ମବିଶ୍ୱାସ ଫେରିବ। କରୋନା ଯୋଗୁ ବଜାର ବ୍ୟବସ୍ଥା ବିଗିଡ଼ିଯାଇଛି। ଏହା ଖାଉଟିଙ୍କ ଆତ୍ମବିଶ୍ୱାସକୁ ପ୍ରଭାବିତ କରିଛି। ଭାଇରସ୍‌କୁ ରୋକିପାରିଲେ ଅର୍ଥ ବ୍ୟବସ୍ଥାକୁ ଅଗ୍ରସର କରାଇବା ଦିଗରେ ଏହା ସହାୟତା କରିବ ବୋଲି ରିପୋର୍ଟରେ କୁହାଯାଇଛି। ୟୁବିଏସ୍‌ର ବିଶେଷଜ୍ଞ କହିଛନ୍ତି, ୨୦୨୨ରେ ଭାରତର ଜିଡିପି ୧୧.୫% ଛୁଇଁପାରେ। ୨୦୨୦-୨୧ରେ ଜିଡିପି ୧୦.୫% ଖସିବା ନେଇ ଏହା ଆକଳନ କରିଛି। ସୂଚନାଯୋଗ୍ୟ, ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଜିଡିପି ୭.୫% ଖସିଛି। ଏହା ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ୨୩.୯% ଖସିଥିଲା। ଟିକା ପ୍ରଦାନ ଦ୍ୱାରା ଭାଇରସ୍ ସଂକ୍ରମଣକୁ ରୋକିବା ଏବଂ ଦେଶର ବିକାଶ ହାରକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ଟିକା ଲାଗି ପୁଞ୍ଜି ବ୍ୟବସ୍ଥା ହୋଇପାରେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

# ନିଶାନର ନୂଆ ମ୍ୟାଗ୍ନାଇଟ ଏସ୍‌ୟୁଭି

**ନୂଆଦିଲ୍ଲୀ,୫।୧୨:** ପ୍ରମୁଖ ଯାନ ନିର୍ମାତା କମ୍ପାନୀ ନିଶାନ ଇଣ୍ଡିଆ ପକ୍ଷରୁ ନୂଆ ମ୍ୟାଗ୍ନାଇଟ ଏସ୍‌ୟୁଭି ଶୁଭାରମ୍ଭ ହୋଇଛି। ଏହି ଯାନଟିକୁ ଗ୍ରାହକ କମ୍ପାନୀର ଅଧିକୃତ ଡିଲରଶିପ ଏବଂ କମ୍ପାନୀ ୱେବ୍‌ସାଇଟରୁ ବୁକିଂ କରିପାରିବେ। ଡିସେମ୍ବର ୩୧ ଯାଏ ଏହା ଉପରେ ସ୍ୱତନ୍ତ୍ର ଅଫର ମିଳୁଛି। ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ନଜରରେ ରଖି ଏହି ଯାନଟିକୁ କମ୍ପାନୀ ପ୍ରସ୍ତୁତ କରିଛି। ମେକ୍ ଇନ୍ ଇଣ୍ଡିଆ ମେକ୍ ଫର ଦି ୱାର୍ଲଡ କନ୍‌ସେପ୍ଟରେ ଏହା ନିର୍ମାଣ କରାଯାଇଛି। ଯାନଟି ୨୦ ସ୍ୱତନ୍ତ୍ର ଫିଚର ସହ ଆସିଛି। ଏହା ସ୍ୱତନ୍ତ୍ର ଓନରଶିପ ଅଭିଜ୍ଞତା ପ୍ରଦାନ କରିବାରେ ସହାୟକ ହେବ ବୋଲି ନିଶାନ ମୋଟର ଇଣ୍ଡିଆ ସଭାପତି ସିନାନ ଓଜକୋକ କହିଛନ୍ତି। ଏହି ଯାନଟିରେ ଗ୍ରାହକ ଏକ୍ସଟ୍ରୋନିକ ସିଭିଟି, କ୍ରୁଜ କଣ୍ଟ୍ରୋଲ, ୩୬୦ ଡିଗ୍ରୀ ଆରାଉଣ୍ଡ ଭିୟୁ ମନିଟର, ନିଶାନ କନେକ୍ଟ ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି।

# କୃଷକ ଧର୍ମଘଟକୁ ୧୦ ଶ୍ରମିକ ସଙ୍ଗଠନର ସମର୍ଥନ

**ନୂଆଦିଲ୍ଲୀ,୫।୧୨**



କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ୮ ଡିସେମ୍ବରରେ ଦିଆଯାଇଥିବା ଧର୍ମଘଟ ଡାକରାକୁ ଦେଶର ୧୦ ପ୍ରମୁଖ ଶ୍ରମିକ ସଙ୍ଗଠନ ସମର୍ଥନ ଜଣାଇଛନ୍ତି। ଶ୍ରମିକ ସଙ୍ଗଠନଗୁଡ଼ିକ ୨୬ ନଭେମ୍ବରରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଥିଲେ। ନିକଟରେ ପାସ୍ ହୋଇଥିବା ଶ୍ରମ କୋଡ୍ ବିଲ୍ ସହ ଅନ୍ୟ କେତେକ ପ୍ରସଙ୍ଗକୁ ଆଧାର କରି ସଙ୍ଗଠନଗୁଡ଼ିକ ଧର୍ମଘଟକୁ ଓହ୍ଲାଇଥିଲେ। ସେହିଭଳି କୃଷକମାନେ ମଧ୍ୟ ସରକାରଙ୍କ ଦ୍ୱାରା ପାସ୍ ହୋଇଥିବା ବିଭିନ୍ନ ବିଲ୍ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ବିଶେଷକରି ପଞ୍ଜାବ ଏବଂ ହରିୟାଣାର କୃଷକ ନୂଆଦିଲ୍ଲୀରେ ଧାରଣା ଦେଇଥିବା ବେଳେ ସରକାରଙ୍କ ସହ ଆଲୋଚନା ବିଫଳ ହୋଇଛି। ଫଳରେ ସେମାନେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଥିବା ଜଣାପଡ଼ିଛି। ୧୦ ଶ୍ରମିକ ସଙ୍ଗଠନ ମଧ୍ୟରେ ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ୍ ୟୁନିୟନ କଂଗ୍ରେସ, ଅଲ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସ, ହିନ୍ଦ୍ ମଜଦୁର ସଭା, ସେଣ୍ଟର ଅଫ୍ ଇଣ୍ଡିଆନ ଟ୍ରେଡ୍ ୟୁନିୟନ୍ସ, ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର, ଟ୍ରେଡ୍ ୟୁନିୟନ କୋଅର୍ଡିନେଶନ ସେଣ୍ଟର, ସେଲ୍ଫ ଏମ୍ପ୍ଲଏଡ୍ ୱିମେନ୍ସ ଆସୋସିଏଶନ, ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ କାଉନସିଲ ଅଫ୍ ଟ୍ରେଡ୍ ୟୁନିୟନ୍ସ, ଲେବର ପ୍ରୋଗ୍ରେସିଭ ଫେଡେରେଶନ ଏବଂ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ କଂଗ୍ରେସ ରହିଛନ୍ତି। ନୂଆ କୃଷି ଆଇନକୁ ପ୍ରତ୍ୟାହାର କରିବା ନେଇ ସଙ୍ଗଠନଗୁଡ଼ିକ ଦାବି ରଖିଛନ୍ତି।

## ଖେଳ ଖବର

### ମାରାଡୋନାଙ୍କ ନାମରେ ଷ୍ଟାଡିୟମର ନାମକରଣ

**ନାପଲ୍ସ, ୫।୧୨ (ଏପି):** ଇଟାଲିଆନ କ୍ଲବ ନାପୋଲି ଏହାର ପୂର୍ବତନ ଅଧିନାୟକ ଡିଏଗୋ ମାରାଡୋନାଙ୍କୁ ସମ୍ମାନିତ କରିବାକୁ ଯାଇ ନିଜ ଷ୍ଟାଡିୟମର ନାମ ବଦଳାଇ ଦେଇଛି। ନାପଲ୍ସ ସିଟି କାଉନ୍‌ସିଲର ସର୍ବସମ୍ମତି ନିଷ୍ପତ୍ତିକ୍ରମେ ଷ୍ଟାଡିଓ ସାନ୍ ପାଓଲୋର ନାମ ପରିବର୍ତ୍ତନ କରାଯାଇ ଷ୍ଟାଡିଓ ଡିଏଗୋ ଆର୍ମାଣ୍ଡୋ ମାରାଡୋନା ରଖାଯାଇଛି। ଗତ ସପ୍ତାହରେ ମାରାଡୋନାଙ୍କର ୬୦ବର୍ଷ ବୟସରେ ନିଜ ଦେଶ ଆର୍ଜେଣ୍ଟିନାରେ ଦେହାନ୍ତ ହୋଇଯାଇଛି। ଏହି ଅବସରରେ ନାପୋଲି ଷ୍ଟାଡିୟମରେ ତାଙ୍କର ହଜାର ହଜାର ସଂଖ୍ୟା ପ୍ରଶଂସକ ଏକାଠି ହୋଇ ଶୋକ ପ୍ରକାଶ କରିଥିଲେ। ସେମାନେ କିମ୍ବଦନ୍ତୀ ଖେଳାଳିଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମହମବତି ଜାଳିବା ସହ ସେମାନଙ୍କ ଲିଖିତ ମତ ଉପସ୍ଥାପନ କରିଥିଲେ। ମାରାଡୋନା ୧୯୮୪ରୁ ୧୯୯୧ ପର୍ଯ୍ୟନ୍ତ ୭ବର୍ଷ ଧରି ନାପୋଲିର ନେତୃତ୍ୱ ନେଇଥିଲେ। ସେ ଏହି କ୍ଲବକୁ ୧୯୮୭ ଓ ୧୯୯୦ରେ ସିରି ଏ' ଟାଇଟଲ, ୧୯୮୭ରେ ଇଟାଲିଆନ କପ୍ ଏବଂ ୧୯୮୯ରେ ଏକମାତ୍ର ପ୍ରମୁଖ ଟାଇଟଲ ଇଉରୋପିଆନ ଟାଇଟଲ ୟୁଫା କପ୍ ଜିତାଇଥିଲେ।

# ଜାଡେଜାଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଫେଭରାଇଟ୍

**ସିଡ୍‌ନୀ,୫।୧୨(ପି.ଟି.)**




ଆରୋନ ଫିଞ୍ଚ୍ ବିରାଟ କୋହଲି

ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ରବିବାର ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ତୃତୀୟ ଟି୨୦ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। କନ୍‌କସନ କାରଣରୁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଫେଭରାଇଟ୍ ମନେହେଉଛି। ପ୍ରଥମ ମ୍ୟାଚ୍ ଜିତି ଭାରତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ଟି୨୦ ଜିତିଲେ ଭାରତ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇବ। ଆଗକୁ ଆୟୋଜନ ହେବାକୁ ଥିବା ହାଇପ୍ରୋଫାଇଲ ଟେଷ୍ଟ ସିରିଜ ପୂର୍ବରୁ ଏହି ସିରିଜ ବିଜୟ ଭାରତର ଆତ୍ମବିଶ୍ୱାସକୁ ଆହୁରି ବଢାଇବ।

କେତେଜଣ ଭାରତୀୟ ଖେଳାଳି ଇତିମଧ୍ୟରେ ଟେଷ୍ଟ ଫର୍ମାଟ ପାଇଁ ମଧ୍ୟ ଅଭ୍ୟାସ କରିଆସୁଛନ୍ତି। କାନ୍‌ବେରାରେ ଦୁଇଟି ସୀମିତ ଓଭର ମ୍ୟାଚ୍ ଜିତିବା ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଏସ୍‌ସିଜିରେ ଖେଳାଯିବାକୁ ଥିବା ବାକି ଦୁଇଟି ଟି୨୦ ମ୍ୟାଚ୍ ଜିତିବା ଲକ୍ଷ୍ୟରେ ରହିଛି। ଭାରତର ପ୍ରଥମ କନ୍‌କସନ ସବ୍‌ଷ୍ଟିଚ୍ୟୁଟ୍ ୟୁଜବେନ୍ଦ୍ର ଚହଲ ଜବରଦସ୍ତ ବୋଲିଂ କରି ପ୍ରଥମ ଟି୨୦ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏବେ ପୂରା ଆତ୍ମବିଶ୍ୱାସର ସହ ଭାରତ ଦ୍ୱିତୀୟ ମ୍ୟାଚ୍ ଖେଳିବ। ତେବେ ଜାଡେଜାଙ୍କ ଅନୁପସ୍ଥିତି ଦଳ ଅନୁଭବ କରିବ। ଜାଡେଜା ୨୩ ବଲରୁ ଦ୍ରୁତ ୪୪ ରନକରି ଭାରତକୁ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ।

୫ଜଣ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଭଲ ପ୍ରଦର୍ଶନ କରନ୍ତୁ ଓ ଦଳ ଲୋୟର ଅର୍ଡର ଖେଳାଳିଙ୍କ ପ୍ରଦର୍ଶନ ଉପରେ ନିର୍ଭର ନ କରୁ ବୋଲି କୋହଲି ଚାହିଁବେ। ଏହା ହେଲେ ଭାରତ ଭଲ ଟାର୍ଗେଟ ଧାର୍ଯ୍ୟ କରିବ କିମ୍ବା ବଡ଼ ଟାର୍ଗେଟର ଚେଜ୍ ମଧ୍ୟ କରିବ। ସୁପରଫର୍ମରେ ଥିବା ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍ ସମ୍ପୂର୍ଣ୍ଣ ରୂପେ ଫିଟ୍ ନାହାନ୍ତି ଓ ଏହା ଭାରତ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିବ। ପୁଣି ତାରକା ଓପନର ଡେଭିଡ୍ ୱାର୍ନର ଗ୍ରୋନ୍ ଇଞ୍ଜୁରି କାରଣରୁ ଅନୁପସ୍ଥିତ ରହିବେ। ତେଣୁ ଦିନିକିଆ ସିରିଜରେ ଅଷ୍ଟ୍ରେଲିଆ ଯେଉଁ ମୁମେଣ୍ଟମ ହାସଲ କରିଥିଲା ତାହା ଆଉ ରହିନାହିଁ। ଓପନର ଡି'ଆର୍କି ଶର୍ଟ ଫର୍ମରେ ନାହାନ୍ତି। ଗତ ମ୍ୟାଚ୍‌ରେ ଚହଲ ତାଙ୍କ ଦୁର୍ବଳତା ପଦାରେ ପକାଇଛନ୍ତି। ପୁଣି ଷ୍ଟିଭ୍ ସ୍ମିଥ୍ ଟି୨୦ରେ ସେତେଟା ଶ୍ରେଷ୍ଠତା ପ୍ରତିପାଦନ କରିପାରି ନାହାନ୍ତି। ତେବେ ସେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ। ସେହିପରି ଧୂଆଁଧାର ବ୍ୟାଟିଂ କରୁଥିବା ଗ୍ଲେନ୍ ମ୍ୟାକ୍ସୱେଲ ଅନ୍ତିମ ଦିନିକିଆ ଓ ପ୍ରଥମ ଟି୨୦ରେ ଯଶପ୍ରୀତ ବୁମ୍ରା ଓ ଟି. ନଟରାଜନଙ୍କୁ ଖେଳିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଓ ତାଙ୍କ ଦୁର୍ବଳତା ପଦାରେ ପଡିଥିଲା। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ସଫଳ ହେଲେ ଭାରତର ଅଧା କାର୍ଯ୍ୟ ସମ୍ପାଦିତ ହେବ। ପ୍ରଥମ ଦିନିକିଆରେ ଶତକ ହାସଲ କରିବା ପରେ ଅଭିଜ୍ଞ ଓପନର ଶିଖର ଧାୱନ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ଅଧିନାୟକ କୋହଲି ମଧ୍ୟ ତାଙ୍କ ଦକ୍ଷତା ଅନୁଯାୟୀ ପ୍ରଦର୍ଶନ କରିପାରିନାହାନ୍ତି। ଯଦି ସେ ଏକ ବଡ଼ ଇନିଂସ ଖେଳନ୍ତି ତା'ହେଲେ ଭାରତର ସମସ୍ୟା ଯଥେଷ୍ଟ ପରିମାଣରେ କମିବ। ମିଡିଲ ଅର୍ଡରରେ ମନୀଷ ପାଣ୍ଡେ ପୁଣି ସୁଯୋଗ ମିଳିବ କି ନା ତାହା ଦେଖିବାକୁ ବାକି ରହିଲା। ସ୍ପିନର ଆଡାମ ଜାମ୍ପାଙ୍କୁ ଖେଳିବାରେ ସେ ବେଶ୍ ସହଜ ନ ଥିଲେ ଓ ଅଯଥାରେ କେତେକ ଡଟ୍ ବଲ୍‌ଗୁଡ଼ିକ ଦେଇଥିଲେ। ମନୀଷ ଓ ଶ୍ରେୟାସ ଆୟାର ସମାନ ପ୍ରକାର ଖେଳାଳି। ତେଣୁ କାଉଣ୍ଟର ଆଟାକ କରିବା ପୂର୍ବରୁ ଏହି ଦୁଇଜଣ କିଛି ସମୟ ଆବଶ୍ୟକ କରିଥାନ୍ତି। ସେହିପରି ସଞ୍ଜୁ ସାମସନ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅନ୍ତିମ ୬ ଓଭରରେ ବ୍ୟବହାର କରିହେବ। ଯଦିଓ ସାମସନ ଖେଳିଥିବା କେତୋଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସେତେଟା ପ୍ରଭାବୀ ମନେ ହୋଇନାହାନ୍ତି।

ଅପରପକ୍ଷରେ ଅଷ୍ଟ୍ରେଲିଆ ଦଳରେ ଅଭିଜ୍ଞ ଟେଷ୍ଟ ସ୍ପେଶାଲିଷ୍ଟ ତଥା ସ୍ପିନର ନାଥନ ଲିୟନଙ୍କୁ ଟି୨୦ ଦଳରେ ସାମିଲ କରାଯାଇଛି। ମିଚେଲ ସ୍ୱେପସନଙ୍କ ବଦଳରେ ତାଙ୍କ ଅନ୍ତିମ ଏକାଦଶରେ ସାମିଲ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସ୍ୱେପସନ କିନ୍ତୁ କୋହଲିଙ୍କୁ ଆଉଟ କରି ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଥିଲେ। ସେ ୨ ଓଭରରେ ଅଧିକ ଶର୍ଟ ବଲ୍ ପକାଇଥିଲେ। ସେ ଅଷ୍ଟ୍ରେଲିଆର ସମସ୍ୟା ବଢାଇପାରନ୍ତି। ପାୱାର ପ୍ଲେରେ ଲିୟନଙ୍କୁ ବୋଲିଂର ସୁଯୋଗ ଦିଆଯାଇପାରେ। ଯେଉଁଭଳି ପ୍ରଥମ ୬ ଓଭରରେ ୱାଶିଂଟନ ସୁନ୍ଦର ଭାରତ ପାଇଁ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏସ୍‌ସିଜିରେ ଉଇକେଟ ଫ୍ଲାଟ ରହିବ। ତେଣୁ ମ୍ୟାଚ୍ ହାଇସ୍କୋରିଂ ହେବାର ସମ୍ଭାବନା ରହିଛି।

### ଦ୍ୱିତୀୟ ଟି୨୦ ଆଜି

ମ୍ୟାଚ୍ ଆରମ୍ଭ: ଅପରାହ୍ନ ୧.୪୦
ଭେନ୍ୟୁ: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ
ପ୍ରସାରଣ: ସୋନି ନେଟ୍‌ୱର୍କ

### ଜୋମାରି ଟୋରେସ୍‌ଙ୍କୁ ହରାଇଲେ ରିତୁ ଫୋଗଟ୍




ରିତୁ ଫୋଗଟ୍

**ସିଙ୍ଗାପୁର, ୫।୧୨ (ପି.ଟି.)**

ଭାରତୀୟ ରେସ୍‌ଲରରୁ ମିକ୍ସଡ ମାର୍ଶାଲ ଆର୍ଟ୍ସ (ଏମ୍‌ଏମ୍‌ଏ) ଫାଇଟର ହୋଇଥିବା ରିତୁ ଫୋଗଟ ଏଠାରେ କ୍ରମାଗତ ତାଙ୍କର ଚତୁର୍ଥ ଏମ୍‌ଏମ୍‌ଏ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ୨୬ ବର୍ଷୀୟା ଏହି ଭାରତୀୟ ସିଙ୍ଗାପୁର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୱାନ ଚାମ୍ପିୟନଶିପ୍ (ୱାନ୍)ର ପ୍ରଥମ ରାଉଣ୍ଡରେ ଟେକ୍‌ନିକାଲ ନକ୍‌ଆଉଟ ଜରିଆରେ ଫିଲିପାଇନ୍ସର ଜୋମାରି ଟୋରେସ୍‌ଙ୍କୁ ହରାଇ ଦେଇଥିଲେ। ରୀତୁ କହିଛନ୍ତି ତାଙ୍କର ପରବର୍ତ୍ତୀ ନଜର ୱାନ୍ ଓମେନ୍ସ ଆଟମୱେଟ୍ ଗ୍ରାଁପ୍ରି ଟୁର୍ନାମେଣ୍ଟରେ ଶୀର୍ଷ ସ୍ଥାନ ଅଧିକାର କରିବା। ଦେଶ ପାଇଁ ଗୌରବ ଆଣିବା ଲାଗି ସେ କଠିନ ଅଭ୍ୟାସ ଜାରି ରଖିଛନ୍ତି।

# ପ୍ରଥମ ଟେଷ୍ଟ: ଇନିଂସ ବିଜୟ ଦ୍ୱାରଦେଶରେ ନ୍ୟୁଜିଲାଣ୍ଡ

**ହାମିଲଟନ,୫।୧୨(ଏପି)**

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ଇନିଂସ ବିଜୟର ଦ୍ୱାରଦେଶରେ ପହଞ୍ଚିଛି। ତେବେ ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜର ଦୁଇ ବ୍ୟାଟ୍ସମ୍ୟାନ ଜର୍ମେନ ବ୍ଲାକଉଡ୍ ଓ ଅଲଜାରି ଜୋଶେଫ୍ ଲଢୁଆ ବ୍ୟାଟିଂ କରି ନ୍ୟୁଜିଲାଣ୍ଡର ବିଜୟକୁ ବିଳମ୍ବିତ କରିଛନ୍ତି।

ଟସ୍‌ଜିତି ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୧୪୫ ଓଭର ଖେଳି ୫୧୯/୭ରେ ଇନିଂସ ଘୋଷଣା କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୬୪ ଓଭରରେ ମାତ୍ର ୧୩୮ ରନକରି ଅଲଆଉଟ ହେବା ସହ ୩୮୧ ରନ ପଛରେ ପଡିଥିଲା। ଫଳରେ ୱେଷ୍ଟଇଣ୍ଡିଜ ଫଲୋଅନ ହୋଇଥିଲା ଓ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶନିବାର ତୃତୀୟ ଦିବସ ଖେଳ ଶେଷସୁଦ୍ଧା ୪୨ ଓଭରରେ ୬ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରିଛି। ଏବେ ୱେଷ୍ଟଇଣ୍ଡିଜ୍ ୪ ଉଇକେଟ ହାତରେ ରଖି ୧୮୫ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ବ୍ଲାକଉଡ୍ ୮୦ ଓ ଜୋଶେଫ୍ ୫୯ ରନକରି ଅପରାଜିତ ରହିଛନ୍ତି। ସପ୍ତମ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଅପରାଜିତ ୧୦୭ ରନର ପାର୍ଟନରଶିପ୍ କରି ନ୍ୟୁଜିଲାଣ୍ଡ ବୋଲରଙ୍କୁ ନିରାଶ କରିଛନ୍ତି। ଶନିବାର ସକାଳୁ ୱେଷ୍ଟଇଣ୍ଡିଜ ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୯/୦ରୁ ଖେଳ ଆରମ୍ଭ କରି ଅଲଆଉଟ ହୋଇଥିଲା।




ଜର୍ମେନ ବ୍ଲାକଉଡ୍ ଓ ଅଲଜାରି ଜୋଶେଫ୍

**ସଂକ୍ଷିପ୍ତ ସ୍କୋର:**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୪୫ ଓଭରରେ ୫୧୯/୭ (ଇନିଂସ ଘୋଷଣା)

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୬୪ ଓଭରରେ ୧୩୮ ଅଲଆଉଟ(କ୍ୟାମ୍ପବେଲ- ୨୬, ହୋଲ୍ଡର- ୨୫*, ବ୍ଲାକଉଡ୍- ୨୩, ବ୍ରାଥୱେଟ୍- ୨୧, ସୌଦି- ୪/ ୩୫, ଜେମିଶନ- ୨/୨୫, ୱାଗନର- ୨/୨୫)।

ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ (ଫଲୋଅନ): ୪୨ ଓଭରରେ ୧୯୬/୬ (ବ୍ଲାକଉଡ- ୮୦*, ଜୋଶେଫ୍- ୫୯*, ୱାଗନର- ୨/୬୨)।

# କୋରେ ଆଣ୍ଡରସନଙ୍କ ଅବସର

**ଖ୍ରୀଷ୍ଟଚର୍ଚ୍ଚ, ୫।୧୨ (ପି.ଟି.)**



ବାରମ୍ବାର ଆଘାତଜନିତ ସମସ୍ୟାରେ ରହିବାପରେ ନ୍ୟୁଜିଲାଣ୍ଡ ଅଲରାଉଣ୍ଡର କୋରେ ଆଣ୍ଡରସନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ମେଜର ଲିଗ୍ କ୍ରିକେଟ (ଏମ୍‌ସିଏଲ୍) ସହ ଏକ ୩ ବର୍ଷିଆ ଚୁକ୍ତି କରିଛନ୍ତି। ଏକଦା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଦ୍ରୁତ ଶତକ ହାସଲ କରି ରେକର୍ଡ ଅଧିକାରୀ ହୋଇଥିବା ଏହି ୨୯ବର୍ଷୀୟ ଅଲରାଉଣ୍ଡର ତାଙ୍କ କ୍ୟାରିୟରରେ ନ୍ୟୁଜିଲାଣ୍ଡ ତରଫରୁ ୧୩ ଟେଷ୍ଟ, ୪୯ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩୧ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଗତ ଦୁଇ ବର୍ଷ ହେଲା କିନ୍ତୁ ସେ ଜାତୀୟ ଦଳରେ ସ୍ଥାନ ପାଇ ପାରିନାହାନ୍ତି। ସମସ୍ତ ଫର୍ମାଟରେ ମୋଟ ୯୩ ଅନ୍ତର୍ଜାତୀୟ ଗେମ୍ ଖେଳି ସେ ୨୨୭୭ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ଦୁଇଟି ଶତକ ଏବଂ ୧୦ଅର୍ଦ୍ଧଶତକ ରହିଛି। ସେ ୯୦ଟି ଉଇକେଟ ମଧ୍ୟ ଅକ୍ତିଆର କରିଛନ୍ତି। ୨୦୧୪ ଜାନୁୟାରୀ ୧ରେ କୁଇନ୍ସଟାଉନ୍‌ଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆରେ ୩୬ଟି ବଲ୍‌ରେ ଦ୍ରୁତତମ ଶତକ ହାସଲ କରି ରେକର୍ଡର ଅଧିକାରୀ ହୋଇଥିଲେ। ମାତ୍ର ବର୍ଷକ ପରେ ଏବି ଡି'ଭିଲର୍ସ ସମାନ ଦଳ ବିପକ୍ଷରେ ୩୧ବଲ୍‌ରେ ତାଙ୍କର ଏହି ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଆଣ୍ଡରସନ କହିଛନ୍ତି ନ୍ୟୁଜିଲାଣ୍ଡ ତରଫରୁ ପ୍ରତିନିଧିତ୍ୱ କରିଥିବାରୁ ସେ ଗୌରବାନ୍ୱିତ ମନେକରନ୍ତି।

ଧରିତ୍ରୀ
DHARITRI
ରବିବାର, ୬ ଡିସେମ୍ବର, ୨୦୨୦



## ଝରକା ଉପରେ ବିବାହ

**ସାନଫ୍ରାନ୍ସିସ୍‌କୋ:** ବିବାହ ପୂର୍ବରୁ କନ୍ୟାଙ୍କୁ କରୋନା ହେବା ପରେ ନିଆରା ଢଙ୍ଗରେ ହୋଇଛି ବାହାଘର। ଏହି ବିବାହର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କଠିନ ପରିସ୍ଥିତିରେ ମଧ୍ୟ କିପରି ବିବାହ କାର୍ଯ୍ୟ ସମ୍ପନ୍ନ ହେଉଛି ବୋଲି ପୋଷ୍ଟର କ୍ୟାପସନ୍‌ରେ ଲେଖାଯାଇଛି। ଘଟଣାରୁ ଜଣାପଡିଛି, କାଲିଫର୍ଣ୍ଣିଆରେ ରହୁଥିବା ପ୍ୟାଟ୍ରିକ ଡେଲଗାଡେ ଓ ଲରିନ ଜିମରେଜଙ୍କ ମଧ୍ୟରେ ବିବାହ ସ୍ଥିର ହୋଇଥିଲା। ହେଲେ ବିବାହର ୩ ଦିନ ପୂର୍ବରୁ କନ୍ୟା କରୋନାରେ ସଂକ୍ରମିତ ହୋଇଥିଲେ। ଏପରିସ୍ଥିତିରେ କନ୍ୟା ଝରକା ଉପରେ ବସିଥିଲେ ଏବଂ ଉଭୟ ବରକନ୍ୟାଙ୍କୁ ଗୋଟିଏ ଦଉଡିରେ ବନ୍ଧା ଯାଇଥିଲା। ସେହିପରି ଅବସ୍ଥାରେ ଉଭୟଙ୍କ ବାହାଘର ସମ୍ପନ୍ନ ହୋଇଥିଲା।




# ସାମାଜିକ ଦୂରତା ରଖିବାରୁ ପୁରୁଷତ୍ୱର ପ୍ରମାଣ ଦେଲେ ସ୍ୱାମୀ

**ଭୋପାଳ:** କରୋନା ସଂକ୍ରମଣ ଭୟରେ ସ୍ତ୍ରୀଙ୍କଠାରୁ ସାମାଜିକ ଦୂରତା ରକ୍ଷା କରିବା ସ୍ୱାମୀଙ୍କୁ ମହଙ୍ଗା ପଡିଛି। ସ୍ୱାମୀ ଦୂରେଇ ରହୁଥିବାରୁ ତାଙ୍କ ଉପରେ ସନ୍ଦେହ କରି ସ୍ତ୍ରୀ ତାଙ୍କୁ ନପୁଂସକ କହିବା ସହ ଛାଡପତ୍ର ପାଇଁ କୋର୍ଟର ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି। ମଧ୍ୟପ୍ରଦେଶର ଭୋପାଳଠାରେ ଏଭଳି ଘଟଣା ସାମ୍ନାକୁ ଆସିଛି। ମହିଳାଙ୍କ ଅଭିଯୋଗ ମୁତାବକ, ତାଙ୍କ ସ୍ୱାମୀ ଫୋନରେ ଭଲ କଥା ହେଉଥିଲେ ମଧ୍ୟ କେବେ ପାଖକୁ ଆସୁ ନ ଥିଲେ। ପରେ ସ୍ୱାମୀଙ୍କ ଉପରେ ତାଙ୍କର ସନ୍ଦେହ ହୋଇଥିଲା। ଏପରିକି ତାଙ୍କୁ ନପୁଂସକ କହିବା ସହ ମହିଳା ଜଣକ ଛାଡ଼ପତ୍ର ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ କୋର୍ଟରେ ସମ୍ପୃକ୍ତ ବ୍ୟକ୍ତି ଡାକ୍ତରୀ ପରୀକ୍ଷା କରି ପୁରୁଷତ୍ୱର ପ୍ରମାଣ ଦେବା ସହ ନିଜ ପକ୍ଷ ରଖିଲେ। ସ୍ତ୍ରୀ ବାପ ଘରକୁ ଯାଇଥିବାବେଳେ ତାଙ୍କ ପରିବାର ଲୋକେ କରୋନା ସଂକ୍ରମିତ ହୋଇଥିବା ସମ୍ପୃକ୍ତ ବ୍ୟକ୍ତି ଜଣକ ଜାଣିବାକୁ ପାଇଥିଲେ। ତେଣୁ ନିଜେ ସଂକ୍ରମିତ ହେବା ଭୟରେ ସେ ସ୍ତ୍ରୀଙ୍କଠାରୁ ଦୂରେଇ ରହୁଥିଲେ ବୋଲି କୋର୍ଟରେ କହିଥିଲେ। ବୁଝାଶୁଝା ପରେ ସେମାନଙ୍କ ବିବାଦ ସମାଧାନ ହୋଇଥିବା ଜଣାପଡିଛି।

Happy Birthday

Happy Birthday
Dr. Aditi Panda
CA, M.A. in
Womens Studies, Ph.D
Best Wishes:
Family & Friends
ଧ-୧୯୧୬୧

# ‘ଦି ଗ୍ରେଟ୍ ସ୍ମଗ୍ ଅଫ୍ ଲଣ୍ଡନ’

**୧୯୫୨ ଡିସେମ୍ବର ୪। ଏହିଦିନ ଲଣ୍ଡନରେ କୁହୁଡ଼ି ଆଣିଥିଲା ପ୍ରଳୟ। ଖୁବ୍ ଅଳ୍ପ ସମୟ ମଧ୍ୟରେ ସାରା ସହରକୁ କରାୟତ୍ତ କରିନେଇଥିଲା ଘନ କୁହୁଡ଼ିର ଚାଦର। ଚାହୁଁ ଚାହୁଁ ଦିନ ବଦଳିଗଲା ରାତିରେ। ଲୋକମାନେ ପୋକମାଛି ଭଳି ମରିବାକୁ ଲାଗିଲେ। କୁହୁଡ଼ିର ଏହି କଳଙ୍କିତ କାହାଣୀ ‘ଦି ଗ୍ରେଟ୍ ସ୍ମଗ୍ ଅଫ୍ ଲଣ୍ଡନ’ କଥା ପଢ଼ିଲେ ଆଜି ବି ଲୋମଟାଙ୍କୁରି ଉଠେ।**




**ଲଣ୍ଡନ:** ପାଖାପାଖି ୬୮ ବର୍ଷ ତଳେ ଲଣ୍ଡନବାସୀ ଦେଖିଥିଲେ କୁହୁଡ଼ିର ଭୟାବହତା। ସେଦିନ ଥିଲା ଡିସେମ୍ବର ୪। ହଠାତ୍ ସାରା ସହର ଅନ୍ଧକାରମୟ ହୋଇଗଲା। ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇଗଲା। ଶ୍ୱାସକ୍ରିୟାରେ ଜଟିଳ ସମସ୍ୟା ଉପୁଜିଲା। ହସ୍ପିଟାଲରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଲା। ଘରୁ ପଦାକୁ ବାହାରୁଥିବା ଲୋକେ ପୋକମାଛି ଭଳି ମରିବାକୁ ଲାଗିଲେ। ଲଗାତର ୫ ଦିନ ଧରି ଘନକୁହୁଡ଼ିର ଏଭଳି ତାଣ୍ଡବ ୧୨ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଥିଲା।

ଉକ୍ତ ବର୍ଷ ଇଂଲଣ୍ଡରେ ବାୟୁ ପ୍ରଦୂଷଣ ଚରମସୀମାରେ ପହଞ୍ଚିଥିଲା। କୁହୁଡ଼ି ଏବଂ ପ୍ରଦୂଷିତ ବାୟୁ ମିଶିଯିବା ପରେ ଧୂଆଁର କଳା ଚାଦର ସୃଷ୍ଟି ହୋଇଥିଲା। କେବଳ ଏତିକି ନୁହେଁ, ସେହିବର୍ଷ ହାଡ଼ଭଙ୍ଗା ଥଣ୍ଡା ମଧ୍ୟ ପଡ଼ିଥିଲା। ପବନ ଚଳପ୍ରଚଳ ବନ୍ଦ ହୋଇଯାଇଥିଲା। ଫଳରେ କୋଇଲା ଭଳି କଳା ରଙ୍ଗର ଏକ ମୋଟା ଚାଦର ସମ୍ପୂର୍ଣ୍ଣ ସହର ଉପରେ ଆଚ୍ଛାଦିତ ହୋଇଯାଇଥିଲା। ଜଳବାୟୁରେ ପରିବର୍ତ୍ତନ ସହ ୫ଦିନ ପରେ ପରିସ୍ଥିତି ସ୍ୱାଭାବିକ ହେବାରେ ଲାଗିଲା। ଯଦିଓ ଊନବିଂଶ ଶତାବ୍ଦୀର ପ୍ରଥମ ଦଶକରୁ ହିଁ ଲଣ୍ଡନ ଏଭଳି ସମସ୍ୟାର ସମ୍ମୁଖୀନ ହୋଇ ଆସୁଥିଲା, ତଥାପି ‘ଦି ଗ୍ରେଟ୍ ସ୍ମଗ୍ ଅଫ୍ ଲଣ୍ଡନ’ ସବୁ ସୀମା ପାର କରିଯାଇଥିଲା। ଘଟଣାର ପ୍ରତ୍ୟକ୍ଷଦର୍ଶୀ ଏହି ସ୍ମଗ୍‌କୁ ‘ପି-ସୁପର୍ସ’ ଅର୍ଥାତ୍ ମଟର ସୁପ୍ ଭଳି ବହଳିଆ ବୋଲି ଆଖ୍ୟାୟିତ କରିଥିଲେ।

ସ୍ମଗ୍ ତାଣ୍ଡବ ରଚିଲା ଏବଂ ଛାଡ଼ି ଦେଇଗଲା ଅନେକ ସମସ୍ୟା। ଏଥିରେ ଇଂଲଣ୍ଡବାସୀ ଦୀର୍ଘଦିନ ଧରି ସନ୍ତୁଳି ହେଲେ। ଶ୍ୱାସକ୍ରିୟା ଏବଂ ଅନ୍ୟ ଜଟିଳ ରୋଗରେ ଆକ୍ରାନ୍ତ ଲକ୍ଷାଧିକ ଲୋକ ପ୍ରଭାବିତ ହେଲେ। ସ୍ମଗ୍‌ର ସିଧାସଳଖ ପ୍ରଭାବ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଲା। ଲୋକଙ୍କ ସ୍ନାୟବିକ ପ୍ରକ୍ରିୟା ପ୍ରଭାବିତ ହେଲା। ଫୁସ୍‌ଫୁସ୍ ସଂକ୍ରମଣ, ଶ୍ୱାସରୋଗ, ଗଳା, ଆଖି ସଂକ୍ରମଣରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଲା।

## କୁହୁଡ଼ିର କଳଙ୍କିତ କାହାଣୀ

ତ୍ରୟୋଦଶ ଶତାବ୍ଦୀ ବେଳକୁ ଇଂଲଣ୍ଡର ବାୟୁ ପ୍ରଦୂଷିତ ହେବା ଆରମ୍ଭ ହୋଇଥିଲା। ଏହାର କୁପ୍ରଭାବକୁ ଆକଳନ କରିପାରିଥିଲେ ଏଡୱାର୍ଡ୍-୧। ସେହି ସମୟରେ ସେ କୋଇଲା ଜଳାଇବା ଉପରେ କଟକଣା ଲଗାଇଥିଲେ। ଏହାସତ୍ତ୍ୱେ ବିଭିନ୍ନ କାରଣରୁ ଷୋଡ଼ଶ ଶତାବ୍ଦୀ ବେଳକୁ ବାୟୁ ବିଷାକ୍ତ ହୋଇଯାଇଥିଲା। ଏପରି ବାୟୁ ପ୍ରଦୂଷଣର ଫଳ ଥିଲା ‘ଦି ଗ୍ରେଟ୍ ସ୍ମଗ୍ ଅଫ୍ ଲଣ୍ଡନ’। ଇଂଲଣ୍ଡରେ ଘଟିଥିବା ଏହି ଘଟଣା ବିଶ୍ୱରେ ବାୟୁ ପ୍ରଦୂଷଣ ବିଷୟରେ ଭାବିବାକୁ ବାଧ୍ୟ କରିଥିଲା। ଏହାପରେ ବିଭିନ୍ନ ଦେଶର ସରକାର ପ୍ରଦୂଷଣ କମାଇବା ଲାଗି ଆଇନ ଆଣିଲେ। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଗଲା। ପରବର୍ତ୍ତୀ ସମୟରେ ୧୯୫୬ରେ ବ୍ରିଟେନରେ ‘କ୍ଲିନ୍ ଏୟାର ଆକ୍ଟ’ ନିୟମ ଲାଗୁ କରାଯାଇଥିଲା।

# ପିଙ୍କ୍ ମୋନୋକିନିରେ ନିଆ




**ମୁମ୍ବାଇ:** ଟିଭି ଇଣ୍ଡଷ୍ଟ୍ରୀର ହଟ୍ ଏବଂ ସେକ୍ସି ବୋହୂ ତଥା ଅଭିନେତ୍ରୀ ନିଆ ଶର୍ମା ସବୁବେଳେ ନିଜ ବୋଲ୍ଡ ଲୁକ୍ ନେଇ ଚର୍ଚ୍ଚାରେ ରହିଆନ୍ତି। ଏବେ ସେ ସୋସିଆଲ ମିଡିଆରେ ନିଜର କିଛି ନୂଆ ଫଟୋ ଶେୟାର କରିଛନ୍ତି, ଯାହା ଭାଇରାଲ ହୋଇଛି। ନିଆଙ୍କ ଏହି ଫଟୋକୁ ଜୋରସୋରରେ ଲାଇକ୍ ଏବଂ ଶେୟାର କରାଯାଉଛି। ଫଟୋରେ ନିଆ ଶର୍ମା ପିଙ୍କ୍ ମୋନୋକିନି ପିନ୍ଧିଥିବା ନଜର ଆସିଛନ୍ତି। ଏହି ଫଟୋ ସମୁଦ୍ରରେ ନିଆଁ ଲଗାଇଦେଇଛି। ଫଟୋ ଦେଖି ଫ୍ୟାନ ମଧ୍ୟ ପାଗଳ ହୋଇଯାଇଛନ୍ତି। ତାଙ୍କର ଏହିସବୁ ଫଟୋକୁ ଫ୍ୟାନ୍‌ମାନେ ଲାଇକ ଏବଂ କମେଣ୍ଟ ଦେବାରେ ଲାଗିପଡିଛନ୍ତି। ଏହି ଫଟୋ ଗୋଆ ବିଚ୍‌ରେ ଶୁଟିଂ ହୋଇଛି। ଯେଉଁଠି ସେ ନିଜ ୱେବ ସିରିଜର ଶୁଟିଂ କରୁଛନ୍ତି। ଫଟୋଗୁଡ଼ିକରେ ନିଆ ବୋଲ୍ଡ ଅନ୍ଦାଜରେ ପୋଜ ଦେଉଥିବା ନଜର ଆସିଛନ୍ତି। ଏହା ପୂର୍ବରୁ ନିଆ ନିଜର ଏକ ଭିଡିଓ ଶେୟାର କରିଥିଲେ, ଯେଉଁଥିରେ ସେ ଗୋଆ ବିଚ୍‌ରେ ବିକିନି ପିନ୍ଧି ମସ୍ତି କରୁଥିବା ନଜର ଆସିଥିଲେ। ନିଆ ନିକଟରେ ଅଭିନେତା ରବି ଦୁବେଙ୍କ ସହ ଗ୍ଲାମର୍ସ ଏବଂ ରୋମାଣ୍ଟିକ ଫଟୋ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ; ଯାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ତେବେ ନିଆ ଶର୍ମା ଏବଂ ଅଭିନେତା ରବି ଦୁବେ ଖୁବ୍‌ଶୀଘ୍ର ଜମାଇ ରାଜା ଶୋ ୨.୦ରେ ନଜର ଆସିବେ।

# ରେଷ୍ଟୁରାଣ୍ଟରେ ପ୍ଲେଟ୍ ଭାଙ୍ଗିଲେ ସଲମାନଙ୍କ ଭଉଣୀ

**ମୁମ୍ବାଇ:** ବିଗ୍‌ବସ୍ ହୋଷ୍ଟ କରିବାରେ ବ୍ୟସ୍ତ ଥିବା ସଲମାନ ଖାନଙ୍କ ଭଉଣୀ ଅର୍ପିତା ଖାନ୍ ଶର୍ମା ଏବେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ତାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ ଅର୍ପିତା ଏକ ରେଷ୍ଟୁରାଣ୍ଟରେ ଗୋଟିଏ ପରେ ଗୋଟିଏ ପ୍ଲେଟ ଭାଙ୍ଗୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ନିଜ ସାଙ୍ଗଙ୍କ ସହ କଥା ହେଉଥିବାବେଳେ ପାଖରେ ଥିବା ପ୍ଲେଟଗୁଡିକୁ ସେ ଫିଙ୍ଗୁଥିବା ଭିଡିଓରେ ଦେଖାଯାଇଛି। ଭିଡିଓଟି ଦୁବାଇର ଏକ ରେଷ୍ଟୁରାଣ୍ଟର ବୋଲି ଜଣାଯାଇଛି।



ତେବେ ଅର୍ପିତା ରାଗରେ ଏହି ପ୍ଲେଟ ଭାଙ୍ଗୁ ନାହାନ୍ତି। ବରଂ ମଜା ପାଇଁ ସେ ଅନେକ ପ୍ଲେଟ ଭାଙ୍ଗୁଥିବା ଦେଖିବାକୁ ମିଳିଛି। ଭିଡିଓକୁ ଅର୍ପିତା ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ସେୟାର କରିଛନ୍ତି। ଏଥିସହ ଅର୍ପିତା ତାଙ୍କ ପୁଅ ଆହିଲଙ୍କ ଏକ ଭିଡିଓ ମଧ୍ୟ ଶେୟାର କରିଥିଲେ। ଭିଡିଓରେ ଗୋଟିଏ ପଟେ ରେଷ୍ଟୁରାଣ୍ଟରେ ଅର୍ପିତା ପ୍ଲେଟ ଭାଙ୍ଗୁଥିବା ଦୃଶ୍ୟ ଥିବାବେଳେ ଆହିଲ ଘରେ ରହି ପ୍ଲେଟ ଫୋପାଡୁଥିବା ଦେଖିବାକୁ ମିଳିଛି। ନିକଟରେ ଅର୍ପିତା ସ୍ୱାମୀ ଆୟୁଷ ଶର୍ମାଙ୍କ ସହ ବିବାହ ବାର୍ଷିକୀ ପାଳୁଥିବାର ଏକ ରୋମାଣ୍ଟିକ ପୋଷ୍ଟ ଶେୟାର କରିଥିଲେ।

# ମୃତ୍ୟୁ ଉପରେ କଟକଣା



**ନୂଆଦିଲ୍ଲୀ:** ବିଚିତ୍ର ଦୁନିଆରେ ଅନେକ ଅଜବ ଘଟଣା ଦେଖିବାକୁ ମିଳିଥାଏ। କେତେକ ଘଟଣା ନିଜ ଆଖିରେ ଦେଖିଲେ ମଧ୍ୟ ବିଶ୍ୱାସ କରିବା କଷ୍ଟକର। କୁହାଯାଏ ଜନ୍ମ ଏବଂ ମୃତ୍ୟୁ ଉପରେ କାହାର ନିୟନ୍ତ୍ରଣ ନାହିଁ। ହେଲେ ପୃଥିବୀରେ ଏମିତି ଏକ ସହର ରହିଛି, ଯେଉଁଠାରେ ମୃତ୍ୟୁ ଉପରେ ଲାଗିଛି କଟକଣା। ନର୍‌ୱେର ଏହି କ୍ଷୁଦ୍ର ସହର ହେଉଛି ‘ଲଙ୍ଗଇୟର୍‌ବେନ୍’। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏଠାରେ ଦୀର୍ଘ ୭୦ ବର୍ଷ ମଧ୍ୟରେ କାହାର ମୃତ୍ୟୁ ହୋଇନାହିଁ।

‘ଲଙ୍ଗଇୟର୍‌ବେନ୍’ରେ ଲୋକଙ୍କୁ ମରିବା ମନା। ପ୍ରକୃତିର ନିୟମ ବିରୋଧରେ ଯାଇ ଏଠାକାର ପ୍ରଶାସନ ମୃତ୍ୟୁ ଉପରେ ଲଗାଇଛି କଟକଣା। ନରୱେ ଏବଂ ଉତ୍ତର ଗୋଲାର୍ଦ୍ଧ ମଧ୍ୟବର୍ତ୍ତୀ ଅଞ୍ଚଳରେ ରହିଛି ଦ୍ୱୀପ ସହର ‘ଲଙ୍ଗଇୟର୍‌ବେନ୍’। ଏଠାରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଥାଏ। ଅଧିକାଂଶ ସମୟ ବରଫ ଜମି ରହିଥାଏ। ଦ୍ୱୀପର ଜନସଂଖ୍ୟା ପାଖାପାଖି ୨୦୦୦। କିନ୍ତୁ ଏଠାରେ ମରିବା ଲାଗି କାହାରିକୁ ଅନୁମତି ନାହିଁ। ଏହି କାରଣରୁ ଗତ ୯୦ ବର୍ଷ ମଧ୍ୟରେ ଏଠାରେ କାହାରି ମୃତ୍ୟୁ ଘଟିନାହିଁ।

ଏପରି କଟକଣା ପଛରେ ରହିଥିବା କାରଣ ହେଉଛି ପ୍ରବଳ ଥଣ୍ଡା, ବରଫପାତ। ତେଣୁ ମୃତଦେହ ନଷ୍ଟ ହୁଏନାହିଁ। ଏକ ଗବେଷଣାରୁ ଜଣାପଡ଼େ, ୧୯୧୭ରେ ଜଣେ ବ୍ୟକ୍ତିଙ୍କ ଇନ୍‌ଫ୍ଲୁଏଞ୍ଜାରେ ମୃତ୍ୟୁ ଘଟିଥିଲା। ତେବେ ଦୀର୍ଘଦିନ ପରେ ମରଶରୀରରେ ଭୂତାଣୁ ଜୀବିତ ରହିଥିଲା, ଯାହା ସହର ପ୍ରତି ବିପଦ ଆଶଙ୍କା ସୃଷ୍ଟି କରିଥିଲା। ଏହା ପରେ ପ୍ରଶାସନ ମୃତ୍ୟୁ ଉପରେ ପ୍ରତିବନ୍ଧକ ଲଗାଇଥିଲା। ଆସନ୍ନ ମୃତ୍ୟୁ କିମ୍ବା କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ହେଲିକପ୍ଟର ସହାୟତାରେ ଏୟାର ଲିଫ୍ଟ କରାଯାଇଥାଏ। ସହର ବାହାରେ ହିଁ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥାଏ।

## ବର୍ଗର ଖାଇବାକୁ ହେଲିକପ୍ଟର ବୁକିଂ

**ଭୋପାଳ, ୫।୧୨** ବର୍ଗର ଖାଇବାକୁ ଇଚ୍ଛା ହେବାରୁ ହେଲିକପ୍ଟରରେ ରେଷ୍ଟୁରାଣ୍ଟରେ ପହଞ୍ଚିଲେ ଯୁବକ। ଭଡ଼ା ବାବଦରେ ଖର୍ଚ୍ଚ କଲେ ୨ ଲକ୍ଷ ଟଙ୍କା। ଘଟଣା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ରୁଷର ଭିକ୍ଟର କ୍ରିମିଆ ନାମକ ଜଣେ ୩୩ ବର୍ଷୀୟ ଯୁବକଙ୍କ ବର୍ଗର ଖାଇବାକୁ ଏତେ ମାତ୍ରାରେ ଇଚ୍ଛା ହୋଇଥିଲା ଯେ, ଏଥିପାଇଁ ସେ ଏକ ହେଲିକପ୍ଟର ଭଡ଼ାରେ ନେଇଥିଲେ। ସାଙ୍ଗରେ ତାଙ୍କ ପ୍ରେମିକା ମଧ୍ୟ ଥିଲେ। ୩୬୦ କିମି ଦୂରରେ ଥିବା ମାକ୍‌ଡୋନାଲ୍ଡ ରେଷ୍ଟୁରାଣ୍ଟରେ ପହଞ୍ଚି ଉଭୟେ ବର୍ଗର ଖାଇବା ସହ ବିଲ୍ ବାବଦରେ ୪,୮୫୯ ଟଙ୍କା ଦେଇଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

A TO Z PROBLEM
COME FOR SOLUTIONS
Baba Mayur Shah
"Spl. Vashikaran, Business, Love, Tragedy, Divorce, Husband Wife Problem, Love Marriage, Family Dispute, Eternal Love, Enemy Tension, Negative energy under control etc."
Any kind of problem meet only once.
As U wish U get in 100% results my promise.
Ph.: 8791540972
Near The World Mall, Bhubaneswar

4G କମ୍ପାନୀ ଆବଶ୍ୟକ କରୁଛି ଗ୍ରାମ/ସହରରେ ଜମି/ଛାତ/ଚାଷଜମି 4G ଟାୱାର ସ୍ଥାପନ କରିବା ପାଇଁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 45 ହଜାର
ଯୋଗାଯୋଗ
9451882120

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିଯୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ
ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
କାହାର ଥିବ ଜ୍ଞାନ ସେହି କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଫକିର ମୋହନ ସାହୁ**
ଦ୍ୱିୱାନା ପାଟଣା, ବନମାଳିପୁର, ବାଲିପାଟଣା
ଆବିର୍ଭାବ: ୦୨।୦୨।୧୯୪୭
ତିରୋଧାନ: ୨୬।୧୧।୨୦୨୦
ଜାତସ୍ୟ ହି ଧ୍ରୁବୋମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ ତସ୍ମାଦ ପରି ହାର୍ଯ୍ୟେର୍ଥେ ନତ୍ୱଂ ଶୋଚିତୁ ମର୍ହସି।
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ସରଳତା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ପରୋପକାରିତା, ଧର୍ମପରାୟଣତା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ଓ ଚିର ସ୍ମରଣୀୟ। ଆପଣଙ୍କ ଆଶୀର୍ବାଦ ସଦା ସର୍ବଦା ଆମ୍ଭମାନଙ୍କ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ପୁଅ: ରଶ୍ମିରଞ୍ଜନ, ନିଗମ, ପ୍ରସନ୍ନ, ମୀନକେତନ, ମାନସ ଓ ଝିଅ: ଅନସୂୟା, ପୁତ୍ରବଧୂ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୬୯୫୯୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବବିତା ସେଠୀ**
ଗୌତମନଗର, ପ୍ଲଟ୍ ନଂ- ୮୫, ଭୁବନେଶ୍ୱର
ତିରୋଧାନ: ୨୬।୧୧।୨୦୨୦
ନାନା, ଚାଲିଗଲୁ ତୁହି ଅଫେରା ରାଇଜେ ପଛକୁ ଚାହିଁଲୁ ନାହିଁ; ଝୁରୁଛି ଏ ଘର ଝୁରୁଛି ବଗିଚା, ଝୁରେ ତୋର ପିଲା ଭାଇ। କେତେ କଷ୍ଟ ସହି ତୋ’ସାଙ୍ଗେ ଲାଗିଲୁ ଶେଷେ ଆମେ ହାରିଗଲୁ; କାର୍ତ୍ତିକ ମାସରେ ପଞ୍ଚୁକରେ ତୁହି ସ୍ୱର୍ଗବାସୀ ହୋଇଗଲୁ। ତୋର ଅମରଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇ ବାବାଙ୍କ ନିକଟରେ ମୋର ବିନତି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଭାଇ, ବୁଢ଼ା, ସେଠୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୭୫୮୦

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଇଂ. ଶଚ୍ଚିନନ୍ଦନ ଦାସ୍**
ଦଇତାପଡ଼ା ସାହି, ପୁରୀ
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: ୨୧।୧୧।୨୦୦୫ (ଷଷ୍ଠୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁତ୍ର ଓ ପୁତ୍ରବଧୂ, ନାତି ଓ ନାତୁଣୀ, ଝିଅ ଓ ଜ୍ୱାଇଁ।
ଧ-୧୯୧୪୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଘନଶ୍ୟାମ ବାରିକ**
ଗୁଆଗାଁ, ରାଧାବଲ୍ଲଭପୁର, ବାସୁଦେବପୁର, ଭଦ୍ରକ
ଆବିର୍ଭାବ: ୨୨।୦୬।୧୯୨୭
ତିରୋଧାନ: ୨୬।୧୧।୨୦୨୦
ଜାତସ୍ୟ ହି ଧ୍ରୁବୋମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ ତସ୍ମାଦ ପରି ହାର୍ଯ୍ୟେର୍ଥେ ନତ୍ୱଂ ଶୋଚିତୁ ମର୍ହସି।
ବାପା, ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଅନୁଶାସନ ଓ ଦିଗ୍‌ଦର୍ଶନ ଆମ ପାଇଁ ପ୍ରେରଣାର ଉତ୍ସହେଉ।
-:ଶୋକସନ୍ତପ୍ତ:-
ଗଗନ, ଚାରୁ, ପ୍ରସନ୍ନ, ମୀନା, ମାତାଜୀ, ବସନ୍ତ, ବାବୁଲି, ମଞ୍ଜୁ, ଟୁଙ୍ଗୁରୁ, ଶରତ, ନାତି, ନାତୁଣୀ, ନାତୁଣୀ ବୋହୂ, ଅଣନାତି ଓ ଅଣନାତୁଣୀ, ଆତ୍ମୀୟସ୍ୱଜନ।
ଧ-୬୯୪୬୧

# ଆଗୋ ଆଉ ପ୍ଲାଷ୍ଟିକ୍ ବୋତଲ

**ଦିନ ଥିଲା ତମ୍ବା-ପିତ୍ତଳ ବୋତଲ କିଣି କିଣି ଢେର ପଇସା ସରୁଥିଲା । ତଳେ ପଡି ଅନେକ କାଚ ବୋତଲ ବି ଭାଙ୍ଗୁଥିଲା । ତେଣୁ ବିଜ୍ଞାନ ଓ ବୈଜ୍ଞାନିକ ମିଶି ଆମକୁ ଉପହାର ଦେଲେ ପ୍ଲାଷ୍ଟିକ୍ ବୋତଲ, ବଜାରକୁ ଆସୁ ଆସୁ ଯାହାକୁ ଆମେ ସହଜରେ ଆଦରି ନେଲୁ। କିନ୍ତୁ, କିଏ ଜାଣିଥିଲା ଯେ ଆମର ଜୀବନ ସାଥୀ ପ୍ଲାଷ୍ଟିକ୍ ବୋତଲ ଦିନ କେଇଟାରେ ଆମ ଶରୀର ଆଉ ଆମ ପରିବେଶରେ ବିଷ ଭରିଦେବ...**





କାଚପରି ସ୍ୱଚ୍ଛ କିନ୍ତୁ କାଚ ତୁଳନାରେ ଢେର ହାଲୁକା । ତଳେ ପଡିଲେ ଭାଙ୍ଗିବନି କି ଫାଟିବନି। ଯେଉଁଠି ଲିଟରେ ପାଣି ରଖିବାକୁ ଆବଶ୍ୟକ ହେଉଥିଲା ଅଧ କେଜିର କାଚ ବୋତଲ ସେଠି ମାତ୍ର ୩୦ ଗ୍ରାମ୍‌ର ବୋତଲ ହିଁ ଯଥେଷ୍ଟ। ଟେକି ପିଇବା ଯେତିକି ସହଜ, ସାଙ୍ଗରେ ନେବା ଆଣିବା କରିବା ବି ସେତିକି ସହଜ। ଏତେ ଗୁଣବାନ୍ ଚିଜଟା ଆମର ଜୀବନସାଥୀ ହେବନି ତ ଆଉ କିଏ ହେବ ? ହଁ, ବର୍ତ୍ତମାନ ଆମ ଜୀବନର ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଥିବା ପ୍ଲାଷ୍ଟିକ୍ ବୋତଲ କଥା ପଡିଛି। ପ୍ରଥମେ ତମ୍ବା-ପିତ୍ତଳ ବୋତଲ କିଣି କିଣି ଢେର ପଇସା ସରୁଥିଲା। କାଚ ବୋତଲ ବ୍ୟବହାର କଲେ ଅନେକ ସମୟରେ ତଳି ପଡ଼ି ଭାଙ୍ଗି ବି ଯାଉଥିଲା। ତେଣୁ ବିଜ୍ଞାନ ଓ ବୈଜ୍ଞାନିକ ମିଶି ଆମକୁ ଉପହାର ଦେଲେ ପ୍ଲାଷ୍ଟିକ୍ ବୋତଲ, ବଜାରକୁ ଆସୁ ଆସୁ ଯାହାକୁ ଆମେ ସହଜରେ ଆଦରି ନେଲୁ। ଆଉ ବର୍ତ୍ତମାନ ଏହାର ବ୍ୟବହାର ଏତେ ମାତ୍ରାରେ ବଢିଯାଇଛି ଯେ, ଏହା ବିନା ଚଳିବା କଥା ଭାବିଲେ ଏକ ପ୍ରକାର ଅସମ୍ଭବ ମନେହେଉଛି। ପାଣି, କୋଲ୍ଡ ଡ୍ରିଙ୍କ୍ସ, ତେଲଠାରୁ ଆରମ୍ଭ କରି ଅନେକ ସାମଗ୍ରୀ ରଖିବା ଲାଗି ଏହା ବେଶ୍ ସାହାଯ୍ୟ କରୁଛି। ତେବେ ଘରେ ଫ୍ରିଜ୍‌ରେ ରଖିବା, ଗାଡ଼ିରେ ଯାତ୍ରା ସମୟରେ ସାଙ୍ଗରେ ନେବା ଲାଗି ସହଜ ହେବା କାରଣରୁ ହେଉ ଅବା ମାର୍କେଟ୍‌ରେ ଅନେକ କମ୍ପାନୀର ପାଣି ବୋତଲ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିବାରୁ ପ୍ଲାଷ୍ଟିକ୍ ପାଣି ବୋତଲର ବ୍ୟବହାର ସର୍ବାଧିକ। ହେଲେ ଏହାର ବହୁଳ ବ୍ୟବହାର ଯୋଗୁ ବର୍ତ୍ତମାନ ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ୍, ନଈ କୂଳରୁ ସମୁଦ୍ର ବେଳାଭୂମି ଆଦି ସ୍ଥାନରେ ଗଦା ହେଉଥିବା ହଜାର ହଜାର ସଂଖ୍ୟାରେ ପ୍ଲାଷ୍ଟିକ ବୋତଲ ନା କେବଳ ଢୁଢ ଢୁଢ ଆବର୍ଜନା ସୃଷ୍ଟି କରୁଛି ବରଂ ଏଥିରେ ଥିବା ବିଭିନ୍ନ ହାନିକାରକ ଉପାଦାନ ଆମ ଶରୀର ସହ ପରିବେଶରେ ମଧ୍ୟ ବିଷ ଭରିଦେଉଛି। ଯାହାଦ୍ୱାରା ନା କେବଳ ମଣିଷ ଶରୀରରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି ବରଂ ଏହା ଯୋଗୁ ମୃତ୍ତିକା, ଜଳ ଏବଂ ବାୟୁ ପ୍ରଦୂଷଣ ହୋଇ ଅନ୍ୟ ଜୀବଜନ୍ତୁଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଉଛି। ତେବେ ପ୍ଲାଷ୍ଟିକ ବୋତଲ ବ୍ୟବହାର ତ ରୋକିବା ଆମପକ୍ଷେ ସମ୍ଭବ ନୁହେଁ, ହେଲେ ବିଭିନ୍ନ ଦିଗ ପ୍ରତି ସଚେତନ ହେଲେ ଏହା ଯୋଗୁ ସୃଷ୍ଟି ହେଉଥିବା ପ୍ରଦୂଷଣ ଏବଂ ସ୍ୱାସ୍ଥ୍ୟ ସମସ୍ୟା ଯେ ରୋକାଯାଇପାରିବ ସେଥିରେ ସନ୍ଦେହ ନାହିଁ।

**– ପୌର୍ଣ୍ଣମାସୀ**

## ପୁନଃଚକ୍ରୀକରଣ ସର୍ବୋତ୍ତମ ବିକଳ୍ପ

୧୯୪୦ ଦଶକରେ ପ୍ଲାଷ୍ଟିକ୍ ବୋତଲ ବଜାରକୁ ଆସିଲା। ତା' ପ୍ରତି ଆମ ଆଦର ଦେଖି ବୈଜ୍ଞାନିକମାନେ ତାକୁ ଆହୁରି ଶସ୍ତା ଓ ସୁନ୍ଦର କରିବା ଦିଗରେ ମନ ଦେଲେ। ସେମାନଙ୍କର ଜୟ ହେଲା, ପ୍ଲାଷ୍ଟିକ୍ ବୋତଲ ଘରେ ଘରେ ପହଞ୍ଚିଲା। ସଭାସମିତି, ବିବାହବ୍ରତ, ମନ୍ଦିର ଚର୍ଚ୍ଚ- ସବୁଠି ଏହାର ଅବାଧ ପ୍ରବେଶ ରହିଲା। ଆମେ ସେଇ ବୋତଲରୁ ଅମୃତ ରୂପକ ଜଳ ପାନକଲୁ। କିନ୍ତୁ କିଏ ଭାବିଥିଲା, ଅମୃତ ବଦଳରେ ବିଷ ପିଉଥିଲୁ। ଆମ ଅଜାଣତରେ ପ୍ଲାଷ୍ଟିକ୍ ବୋତଲ ଦେହରୁ ବିଷାକ୍ତ ପଦାର୍ଥ ବାହାରି ଜଳରେ ମିଶୁଥିଲା ଓ ସେହି ଜଳକୁ ଆମେ ପିଉଥିଲୁ।

ପ୍ଲାଷ୍ଟିକ୍ ବୋତଲର ଗହନ କଥା ଏବେ ଜଣାପଡୁଛି। ପ୍ଲାଷ୍ଟିକ୍‌ରେ ଥାଲେଟ୍ସ, ଆଣ୍ଟିମନି, ବେନ୍‌ଜିନ୍, ଡାଇଅକ୍ସିନ୍, ସୀସା ଓ ଷ୍ଟାଇରିନ୍ ସହିତ ଆଲୁମିନିୟମ୍, ଫ୍ଲୋରାଇଡ୍, ଆର୍ସେନିକ୍, ସିଆନାଇଡ୍ ଓ ବାଇଫେନିଲ୍-ଏ ନାମକ ଏକ ମାରାତ୍ମକ ଏଷ୍ଟ୍ରୋଜେନ୍ ମିମିକିଙ୍ଗ୍ କେମିକାଲ ଭଳି ବିଷ ବି ରହିଛି। ଏସବୁ ବିଷାକ୍ତ ଉପାଦାନର ବାନ୍ତି, ଚର୍ମରୋଗ, ମୁଣ୍ଡବିନ୍ଧା, ପେଟଘା ଓ କର୍କଟ ସୃଷ୍ଟି କରାଇବା କ୍ଷମତା ରହିଛି। ଜୀବନକୁ ଦୁର୍ବିଷହ କରିବା ଲାଗି ଆଉ ଅଧିକ କ'ଣ ଦରକାର ? ବୋତଲ ପାଣିରେ ମିଶୁଥିବା କ୍ଷୁଦ୍ରାତିକ୍ଷୁଦ୍ର ପ୍ଲାଷ୍ଟିକ୍ କଣିକା (ମାଇକ୍ରୋ-ପ୍ଲାଷ୍ଟିକ୍) ପେଟ ଭିତରକୁ ଗଲା ପରେ ଅନ୍ତନାଡ଼ିର କାନ୍ଥ ଅତିକ୍ରମ କରି ରକ୍ତରେ ମିଶିବାର ଆଶଙ୍କା ରହିଛି । ଏକ ମିଟରର ୧୦ଲକ୍ଷ ଭାଗରୁ ଏକ ଭାଗ ମାପର ମାଇକ୍ରୋକଣିକା ପାଇଁ ଏହା କିଛି ଅସମ୍ଭବ ନୁହେଁ।

ପୃଥିବୀରେ ୨୦୦୪ ମସିହାରେ ଅତି କମ୍‌ରେ ୩୦,୦୦୦ କୋଟି ବୋତଲ ତିଆରି ହୋଇଥିଲା। ସେହିପରି ୨୦୧୪ରେ ୪୭,୫୦୦ କୋଟି, ୨୦୧୬ରେ ୪୮,୫୦୦କୋଟି ତିଆରି ହୋଇଛି। ଆସନ୍ତା ବର୍ଷ ୨୦୨୧ରେ ୫୮,୦୦୦ରୁ ଅଧିକ ସଂଖ୍ୟକ ବୋତଲ ବଜାରକୁ ଆସିବାର ଯୋଜନା ରହିଛି। ୨୦୧୮ ମସିହାରେ ପୃଥିବୀରେ ୧୭୫ ଲକ୍ଷ ଟନ୍ ବୋତଲ ତିଆରି ହୋଇଥିଲା। ଗତ ୭୦ ବର୍ଷ ଭିତରେ (୧୯୫୦ ମସିହାରୁ) ୮୩୦ କୋଟି ଟନ୍ ଆବର୍ଜନା ସୃଷ୍ଟି ହୋଇଛି। ଭାରତରେ ବର୍ଷକୁ ପ୍ରାୟ ୧୮୦ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବ୍ୟବହୃତ ହେଉଛି ଓ ୯୫ ଲକ୍ଷ ଟନ୍ ଆବର୍ଜନା ସୃଷ୍ଟି ହେଉଛି।



ତେବେ ଭାରତରେ ଏହି ବୋତଲର ବ୍ୟବହାର ପ୍ରତି ବର୍ଷ ବଢୁଛି ସତ, କିନ୍ତୁ ପ୍ରଦୂଷଣ ରୋକିବା ଲାଗି ଏଭଳି ପ୍ଲାଷ୍ଟିକ୍ ବୋତଲର ପୁନଃଚକ୍ରୀକରଣ ପ୍ରକ୍ରିୟାରେ ଆମ ଦେଶ ସାରା ପୃଥିବୀରେ ଆଗୁଆ ଅଛି। ବ୍ୟବହୃତ ପ୍ଲାଷ୍ଟିକ୍‌ର ପୁନଃଚକ୍ରୀକରଣ କରି ୮୦ ପ୍ରତିଶତ ଜିନିଷ ତିଆରି କରୁଛି। ଆମେରିକା ଓ ୟୁରୋପ ତୁଳନାରେ ମଧ୍ୟ ଆଗୁଆ ରହିଛି। ୨୦୨୪ ମସିହା ସୁଦ୍ଧା ୧୦୦ ପ୍ରତିଶତ ପୁନଃଚକ୍ରୀକରଣ ସମ୍ଭବ ହେବାର ଯୋଜନା ରହିଛି।

**– କମଳାକାନ୍ତ ଜେନା**
*କୋର୍ଡିନେଟର, ସ୍ନାତକୋତ୍ତର ପ୍ରାୟୋଗିକ ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ, ମୋ- ୯୪୩୯୫୦୧୬୫୧*

## ସଦୁପଯୋଗ ଦ୍ୱାରା ସମସ୍ୟାର ସମାଧାନ ସମ୍ଭବ

ବ୍ରହ୍ମପୁର ସହରରେ ଗଢି ଉଠିଥିବା 'ସବୁଜ ବାହିନୀ' ନାମକ ଯୁବ ସଂଗଠନ ଆଜି ବୃକ୍ଷରୋପଣ, ପରିବେଶ ସୁରକ୍ଷା, ରକ୍ତଦାନ, ଗୃହପାଳିତ ପଶୁଙ୍କ ଚିକିତ୍ସାଠାରୁ ଆରମ୍ଭ କରି ଅନେକ ମହତ୍ କାର୍ଯ୍ୟ ପାଇଁ ସୁଦୂର ପ୍ରସାରି ପରିଚୟ ହାସଲ କରିପାରିଛି। ଏହାର ସଭାପତି ଶିବରାମ ପାଣିଗ୍ରାହୀ କୁହନ୍ତି, ପ୍ଲାଷ୍ଟିକ୍ ବୋତଲ ଆମର ସୁବିଧା ପାଇଁ ପ୍ରସ୍ତୁତ ହୋଇଛି। ହେଲେ ବର୍ତ୍ତମାନ ଲୋକେ ଏହାକୁ ବ୍ୟବହାର ପରେ ଏଣେ ତେଣେ ଫିଙ୍ଗିବା ଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ପ୍ରାକୃତିକ ଶୋଭା ମଧ୍ୟ ନଷ୍ଟ ହେଉଛି। ଯାହାକୁ ରୋକିବା ଲାଗି ଆମ ସଂଗଠନରେ ସକ୍ରିୟ ଥିବା ୨୮ ଜଣ ସଦସ୍ୟଙ୍କ ସହ ଅନ୍ୟ ସହଯୋଗୀମାନେ ମିଶି ଗୋପାଳପୁର ବେଳାଭୂମିରୁ ୫ ବସ୍ତା, ସୋନପୁର ବେଳାଭୂମିରୁ ୨ ବସ୍ତା ମହୁରୀ କାଲୁଆ ପିକ୍‌ନିକ୍ ସ୍ପଟ୍‌ରୁ ୩ ବସ୍ତା, ବାଲୋକୁମାରୀ ପିକ୍‌ନିକ୍ ସ୍ପଟ୍‌ରୁ ୨ ବସ୍ତା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ୍ ବ୍ଲଡ଼୍ ବ୍ୟାଙ୍କ ନିକଟରୁ ୫ ବସ୍ତା ଲେଖାଏଁ ପ୍ଲାଷ୍ଟିକ ବୋତଲ ସଫା କରିଛୁ। ଚଳିତବର୍ଷ କରୋନା କଟକଣା ଯୋଗୁ ଅଧିକ ଜନସମାଗମ ନ ଥାଇ ସୁଦ୍ଧା ଏତେ ଅଧିକ ପ୍ଲାଷ୍ଟିକ ବୋତଲ ଆବର୍ଜନା ଗଦାହେବା ଅତ୍ୟନ୍ତ ପରିତାପର ବିଷୟ। ତେବେ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ଏଣେ ତେଣେ ଫିଙ୍ଗିବା ଦ୍ୱାରା ଉପୁଜୁଥିବା ସମସ୍ୟା ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ସହ କିପରି ଏହାର ସଦୁପଯୋଗ କରାଯାଇପାରିବ ସେ ଦିଗରେ ଏକ ଉତ୍କୃଷ୍ଟ ପଦକ୍ଷେପ ନେଇଛୁ। ପ୍ଲାଷ୍ଟିକ ବୋତଲକୁ କାଟି ସେଥିରେ ମାଟି ଭର୍ତ୍ତି କରି ବିଭିନ୍ନ ଫୁଲ କିମ୍ବା ଅନ୍ୟାନ୍ୟ ଚାରା ରୋପଣ କରୁଛୁ। ବୋତଲଗୁଡ଼ିକୁ ରଙ୍ଗ ଦେବା ସହ ବିଭିନ୍ନ ଡିଜାଇନ୍‌ରେ କାଟିଛୁ, ଯାହା କି ବେଶ୍ ଆକର୍ଷଣୀୟ ଲାଗୁଛି। ଚଳିତବର୍ଷ କରୋନା ପାଇଁ ଆମର ବିଭିନ୍ନ ସଚେତନତାମୂଳକ କାର୍ଯ୍ୟ ଆୟୋଜନରେ ବାଧା ସୃଷ୍ଟି ହୋଇଥିଲା। ତେଣୁ ଆସନ୍ତା ବର୍ଷ ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳରେ ଥିବା ପ୍ରତିଟି ପରିବାର ନିକଟରେ ଏଭଳି ଗୋଟିଏ ଗୋଟିଏ ଚାରା ପହଞ୍ଚାଇ ଏଥିପ୍ରତି ଲୋକଙ୍କ ଆଗ୍ରହ ସୃଷ୍ଟି କରାଇବାର ଯୋଜନା ରଖିଛୁ। ଏଥିପାଇଁ ଆମେ ବହୁ ସଂଖ୍ୟାରେ ପ୍ଲାଷ୍ଟିକ ବୋତଲ କାଟି ଗଛ ଲଗାଇବା କାର୍ଯ୍ୟ ଆରମ୍ଭ ମଧ୍ୟ କରିସାରିଛୁ। ଆମର ଏହି ପଦକ୍ଷେପ ସମାଜ ମଙ୍ଗଳ ପାଇଁ ସହଯୋଗୀ ହୋଇପାରିବ ବୋଲି ଆଶା ରଖିଛୁ।





ଶିବରାମ

### ଜାଣନ୍ତୁ ଦୁନିଆ

## ସେଡ୍‌ଲେକ୍ ଓସୁଆରୀ

**ଜେଚ୍ ରିପବ୍ଲିକ୍‌ରେ ରହିଛି ଏକ ରୋମାନ କ୍ୟାଥେଲିକ୍ ଚର୍ଚ୍ଚ ସେଡ୍‌ଲେକ୍ ଓସୁଆରୀ। ଯାହାର ଅଦ୍ଭୁତ ସାଜସଜ୍ଜା ଯେକୌଣସି ବ୍ୟକ୍ତିଙ୍କୁ ବି ଆଶ୍ଚର୍ଯ୍ୟ କରିପାରେ। କାରଣ ଏଥିପାଇଁ ବ୍ୟବହୃତ ହୋଇଛି ମଣିଷ ହାଡ଼, ଯେଉଁଥିପାଇଁ ଏହା ବୋନ୍ ଚର୍ଚ୍ଚ ଭାବେ ମଧ୍ୟ ସାରା ପୃଥିବୀରେ ଚର୍ଚ୍ଚିତ। ତେବେ ଆସନ୍ତୁ ଜାଣିବା ଏହା ସମ୍ପର୍କରେ କିଛି ତଥ୍ୟ...**

➡ଏହି ଚର୍ଚ୍ଚକୁ ସଜାଇବା ଲାଗି ପ୍ରାୟ ୪୦ ହଜାର ମଣିଷଙ୍କ ହାଡ଼ ବ୍ୟବହାର କରାଯାଇଛି। ଯାହାକୁ ସଂଗ୍ରହ କରିବା ଲାଗି ପ୍ରଥମେ ମୃତ ବ୍ୟକ୍ତିଙ୍କ ଶରୀରକୁ କବର ଦିଆଯାଇଥାଏ ଏବଂ କିଛି ବର୍ଷ ପରେ ଏହାକୁ ଖୋଳାଯାଇ ଅସ୍ଥି ସଂଗ୍ରହ କରାଯାଇଥାଏ। ଉକ୍ତ ଅସ୍ଥି ସବୁକୁ ବିଭିନ୍ନ ପ୍ରକାରର କଳାତ୍ମକ ଉପାୟରେ ଚର୍ଚ୍ଚ ଭିତରେ ସଜାଯାଇଥାଏ।

➡ଏହି ଚର୍ଚ୍ଚକୁ ଦେଖିବା ଲାଗି ସେଠାକୁ ବର୍ଷକୁ ପ୍ରାୟ ୪ଲକ୍ଷ ପର୍ଯ୍ୟଟକ ଆସିଥାନ୍ତି।

➡କୁହାଯାଏ, ପ୍ରଥମେ ଜଣେ ସନ୍ଥ ସାଙ୍ଗରେ ଆଣିଥିବା କିଛି ମାଟିକୁ ଏକ ସ୍ଥାନରେ ସଂରକ୍ଷଣ କରିବା ଲାଗି ରଖିଥିଲେ। ଯେଉଁ ସ୍ଥାନକୁ ଏକ ପବିତ୍ର ସ୍ଥାନ ଭାବି ଲୋକେ ସେଠାରେ କବର ଦେବା ଆରମ୍ଭ କରିଥିଲେ। ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଏକ ମହାମାରୀ(ବ୍ଲାକ୍ ଡେଥ୍ ଏପିଡେମିକ୍) ଲାଗି ମୃତ୍ୟୁବରଣ କରିଥିବା ଲୋକଙ୍କ ଶବକୁ ସେଠାରେ କବର ଦିଆଯାଇଥିଲା। ପୁନଶ୍ଚ ୧୪୧୯-୧୪୩୪ ମଧ୍ୟରେ ହୋଇଥିବା ହସାଇଟ୍ ଯୁଦ୍ଧରେ ପ୍ରାଣ ହରାଇଥିବା ପ୍ରାୟ ୧୦,୦୦୦ ମୃତଦେହ ସେଠାରେ କବର ଦିଆଯାଇଥିଲା। ଏତେଗୁଡ଼ିଏ ଶବ ପାଇଁ ସେଠାରେ ସ୍ଥାନ ଅଭାବ ହେବାରୁ ସ୍ଥାନୀୟ ଲୋକେ ସେଠାରେ ଏକ ଓସୁଆରୀ ସ୍ଥାପନ କରିବାକୁ ନିଷ୍ପତ୍ତି ନେଲେ ଏବଂ ଜାନ୍ ସାଣ୍ଟିନି ଆଇଚେଲ୍ ନାମକ ଜଣେ ବ୍ୟକ୍ତିଙ୍କୁ ଏହାର ଡିଜାଇନ୍ କରିବାକୁ ଦାୟିତ୍ୱ ଦିଆଗଲା। ୧୮ଶହ ଶତାବ୍ଦୀ ବେଳକୁ ଫ୍ରାଣ୍ଟିଶେକ୍ ରିଣ୍ଟ ନାମକ ଜଣେ ବଢେଇ ଓସୁଆରୀ ମଧ୍ୟରେ ଏହି ଅସ୍ଥିଗୁଡ଼ିକୁ କଳାତ୍ମକ ଭାବେ ସଜାଇ ଥିଲେ।



## ଏ ସପ୍ତାହର ପ୍ରଶ୍ନ

୧- ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ୨୦୨୦...... ଠାରେ ଅନୁଷ୍ଠିତ ହୋଇଯାଇଛି ?
୨- ବର୍ତ୍ତମାନ କୋଭିଡ୍ ଚିହ୍ନଟ ଲାଗି କରାଯାଉଥିବା ଆର୍‌ଟି ପିସିଆର୍ ପରୀକ୍ଷାର ଫୁଲ୍‌ଫର୍ମ................. ?
୩- ଗ୍ୟାଲସ୍ ଗ୍ୟାଲସ୍ ଡୋମେଷ୍ଟିକସ୍..........ର ବୈଜ୍ଞାନିକ ନାମ ?
୪- ଇସ୍ରାଏଲ୍‌ର ଜାତୀୟ ପକ୍ଷୀ.......... ?
୫- ପ୍ରେସିଡେଣ୍ଟ୍ସ କପ୍ ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଗୋଲ୍ଡ ମେଡାଲ ପାଇଥିବା ପ୍ରଥମ ଭାରତୀୟ ................ ?

## ଗତ ଥରର ଉତ୍ତର

୧ ଆମେରିକା
୨ ବିଭୂତିଭୂଷଣ ବନ୍ଦୋପାଧ୍ୟାୟ
୩ ଆଇସ୍ ହକି
୪ ଫର୍ମିକ ଏସିଡ୍
୫ ୧୯୧୫

## ଉତ୍ତରଦାତା

ଶୈଳବାଳା ମହାପାତ୍ର, ଛତିଆ
ରୁଦ୍ରମାଧବ ଗୌଡ଼, ନୟାଗଡ଼
ନିରୋଦ ନଳିନୀ ସାହୁ, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

### ଯୁବପ୍ରତିଭା

## ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାର ଲକ୍ଷ୍ୟ



ଧାନାନନ୍ଦ ପଣ୍ଡା

ସେ ନିଜେ କଳାପ୍ରେମୀ। ନିଜ ଅଞ୍ଚଳର ପାରମ୍ପରିକ ଲୋକନୃତ୍ୟ ପ୍ରତି ତାଙ୍କର ଥିବା ଆଗ୍ରହ ତାଙ୍କୁ କେବଳ ନିଜ ଜିଲାରେ ନୁହେଁ ବରଂ ସମଗ୍ର ରାଜ୍ୟରେ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ ଆଉ କରିଛି ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ। କେବଳ ଏତିକି ନୁହେଁ ତାଙ୍କ ଉଦ୍ୟମ ଓ ପ୍ରୋତ୍ସାହନ ଲୋକଲୋଚନ ଆଢୁଆଳରେ ରହିଯାଉଥିବା ଅନେକ ପ୍ରତିଭା ବିକାଶରେ ହୋଇଛି ସହାୟକ। ଏଭଳି ଜଣେ ବହୁମୁଖୀ ଯୁବ ପ୍ରତିଭା ହେଉଛନ୍ତି କଳାହାଣ୍ଡି ଜିଲା ଭବାନୀପାଟଣା ସହରର ମା' ସୌଭାଗ୍ୟ ମଞ୍ଜରୀ ଏବଂ ପିତା ସ୍ୱର୍ଗତ ମାହେଶ୍ୱରୀ ପ୍ରସାଦ ପଣ୍ଡାଙ୍କ ପୁଅ ଧାନାନନ୍ଦ। ପିଲାଟି ଦିନରୁ ସେ କଳାହାଣ୍ଡିର ପାରମ୍ପରିକ ଲୋକନୃତ୍ୟ ପ୍ରତି ବେଶ୍ ଆଗ୍ରହୀ । ହାଇସ୍କୁଲ ପଢ଼ିବା ସମୟରୁ ହିଁ ସେ ମଞ୍ଚରେ ଅଭିନୟ ସହ କଳାହାଣ୍ଡିର ବୀରବାଦ୍ୟ ଘୁମୁରାନୃତ୍ୟ ପରିବେଷଣ କରିବା ଆରମ୍ଭ କରିଥିଲେ। ସେବେଠୁ ସେ ଏଦିଗରେ ସଫଳତାର ଶିଢ଼ି ଚଢି ଚାଲିଛନ୍ତି। ତାଙ୍କ ନୃତ୍ୟ ଓ ବାଦନ ଶୈଳୀରେ ଖୁସି ହୋଇ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ୨୦୦୩ ମସିହାରେ ତାଙ୍କୁ ଜାତୀୟ ଯୁବ କଳାକାର ବୃତ୍ତି ଓ ସମ୍ମାନ ପ୍ରାପ୍ତ ହୋଇଛି। ପାରମ୍ପରିକ ଲୋକବାଦ୍ୟ ଉପରେ ଗବେଷଣା ନିମନ୍ତେ ୨୦୦୮ ମସିହାରେ ତାଙ୍କୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ସମ୍ମାନଜନକ ଜାତୀୟ ଜୁନିୟର ଫେଲୋଶିପ୍ ସମ୍ମାନ ମିଳିଛି । ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନସ୍ଥ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ନୂଆଦିଲ୍ଲୀ ପକ୍ଷରୁ ୨୦୧୫ ମସିହାରେ ସମ୍ମାନଜନକ ଉସ୍ତାଦ୍ ବିସ୍ମିଲ୍ଲାଖାନ୍ ଯୁବ କଳାକାର ସମ୍ମାନ ମିଳିଛି। କେବଳ ଏତିକି ନୁହେଁ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ତତ୍କାଳୀନ ମହାମହିମ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ରାଷ୍ଟ୍ରପତି ଭବନରେ ୨୦୧୧-୧୨ ବର୍ଷ ରାଷ୍ଟ୍ରୀୟ ଯୁବ ପୁରସ୍କାର ମଧ୍ୟ ପ୍ରାପ୍ତ ହୋଇଛି। ୨୦୧୩ ମସିହାରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ଇଣ୍ଡୋନେସିଆରେ ଆୟୋଜିତ ଅନ୍ତର୍ଜାତୀୟ ୟୁଥ୍ ଯକ୍ଷୋରେ କାର୍ଯ୍ୟକ୍ରମରେ ଭାରତରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଛି। ସେ କୁହନ୍ତି, 'କଲେଜ ପଢା ସରିବା ପରେ ୨୦୦୦ ମସିହାରେ କେତେକ ଯୁବ କଳାକାରମାନଙ୍କୁ ନେଇ ଆରମ୍ଭ କରିଥିଲି 'ପ୍ରତିଭା' ନାମରେ ଏକ ସାଂସ୍କୃତିକ ଅନୁଷ୍ଠାନ। ସେବେଠୁ ସେ ଗ୍ରାମୀଣ ତଥା ପଞ୍ଚାୟତ ସ୍ତରରେ ଅନେକ ଯୁବ ପ୍ରତିଭା ମାନଙ୍କୁ ଯେପରି କି ଲୋକ ଗାୟକ, ନୃତ୍ୟଶିଳ୍ପୀ ଓ ବାଦ୍ୟକାରମାନଙ୍କୁ ପ୍ରଶିକ୍ଷଣ ଦେଇ ଆସୁଛି। ମୋ ନେତୃତ୍ୱରେ କଳାହାଣ୍ଡି ଜିଲାର ଅନେକ କଳାକାର ଜିଲାସ୍ତରୀୟରୁ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଲୋକକଳା ପ୍ରଦର୍ଶନ କରିଆସୁଛନ୍ତି। ମୋ ପ୍ରଶିକ୍ଷଣରେ ବର୍ତ୍ତମାନ କଳାହାଣ୍ଡିର ୩୦ରୁ ଊର୍ଦ୍ଧ୍ୱ କଳାକାର ଶିଶୁ କଳାକାର ବୃତ୍ତି ତଥା ଜାତୀୟ ଯୁବ କଳାକାର ବୃତ୍ତି ଓ ଜୁନିୟର ଫେଲୋଶିପ୍ ସମ୍ମାନ ପାଇପାରିଛନ୍ତି। ମୋ ଅନୁଷ୍ଠାନ ମାଧ୍ୟମରେ ନିଃଶୁଳ୍କ ଭାବରେ କଳାକାରମାନଙ୍କୁ ପ୍ରଶିକ୍ଷଣ ଦେଇ ୫୦୦ରୁ ଊର୍ଦ୍ଧ୍ୱ କଳାକାର ତିଆରି କରିବା ମୋ ପାଇଁ ଗୌରବର ବିଷୟ। ଏକାଧିକ ଯୁବ ସଙ୍ଗଠନ ସହ ବ୍ୟାଣ୍ଡପାର୍ଟି ଗୋଷ୍ଠୀ ତିଆରି କରି ଅନେକ କଳାକାରଙ୍କୁ ରୋଜଗାରକ୍ଷମ କରାଇବାରେ ମଧ୍ୟ ରହିଛି ଧାନାନନ୍ଦଙ୍କର ବେଶ୍ ଭୂମିକା। କେବଳ ଯେ କଳା ତା' ନୁହେଁ ନିଜ ଛାତ୍ରୀଛାତ୍ରଙ୍କୁ ନେଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ବିଭିନ୍ନ ସାମାଜିକ ସଚେତନାମୂଳକ ବାର୍ତ୍ତା ଦେଇ ଜନସଚେତନତା ମଧ୍ୟ ସୃଷ୍ଟି କରୁଛନ୍ତି। ସମାଜ ପ୍ରତି ଏଭଳି ଅବଦାନ ଲାଗି ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବିଭାଗ ପକ୍ଷରୁ ୨୦୦୫ ମସିହାରେ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ସମାଜସେବୀ ସମ୍ମାନ ମିଳିଛି। ତାଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲାର ୧୪ ଜଣ ଯୁବ କଳାକାର ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ ସହଯୋଗରେ ଲଣ୍ଡନର ରେଡ୍ ଲୋଟସ୍ ସଂସ୍ଥା ଦ୍ୱାରା ଆୟୋଜିତ "ଟ୍ରାଇବାଲ୍ ଇଣ୍ଡିଆ ଉତ୍ସବ" ରେ ଯୋଗଦେବାର ସୁଯୋଗ ମଧ୍ୟ ପାଇ ପାରିଛନ୍ତି । ଏଭଳି ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ କରି ଧାନାନନ୍ଦ ଆଜିର ଯୁବସମାଜ ପାଇଁ ପାଲଟିଛନ୍ତି ଉଦାହରଣ।



**– ସଞ୍ଜୀବ କୁମାର ଯୋଷୀ**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ୬ ଡିସେମ୍ବର, ୨୦୨୦ Bhubaneswar, Sunday, December 6/2020

# ଇଷ୍ଟବେଙ୍ଗଲକୁ ୨-୦ରେ ହରାଇଲା ନର୍ଥଇଷ୍ଟ

**ଭାସ୍କୋ,୫।୧୨**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ନର୍ଥଇଷ୍ଟ ୟୁନାଇଟେଡ ୨-୦ ଗୋଲରେ ଇଷ୍ଟ ବେଙ୍ଗଲକୁ ପରାସ୍ତ କରିଛି। ସ୍ଥାନୀୟ ତିଳକ ମଇଦାନରେ ଅନୁଷ୍ଠିତ ଏହି ମୁକାବିଲାରେ ବିଜୟୀ ହୋଇ ନର୍ଥଇଷ୍ଟ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସହିତ ମୋଟ ୮ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠିଛି। ଅନ୍ୟପଟେ

## ଇଣ୍ଡିଆନ ସୁପରଲିଗ୍

ଇଷ୍ଟବେଙ୍ଗଲ ତା'ର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖି ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ସବୁଥିରେ ପରାଜୟ ବରଣ କରି ପଏଣ୍ଟ ତାଲିକାରେ ଖାତା ଖୋଲି ନ ପାରି ଅନ୍ତିମ ଅର୍ଥାତ ୧୧ତମ ସ୍ଥାନରେ ରହିଛି। ପ୍ରଭାବ ବିସ୍ତାର କରି ଖେଳିଥିଲେ ମଧ୍ୟ ଇଷ୍ଟବେଙ୍ଗଲ ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲା। ଫଳରେ ଗୋଲ ଦେଇପାରି ନ ଥିଲା। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଇଷ୍ଟବେଙ୍ଗଲ ଆଗରେ ଥିଲା। ତେବେ ଭାଗ୍ୟ ସହାୟ ହୋଇ ନ ଥିଲା।

୩୩ତମ ମିନିଟ୍‌ରେ ଇଷ୍ଟବେଙ୍ଗଲ ମିଡ୍‌ଫିଲ୍ଡର ସୁରଚନ୍ଦ୍ର ସିଂଙ୍କ ଆତ୍ମଘାତୀ ଗୋଲ ବଳରେ ନର୍ଥଇଷ୍ଟ ୟୁନାଇଟେଡ ଅଗ୍ରଣୀ ହୋଇଥିଲା। ପ୍ରଥମାର୍ଦ୍ଧରେ ନର୍ଥଇଷ୍ଟ ୟୁନାଇଟେଡ ୧-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ଆରମ୍ଭରୁ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୩୩ତମ ମିନିଟ୍‌ରେ ନର୍ଥଇଷ୍ଟର ନିନ୍‌ଥୋଇଗାନ୍‌ବା ସାଥୀ ଫରୱାର୍ଡ ଇଡ୍ରିସା ସିଲାଙ୍କୁ ପାସ୍ ଦେଇଥିଲେ। ଇଡ୍ରିସା ଡାହାଣପଟେ ଥିବା କ୍ୱେସି ଆପିଆଙ୍କ ନିକଟକୁ ବଲ୍ ଫ୍ଲିକ୍ କରିଥିଲେ। ଆପିଆ ସିଧା ବକ୍ସକୁ ଶଟ୍ ମାରିଥିଲେ। ତେବେ ଏହା ସୁରଚନ୍ଦ୍ରଙ୍କ ଆଣ୍ଠୁରେ ବାଜି ନେଟ୍‌ରେ ବାଜିଥିଲା। ଫଳରେ ଏହା ଇଷ୍ଟବେଙ୍ଗଲ ପାଇଁ ଆତ୍ମଘାତୀ ଗୋଲ ସାବ୍ୟସ୍ତ ହୋଇଥିଲା। ଏହାପରେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା ଓ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ନିର୍ଦ୍ଧାରିତ ୯୦ ମିନିଟ୍ ମଧ୍ୟ ଗୋଲ ହୋଇପାରି ନ ଥିଲା। ଏହାପରେ ଇଞ୍ଜୁରି ଟାଇମ ବାବଦରେ ୫ ମିନିଟ୍‌ର ଖେଳ ହୋଇଥିଲେ। ଏହାର ପ୍ରଥମ ଅର୍ଥାତ୍ ୯୧ତମ ମିନିଟ୍‌ରେ ନର୍ଥଇଷ୍ଟ ମିଡ୍‌ଫିଲ୍ଡର ରୋଚରଜେଲା ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇଥିଲେ। ଏଥିସହିତ ନର୍ଥଇଷ୍ଟ ୨-୦ ଗୋଲରେ ବିଜୟୀ ହୋଇଥିଲା। ଝ୍‌ନର୍ଥଇଷ୍ଟ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ୮ ତାରିଖରେ ବେଙ୍ଗାଲୁରୁକୁ ଭେଟିବ। ସେହିପରି ଇଷ୍ଟବେଙ୍ଗଲ ୧୦ ତାରିଖରେ ଜାମ୍‌ଶେଦପୁରକୁ ଭେଟିବ।



ଗୋଲ ସ୍କୋର ପରେ ଉତ୍‌ଫୁଲ୍ଲିତ ନର୍ଥଇଷ୍ଟ ୟୁନାଇଟେଡ ଦଳର ଖେଳାଳିମାନେ।

### ଓଡ଼ିଶା- ମୁମ୍ବାଇ, ଗୋଆ- କେରଳ ମୁକାବିଲା ଆଜି

ବାମ୍ବୋଲିମ(ଗୋଆ),(ପି.ଟି.): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ରବିବାର ଦୁଇଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ମୁହାଁମୁହିଁ ହେବେ। ସେହିପରି ଦ୍ୱିତୀୟ ମୁକାବିଲାରେ ଗୋଆ ଓ କେରଳ ବ୍ଲାଷ୍ଟର୍ସ ପରସ୍ପରକୁ ଭେଟିବେ।

ମୁମ୍ବାଇ ତା'ର ପ୍ରଥମ ମ୍ୟାଚ୍‌ରେ ଏଫ୍‌ସି ଗୋଆକୁ ୧-୦ ଗୋଲରେ ଓ ପରେ ଦ୍ୱିତୀୟ ମ୍ୟାଚ୍‌ରେ ଏସ୍‌ସି ଇଷ୍ଟବେଙ୍ଗଲକୁ ୩-୦ ଗୋଲରେ ହରାଇଥିଲା। ମୁମ୍ବାଇ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ମୁମ୍ବାଇ ବେଶ୍ ଶକ୍ତିଶାଳୀ ମନେ ହେଉଛି। ଦଳର ଡିଫେନ୍ସ ଓ ଆଟାକ ବେଶ୍ ଉଚ୍ଚକୋଟୀର ରହିଛି।

ଅପରପକ୍ଷରେ ଟୁର୍ନାମେଣ୍ଟରେ ଓଡ଼ିଶା ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ବିଜୟ ହାସଲ କରିପାରିନାହିଁ। ଓଡ଼ିଶା ଏପର୍ଯ୍ୟନ୍ତ ୩ଟି ମ୍ୟାଚ ଖେଳି ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୧ ପଏଣ୍ଟ ପାଇ ତାଲିକାର ୧୦ମ ସ୍ଥାନରେ ରହିଛି। ଦଳ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ଓଡ଼ିଶା କୋଚ୍ ଷ୍ଟୁଆର୍ଟ ବକ୍ସଟର କହିଛନ୍ତି। ଗତ ସେସନରେ ଓଡ଼ିଶା ମୁମ୍ବାଇକୁ ଦୁଇଟି ମ୍ୟାଚ୍‌ରେ ପରାସ୍ତ କରିଥିଲା। ମୁମ୍ବାଇ ବିପକ୍ଷରେ ଓଡ଼ିଶାର ଭଲ ରେକର୍ଡ ରହିଛି।

## କାଶ୍ୟପ, ପ୍ରଣୟଙ୍କୁ କରୋନା

**ନୂଆଦିଲ୍ଲୀ, ୫।୧୨ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟୀ ପାରୁପାଲ୍ଲୀ କାଶ୍ୟପ, ଏଚ୍.ଏସ୍. ପ୍ରଣୟ ଏବଂ ଆର୍‌ଏମ୍‌ଭି ଗୁରୁସାଇଦତ୍ତଙ୍କ ସମେତ ଭାରତର ୪ ଟପ୍ ପୁରୁଷ ବ୍ୟାଡ୍‌ମିଣ୍ଟନ ଖେଳାଳି କରୋନା ସଂକ୍ରମିତ ହୋଇଛନ୍ତି। ଏମାନଙ୍କ ନିକଟରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥିଲା। କରୋନା ପଜିଟିଭ୍ ହୋଇଥିବା ଚତୁର୍ଥ ଖେଳାଳି ଜଣକ ହେଲେ ଡବଲ୍ସ ସ୍ପେଶାଲିଷ୍ଟ ପ୍ରଣବ ଜେରି ଚୋପ୍ରା। ସମସ୍ତେ ବର୍ତ୍ତମାନ ସେଲ୍‌ଫ ଆଇସୋଲେଶନରେ ରହିଛନ୍ତି। ଗୁରୁସାଇଦତ୍ତଙ୍କ ସ୍ତ୍ରୀ ଅମୁଲ୍ୟା ଗୁଲାପାଲ୍ଲୀ ଏବଂ ସାନିଆ ମିର୍ଜାଙ୍କର କିନ୍ତୁ କୋଭିଡ୍ ଟେଷ୍ଟରେ ନେଗେଟିଭ୍ ଆସିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଖେଳାଳିମାନଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ ହୋଇଥିଲା।

## ପ୍ରିମିୟର ହ୍ୟାଣ୍ଡବଲ ଲିଗ୍ ୨୪ରୁ

**ଜୟପୁର, ୫।୧୨ (ପି.ଟି.)**

ପ୍ରିମିୟର ହ୍ୟାଣ୍ଡ୍‌ବଲ୍ ଲିଗ୍ (ପିଏଚ୍‌ଏଲ)ର ଉଦ୍‌ଘାଟନୀ ସଂସ୍କରଣ ସ୍ଥାନୀୟ ସାୱାଇ ମାନସିଂ ଷ୍ଟାଡିୟମରେ ଡିସେମ୍ବର ୨୪ରୁ ଜାନୁୟାରୀ ୧୦ ପର୍ଯ୍ୟନ୍ତ ଖେଳାଯିବ। ହ୍ୟାଣ୍ଡବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଚ୍‌ଏଫ୍‌ଆଇ) ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହେବ। ଚଳିତ ସିଜନରେ ୧୮ ଦିନରେ ୩୩ଟି ମ୍ୟାଚ୍ ଖେଳାଯିବ। ଭାରତୀୟ ହ୍ୟାଣ୍ଡ୍‌ବଲ ଇତିହାସର ଏହା ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି ଏଚ୍‌ଏଫ୍‌ଆଇ ସଭାପତି ଜଗନ ମୋହନ ରାଓ ପ୍ରକାଶ କରିଛନ୍ତି। ପ୍ରଥମ ସିଜନ ୬ଟି ପୁରୁଷ ଦଳକୁ ନେଇ ଆୟୋଜନ ହେବାକୁଯାଉଛି। ତେଲଙ୍ଗାନା ଟାଇଗର୍ସ, ୟୁପି ଆଇକନ୍ସ, ମହାରାଷ୍ଟ୍ର ହ୍ୟାଣ୍ଡ୍‌ବଲ୍ ହସ୍‌ଲର୍ସ, କିଙ୍ଗ ହକ୍ସ ରାଜସ୍ଥାନ, ବେଙ୍ଗଲ ବ୍ଲୁଜ୍ ଏବଂ ପଞ୍ଜାବ ପିଚ୍‌ବୁଲ୍ସ ଦଳ ମଧ୍ୟରେ ଟାଇଟଲ ମୁକାବିଲା ହେବ। ପିଏଚ୍ ଏଲ୍‌ର ଉଦ୍‌ଘାଟନୀ ସଂସ୍କରଣରେ ୮୦ରୁ ଅଧିକ ଖେଳାଳି ଭାଗ ନେଉଛନ୍ତି। ପ୍ରତ୍ୟେକ ଦଳରେ ୧୪ଜଣ ଲେଖାଏଁ ଖେଳାଳି ରହିବେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ